


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-336 •BHUBANESWAR •SUNDAY •2 JUNE 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୩୬ •ଭୁବନେଶ୍ୱର •ରବିବାର •୨ ଜୁନ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)



# KRISHNA VIKASH BARGARH
## CHSE +2 Results 2024

+୨ ବୋର୍ଡ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତା ପାଇଁ କ୍ରୀଷ୍ଣା ବିକାଶ, ବରଗଡ଼ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏକମାତ୍ର ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ ।

NEET 2024 700 Marks Expected Score

JEE Main 2024 98.67 Percentile (Total) | CHSE +2 2024 518 Marks (Science)

SANAT KU. MISHRA
Jamla, Bargarh

Times Senior School Survey Odisha
No. 1 School in Western Odisha



| Title | Marks | Stream | Name | Place |
|---|---|---|---|---|
| Commerce Topper | 559 | | PRITAM | Tukurla, Bhatli |
| Science Topper | 555 | | SIDDHI | Kanut, Belpada |
| Expected CA Foundation Qualifying in 2024 | 549 | Commerce | KRISHU | Puranibasti, Kantabanji |
| NEET 2024 Expected 685 Marks | 548 | Science | SATYAM SAI | Katapali, Bargarh |
| Expected CA Foundation Qualifying in 2024 | 545 | Commerce | NARENDRA | Barahaguda, Bargarh |
| NEET 2024 Expected 630 Marks | 540 | Science | AYUSHMANTA | Keshaipali, Bargarh |

| Marks | Stream | Name | Place |
|---|---|---|---|
| 538 | Sc. | ARYAN | Ambapali, Bargarh |
| 538 | Sc. | CHINMAYEE | Choini Colony, Burla |
| 537 | Com. | ABHISEK | Nagaon |
| 530 | Sc. | KRISH | Bheden, Bargarh |
| 529 | Sc. | BIPRANSHU | Govindpali , Bargarh |
| 528 | Sc. | PRITAM | Mendapali, Bhatli |
| 527 | Com. | RAJASRI | Tukurla, Bhatli |
| 526 | Sc. | IPSITA | Kuruan, Bargarh |
| 525 | Com. | JYOTI | Kharsal |
| 524 | Sc. | BARSHA | Garmunda, Chipilima |
| 524 | Com. | ASHRIT | Kabarapali, Sadar |
| 523 | Com. | SUMIT | Kalampur, Kalahandi |
| 521 | Sc. | AMBIT | Kendupali, B.M. Pur |
| 521 | Sc. | PAYAL | Bargaon, Dhama |
| 521 | Com. | SALONI | Panichhatra, Jamurda Road |
| 518 | Sc. | SANAT | Amamunda, Jamla |
| 517 | Com. | TUSHAR | Annapurna Temple, Khariar |
| 516 | Sc. | JAYANTA | Pipilipali, Sohela |
| 516 | Sc. | ROHAN | Sargibahal, Padampur |
| 516 | Sc. | CHINMAYEE | Kuchipali, Sohela |
| 515 | Sc. | SWADHIN | Khamar |
| 515 | Sc. | AKANKSHYA | Gudvela |
| 515 | Sc. | SUDHIR | Jamkhunta, Sindhekela |
| 514 | Sc. | TEJESH | Jharpali, Ambabhona |
| 514 | Sc. | RATNAKAR | Sohela |
| 513 | Sc. | SWATI | Godbhaga, Bargarh |
| 512 | Sc. | AYUSH | Murumkel, Bhatli |
| 512 | Sc. | CHETANA | Chichinda, Sohela |
| 511 | Sc. | MONALISA | Jaring, Bijepur |
| 511 | Sc. | NUTAN | Beherapali, Sohela |
| 511 | Sc. | SHASWAT | Binka, Sonepur |
| 511 | Sc. | TARUN | Nandanmal |
| 510 | Com. | BANTI | Bheden |
| 509 | Sc. | OM PRAKASH | Burda, Bheden |
| 508 | Sc. | ROSHNI | Kubedega, Bheden |
| 507 | Sc. | ASHISH | Charbhati, Sambalpur |
| 506 | Sc. | NITU | Muribahal |
| 505 | Sc. | RITUPARNA | Kadaligarh, Rairakhol |
| 504 | Sc. | ASIM | Kusanpuri, Bargarh |
| 503 | Sc. | SIDDHARTHA | Badbausen, Bijepur |
| 503 | Sc. | RITITRUSHNA | Mahulpali, Barpali |
| 501 | Sc. | ABHIJIT | Menda, Tarva, Sonepur |
| 501 | Sc. | ASHISH | Sargibahal, Padampur |
| 501 | Sc. | ABHILIPSA | VSS Nagar, Bargarh |
| 500 | Sc. | SNEHA | Kapsila |
| 500 | Com. | SIDDHESWAR | Kandapali, Attabira |

### CHSE +2 Result 2024 Analysis

| > 90% | > 500 | > 80% | > 60% | Success Rate |
|---|---|---|---|---|
| 06 | 52 | 81 | 327 | 100% |

### All Time CHSE +2 Top Scorers

| Name | Year | Note | Currently studying in | Score | NEET/JEE |
|---|---|---|---|---|---|
| Swastik | 2022-23 | NEET | SCB, Cuttack | AIR UR 3267 | NEET 652 Marks |
| Ayushi | 2022-23 | NEET | FMMCH, Baleswar | AIR OBC 8383 | NEET 616 Marks |
| Anwesh, Dang, Bargarh | 2021-22 | Qualified KVPY | SCB, Cuttack | CHSE +2 574 Marks | NEET 638 Marks |
| Sanatan, Kapasira, Bargarh | 2020-21 | Qualified KVPY | AIIMS, BBSR | CHSE +2 542 Marks | NEET 678 Marks |
| Bajrang, Burla, Sambalpur | 2020-21 | | IIT, Kharagpur | CHSE +2 544 Marks | JEE Adv. 696 AIR Gen. EWS |
| Ritesh, Mandosil, Bargarh | 2019-20 | | SLNMCH, Koraput | CHSE +2 505 Marks | NEET 595 Marks |
| Chinmaya, Bankitikra, Balasore | 2018-19 | Qualified KVPY | AIIMS, BBSR | CHSE +2 528 Marks | NEET 585 Marks |

### JEE Main 2024

| Name | Percentile (Total) |
|---|---|
| SANAT | 98.67 |
| BIPRANSHU | 98.35 |
| SATYAM SAI | 97.91 |
| JAYANTA | 97.51 |
| AYUSHMANTA | 95.97 |
| ASIM | 95.97 |

| | |
|---|---|
| 95 Percentile & Above in Total | 06 |
| 90 Percentile & Above in Total | 09 |
| Total Qualified | 17 |

### Expected Top Scorers in NEET (Medical) 2024 as FRESHERS



| Name | Place | Marks |
|---|---|---|
| SANAT | Jamla, Bargarh | 700 |
| SATYAM SAI | Bijepur, Bargarh | 685 |
| AYUSHMANTA | Bhatli, Bargarh | 630 |
| BIPRANSHU | Bargarh | 623 |

| | |
|---|---|
| Students Score Above 600 Marks | 38 Expected |
| Govt. Seats in NEET 2024 | 52 Expected |
| Freshers Qualifying in NEET 2024 | 29 Expected |

## ADMISSIONS OPEN (Day cum Boarding)

**CHSE +2** • Science/Commerce • INTEGRATED JEE/NEET/ CUET / CA Foundation

More than 2 Decades of Excellence

94393 53433 / 70641 40000
94380 69105 / 70063 83041

Krishna Vikash Campus, Barahaguda, Bargarh

## @BARGARH
# Vikash
Higher Secondary School

### ନିର୍ବାଚନ ଫଳାଫଳ ପୂର୍ବରୁ ଖଡ୍‌ଗେଙ୍କ ଘରେ ବିରୋଧୀ ଏକାଠି

# ୨୯୫ ଆସନ ଜିତିବୁ



ନୂଆଦିଲ୍ଲୀ,୧।୬(ଏଜେନ୍ସି)

୨୦୨୪ ସାଧାରଣ ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶନିବାର ଶେଷ ହୋଇଛି। ମତଦାନ ଶେଷ ହେବାର କିଛି ସମୟ ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବୁଥ୍ ବାହୁଡ଼ା ମତ(ଏକଜିଟ ପୋଲ) ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଏହି ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ବିରୋଧୀ ଇଣ୍ଡିଆ ମେଣ୍ଟର ନେତା ଦିଲ୍ଲୀରେ ଏକାଠି ହୋଇଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀଙ୍କ ରଣନୀତି କ'ଣ ହେବ ତାହାକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ଦିଲ୍ଲୀ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧି, ସୋନିଆ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ସମେତ ଆପ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ, ଦଳୀୟ ସାଂସଦ ସଞ୍ଜୟ ସିଂହ, ରାଘବ ଚଡ୍ଡା, ସିପିଏମ ନେତା ସୀତାରାମ ୟେଚୁରୀ, ଏନସିର ଫାରୁକ ଅବଦୁଲ୍ଲା, ଏନସିପିର ଶରଦ ପାୱାର, ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ,

■ ଇଭିଏମ୍ ଟାମ୍ପରିଂ ରୋକିବା ନେଇ ଚର୍ଚ୍ଚା
■ ବୈଠକରେ ସାମିଲ ହେଲେନି ମମତା

ଆରଜେଡି ନେତା ତେଜସ୍ୱୀ ଯାଦବ, ଜେଏମଏମର କଳ୍ପନା ସୋରେନ ପ୍ରମୁଖ ସାମିଲ ହୋଇଛନ୍ତି। ତେବେ ବୈଠକରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଯୋଗ ଦେଇ ନାହାନ୍ତି।

ପଶ୍ଚିମବଙ୍ଗରେ ନିର୍ବାଚନ ଚାଲିଥିବା ବେଳେ ବାତ୍ୟା ରେମଲ ଜନିତ କ୍ଷୟକ୍ଷତିର ଆକଳନ କରାଯାଉଥିବାରୁ ମମତା ଏହି ବୈଠକରେ ଯୋଗ ଦେଇ ପାରୁ ନଥିବା କହିଛନ୍ତି। ସେହିପରି ଡିଏମକେ ସୁପ୍ରିମୋ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକ କେ ଷ୍ଟାଲିନ ଯୋଗ ଦେଇ ନଥିବା ବେଳେ ତାଙ୍କ ସ୍ଥାନରେ ଟି ଆର ବାଲୁ ବୈଠକରେ ପ୍ରତିନିଧିତ୍ୱ କରିଛନ୍ତି। କଂଗ୍ରେସ ଏକଜିଟ୍ ପୋଲ ବିତର୍କରେ ଭାଗ ନେବ ନାହିଁ ବୋଲି ଖଡ଼ଗେ ପୂର୍ବରୁ ସ୍ପଷ୍ଟ କରିସାରିଥିଲା ବେଳେ ଇଣ୍ଡିଆ ମେଣ୍ଟ ସରକାର ଗଠନ ପାଇଁ ରହିଥିବା ମ୍ୟାଜିକ ନମ୍ବର ୨୭୨ରୁ ଅଧିକ ଆସନରେ ବିଜୟୀ ହେବ ବୋଲି କହିଛନ୍ତି। ତେବେ ଭୋଟ ଗଣତି ଯେମିତି ଠିକ ଭାବେ ହେବ ଓ ଇଭିଏମ ଟ୍ୟାମ୍ପରିଂକୁ କେମିତି ରୋକା ଯାଇପାରିବ ସେ ସମ୍ପର୍କରେ ଇଣ୍ଡିଆ ମେଣ୍ଟର ସଦସ୍ୟମାନେ ଆଲୋଚନା କରିଥିବା କୁହାଯାଉଛି। ବିଜେପି ନେତୃତ୍ୱାଧୀନ ଏନଡିଏ ଅତି ବେଶୀରେ ୨୬୦ ଆସନ ଜିତିବାକୁ ସକ୍ଷମ ହେବ। ଏପରି ସ୍ଥିତିରେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ବିଜେପିକୁ କ୍ଷମତା ହାସଲରୁ ଦୂରେଇ ରଖିବାକୁ ରଣନୀତି ପ୍ରସ୍ତୁତ କରୁଥିବା କୁହାଯାଇଛି।

### ଭାରତକୁ ଘାରିଛି ଭୟ

## ଅପବ୍ୟବହାର ହେଉଛି ରପ୍ତାନୀ ଅସ୍ତ୍ରଶସ୍ତ୍ର

ନୂଆଦିଲ୍ଲୀ, ୧।୬ (ଏଜେନ୍ସି)

ଭାରତ ଅସ୍ତ୍ରଶସ୍ତ୍ର ଆମଦାନୀକାରୀରୁ ରପ୍ତାନୀକାରୀ ପାଲଟି ଯାଇଛି। ଗତ କିଛି ବର୍ଷ ହେଲା ଭାରତ ବିଦେଶୀ ରାଷ୍ଟ୍ରଙ୍କୁ ହଜାର ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଦେଇଛି। ଏହା ମଧ୍ୟରେ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ ପାଇଛି। ଭାରତ ବିକୁଥିବା ଅସ୍ତ୍ରଶସ୍ତ୍ରର ଅପବ୍ୟବହାର ହେଉଥିବା ସୂଚନା ମିଳିଛି। ଏ ସବୁ ଖରାପ ଲୋକଙ୍କ ହାତକୁ ଯାଉଛି। ଭାରତରୁ ଅସ୍ତ୍ରଶସ୍ତ୍ର କିଣି ଅନ୍ୟ ଦେଶ ଏବଂ ସଙ୍ଗଠନକୁ ପ୍ରଦାନ କରାଯାଉଥିବା ସୂଚନା ମିଳିଛି। ଏହାକୁ ଦେଖି ପ୍ରତିରକ୍ଷା ମନ୍ତ୍ରାଳୟ ରପ୍ତାନୀ ହେଉଥିବା ଅସ୍ତ୍ରଶସ୍ତ୍ର ଉପରେ କଡ଼ା ନଜର ରଖିଛି। ରିପୋର୍ଟ ଅନୁଯାୟୀ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିବା ଘରୋଇ କମ୍ପାନୀଙ୍କୁ ପ୍ରତିରକ୍ଷା ମନ୍ତ୍ରାଳୟ ଚେତାବନୀ ଜାରି କରିଛି। ଅସ୍ତ୍ରଶସ୍ତ୍ର କେଉଁଠିକୁ ପହଞ୍ଚୁଛି ତାହା ଉପରେ କଡ଼ା ନଜର ରଖାଯାଇଥିବା କୁହାଯାଇଛି। ଏହା ପୂର୍ବରୁ କିଛି ଦିନ ତଳେ ୟୁରେସିଆନ ଟାଇମ୍ସର ରିପୋର୍ଟରେ ଦାବି କରାଯାଇଥିଲା ଯେ ଭାରତରେ ପ୍ରସ୍ତୁତ ୧୫୫ଏମଏମ ଆର୍ଟିଲେରି ସେଲ୍ସ ୟୁକ୍ରେନରେ ବ୍ୟବହାର କରାଯାଉଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ରିପୋର୍ଟକୁ ଖଣ୍ଡନ କରିଦିଆଯାଇଥିଲା। ଭାରତର କୌଣସି ପ୍ରକାରର ଅସ୍ତ୍ରଶସ୍ତ୍ର ୟୁକ୍ରେନ ପଠା ଯାଉନାହିଁ ବୋଲି ପ୍ରବକ୍ତା ରଣଧୀର ଜୈସ୍ୱାଲ କହିଥିଲେ।

ଅନ୍ୟପକ୍ଷରେ ଏଣ୍ଡ ୟୁଜର ସାର୍ଟିଫିକେସନ (ଇୟୁସି)କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରାଳୟ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପାନୀଙ୍କୁ କହିଛି। ଏହା ମାଧ୍ୟମରେ ଭାରତରୁ ରପ୍ତାନୀ ହେଉଥିବା ଅସ୍ତ୍ରଶସ୍ତ୍ର କେଉଁଠି ପହଞ୍ଚୁଛି ତାହା ଜଣାପଡ଼ିଥାଏ। ଅସ୍ତ୍ରଶସ୍ତ୍ର ଅପବ୍ୟବହାରକୁ ବନ୍ଦ କରିବା ପାଇଁ ଇୟୁସି ବ୍ୟବହାର କରାଯାଇଥାଏ। ଏବେ ଭାରତୀୟ କମ୍ପାନୀଗୁଡିକ ୟୁକ୍ରେନ, ତୁର୍କୀ, ଚୀନ୍ ଏବଂ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର

■ ଦୃଷ୍ଟି ରଖିବାକୁ ବିଶେଷଜ୍ଞଙ୍କୁ ନିର୍ଦ୍ଦେଶ
■ ୟୁକ୍ରେନରେ ଅସ୍ତ୍ରଶସ୍ତ୍ର ପହଞ୍ଚିଥିବା ଦାବି

ବିକି ଉପରେ କଟକଣା ଲାଗିଛି। ଅବସରପ୍ରାପ୍ତ କର୍ଣ୍ଣେଲ ଅଭୟ ବାଳକୃଷ୍ଣ ପଟବର୍ଦ୍ଧନଙ୍କ ସୂଚନା ଅନୁଯାୟୀ ଅସ୍ତ୍ରଶସ୍ତ୍ରର ଅପବ୍ୟବହାର ହେବା ଅର୍ଥ



ଭାରତ ସରକାର କଟକଣା ଲାଗାଇଥିବା ଦେଶକୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରାଯାଉଛି। ଏମାନଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ମଧ୍ୟ ସାମିଲ ଅଛନ୍ତି। ଏଗୁଡିକୁ ଇଣ୍ଟରପୋଲ ଏବଂ ଭାରତ ସରକାର ନିଷିଦ୍ଧ କରିଛନ୍ତି। ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ଭାରତୀୟ ଅସ୍ତ୍ରଶସ୍ତ୍ର ଇସ୍ରାଏଲକୁ ଯାଉଥିବା ଦାବି କରାଯାଇଥିଲା। ବିସ୍ଫୋରକ ନେଇ ଯାଉଥିବା ଏକ ଜାହାଜକୁ ସ୍ପେନ ନିଜ ବନ୍ଦରରେ ଅଟକିବାକୁ ଅନୁମତି ଦେଇ ନ ଥିବା କହିଥିଲା। ଅନ୍ୟପକ୍ଷରେ ମ୍ୟାଁମାର ବିଦ୍ରୋହୀଙ୍କ ହାତରେ ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର ପହଞ୍ଚିଥିବା ଜାତିସଂଘ ପକ୍ଷରୁ ଦାବି କରାଯାଇଥିଲା।

## ମୋଦୀଙ୍କ ୪୫ ଘଣ୍ଟିଆ ଧ୍ୟାନ ଶେଷ

କନ୍ୟାକୁମାରୀ, ୧।୬ (ଏଜେନ୍ସି): କନ୍ୟାକୁମାରୀର ବିବେକାନନ୍ଦ ଶିଳା ସ୍ମାରକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୪୫ ଘଣ୍ଟିଆ ଧ୍ୟାନ ସାଧନା ଶନିବାର ଶେଷ ହୋଇଛି। ଏହି ଶିଳା ନିକଟରେ ଥିବା ତାମିଲ କବି ତିରୁବଲ୍ଲୁବରଙ୍କ ୧୩୩ ଫୁଟ ଉଚ୍ଚ ମୂର୍ତ୍ତି ଦର୍ଶନ କରି ସେ ମାଳା ଅର୍ପଣ କରିଛନ୍ତି। ଏହା ପରେ ଦ୍ୱିପହର ୩ଟାରେ ଶିଳା ସ୍ମାରକରୁ ବାହାରିଛନ୍ତି। ଏଠାରୁ ବାହାରି ନିଜ ଜୀବନର ପ୍ରତ୍ୟେକ ସମୟ ଦେଶକୁ ସମର୍ପିତ ବୋଲି କହିଛନ୍ତି। ଏଠାରେ ଧ୍ୟାନ କରିବା ସମୟରେ ଅଲୌକିକ ଏବଂ ଅଦ୍ଭୁତ ଶକ୍ତିର ଅନୁଭବ କରିଥିବା ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଧ୍ୟାନକୁ ବିରୋଧ କରି ତାମିଲନାଡୁ କଂଗ୍ରେସ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମୋଦୀ ହିନ୍ଦୁ ଭାବନାକୁ ଉସୁକାଇ ଭୋଟିଂ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କୁହାଯାଇଛି।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ଜାମିନ

ବେଙ୍ଗାଲୁରୁ, ୧।୬ (ଏଜେନ୍ସି): କର୍ଣ୍ଣାଟକର ଏକ ଅଦାଲତ ଶନିବାର ଏକ ମାନହାନୀ ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ବିଜେପି ଏମଏଲସି ତଥା ସାଧାରଣ ସମ୍ପାଦକ କେଶବ ପ୍ରସାଦ ଏହି ମାମଲା ଦାଏର କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମଇ ସମେତ ଦଳର ଅନେକ ନେତାଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସିଦ୍ଧରମୈୟା ଏବଂ ଶିବକୁମାର ମିଛ ବିଜ୍ଞାପନ ଦେଇଥିଲେ ବୋଲି ଅଭିଯୋଗ କରିଥିଲା। ଏହି ମାମଲାରେ ଆଜି ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ୪୨ତମ ଆଡିସନାଲ ଚିଫ୍ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ତର୍କ ଶୁଣିବା ପରେ କୋର୍ଟ ଉଭୟଙ୍କୁ ଜାମିନ ପ୍ରଦାନ କରିଥିଲେ।

● ପୁନେ ପୋର୍ସ ମାମଲା

## ନାବାଳକର ମାଆ ଗିରଫ

ପୁନେ, ୧।୬ (ଏଜେନ୍ସି)

ପୁନେ ପୋର୍ସ କାର୍ ମାମଲାର ଅଭିଯୁକ୍ତ ନାବାଳକର ମାଆ ଶିବାନୀ ଅଗ୍ରୱାଲଙ୍କୁ ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି। ପୁଲିସ କମିଶନର ଅମିତେଶ କୁମାର ଶନିବାର ଏହି ସୂଚନା ଦେଇଛନ୍ତି। ଶିବାନୀ ଯାଇଥିଲା। ଏହି ମହିଳା ଆଉ କେହି ନୁହେଁ, ବରଂ ନାବାଳକର ମାଆ ଥିଲେ। ସେହିପରି ପୁଲିସ ଆଜି ପ୍ରଥମ ଥର ପାଇଁ ନାବାଳକକୁ ପଚରାଉଚୁରା କରିଛି। ମାଆଙ୍କ ଉପସ୍ଥିତିରେ ତାକୁ ସୁଧାର ଗୃହରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଜେରା କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଉପ-





କିଛି ଦିନ ହେଲା ଘରୁ ପଳାଇ ଥିଲେ। ପୁଅର ନମୁନା ବଦଳାଇବା ପାଇଁ ସେ ନିଜ ରକ୍ତ ଦେଇଥିଲେ। ଡାକ୍ତରଙ୍କୁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ ବୋଲି ଅଭିଯୋଗ ହୋଇଛି। ପୁଲିସ ପକ୍ଷରୁ କୋର୍ଟରେ କୁହାଯାଇଥିଲା ଯେ ଦୁର୍ଘଟଣା ସମୟରେ ନିଶାରେ ଥିବା ନ ଦେଖାଇବା ପାଇଁ କୌଣସି ମହିଳାଙ୍କ ନମୁନା ଦ୍ୱାରା ନାବାଳକର ରକ୍ତ ନମୁନା ବଦଳା ମୁଖ୍ୟମନ୍ତ୍ରୀ ଅଜିତ ପାୱାର ମୁହଁ ଖୋଲିଛନ୍ତି। ସେ ମାମଲାରେ ଦଳ କିମ୍ବା ବିଧାୟକ ସୁନୀଲ ଟିଙ୍ଗରେଙ୍କ କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଅଭିଯୁକ୍ତକୁ ବଞ୍ଚାଇବା ପାଇଁ ଅଜିତ ପାୱାର ପୁଲିସ କମିଶନରଙ୍କୁ ଫୋନ୍ କରିଥିଲେ ବୋଲି ଅଭିଯୋଗ ଲାଗିଛି। ତେବେ ଏହାକୁ ସେ ଖାରଜ କରିଦେଇଛନ୍ତି।

### ବାଇଡେନଙ୍କ ଦାବି

## ଇସ୍ରାଏଲ ଅସ୍ତ୍ରବିରତି ପାଇଁ ରାଜି

ୱାଶିଂଟନ, ୧।୬ (ଏଜେନ୍ସି): ନୂଆ ଅସ୍ତ୍ରବିରତି ଯୋଜନାକୁ ଇସ୍ରାଏଲ ସ୍ୱୀକାର କରିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଶନିବାର ଏହି ଘୋଷଣା କରିଛନ୍ତି। ସେ ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଏବେ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ହମାସର ସାହସ ଏବଂ ସାମର୍ଥ୍ୟ ନାହିଁ। ସବୁ ବନ୍ଦୀଙ୍କୁ ମୁକ୍ତ କଲେ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ରାଜି ହୋଇଛି। ଏବେ ଯୁଦ୍ଧ ଶେଷ କରିବାର ସମୟ ଆସିଯାଇଛି। ସୂଚନାଯୋଗ୍ୟ ଯେ ଇସ୍ରାଏଲକୁ ସମର୍ଥନ ପାଇଁ ବାଇଡେନଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ଏହା ରାଷ୍ଟ୍ରପତି ନିର୍ବାଚନ ଉପରେ ପ୍ରଭାବ ପକାଇ ପାରେ। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ହେଲେ ତାଙ୍କ ପ୍ରଚାରକୁ ନୂଆ ଜୀବନଦାନ ମିଳିବ। ଏହାରି ମଧ୍ୟରେ ବାଇଡେନ କହିଛନ୍ତି ଯେ ଇସ୍ରାଏଲକୁ ଯୁଦ୍ଧ ବନ୍ଦ ପ୍ରସ୍ତାବ ଦିଆଯାଇଛି। ହମାସ ମଧ୍ୟ ଅସ୍ତ୍ରବିରତି ଦାବି କରୁଛି।

### ଜାମିନ ଆବେଦନର ରାୟ ସଂରକ୍ଷିତ

## ଆଜି ଜେଲ୍ ଫେରିବେ କେଜ୍ରିୱାଲ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି)



ନିର୍ବାଚନ ପ୍ରଚାର ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ଜାମିନ ଶନିବାର ଶେଷ ହୋଇଛି। ସେ ରବିବାର ତିହାର ଜେଲ୍‌ରେ ଆତ୍ମସମର୍ପଣ କରିବେ। ଅନ୍ୟପଟେ ମେଡିକାଲ ଆଧାରରେ କେଜ୍ରିୱାଲ ଜାମିନ ଆବେଦନ ଉପରେ ରାଉଜ ଆଭିନ୍ୟୁ କୋର୍ଟରେ ଆଜି ଶୁଣାଣି ହୋଇଛି। ସ୍ୱତନ୍ତ୍ର ବିଚାରପତି କାବେରୀ ବାବେଜା ଶୁଣାଣି ସାରି ରାୟକୁ ୫ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିଛନ୍ତି। ମେଡିକାଲ ଟେଷ୍ଟ ପାଇଁ କେଜ୍ରିୱାଲ ୭ ଦିନ ଲାଗି ଜାମିନ ଆବେଦନ କରିଥିଲେ। ମାତ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାକୁ ବିରୋଧ କରିଥିଲା। ଇଡି ପକ୍ଷରୁ ଦାବି କରାଯାଇଥିଲା ଯେ କେଜ୍ରିୱାଲ ତଥ୍ୟ ଲୁଚାଇଛନ୍ତି। ନିଜ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମିଥ୍ୟା ବୟାନ ଦେଇଛନ୍ତି। ତାଙ୍କ ଓଜନ କେଜିଏ ବଢ଼ିଥିବାବେଳେ ସେ ୭ କେଜି ହ୍ରାସ ପାଇଛି ବୋଲି କହୁଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ କହିଛନ୍ତି ଯେ କେଜ୍ରିୱାଲ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରି ୨ରେ ଆତ୍ମସମର୍ପଣ କରିବେ ବୋଲି କହିଥିଲେ। ମାତ୍ର କୋର୍ଟରେ ତାଙ୍କ ଓକିଲ ମିଥ୍ୟା ଦାବି କରି କେଜ୍ରିୱାଲ ଅସୁସ୍ଥ ଥିବା ଦର୍ଶାଇଛନ୍ତି।

## ସିଆର୍‌ପିଏଫ୍ ଡିଆଇଜି ବରଖାସ୍ତ



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ସିଆରପିଏଫ୍‌ର ଡିଆଇଜି ଖଜାନ ସିଂହଙ୍କୁ ବରଖାସ୍ତ କରିଦିଆଯାଇଛି। ସିଆରପିଏଫ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଯୌନ ଉତ୍ପୀଡ଼ନ ମାମଲାରେ ଖଜାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ସେ ସିଆରପିଏଫର ମୁଖ୍ୟ କ୍ରୀଡ଼ା ଅଧିକାରୀ ଭାବେ ମୁତୟନ ଥିବାବେଳେ ଏହି ଅଭିଯୋଗ ଲାଗିଥିଲା। ଏଥିପାଇଁ ତାଙ୍କୁ ୨୦୨୧ରେ ନିଲମ୍ବନ କରାଯାଇଥିଲା। ଏବେ ସେ ମୁମ୍ବାଇରେ ମୁତୟନ ଅଛନ୍ତି। ଅର୍ଦ୍ଧସାମରିକ ବାହିନୀରେ କାର୍ଯ୍ୟରତ କିଛି ମହିଳା ତାଙ୍କ ବିରୋଧରେ ଅଭିଯୋଗ ଲଗାଇବା ପରେ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିଲା।

### ସେକ୍ସ ୱାର୍କରଙ୍କୁ ମାରି ଘୁଷୁରୀଙ୍କୁ ଖୁଆଉ ଥିଲା

## ବିଶ୍ୱର ଦୁର୍ଦ୍ଦାନ୍ତ ସିରିଏଲ କିଲର୍‌କୁ ହତ୍ୟା

ଓଟାୱା, ୧।୬ (ଏଜେନ୍ସି)





କାନାଡ଼ା ଜେଲ୍‌ରେ ବନ୍ଦୀ ବିଶ୍ୱର ସବୁଠାରୁ ଦୁର୍ଦ୍ଦାନ୍ତ ସିରିଏଲ କିଲର ମଧ୍ୟରୁ ଅନ୍ୟତମ ରବର୍ଟ ପିକ୍‌ଟନ (୭୪)କୁ ହତ୍ୟା କରାଯାଇଛି। ଜେଲ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଗତ ୧୯ ତାରିଖରେ ତା ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପରେ ତାକୁ ଗୁରୁତର ଅବସ୍ଥାରେ କ୍ୟୁବେକର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପ୍ରାଣ ହରାଇଛି। ୯୦ ଦଶକରେ ୪୯ ମହିଳାଙ୍କୁ ନୃଶଂଶ ଭାବେ ହତ୍ୟା କରିଥିବା ଅଭିଯୋଗରେ ପିକ୍‌ଟନକୁ ଗିରଫ କରାଯାଇଥିଲା। ତେବେ ୬ ମହିଳାଙ୍କ ହତ୍ୟାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲା। ସେ ସେକ୍ସ ୱାର୍କରଙ୍କୁ ହତ୍ୟା କରି ଅଙ୍ଗପ୍ରତ୍ୟଙ୍ଗକୁ ନିଜ ଫାର୍ମରେ ଥିବା ଘୁଷୁରୀଙ୍କୁ ଖୁଆଇ ଦେଉଥିଲା। ସେ ୨୦୦୭ରେ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ତା ଘୁଷୁରୀ ଫାର୍ମରୁ ୬ ମହିଳାଙ୍କ ଅବଶେଷ ମିଳିଥିଲା। ଏହା ବ୍ୟତୀତ ତଦନ୍ତକାରୀ ଟିମ୍ ୩୩ ମହିଳାଙ୍କ ଡିଏନଏ ପାଇଥିଲା। ମାତ୍ର ପ୍ରମାଣ ଅଭାବରୁ ଏହି ୩୩ ମାମଲାରେ ପ୍ରିକ୍‌ଟନକୁ ମୁକ୍ତ କରି ଦିଆଯାଇଥିଲା। ସେ କାନାଡ଼ାର ଭ୍ୟାଙ୍କୁଅର ଜେଲ୍‌ରେ ଆଜୀବନ କାରାଦଣ୍ଡ ଭୋଗୁ ଥିଲା। ପିକ୍‌ଟନ ଉପରେ ଆକ୍ରମଣ କରିଥିବା ୫୧ ବର୍ଷୀୟ କଏଦୀକୁ ହେପାଜତରେ ରଖାଯାଇଛି। ଏ ପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ଜଣାପଡ଼ି ନାହିଁ।

● ସାଉଥ୍ ଆଫ୍ରିକାରେ ବହୁମତ ପାଇଲାନି ମାଣ୍ଡେଲାଙ୍କ ଦଳ

## ଗଠନ ହେବ ମେଣ୍ଟ ସରକାର

ଜୋହାନ୍ସବର୍ଗ, ୧।୬ (ଏଜେନ୍ସି)

ଦକ୍ଷିଣ ଆଫ୍ରିକା ସାଧାରଣ ନିର୍ବାଚନର ଫଳାଫଳ ବାହାରି ସାରିଛି। ୯୦.୫୦ ପ୍ରତିଶତ ଭୋଟ ଗଣତି ଶେଷ ହୋଇ ସାରିଥିବାବେଳେ କୌଣସି ରାଜନୈତିକ ଦଳଙ୍କୁ ବହୁମତ ମିଳିପାରି ନାହିଁ। ୩୦ ବର୍ଷରେ ପ୍ରଥମ ଥର ପାଇଁ ନେଲ୍‌ସନ ମାଣ୍ଡେଲାଙ୍କ ଦଳ 'ଆଫ୍ରିକାନ ନ୍ୟାସନାଲ କଂଗ୍ରେସ (ଏଏନସି)' ସଂଖ୍ୟା ଗରିଷ୍ଠତା ହାସଲ କରିପାରି ନାହିଁ। ଏହି ଦଳକୁ ସର୍ବାଧିକ ୪୦.୨୧ % ଭୋଟ ମିଳିଛି। ସେହିପରି ସେକ୍ସ ସ୍କାଣ୍ଡାଲ ଏବଂ ଦୁର୍ନୀତି ମାମଲାରେ ଫସି କ୍ଷମତା ହରାଇଥିବା ସାଉଥ୍ ଆଫ୍ରିକାରେ ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମାଙ୍କ ଦଳ ୧୪.୬୧ ପ୍ରତିଶତ ଭୋଟ ସହ ତୃତୀୟ ସ୍ଥାନରେ ରହିଛି। ଏହି ଦଳ ସରକାର ଗଠନ ପାଇଁ କିଙ୍ଗମେକର ସାଜିପାରେ ବୋଲି କୁହାଯାଉଛି। ଜୁମା ଅନେକ ଅଞ୍ଚଳରେ ଏଏନସିର ଭୋଟ ହାସଲ କରିଛନ୍ତି। ଏଥିପାଇଁ ଏଏନ୍‌ସି ବହୁମତ ହାସଲ କରିପାରିଲା ନାହିଁ। ଅନ୍ୟପଟେ ମୁଖ୍ୟ ବିରୋଧୀ ଦଳ ଡେମୋକ୍ରାଟିକ ଆଲାଏନ୍ସ (ଡିଏ) କୁ ୨୧.୭୯% ଏବଂ ବାମପନ୍ଥୀ ଦଳ



ଇଏଫଏଫ ୯.୪୮ ପ୍ରତିଶତ ଭୋଟ ପାଇଛି। ଚଳିତ ଥର ୨.୭୮ କୋଟି ଭୋଟର ୪୦୦ ଆସନରେ ୭୦ ଦଳର ଭାଗ୍ୟ ସ୍ଥିର କରିଛନ୍ତି।

### ସଲ୍‌ମାନ ଖାନ୍‌ଙ୍କ କାର୍‌ରେ ଆକ୍ରମଣ ଯୋଜନା

## ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ୪ ଗିରଫ

ମୁମ୍ବାଇ, ୧।୬ (ଏଜେନ୍ସି)

ବଲିଉଡ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଉପରେ ପୁଣି ଆକ୍ରମଣ ପାଇଁ କରାଯାଇଥିବା ଯୋଜନାକୁ ମୁମ୍ବାଇ



ପୁଲିସ ବିଫଳ କରିଦେଇଛି। ଏହି ମାମଲାରେ ନଭି ମୁମ୍ବାଇ ପୁଲିସ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତ ଧନଞ୍ଜୟ ଓରଫ ଅଜୟ କଶ୍ୟପ, ଗୌରବ ଭାଟିଆ ଓରଫ ହ୍ନାଇ, ୱାସପି ଖାନ ଓରଫ ୱସିମ ଚିକନା ଏବଂ ଜିଶାନ ଖାନ ଓରଫ ଜାଭେଦ ଖାନ ପନଭେଲରେ ସଲ୍‌ମାନଙ୍କ କାର୍ ଉପରେ ଆକ୍ରମଣ ଲାଗି ଯୋଜନା କରିଥିଲେ। ଏହାକୁ ନେଇ ପୁଲିସ ଲରେନ୍ସ, ଅନମୋଲ ବିଷ୍ଣୋଇ, ଗୋଲ୍ଡି ବ୍ରାର୍ ସମେତ ୧୮ ଜଣଙ୍କ ବିରୋଧରେ ଏତଲା ରୁଜୁ କରିଛି। ପୁଲିସ ଶନିବାର ଦ୍ୱିପହରେ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛି।

■ ପାକିସ୍ତାନରୁ ମଗାଇଥିଲେ ଏକେ-୪୭
■ ନାବାଳକଙ୍କ ଦ୍ୱାରା ଆକ୍ରମଣ କରିଥାନ୍ତେ
■ କନ୍ୟାକୁମାରୀ ଦେଇ ଶ୍ରୀଲଙ୍କା ଯାଇଥାନ୍ତେ

ପନଭେଲ ଜୋନ୍-୨ର ଡିସିପି ବିବେକ ପନସାରେ କହିଛନ୍ତି ଯେ ସଲ୍‌ମାନଙ୍କ ହତ୍ୟା ଯୋଜନାକୁ ନେଇ କିଛି ସୂଚନା ମିଳିଥିଲା। ଏହା ଜଣାପଡ଼ିବା ପରେ ଲରେନ୍ସର ସୋସିଆଲ ମିଡିଆ ଗ୍ରୁପ୍‌ରେ ପୁଲିସ କର୍ମଚାରୀ ଜଡ଼ିତ ରହିଥିଲେ। ଏଠାରୁ ସୂଚନା ସଂଗ୍ରହ କରାଯାଇଥିଲା। ପରେ ଗତ ଏପ୍ରିଲ ୨୪ରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ବେଙ୍ଗାଲୁରୁରୁ ଚିକନା ସୁଟରକୁ ଗିରଫ କରାଯାଇଥିଲା। ଆହୁରି ୧୦-୧୨ ଜଣଙ୍କୁ ସନ୍ଧାନ କରାଯାଉଛି।

ପୁଲିସ ସୂଚନା ଅନୁଯାୟୀ ଏହି ଆକ୍ରମଣ ପାଇଁ ପାକିସ୍ତାନରୁ ଏକେ-୪୭, ଏକେ-୯୨ ଏବଂ ଏମ-୧୬ ମଗାଇବାକୁ ପ୍ରୟାସ କରାଯାଇଥିଲା। ଏଥିପାଇଁ ପାକିସ୍ତାନର ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଡୋଗାର ସହ ଭିଡିଓ କଲ୍ କରିଥିଲେ। ଅଭିଯୁକ୍ତମାନେ ଅଭିନେତାଙ୍କ ଫାର୍ମ ହାଉସ, ଅନେକ ସୁଟିଂ ସେଟ୍ ସମେତ ଗୋରେଗାଁଓ ସ୍ଥିତ ଫିଲ୍ମ ସିଟିର ମଧ୍ୟ ନିରୀକ୍ଷଣ କରିଥିଲେ।




ଏମାନଙ୍କ ମୋବାଇଲରୁ ଏ ସମ୍ବନ୍ଧିତ ଅନେକ ଭିଡିଓ ମିଳିଛି। ଅନେକ ଫୋନ ଏବଂ ସିମ୍ କାର୍ଡ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ଆନନ୍ଦପାଲର ଝିଅ ସହ ମଧ୍ୟ ଯୋଗାଯୋଗରେ ଥିଲେ। ଏହି ହତ୍ୟା ଷଡ଼ଯନ୍ତ୍ରରେ ସୋସିଆଲ ମିଡିଆ ଫଲୋଅର୍ସଙ୍କୁ ମଧ୍ୟ ବ୍ୟବହାର କରାଯାଉଥିଲା। ଏହା ବ୍ୟତୀତ ମୁମ୍ବାଇ, ରାୟଗଡ଼, ନଭି ମୁମ୍ବାଇ, ଥାନେ, ପୁନେ ଏବଂ ଗୁଜରାଟରୁ ଆସିଥିବା ଲରେନ୍ସ ବିଷ୍ଣୋଇ ଏବଂ ସମ୍ପତ ନେହରା ଗ୍ୟାଙ୍ଗର ୬୦ରୁ ୭୦ ସଦସ୍ୟ ସଲ୍‌ମାନଙ୍କ ଉପରେ ନଜର ରଖିଥିଲେ। ଏମାନେ ନାବାଳକଙ୍କ ମାଧ୍ୟମରେ ଆକ୍ରମଣ କରାଇବାକୁ ଷଡ଼ଯନ୍ତ୍ର କରିଥିଲେ। ଏହି ଆକ୍ରମଣ ପରେ ପ୍ରଥମେ କନ୍ୟାକୁମାରୀ ଏବଂ ପରେ ଶ୍ରୀଲଙ୍କା ପଳାଇବାକୁ ଯୋଜନା କରିଥିଲେ। ଏହା ପୂର୍ବରୁ ଏପ୍ରିଲ ୧୪ ତାରିଖରେ ସଲ୍‌ମାନଙ୍କ ବାନ୍ଦ୍ରା ସ୍ଥିତ ଗ୍ୟାଲେକ୍ସି ଆପାର୍ଟମେଣ୍ଟ ଉପରେ ଗୁଳି ମାଡ଼ କରାଯାଇଥିଲା। ଏହି ସମୟରେ ସଲ୍‌ମାନ ସେହି ଆପାର୍ଟମେଣ୍ଟରେ ଥିଲେ।



# ଆଜିଠୁ ଟି-୨୦ ବିଶ୍ୱକପ୍

**ଆମେରିକା-କାନାଡା ଉଦ୍‌ଘାଟନୀ ମୁକାବିଲା**

■ **ନ୍ୟୁୟର୍କ, ୧।୬ (ଏଜେନ୍ସି):** ଆଇସିସି ବିଶ୍ୱକପ୍‌ର ୯ମ ସଂସ୍କରଣ ଯୁକ୍ତରାଷ୍ଟ୍ର ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହୋଇଯାଇଛି। ଭାରତୀୟ ସମୟ ଅନୁସାରେ ରବିବାର ସକାଳ ୬ଟାରେ ଆୟୋଜକ ଆମେରିକା ଓ କାନାଡା ମଧ୍ୟରେ ଚଳିତ ସଂସ୍କରଣର ଉଦ୍‌ଘାଟନୀ ମୁକାବିଲା ଖେଳାଯାଇଛି। ଡଲାସର ଗ୍ରାଣ୍ଡ ପ୍ରାଇରି ଷ୍ଟାଡିୟମରେ ଗ୍ରୁପ୍-ଏ'ର ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ସେହିଭଳି ରବିବାର ଦ୍ୱିତୀୟ ମୁକାବିଲାରେ ଅନ୍ୟତମ ଆୟୋଜକ ୱେଷ୍ଟଇଣ୍ଡିଜ ଓ ପାପୁଆ ନ୍ୟୁ ଗିନି ପରସ୍ପରକୁ ଭେଟିବେ। ସନ୍ଧ୍ୟା ୬ଟାରେ ବିଶ୍ୱକପ୍‌ର ଏକ ଦର୍ଶନୀୟ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଚଳିତ ବିଶ୍ୱକପ୍‌ରେ ୨୦ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ୨୦ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟ ପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୮କୁ ଉନ୍ନୀତ ହେବେ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ଜୁନ ୫ରେ ଆୟର୍ଲାଣ୍ଡ ବିପକ୍ଷରୁ ଖେଳି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ ୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଏକ ହାଇଭୋଲଟେଜ ମ୍ୟାଚ୍ ଖେଳିବ।


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-336 ◆BHUBANESWAR ◆SUNDAY ◆2 JUNE 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୬ ◆ଭୁବନେଶ୍ୱର ◆ରବିବାର ◆୨ ଜୁନ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ୨୦୨୪ ମହାପର୍ବର ବୁଥ୍ ବାହୁଡ଼ା ଆକଳନ

# ଷଷ୍ଠ ଥର ନବୀନ ସରକାର

*ରାଜ୍ୟର ୨୧ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୧୪୭ ବିଧାନସଭା କ୍ଷେତ୍ରରେ ଉଭୟ ଯୁକ୍ତିସଙ୍ଗତ ଓ ବୈଜ୍ଞାନିକ ପଦ୍ଧତିରେ ଅନୁଷ୍ଠିତ ସର୍ବେକ୍ଷଣରେ ୨୯,୪୦୦ ନମୁନାର ବିଶ୍ଳେଷଣ କରାଯାଇ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପ୍ରସ୍ତୁତ କରିଛି ବୁଥ୍ ବାହୁଡ଼ା ଜନମତ ବା ଏକ୍‌ଜିଟ୍ ପୋଲ୍। କର୍ମଜୀବୀ, କୃଷକ, ଶ୍ରମିକ, ନୂଆ ଭୋଟର, ବିଭିନ୍ନ ବୟସ ବର୍ଗର ୪୪% ମହିଳା ଓ ୫୬% ପୁରୁଷ ମତଦାତାଙ୍କଠାରୁ ମିଳିଥିବା ସୂଚନା, ରାଜନୈତିକ ପରିସ୍ଥିତି, ରାଜନୈତିକ ତଥ୍ୟାଭିଜ୍ଞଙ୍କ ମତାମତ, ନିର୍ବାଚନର ସ୍ଥିତି ଆଦି ସାମଗ୍ରିକ ଦିଗକୁ ଟିକିନିଖି ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଛି ଏହି ସର୍ଭେ ରିପୋର୍ଟ।*

■ **ଭୁବନେଶ୍ୱର ୧।୬ (ସମିସ):** ନବୀନଙ୍କ ବିକାଶରେ ବାଜିଛି ମୋହର। ନବୀନ ନୀତିକୁ ମିଳିଛି ସ୍ୱୀକୃତି। ନବୀନ ରୂପାନ୍ତରଣ ଉପରେ ଆସ୍ଥା ସ୍ଥାପନ କରିଛନ୍ତି ରାଜ୍ୟବାସୀ। ସଦ୍ୟ ସମାପ୍ତ ୨୦୨୪ ବିଧାନସଭା ନିର୍ବାଚନରେ ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପୁଣିଥରେ ଅଶେଷ ଆଶୀର୍ବାଦ ଅଜାଡ଼ି ଦେଇଛନ୍ତି। ରାଜ୍ୟରେ ପ୍ରତି ପର୍ଯ୍ୟାୟ ମତଦାନ ପରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ କରାଯାଇଥିବା ମିଳିତ ବୁଥ୍ ବାହୁଡ଼ା ସର୍ଭେରୁ ମିଳିଛି ଏହି ତଥ୍ୟ।

ଦେଶରେ ୭ଟି ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଓଡ଼ିଶାରେ ମଇ ୧୩ ତାରିଖରୁ ଜୁନ୍ ୧ ମଧ୍ୟରେ ୪ଟି ପର୍ଯ୍ୟାୟରେ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନ ନିମନ୍ତେ ଭୋଟରମାନେ ନିଜ ପସନ୍ଦର ପ୍ରତିନିଧି ବାଛିଛନ୍ତି। କିଏ କେଉଁଠି ଜିତିବ, କେଉଁ ଦଳ କେତେ ଆସନରେ ବିଜୟୀ ହେବ ତାହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ଜୁନ୍ ୪ ତାରିଖର ଭୋଟ ଗଣତି ପରେ ତାହା ସ୍ପଷ୍ଟ ହେବ। ତେବେ ଦେଶରେ ସୃଷ୍ଟି ହୋଇଥିବା 'ମୋଦୀ ହାୱା' ଓଡ଼ିଶାରେ 'ନବୀନ ପ୍ରାଚୀର'କୁ ଭେଦ କରି ପାରି ନ ଥିବା ଏହି ବୁଥ୍ ବାହୁଡ଼ା ସର୍ଭେରୁ ସୂଚନା ମିଳିଛି।

'ସକାଳ' ଓ 'ନନ୍ଦିଘୋଷ ଟିଭି'ର ବୁଥ୍ ବାହୁଡ଼ା ଜନମତ ରିପୋର୍ଟ ଅନୁସାରେ, ଓଡ଼ିଶାରେ ୧୪୭ ବିଧାନସଭା ଆସନ ମଧ୍ୟରୁ ବିଜେଡି ସପକ୍ଷରେ ୧୧୭ଟି, ବିଜେପିକୁ ୧୧ଟି ଓ କଂଗ୍ରେସକୁ ୨ଟି ଆସନ ମିଳିପାରେ। ଅବଶିଷ୍ଟ ୧୭ଟି ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି ଓ ଏହି ଆସନରେ କେହି ବି ବିଜୟୀ ହୋଇପାରନ୍ତି ବୋଲି ବୁଥ୍ ବାହୁଡ଼ା ମତରୁ ଆଭାସ ମିଳିଛି।

**୨୦୧୯ଠାରୁ ବିଜେଡିକୁ ମିଳିପାରେ ଅଧିକ ଆସନ**

**୧୧୭ ବିଧାନସଭା ଆସନରେ ବିଜେଡିର ବିଜୟଆଶା**

**କଂଗ୍ରେସକୁ ୨ ଓ ବିଜେପିକୁ ୧୧ ଆସନ ମିଳିବା ସମ୍ଭାବନା**

**୧୭ଟି ବିଧାନସଭା କ୍ଷେତ୍ରରେ କଡ଼ା ମୁକାବିଲା ସୂଚନା**

ସେହିପରି ପ୍ରଥମ ପର୍ଯ୍ୟାୟରେ ନିର୍ବାଚନରେ ୪ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ୨୮ ବିଧାନସଭା ଆସନରୁ ବିଜେଡି ୨୩ ଓ ବିଜେପି ୨ଟି ଆସନରେ ବିଜୟୀ ହୋଇ ପାରନ୍ତି। ଅବଶିଷ୍ଟ ୩ଟି ଆସନରେ କଡ଼ା ମୁକାବିଲା ହୋଇଛି। ନବରଙ୍ଗପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନବରଙ୍ଗପୁର ଓ ଉମରକୋଟ ବିଧାନସଭା ▶ପୃଷ୍ଠା-୧୩



## 'ସକାଳ'-'ନନ୍ଦିଘୋଷ ଟିଭି' ବୁଥ୍ ବାହୁଡ଼ା ଜନମତ




ନିର୍ବାଚନମଣ୍ଡଳୀ ୱାରୀ ଜନମତ- ପୃଷ୍ଠା ୪ରେ

# ଲୋକସଭା ବିଜେଡିକୁ ୧୧, ବିଜେପିକୁ ୬

### ବଲାଙ୍ଗିର, ସମ୍ବଲପୁର, ଭୁବନେଶ୍ୱର ଓ ବାଲେଶ୍ୱରରେ କଡ଼ା ମୁକାବିଲା

■ **ଭୁବନେଶ୍ୱର ୧।୬ (ସମିସ):** ବିଧାନସଭା ପରି ଲୋକସଭା ନିର୍ବାଚନରେ ମଧ୍ୟ ରାଜ୍ୟବାସୀ ବିଜେଡିକୁ ଆଶୀର୍ବାଦ ଦେଇଛନ୍ତି। ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେଡି ସପକ୍ଷରେ ୧୧ ଓ ବିଜେପି ସପକ୍ଷରେ ୬ଟି ଆସନ ଯାଇପାରେ। ଏହାବ୍ୟତୀତ ୩ଟି ସଂସଦୀୟ କ୍ଷେତ୍ରରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ଏବଂ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡି-କଂଗ୍ରେସ ଓ ବିଜେପି ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିବା କୁହାଯାଉଛି। ବୁଥ୍ ବାହୁଡ଼ା ମତ ଅନୁସାରେ କୋରାପୁଟ,

**ବାଲେଶ୍ୱର ଆସନରେ ବିଜେଡି-କଂଗ୍ରେସ-ବିଜେପି ମଧ୍ୟରେ ଲଢ଼େଇ**

ବ୍ରହ୍ମପୁର, ଆସ୍କା, କନ୍ଧମାଳ, ଢେଙ୍କାନାଳ, କଟକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ବିଜେଡି ବିଜୟୀ ହୋଇପାରେ। ଅନୁରୂପ ଭାବରେ ବିଜେପିକୁ ପୁରୀ, ବରଗଡ଼, କେନ୍ଦୁଝର, ସୁନ୍ଦରଗଡ଼, କଳାହାଣ୍ଡି, ନବରଙ୍ଗପୁର ଆସନ ମିଳିପାରେ। ଏହାବ୍ୟତୀତ ବଲାଙ୍ଗୀର, ସମ୍ବଲପୁର, ଭୁବନେଶ୍ୱରରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହୋଇଛି ଏବଂ ବାଲେଶ୍ୱରରେ ବିଜେଡି-ବିଜେପି-କଂଗ୍ରେସ ମଧ୍ୟରେ ବେଶ୍ କଡ଼ା ମୁକାବିଲା ହୋଇଛି ବୋଲି ସୂଚନା ମିଳିଛି।

# ଏନ୍‌ଡିଏ ସପକ୍ଷରେ ପ୍ରମୁଖ ଏଜେନ୍ସିଙ୍କ ମତ

■ **ନୂଆଦିଲ୍ଲୀ, ୧।୬ (ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ସହିତ ୪ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ଶନିବାର ଶେଷ ହୋଇଛି। ୧୯୫୧-୫୨ ପରେ ପ୍ରାୟ ୬ ସପ୍ତାହ ଧରି ଚାଲିଥିବା ଦ୍ୱିତୀୟ ଦୀର୍ଘଗାମୀ ଏହି ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶନିବାର ଶେଷ ହୋଇଥିଲା ବେଳେ ଆସନ୍ତା ୪ ତାରିଖରେ ଫଳାଫଳ ପ୍ରକାଶ ପାଇବ। କିନ୍ତୁ ଏହାପୂର୍ବରୁ ବୁଥ୍ ବାହୁଡ଼ା ମତ(ଏକଜିଟ୍ ପୋଲ) ପ୍ରକାଶ ପାଇଛି। ଏକଜିଟ୍ ପୋଲ୍ ରିପୋର୍ଟ ଅନୁସାରେ ବିଜେପି ନେତୃତ୍ୱାଧୀନ ଏନଡିଏ ଦଳ ପୁଣିଥରେ କେନ୍ଦ୍ରରେ କ୍ଷମତାସୀନ ହେବା ନେଇ ଆକଳନ କରାଯାଇଛି। ଲୋକସଭାର ମୋଟ ୫୪୨ଟି ଆସନ ମଧ୍ୟରୁ ଏନଡିଏ

**୩୫୦ରୁ ଅଧିକ ଆସନ ପାଇ ତୃତୀୟ ଥର ପାଇଁ ସରକାର ଗଢ଼ିପାରେ ଏନ୍‌ଡିଏ**

**'ଇଣ୍ଡି' ମେଣ୍ଟ ୧୨୫-୧୬୦ ଆସନ ପାଇବା ନେଇ ଆକଳନ**

୩୫୦ରୁ ଅଧିକ ଆସନ ହାସଲ କରି ସରକାର ଗଠନ କରିବ ବୋଲି ପ୍ରାୟ ୬ଟି ପ୍ରମୁଖ ଏକଜିଟ୍ ପୋଲ ଏଜେନ୍ସି ଆକଳନ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୧୨୫ ରୁ ୧୬୦ଟି ଆସନ ହାସଲ କରିବ ବୋଲି ଆକଳନ କରାଯାଇଛି। ବିଜେପି ଗୁଜରାଟ , ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ସର୍ବାଧିକ ସଫଳତା ହାସଲ କରିବା ସହିତ କଂଗ୍ରେସ ଶାସିତ କର୍ଣ୍ଣାଟକ ରାଜ୍ୟରେ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ପଶ୍ଚିମବଙ୍ଗରେ ମଧ୍ୟ ଶାସକ ଟିଏମସି ତୁଳନାରେ ବିଜେପି ସର୍ବାଧିକ ଲୋକସଭା ଆସନ ହାସଲ କରି ଏଠାରେ ସର୍ବବୃହତ ▶ପୃଷ୍ଠା-୧୩

### ୨୦୨୪ ଲୋକସଭା ନିର୍ବାଚନ ଏକ୍‌ଜିଟ୍ ପୋଲ୍

**ମୋଟ ଲୋକସଭା ଆସନ ୫୪୨, ମ୍ୟାଜିକ ନମ୍ବର ୨୭୨**

| ଏକଜିଟ୍ ପୋଲ ଏଜେନ୍ସି | ଏନଡିଏ | ଇଣ୍ଡିଆ ମେଣ୍ଟ | ଅନ୍ୟ ଦଳ |
|---|---|---|---|
| ଏବିପି ସି-ଭୋଟର | ୩୫୩-୩୮୩ | ୧୫୨-୧୮୨ | ୪-୧୨ |
| ନ୍ୟୁଜ୍ ନେଶନ | ୩୪୨ | ୧୫୩ | ୨୩ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ | ୩୬୧ | ୧୩୧ | ୨୦ |
| ରିପବ୍ଲିକ୍ ଟିଭି- ପି ମାର୍କ | ୩୫୯ | ୧୫୪ | ୩୦ |
| ଜନ୍ କି ବାତ୍ | ୩୬୨-୩୯୨ | ୧୪୧-୧୬୧ | ୧୦-୨୦ |
| ରିପ୍ଲବିକ୍ ଭାରତ | ୩୫୩-୩୬୮ | ୧୧୮-୧୩୩ | ୪୩-୪୮ |
| ନ୍ୟୁଜ୍ ୨୪- ଚାଣକ୍ୟ | ୩୫୦ | ୯୫ | - |
| ଟାଇମ୍ସ ନାଓ | ୩୫୮ | ୧୫୨ | ୩୩ |
| ଇଣ୍ଡିଆ ଟିଭି-ସିଏନଏକ୍ସ | ୩୭୧-୪୦୧ | ୧୦୯-୧୩୯ | ୨୮-୩୮ |
| ଦୈନିକ ଭାସ୍କର | ୨୮୫-୩୫୦ | ୧୪୫-୨୦୧ | ୩୩-୪୯ |

### ୫ ସଟ୍ଟା ବଜାରର 'ଏକ୍‌ଜିଟ୍ ପୋଲ୍'

# କମିବ ବିଜେପିର ଆସନ ସଂଖ୍ୟା

■ **ଭୁବନେଶ୍ୱର, ୧।୬(ସମିସ):** ଅନ୍ତିମ ପର୍ଯ୍ୟାୟ ମତଦାନ ପରେ ବିଭିନ୍ନ ଜାତୀୟ ଗଣମାଧ୍ୟମ ସଂସ୍ଥା କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ବିପୁଳ ସଫଳତା ପାଇବ ବୋଲି ଆକଳନ କରିଛନ୍ତି। କିଛି ସଂସ୍ଥା ବିଜେପି ଓ ଏହାର ସହଯୋଗୀ ଦଳଗୁଡ଼କ ୪୦୦ ଆସନ ଅତିକ୍ରମ କରିବ ବୋଲି ମଧ୍ୟ ପୂର୍ବାନୁମାନ କରିଛନ୍ତି। ସେହିପରି କଂଗ୍ରେସ ଓ 'ଇଣ୍ଡି' ମେଣ୍ଟ ୨୦୧ ପର୍ଯ୍ୟନ୍ତ ଆସନ ପାଇପାରନ୍ତି ବୋଲି ମଧ୍ୟ ଆକଳନ କରିଛନ୍ତି। ଅନ୍ୟ ରାଜନୈତିକ ଦଳଗୁଡ଼ିକ ୩୦ରୁ ୪୯ ପର୍ଯ୍ୟନ୍ତ ଆସନ ପାଇବେ ବୋଲି ଏହି ରିପୋର୍ଟଗୁଡ଼ିକରେ ଉଲ୍ଲେଖ କରାଯାଇଛି । ମାତ୍ର ଦେଶର ୫ଟି ପ୍ରମୁଖ ସଟ୍ଟା ବଜାର ଯେଉଁ ଆକଳନ କରିଛି ତାହା ଜାତୀୟ ଗଣମାଧ୍ୟମ ଓ ▶ପୃଷ୍ଠା-୧୩

| ସଟ୍ଟା ବଜାର | ବିଜେପି/ଏନଡିଏ | କଂଗ୍ରେସ/ଇଣ୍ଡି |
|---|---|---|
| ଫଲୋଦୀ | ୨୧୨/୨୫୩ | ୧୧୭/୨୪୬ |
| ଇନ୍ଦୋର | ୨୬୦/୨୮୯ | ୧୦୮/୨୩୧ |
| ମୁମ୍ବାଇ | ୨୯୫/--- | ୬୫/--- |
| କଲକତା | ୨୧୮/୨୬୧ | ୧୨୮/୨୨୮ |
| କର୍ଣ୍ଣାଲ | ୨୩୫/୨୬୩ | ୧୦୮/୨୩୧ |

## ଲୋକକଥା



ଏକ୍‌ଜିଟ୍ ପୋଲ୍ ଫଳାଫଳ ଶୁଣି
କିଏ କେତେ ମାରେ କୁହାଟ,
୪ ତାରିଖରେ କା ସ୍ଥିତି କ'ଣ
ସବୁ ହୋଇଯିବ ପ୍ରକଟ !
ସିକନ୍ଦର ମୁଣ୍ଡେ ମୁକୁଟ,
ପାଞ୍ଚବର୍ଷ ଏବେ ଭଲରେ କଟୁହେ
ଅବସ୍ଥା ନହେଉ ଉକ୍ରଟ !!

### ଭୟାବହ ସ୍ଥିତି ଆଣିଛି ଗ୍ରୀଷ୍ମ ଲହରୀ

# ୪ ଦିନରେ ୭ ରାଜ୍ୟରେ ୩୨୦ ଜଣଙ୍କ ମୃତ୍ୟୁ

■ **ନୂଆଦିଲ୍ଲୀ, ୧।୬ (ଏଜେନ୍ସି):** ମୌସୁମୀ ଇତିମଧ୍ୟରେ କେରଳ ଉପକୂଳ ଛୁଇଁବା ସହିତ ଉତ୍ତର ପୂର୍ବ ଦିଗରେ ଗତି କରିବା ଆରମ୍ଭ କରିଛି। ଏହା ପ୍ରଭାବରେ ଦକ୍ଷିଣ ଭାରତର କିଛି ରାଜ୍ୟରେ ବର୍ଷା ହେବା ସହ ଅନ୍ୟ କିଛି ଭାଗରେ ପାଗ ବଦଳିଛି। କିନ୍ତୁ ଅସହ୍ୟ ତାତି ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀକୁ ନେଇ ଏବେ ବି ଉତ୍ତର ଏବଂ ଉତ୍ତର ପଶ୍ଚିମ ଭାଗର ଅନେକ ରାଜ୍ୟରେ ସ୍ଥିତି ଜଟିଳ ରହିଛି। ତାତି ଏବଂ ଗ୍ରୀଷ୍ମ ଲହରୀକୁ ନେଇ ବିଗତ ୪ ଦିନରେ ଏହିସବୁ ରାଜ୍ୟଗୁଡିକରେ ଭୟାବହ ପରିସ୍ଥିତି ଦେଖାଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୭ ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ୩୨୦ରେ ପହଞ୍ଚିଥିବା ଏକ ରିପୋର୍ଟ



**୧୪ ରାଜ୍ୟକୁ ସତର୍କତା ଜାରି**

ସୂତ୍ରରୁ ଜଣାପଡ଼ିଛି। ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ଯୋଗୁଁ ଉତ୍ତରପ୍ରଦେଶ,ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ,ଝାଡଖଣ୍ଡ ଏବଂ ଓଡ଼ିଶା ଭଳି କିଛି ରାଜ୍ୟ ସର୍ବାଧିକ ପ୍ରଭାବିତ ହୋଇଛି। ଗତ ଦିନ ମଧ୍ୟରେ ଉତ୍ତରପ୍ରଦେଶରେ ସର୍ବାଧିକ ୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ଏହାପଛକୁ ବିହାରରେ ୬୯ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଗତ ଶୁକ୍ରବାର ଏହି ଦୁଇ ରାଜ୍ୟରେ ଗୋଟିଏ ଦିନରେ ୪୦ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ୨୫ ଜଣ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନରେ ଗତ ୪ ଦିନ ମଧ୍ୟରେ ୬୦ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଝାଡ଼ଖଣ୍ଡରେ ୩୭, ଓଡ଼ିଶାରେ ୧୮, ମଧ୍ୟପ୍ରଦେଶରେ ୨ ଏବଂ ଦିଲ୍ଲୀରେ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ରାଜ୍ୟରେ ଶହ ଶହ ଲୋକ ଅଂଶୁଘାତର ଶିକାର ହେବା ସହିତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କେବଳ ଝାଡ଼ଖଣ୍ଡରେ ୧୩୨୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଶୁକ୍ରବାର ଉତ୍ତରପ୍ରଦେଶର କାନପୁର ସହର ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ଏଠାକାର ତାପମାତ୍ରା ୪୮.୨ ଡିଗ୍ରୀରେ ପହଞ୍ଚିଥିଲା ବେଳେ ହରିୟାଣାର ସିର୍ସା ସହର ତାପମାତ୍ରା ୪୭.୮ ଡିଗ୍ରୀ ରହିଥିବା ▶ପୃଷ୍ଠା-୧୩

### ଚାକିରି ଦେବା ନାଁରେ ୨ କୋଟିରୁ ଅଧିକ ଠକେଇ ମାମଲା

# ନକଲି ଆଇଏଏସ୍ ଅଧିକାରୀ ଗିରଫ

■ **ମାଲକାନଗିରି, ୧।୬ (ସମିସ):** ନିଜକୁ ଆଇଏଏସ ଅଧିକାରୀ ପରିଚୟ ଦେଇ ଚାକିରି କରି ଦେବା ବାହାନାରେ ଠକୁଥିଲା ଅଭିଯୁକ୍ତ। ମାଲକାନଗିରି ଜିଲ୍ଲାରୁ ୨ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଏଭଳି ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ପୁଲିସ ଭୁବନେଶ୍ୱରରୁ ଗିରଫ କରିଛି।

ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଚାର୍ଡିଆ ଗ୍ରାମର ମନୋଜ ସୁତାର କଟକର ଷ୍ଟୁଆର୍ଟ ପାଟଣାରେ ବସବାସ କରୁଥିଲା। ସେ ନିଜକୁ ଆଇଏଏସ୍ ଅଧିକାରୀ ବୋଲି ପରିଚୟ ଦେଇ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ ନର୍ସ ଚାକିରି କରାଇଦେବା ନାମରେ ଏମ୍.ଭି. ୪୨ ଗ୍ରାମର ଦୁଇଜଣ



ମହିଳାଙ୍କୁ ପ୍ରଲୋଭନ ଦେଖାଇ ଜଣଙ୍କଠାରୁ ୪ ଲକ୍ଷ ଓ ଅନ୍ୟ ଜଣଙ୍କଠାରୁ ୪.୫୦ ଲକ୍ଷ ଟଙ୍କା ଠକି ନେଇଥିବା ମାଲକାନଗିରି ଥାନାରେ ଗତ ୨୮.୧୨.୨୦୨୩ରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ମାଲକାନଗିରି ପୁଲିସ ଏକ ଦଳ ଗଠନ କରି ▶ପୃଷ୍ଠା-୧୩





# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ବୁଥ୍‌ବାହୁଡ଼ା ଜନମତ ସର୍ଭେ

| ଲୋକସଭା | ବିଧାନସଭା | ପ୍ରଥମ ପର୍ଯ୍ୟାୟ | ଦ୍ୱିତୀୟ ପର୍ଯ୍ୟାୟ | ତୃତୀୟ ପର୍ଯ୍ୟାୟ | ଚତୁର୍ଥ ପର୍ଯ୍ୟାୟ |
|---|---|---|---|---|---|
| ମୋଟ ଆସନ-୨୧ | ମୋଟ ଆସନ-୧୪୭ | ଆସନ-୨୮ | ଆସନ-୩୫ | ଆସନ-୪୨ | ଆସନ-୪୨ |
| ବିଜେଡି-୧୧ | ବିଜେଡି-୧୧୭ | ବିଜେଡି-୨୩ | ବିଜେଡି-୨୭ | ବିଜେଡି-୩୩ | ବିଜେଡି-୩୪ |
| ବିଜେପି-୬ | ବିଜେପି-୧୧ | ବିଜେପି-୨ | ବିଜେପି-୩ | ବିଜେପି-୩ | ବିଜେପି-୩ |
| କଂଗ୍ରେସ ଏବଂ ଅନ୍ୟାନ୍ୟ-୦ | କଂଗ୍ରେସ ଏବଂ ଅନ୍ୟାନ୍ୟ-୩ | କଂଗ୍ରେସ ଏବଂ ଅନ୍ୟାନ୍ୟ-୧ | କଂଗ୍ରେସ ଏବଂ ଅନ୍ୟାନ୍ୟ-୨ | କଂଗ୍ରେସ ଏବଂ ଅନ୍ୟାନ୍ୟ-୦ | କଂଗ୍ରେସ ଏବଂ ଅନ୍ୟାନ୍ୟ-୦ |
| କଡ଼ା ମୁକାବିଲା-୪ | କଡ଼ା ମୁକାବିଲା-୧୬ | କଡ଼ା ମୁକାବିଲା-୨ | କଡ଼ା ମୁକାବିଲା-୩ | କଡ଼ା ମୁକାବିଲା-୬ | କଡ଼ା ମୁକାବିଲା-୫ |

| ଲୋକସଭା | ବିଧାନସଭା ନିର୍ବାଚନମଣ୍ଡଳୀ | | | | | | |
|---|---|---|---|---|---|---|---|
| ନବରଙ୍ଗପୁର | ନବରଙ୍ଗପୁର | ଝରିଗାଁ | ଡାବୁଗାଁ | ଉମରକୋଟ | କୋଟପାଡ଼ | ମାଲକାନଗିରି | ଚିତ୍ରକୋଣ୍ଡା |
| ବିଜେପି | ବିଜେପି | ବିଜେଡି | ବିଜେଡି | ବିଜେପି | ବିଜେଡି | ବିଜେଡି | ବିଜେଡି |
| କୋରାପୁଟ | ଜୟପୁର | କୋରାପୁଟ | ପଟାଙ୍ଗି | ଲକ୍ଷ୍ମୀପୁର | ରାୟଗଡ଼ା | ବିଷମକଟକ | ଗୁଣପୁର |
| ବିଜେଡି | କଂଗ୍ରେସ | ବିଜେଡି | ବିଜେଡି | ବିଜେଡି-କଂଗ୍ରେସ ମୁକାବିଲା | ବିଜେଡି | ବିଜେଡି | ବିଜେଡି |
| କଳାହାଣ୍ଡି | ଭବାନୀପାଟଣା | ନର୍ଲା | ଲାଞ୍ଜିଗଡ଼ | ଜୁନାଗଡ଼ | ଧର୍ମଗଡ଼ | ନୂଆପଡ଼ା | ଖରିଆର |
| ବିଜେପି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ବ୍ରହ୍ମପୁର | ବ୍ରହ୍ମପୁର | ଗୋପାଳପୁର | ଛତ୍ରପୁର | ଚିକିଟି | ଦିଗପହଣ୍ଡି | ମୋହନା | ପାରଳାଖେମୁଣ୍ଡି |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି |
| ଆସ୍କା | ଆସ୍କା | ହିଞ୍ଜିଳି | ପୋଲସରା | କବିସୂର୍ଯ୍ୟନଗର | ସୋରଡ଼ା | ସାନଖେମୁଣ୍ଡି | ଖଲିକୋଟ |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | କଂଗ୍ରେସ | ବିଜେଡି |
| କନ୍ଧମାଳ | ଫୁଲବାଣୀ | ଜି.ଉଦୟଗିରି | ବାଲିଗୁଡ଼ା | ଭଞ୍ଜନଗର | ଦଶପଲ୍ଲା | କଣ୍ଟାମାଳ | ବୌଦ୍ଧ |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେପି | ବିଜେଡି |
| ବଲାଙ୍ଗୀର | ବଲାଙ୍ଗୀର | ଟିଟିଲାଗଡ଼ | ଲୋଇସିଂହା | ପାଟଣାଗଡ଼ | କଣ୍ଟାବାଞ୍ଜି | ବୀରମହାରାଜପୁର | ସୋନପୁର |
| ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି |
| ବରଗଡ଼ | ପଦ୍ମପୁର | ବିଜେପୁର | ବରଗଡ଼ | ଅତାବିରା | ଭଟଲି | ବ୍ରଜରାଜନଗର | ଝାରସୁଗୁଡ଼ା |
| ବିଜେପି | ବିଜେଡି | ବିଜେଡି | ବିଜେଡି | ବିଜେପି | ବିଜେଡି | ବିଜେଡି | ବିଜେଡି |
| ସୁନ୍ଦରଗଡ଼ | ରାଉରକେଲା | ରଘୁନାଥପାଲୀ | ବୀରମିତ୍ରପୁର | ସୁନ୍ଦରଗଡ଼ | ତଲସରା | ବଣାଇ | ରାଜଗାଙ୍ଗପୁର |
| ବିଜେପି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେପି | ସିପିଆଇ(ଏମ୍) | ବିଜେଡି-ବିଜେପି ମୁକାବିଲା |
| ସମ୍ବଲପୁର | ରେଙ୍ଗାଲି | କୁଚିଣ୍ଡା | ରେଢ଼ାଖୋଲ | ସମ୍ବଲପୁର | ଦେବଗଡ଼ | ଆଠମଲ୍ଲିକ | ଛେଣ୍ଡିପଦା |
| ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେପି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି |
| ଢେଙ୍କାନାଳ | ଅନୁଗୁଳ | ତାଳଚେର | ପାଲଲହଡ଼ା | ପରଜଙ୍ଗ | କାମାକ୍ଷାନଗର | ଢେଙ୍କାନାଳ | ହିନ୍ଦୋଳ |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି |
| କେନ୍ଦୁଝର | ଚମ୍ପୁଆ | ପାଟଣା | ତେଲକୋଇ | କେନ୍ଦୁଝର | ଘଷିପୁରା | ଆନନ୍ଦପୁର | କରଞ୍ଜିଆ |
| ବିଜେପି | ବିଜେଡି | ବିଜେପି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେପି |
| କଟକ | ବଡ଼ମ୍ବା | ବାଙ୍କୀ | ଆଠଗଡ଼ | ବାରବାଟୀ-କଟକ | କଟକ ସଦର | ଚୌଦ୍ୱାର-କଟକ | ଖଣ୍ଡପଡ଼ା |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ଭୁବନେଶ୍ୱର | ଏକାମ୍ର | ଭୁବନେଶ୍ୱର ମଧ୍ୟ | ଭୁବନେଶ୍ୱର ଉତ୍ତର | ଜୟଦେବ | ଜଟଣୀ | ବେଗୁନିଆ | ଖୋର୍ଦ୍ଧା |
| ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ପୁରୀ | ପୁରୀ | ବ୍ରହ୍ମଗିରି | ସତ୍ୟବାଦୀ | ପିପିଲି | ଚିଲିକା | ରଣପୁର | ନୟାଗଡ଼ |
| ବିଜେପି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ମୟୂରଭଞ୍ଜ | ରାଇରଙ୍ଗପୁର | ଯଶୀପୁର | ସାରସକଣା | ଉଦଳା | ବାରିପଦା | ବାଙ୍ଗିରିପୋଷୀ | ମୋରଡ଼ା |
| ବିଜେଡି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେପି |
| ବାଲେଶ୍ୱର | ବଡ଼ସାହି | ନୀଳଗିରି | ରେମୁଣା | ବାଲେଶ୍ୱର | ବସ୍ତା | ଜଳେଶ୍ୱର | ଭୋଗରାଇ |
| ବିଜେଡି-ବିଜେପି ମୁକାବିଲା | ବିଜେଡି-ବିଜେପି ମୁକାବିଲା | ବିଜେଡି-ବିଜେପି ମୁକାବିଲା | ବିଜେପି | ବିଜେଡି-ବିଜେପି ମୁକାବିଲା | ବିଜେଡି | ବିଜେଡି | ବିଜେଡି |
| ଭଦ୍ରକ | ଭଦ୍ରକ | ଚାନ୍ଦବାଲି | ଧାମନଗର | ବାସୁଦେବପୁର | ଭଣ୍ଡାରୀପୋଖରୀ | ସିମୁଳିଆ | ସୋର |
| ବିଜେଡି | ବିଜେଡି | ବିଜେଡି-ବିଜେପି ମୁକାବିଲା | ବିଜେପି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ଯାଜପୁର | ଯାଜପୁର | କୋରେଇ | ବିଞ୍ଝାରପୁର | ସୁକିନ୍ଦା | ବଡ଼ଚଣା | ବରୀ | ଧର୍ମଶାଳା |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା | ମହାକାଳପଡ଼ା | ପାଟକୁରା | ମାହାଙ୍ଗା | ସାଲେପୁର | ରାଜନଗର | ଆଳି |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |
| ଜଗତସିଂହପୁର | ନିମାପଡ଼ା | କାକଟପୁର | ନିଆଳି | ପାରାଦୀପ | ବାଲିକୁଦା-ଏରସମା | ତିର୍ତ୍ତୋଲ | ଜଗତସିଂହପୁର |
| ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି | ବିଜେଡି |

# ବାହାନଗା ଟ୍ରେନ୍ ଟ୍ରାଜେଡ଼ିକୁ ବର୍ଷେ...



ବାଲେଶ୍ୱର, ୧।୬(ସମିସ): ୨ ଜୁନ୍ ୨୦୨୩ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିଲା ଛାତିଥରା ଟ୍ରେନ୍ ଟ୍ରାଜେଡି। କେହି କିଛି ବୁଝିବା ଆଗରୁ କିଛି କ୍ଷଣ ମଧ୍ୟରେ ତିନିଟି ଟ୍ରେନ୍ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ଏଥିରେ ୯ଶହରୁ ଅଧିକ ଯାତ୍ରୀ ଆହତ ହେବା ସହ ପାଖାପାଖି ୨୮୮ରୁ ଅଧିକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହି କାଳରାତ୍ରିକୁ ଏବେ ବର୍ଷେ ପୂରିଛି। ହେଲେ ସେହି ରାତିର ଭୟଙ୍କର, ଲୋମଟାଙ୍କୁରା ଦୃଶ୍ୟକୁ ମନେ ପକାଇଲେ ଅଜଣା ଭୟ ସୃଷ୍ଟି ହେଉଛି।

ଦକ୍ଷିଣ ପୂର୍ବ ରେଳବାଇର ଖଡଗପୁର ରେଳ ଡିଭିଜନ ଅର୍ନ୍ତଗତ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ୨୦୨୩ ଜୁନ ଦୁଇ ତାରିଖ ସନ୍ଧ୍ୟା ୬.୪୦ରେ ଘଟିଥିଲା ଏହି ଛାତିଥରା ଟ୍ରେନ ଦୁର୍ଘଟଣା। ଦୁଇ ନମ୍ବର ଟ୍ରାକରେ ଯାଉଥିବା କରମଣ୍ଡଳ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ପ୍ରଥମେ ଉକ୍ତ ଟ୍ରାକରେ ଥିବା ଏକ ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଏହି ଧକ୍କାଟି ଏତେ ଭୟଙ୍କର ଥିଲା ଯେ ଅନ୍ୟ ଏକ ଟ୍ରାକରେ ଆସୁଥିବା ଯଶୋବନ୍ତପୁର ହାୱଡା ଏକ୍ସପ୍ରେସ ଟ୍ରେନର ଶେଷ ଦୁଇଟି ବଗିରେ ବାଜିଥିଲା। ଯାହାକି ଦୀର୍ଘ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଘୋଷାରି ହୋଇଯାଇଥିଲା। ଫଳରେ ବଗି ଉପରେ ବଗି ଚଢ଼ିଯାଇଥିଲା। ଏପରିକି ରେଳ ଟ୍ରାକରୁ ବଗି ଛିଟିକି ଯାଇ ନୟନଯୋଡିକୁ ପଡ଼ିଥିବା ବେଳେ ବହୁ ଯାତ୍ରୀ ସେଥିରେ ଚାପି ହୋଇ ରହି ଯାଇଥିଲେ। ଦୁର୍ଘଟଣାରେ ୯ଶହରୁ ଅଧିକ ଯାତ୍ରୀ ଆହତ ହେବା ସହ ପାଖାପାଖି ୨୮୮ରୁ ଅଧିକ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲେ। ଏହି ଦୁର୍ଘଟଣାରେ ପାଖାପାଖି ୧୭ଟି ବଗି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ନେତାମନ୍ତ୍ରୀ ଏବଂ ରେଳ ବିଭାଗର ବରିଷ୍ଠ କର୍ମକର୍ତ୍ତା ପହଞ୍ଚିଥିଲେ। ଉକ୍ତ ରେଳ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୀର୍ଘ ୨ ମାସ ଧରି ଯାତାୟାତ ଠପ ହୋଇପଡ଼ିଥିଲା।

### ପ୍ରତିଶ୍ରୁତି ରଖିଲେ ମୁଖ୍ୟମନ୍ତ୍ରୀ

## ଶେଷ ପର୍ଯ୍ୟାୟରେ ମଡେଲ ସ୍କୁଲ ନିର୍ମାଣ



ବାହାନଗା, ୧।୬(ସମିସ) : ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନ ଉତ୍ତର ଫାଟକ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ ଟ୍ରାଜେଡିକୁ ବିତିଛି ବର୍ଷେ। ୧ ବର୍ଷ ପରେ ବି ସେହି ଜୁନ ୨ ତାରିଖ କାଳ ରାତିକୁ ଭୁଲି ପାରିନାହାନ୍ତି ବାହାନଗାବାସୀ। ଏହି ସର୍ବବୃହତ୍ ଟ୍ରେନ ଟ୍ରାଜେଡି ପରେ ଅନେକ ନେତା ମନ୍ତ୍ରୀ ବାହାନଗାକୁ ଆସି

**ବର୍ଷେ ପରେ ବି କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର**

**ଦୁର୍ଘଟଣା ପରେ ବାହାନଗା ଷ୍ଟେସନର ରୂପରେଖ ବଦଳିବା ପରିବର୍ତ୍ତେ ବିଗିଡ଼ିଛି**

**ସୁଧୁରିନି ଷ୍ଟେସନ ରାସ୍ତା, ଆଶା-ଆଶଙ୍କାରେ ଉଡ଼ନ୍ତା ରେଳ ପୋଲ**

ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାହାନଗା ଷ୍ଟେସନର ଉନ୍ନତିକରଣ, ଲୋକଙ୍କ ଦାବି ମୁତାବକ ଗୋପାଳପୁର ବାହାନଗା ରାସ୍ତାର ଉତ୍ତର ଫାଟକ ନିକଟରେ ରେଳ ଉଡ଼ନ୍ତା ପୋଲ, ଏବଂ ଆଲୋକିକରଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ବାହାନଗା ହାଇସ୍କୁଲରେ କୁଢ଼ କୁଢ଼ ଶବ ରହିଥିବା କାରଣରୁ ଛାତ୍ରଛାତ୍ରୀଙ୍କ ମନରୁ ଭୟ ଲିଭେଇବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୁଣା ସ୍କୁଲ ଗୃହକୁ ଭାଙ୍ଗି ବାହାନଗା ହାଇସ୍କୁଲକୁ ଏକ ମଡେଲ ସ୍କୁଲରେ ପରିଣତ କରିବା ପାଇଁ ଘୋଷଣା କରିଥିଲେ ଏବଂ ପରବର୍ତ୍ତୀ ସମୟରେ କାହା କାର୍ଯ୍ୟକାରୀ ହୋଇଛି। ହେଲେ ରେଳମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଉନ୍ନତିକରଣ ଦୂରେ ଥାଉ ବାହାନଗା ଷ୍ଟେସନ



ଅବସ୍ଥା ଅଧିକ ଶୋଚନୀୟ ହୋଇ ପଡ଼ିଛି। ଦୁର୍ଘଟଣା ସ୍ଥଳ ଷ୍ଟେସନ ରାସ୍ତା ମରଣଯନ୍ତା ପାଲଟିଛି। ଦୀର୍ଘ ୧ ବର୍ଷ ପରେ ବି ରାସ୍ତାର ମରାମତି ହୋଇପାରିନି। ସେହିଭଳି ରେଳ ଉଡ଼ନ୍ତା ପୋଲ ସ୍ୱପ୍ନ ପାଲଟିଛି, ବାହାନଗା-ଗୋପାଳପୁର ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କ ସହ ଜରୁରୀକାଳୀନ ସେବାରେ ନିୟୋଜିତ ଥିବା ଗାଡି ରେଳ ଫାଟକ ବନ୍ଦ ରହିବା କାରଣରୁ ଭିଡରେ ଫସି ରହିବାକୁ ପଡ଼ିଛି। ସେହିଭଳି ବାହାନଗା ଷ୍ଟେସନଟି ଯଥା ପୂର୍ବ ତଥା ପରଂ ନୀତିରେ ଆଜବେଷ୍ଟସ୍ ଛପର ତଳେ ଚାଲୁଛି। ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ ସମସ୍ୟା ଅନେକ ସମୟରେ ଲାଗିରହୁଛି। ଷ୍ଟେସନରେ ଆଲୋକୀ କରଣ ମଧ୍ୟ ସଠିକ ଭାବେ ହୋଇପାରିନାହିଁ। ସେହିଭଳି ଦୁର୍ଘଟଣା ସ୍ଥଳରେ କେବଳ ୨ ଗୋଟି ବଡ଼ ଷ୍ଟ୍ରିଟ ଲାଇଟ ଲଗାଇଛି ରେଳ ବିଭାଗ, ସେ ବି ଅନେକ ସମୟରେ ଖରାପ ହୋଇ ବନ୍ଦ ରହୁଛି। ଫଳରେ ସେଦିନ ସେହି କାଳ ରାତିରେ ଏତେ ସଂଖ୍ୟକ ଖଣ୍ଡ ବିଖଣ୍ଡିତ ମୃତଦେହ ଦେଖିଥିବା ଲୋକେ ରାତିରେ ଅନ୍ଧାରରେ ଯିବାକୁ ଭୟ କରୁଛନ୍ତି। ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ଅବିଳମ୍ବେ ପୂରଣ କରିଥିବା ବେଳେ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ବାହାନଗା ହାଇସ୍କୁଲକୁ ମଡେଲ ସ୍କୁଲ ଭାବେ ଗଢ଼ି ତୋଳିବାକୁ ୧ କୋଟି ୭୫ ଲକ୍ଷ ୮୮ ହଜାର ୨୬୯ ଟଙ୍କାର ବ୍ୟୟ ଅଟକଳରେ ନୂତନ ସ୍କୁଲ ନିର୍ମାଣ କରିଛନ୍ତି। ଯାହା ୯୦ ପ୍ରତିଶତରୁ ଉର୍ଦ୍ଧ କାର୍ଯ୍ୟ ସରିଥିବା ବେଳେ ସ୍କୁଲ ଖୋଲିଲେ ନୂଆ ରୂପରେଖ ସ୍କୁଲରେ ଛାତ୍ରଛାତ୍ରୀ ପାଠ ପଢ଼ିବେ। ଦୁର୍ଘଟଣା ରେ ଖଣ୍ଡ ବିଖଣ୍ଡିତ ମୃତଦେହ ବାହାନଗା ସରକାରୀ ହାଇସ୍କୁଲରେ କୁଢ଼ କୁଢ଼ ହୋଇ ପଡ଼ି ରହିଥିଲା। ଯାହା ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଥିଲା। ଦୁର୍ଘଟଣାର ସ୍ଥିତି ସୁଧୁରିବା ପରେ ବାହାନଗା ହାଇସ୍କୁଲକୁ ଛାତ୍ରଛାତ୍ରୀ ଯିବାକୁ ଭୟ କରିଥିଲେ, ଛାତ୍ରଛାତ୍ରୀଙ୍କ ମନରେ ଭୂତ ଭୟ ସୃଷ୍ଟି ହୋଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ସେହି ସ୍କୁଲ କୁ ଭାଙ୍ଗି ଏକ ମଡେଲ ସ୍କୁଲ ନିର୍ମାଣ କରିବାକୁ ତତ୍କ୍ଷଣାତ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି।

### ପୁରୀରେ ପୁଣି ନିଆଁ

## ଗୁଣ୍ଡିଚା ମନ୍ଦିର ନିକଟରେ ଅଗ୍ନିକାଣ୍ଡ



ପୁରୀ, ୧।୬(ସମିସ): ନରେନ୍ଦ୍ର ପୁଷ୍କରିଣୀ ବାଣ ନିଆଁର ଦୁଃଖ ସରିନି। ଏବେ ବି ହସ୍ପିଟାଲରେ ୨୧ ଜଣ ଚିକିତ୍ସିତ ହେଉଥିବା ବେଳେ ଅକାଳରେ ୯ ଜଣଙ୍କ ଜୀବନ ଗଲାଣି। ଏହି ବାଣ ବିସ୍ଫୋରଣର ଭୟ ପୁରୀବାସୀଙ୍କ ମନରୁ ଯାଇ ନ ଥିବାବେଳେ ପୁଣି ପୁରୀରେ ଘଟିଛି ନିଆଁ ଦୁର୍ଘଟଣା। ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଛି ଅଗ୍ନିକାଣ୍ଡ। ନାକଚଣା ଦ୍ୱାର ନିକଟରେ ଥିବା ଅଳିଆ ଗଦାରେ ନିଆଁ ଲାଗିଥିଲା। ଶନିବାର ଭୋର ସମୟରେ କେହି ଦୁର୍ବୃତ୍ତ ଏହି ଅଳିଆ ଗଦାରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ।

**ଅଳିଆ ଗଦାରୁ ନିଆଁ**

ଶନିବାର ଭୋରୁ ନାକଚଣା ଦ୍ୱାର ନିକଟରେ ଅଳିଆ ଗଦାରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ବ୍ୟାପିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପ୍ରବଳ ଧୂଆଁ ହେଉଥିବାରୁ ଅଗ୍ନିଶମ ବାହିନୀକୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଥିଲା। ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଳିଆ ଗଦାରେ ନିଆଁ ଲାଗିଲା କିପରି? ସବୁଠୁ ବଡ଼ କଥା ହେଉଛି ଶରଧାବାଲି ଭଳି ପବିତ୍ର ସ୍ଥାନରେ କାହିଁକି ଅଳିଆ ଗଦା ହେଉଛି? ଏ ଅଳିଆ କିଏ ଗଦା କରୁଛି? ତାହା ଖୋଳତାଡ଼ ହେବା ଦରକାର। ଏଠାରେ ଅନେକ ସମୟରେ ନିଶାଖୋରଙ୍କ ଆଡ୍ଡା ଜମୁଛି। ବର୍ତ୍ତମାନ ମନ୍ଦିର କାମ ପାଇଁ ନାକଚଣା ଦ୍ୱାର ନିକଟରେ ଖଣ୍ଡେଲାଇଟ୍ ପଥର ଗଦା ହୋଇଛି। ଏହି ପଥର ଉପରେ ବସି ନିଶାଖୋରମାନେ ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶା ଦ୍ରବ୍ୟ ଖାଉଛନ୍ତି। କେହି ବିଡ଼ି, ସିଗାରେଟ୍ ଖାଇ ଅଧାପୋଡ଼ା ଅବସ୍ଥାରେ ଅଳିଆ ଗଦାରେ ପକାଇଦେବାରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଭଉଁରି ଯାତ୍ରାରେ ବାଣ ବିସ୍ଫୋରଣ ଘଟଣା

## ମୃତ୍ୟୁ ସଂଖ୍ୟା ୧୦ ଛୁଇଁଲା

ପୁରୀ/କଟକ, ୧।୬(ସମିସ): ନରେନ୍ଦ୍ର ପୁଷ୍କରିଣୀରେ ଭଉଁରି ଯାତ୍ରା ସମୟରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ବଢ଼ିଲା ମୃତ୍ୟୁସଂଖ୍ୟା। ଚିକିତ୍ସାଧୀନ ଅବସ୍ଥାରେ ଆଉ ୪ ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ଫଳରେ ମୃତ୍ୟୁ ସଂଖ୍ୟା ୧୦ ଛୁଇଁଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଯେଉଁ ମାନଙ୍କର ଅକାଳ ବିୟୋଗ ଘଟିଛି ସେମାନେ ହେଲେ ବ୍ରହ୍ମଗିରି ଅରଖକୁଦର ଶଙ୍କର ବେହେରା (୩୮), ଦିବ୍ୟରଞ୍ଜନ ସାହୁ(୩୫), ପୁରୀ ଖଣ୍ଡିଆବନ୍ଧର ନାବାଳିକା ପ୍ରତୀକ୍ଷା ସାହୁ (୬) ଓ ପ୍ରଶାନ୍ତ ସାହୁ। ପ୍ରଥମ ଦୁଇ ଜଣଙ୍କ ଏସ୍‌ସିବିରେ ମୃତ୍ୟୁ ଘଟିଛି। ମୃତ୍ୟୁ ସଂଖ୍ୟା ଏବେ ୧୦କୁ ବୃଦ୍ଧି ପାଇଥିବା ବେଳେ ଏବେ ବିଭିନ୍ନ ହସ୍ପିଟାଲରେ ୨୧ ଜଣ ଚିକିତ୍ସାଧୀନ ଅଛନ୍ତି।







ସକାଳ
THE SAKALA



କାଳବୈଶାଖୀର ତାଣ୍ଡବ

# ଗଛ ପଡ଼ି ଟ୍ରାନ୍ସଫର୍ମର ଚୁରମାର



## ଅନ୍ଧକାରରେ ୧୧ ଗ୍ରାମର ୪ ଶହରୁ ଊର୍ଦ୍ଧ୍ୱ ପରିବାର

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧।୬(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କମ୍ବାରୀ ଗାଁର ପଞ୍ଚାୟତ ୧୧ ଗ୍ରାମର ୪୦୦ରୁ ଊର୍ଦ୍ଧ୍ୱ ପରିବାରର ୨୫୦୦ରୁ ଅଧିକ ଲୋକେ ଏବେ ଅନ୍ଧକାରରେ ରହିଛନ୍ତି। ଶୁକ୍ରବାର କାଳବୈଶାଖୀରେ ଗାଁରେ ଥିବା ବିଦ୍ୟୁତ୍ ଟ୍ରାନସଫର୍ମର ଉପରେ ଏକ ବଡ ଶୁଖିଲା ଗଛ ଧରାଶାୟୀ ହୋଇଥିଲା। ଏଥିରେ ଟ୍ରାନସଫର୍ମର ଭାଙ୍ଗିଯାଇଛି। ଏଥିଯୋଗୁଁ ୧୧ ଗ୍ରାମବାସୀ ଅନ୍ଧକାରରେ ରହିଛନ୍ତି। କୁମ୍ବାରୀଗାଁର ପ୍ରାୟ ୧୫୦ ପରିବାର, ଗବରକୁଟି ଗାଁର ୪୦ ପରିବାର, ପାଡିକିଆ ଗାଁର ୭୦ ପରିବାର, ବାଲଗୁଡ଼ି ଗ୍ରାମର ୨୦ ପରିବାର, ରାଜନଗଡ଼ ଗାଁର ୨୨ପରିବାର, ଜିରିକୁଆ ଗାଁର ୮ପରିବାର, ଜିରିଓନଗର ଗାଁର ୩୦ ପରିବାର, ମୁଣ୍ଡାପଦର ଗାଁର ୨୦ ପରିବାର, ଲମ୍ବିକିଆରି ଗାଁର ୬୦ ପରିବାର, ଦେରେଙ୍ଗ ଗାଁର ୧୨ ପରିବାର, ଟିକାନଗର ଗାଁର ୧୦ ପରିବାର ଏବେ ଅନ୍ଧକାରରେ ରହିଥିବା ଜଣାଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି, ବିଦ୍ୟୁତ୍ ସଂଯୋଗ କରିବାକୁ ସପ୍ତାହରୁ ଅଧିକ ସମୟ ଲାଗିବ ବୋଲି କହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ୟାକୁ ଗୁରୁତ୍ୱ ଦେଇ ଅତିଶୀଘ୍ର ବିଦ୍ୟୁତ୍ ବିଦ୍ୟୁତ ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧।୬(ସମିସ): କାଳ ବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ମିଞ୍ଜାପଙ୍କା ଗ୍ରାମର ୧୬ ପରିବାରଙ୍କୁ ପଲିଥିନ ଦିଆଯାଇଛି। ଗ୍ରାମର ୧୬ ପାରିବାରକୁ ଦାରିଙ୍ଗବାଡି ତହସିଲ କାଟିଙ୍ଗିଆ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ପଲିଥିନ ପ୍ରଦାନ



କରାଯାଇଥିବା ରାଜସ୍ୱ ନୀରିକ୍ଷକ ଦାୟିତ୍ୱରେ ଥିବା ବ୍ରାହ୍ମଣୀଗାଁ ରାଜସ୍ୱ ନିରୀକ୍ଷକ ରଞ୍ଜିତ କୁମାର କହଁର କହିଛନ୍ତି। ହେଲେ କାଳବୈଶାଖୀ ଝଡ଼ବର୍ଷାରେ କ୍ଷତିଗ୍ରସ୍ତଗ୍ରାମର ୧୬ ପରିବାର ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ମିଞ୍ଜାପଙ୍କା ଗ୍ରାମରେ କାଳବୈଶାଖିରେ ଅଙ୍ଗନବାଡ଼ି କେନ୍ଦ୍ର ସହିତ ୧୬ ପରିବାର ଝାଟିମାଟି ଘରର ଟିଣ ଓ ଆଜବେଷ୍ଟ ଛପର ଉଡ଼ିଯାଇଥିଲା। ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଝଡ଼ ତୋଫାନ ବର୍ଷା ହେବା ଯୋଗୁଁ ଘରର ଛାତ ଉଡ଼ି ଘର ଭିତରେ ପାଣି ଜମି ଆବଶ୍ୟକ କାଗଜପତ୍ର, ଆବାସପତ୍ର ସହିତ ଧାନ ଚାଉଳ ନଷ୍ଟ ହୋଇଥିଲା।

● ଯାନ୍ତ୍ରିକ ତ୍ରୁଟିରୁ ଅଟକିଲା ସୁପରଫାଷ୍ଟ ଟ୍ରେନ୍

## ୪୦ ମିନିଟ୍ ଧରି ଯାତ୍ରୀ ହନ୍ତସନ୍ତ




ରମ୍ଭା, ୧।୬(ସମିସ): ଶନିବାର ଦିନ ପୂର୍ବତଟ ରେଳ ପଥର ରମ୍ଭା ରେଳ ଷ୍ଟେସନର ଅନତି ଦୂରରେ ସାବୁଳିଆ ରେଲୱେ ଗେଟ୍ ନିକଟରେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ହାୱଡା-ଚେନ୍ନାଇ-ଶାଲିମାର ସୁପରଫାଷ୍ଟ ଟ୍ରେନ୍ ବି/୩ ଏସି ବଗିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ପ୍ରାୟ ୪୦ ମିନିଟ ଧରି ଟ୍ରେନ ଅଟକି ରହିଥିଲା। ଏଭଳି ସ୍ଥିତିରେ ଯାତ୍ରୀ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହୋଇଥିଲେ। ସେହିପରି ସାବୁଳିଆ ରେଲୱେ ଗେଟ୍‌ର ଉଭୟ ପାର୍ଶ୍ୱରେ ପଥିକ, ବାଟୋଇ, ଆରୋହୀ ଦୀର୍ଘ ସମୟ ଧରି ଠିଆ ହୋଇ ରହିବା ସହ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯାନ୍ତ୍ରିକ ତ୍ରୁଟିକୁ ଟ୍ରେନ ଗାର୍ଡ, କର୍ମରତ କର୍ମଚାରୀ, ତନାଘନା କରି ନିର୍ଦ୍ଦିଷ୍ଟ ବଗିରେ ଯାନ୍ତ୍ରିକ ତ୍ରୁଟିର ଚିହ୍ନଟ କରିବା ସହ ଆବଶ୍ୟକ ମରାମତି କଲା ପରେ ଟ୍ରେନଟି ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା।

## କୁକୁର ଆକ୍ରମଣରେ ବୃଦ୍ଧା ଗୁରୁତର

ବୁଗୁଡ଼ା, ୧।୬(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଅନ୍ତରପଡ଼ା ଗ୍ରାମରେ ବୁଲା କୁକୁର ଆକ୍ରମଣରେ ଜଣେ ବୃଦ୍ଧା ଆହତ ହୋଇଛନ୍ତି। ଆହତ ଜଣକ ହେଲେ ୭୦ ବର୍ଷୀୟା ରଙ୍ଗବତୀ ସେଠୀ। ଶନିବାର ମଧ୍ୟାହ୍ନରେ ରଙ୍ଗବତୀ କବାଟ ଖୋଲି ଘରେ ଶୋଇଥିଲେ। ଏତିକିବେଳେ ଏକ ବୁଲା କୁକୁର ଘର ମଧ୍ୟକୁ ପଶି ଅଚାନକ ତାଙ୍କୁ ଆକ୍ରମଣ କରି ତାଙ୍କର ମୁଣ୍ଡକୁ ବାରମ୍ବାର କାମୁଡ଼ି ଲହୁଲୁହାଣ କରିଦେଇଥିଲା। ବୃଦ୍ଧା ଜଣକ ଚିତ୍କାର କରିବାରୁ କୁକୁରଟି ସେଠାରୁ ଚାଲି ଯାଇଥିଲା। ଆହତ ଅବସ୍ଥାରେ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ଗଞ୍ଜେଇ ଜବତ, ତାମିଲନାଡୁ ଦମ୍ପତି ଗିରଫ

ଫିରିଙ୍ଗିଆ, ୧।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳ ଏବେ ଗଞ୍ଜେଇ ମାଫିଆଙ୍କ ଚରାଭୂଇଁ ପାଲଟିଥିବା ବେଳେ କିଛିଦିନ ହେଲା ଏହି ଅଞ୍ଚଳରେ ବାହାର ରାଜ୍ୟର କିଛି ଗଞ୍ଜେଇ ମାଫିଆ ଗଞ୍ଜେଇ ଚାଲାଣ କରିଚାଲିଥିବା ନଜରକୁ ଆସିଛି। ବାହାର ରାଜ୍ୟର ଗଞ୍ଜେଇ ମାଫିଆଙ୍କୁ ଏହି ଅଞ୍ଚଳର କିଛି ଗଞ୍ଜେଇ ମାଫିଆ ଗଞ୍ଜେଇ ଯୋଗାଉଥିବା ଜଣାପଡ଼ିଛି। ସେମାନଙ୍କ ଉପରେ କଡା ନଜର ରଖିଛି ଫିରିଙ୍ଗିଆ ପୁଲିସ। ନିର୍ବାଚନ ପାଇଁ କିଛିଦିନର ନୀରବତା ପରେ ଫିରିଙ୍ଗିଆ ପୁଲିସ ଗଞ୍ଜେଇ କାରବାର ଉପରେ ରୋକ ଲଗାଇବା ପାଇଁ ଆରମ୍ଭ କରିଛି ଅପରେସନ ନୀଳଜହର। ବିଭିନ୍ନ ଜାଗାରେ ଚଢ଼ଉ କରି ଜବତ କରୁଛି ଗଞ୍ଜେଇ। ଏହି ପରିପେକ୍ଷୀରେ ପୁଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ତାମିଲନାଡୁର ଏକ ଦମ୍ପତିକୁ ଗିରଫ କରିବା ସହ ସେମାନଙ୍କ ପାଖରୁ ୪ କିଲୋ ଗଞ୍ଜେଇ ଜବତ କରିଛି। ପୁଲିସର ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଦମ୍ପତି ଫିରିଙ୍ଗିଆ ଥାନା ମାସିରୀପଡ଼ା ଛକରେ ଗଞ୍ଜେଇ ଧରି ଗାଡିକୁ ଅପେକ୍ଷା କରିଥିବା ବେଳେ ପୁଲିସ ମାଡି ବସିଥିଲା। ଗିରଫ ଦମ୍ପତି ଚେନ୍ନାଇ ବିଫାଇବ ଥାନା ଫାଷ୍ଟ କ୍ରସ ଷ୍ଟ୍ରିଟ ବିଭି କଲୋନୀ ଭ୍ୟାସରପଡ଼ି ଗାଁର ପ୍ରଭୁପନିର ସେଲଭମ ଓ ତାଙ୍କ ସ୍ତ୍ରୀ ଖ୍ରୀଷ୍ଟିଆନ ମେରିସ ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ। ଦମ୍ପତି କେଉଁ କାରଣରୁ ଫିରିଙ୍ଗିଆ ଆସିଥିଲେ ଓ ସେମାନଙ୍କୁ କିଏ ଏଠାରେ ଗଞ୍ଜେଇ ଯୋଗାଇଥିଲା ସେ ଦିଗରେ ତଦନ୍ତ ଜାରି ରହିଥିବା ଏବଂ ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଲୁଙ୍କେଶ୍ୱର ପଣ୍ଡା
ଆବିର୍ଭାବ : ୧୩.୦୫.୧୯୫୨
ତିରୋଧାନ : ୨୮.୦୫.୨୦୨୪
ନଉଗୁଆ, ଅସ୍ତରଙ୍ଗ
ମନେ ପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବାର ସ୍ମୃତି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ପଦକ୍ଷେପ

## ଗଞ୍ଜାମ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ବ୍ରହ୍ମପୁର, ୧।୬(ସମିସ): ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବାକୁ ଦୁଇ ଦିନ ଥିବାବେଳେ ବିଭିନ୍ନ ସ୍ଥାନରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ ପ୍ରତିହତ କରିବା ଲାଗି ଗଞ୍ଜାମ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଗତ ୧୧ ଦିନ ମଧ୍ୟରେ ୧୧୫ ଜଣ ପେଶାଦାର ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିପରି ଗଞ୍ଜାମ ଏସ୍‌ପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରିବା ସହ ନିଜ ଉପସ୍ଥିତି ଜାହିର କରିଛି। ସେହିପରି କୌଣସି ପରିସ୍ଥିତିରେ ମଧ୍ୟ ଆଇନକୁ ନିଜ ହାତକୁ ନ ନେବା ପାଇଁ ଲୋକଙ୍କୁ ମାଇକ୍ ଯୋଗେ ସଚେତନ କରାଯାଉଛି। ଗଞ୍ଜାମ ଜିଲ୍ଲାର ଶେରଗଡ଼, ଧରାକୋଟ, ଆସ୍କା, କବିସୂର୍ଯ୍ୟନଗର, କୋଟିନଡ଼ା, ଆସିକା, ଖଲ୍ଲିକୋଟ ଥାନା ଅଞ୍ଚଳର ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି।

## ଘରେ ପଶି ଟଙ୍କା, ସୁନା ନେଇଗଲେ ଦୁର୍ବୃତ୍ତ

ଭଞ୍ଜନଗର, ୧।୬(ସମିସ): ତାରାସିଙ୍ଗି ଥାନା ଅଧୀନ କ୍ଷେତମୁଣ୍ଡାଳୀ ଗ୍ରାମ ପଞ୍ଚାୟତ ଶିଷୁଣ୍ଡା ଗ୍ରାମର ଶେଷ ମୁଣ୍ଡରେ ଥିବା ପ୍ରତାପ କରଙ୍କ ଘରେ ଚୋର ପଶି ନଗଦ ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବର୍ଷା ଓ ପବନ ଯୋଗୁଁ ବିଦ୍ୟୁତ୍ କାଟ ହୋଇଥିଲା। ବିଳମ୍ବିତ ରାତିରେ ଘରର ସମସ୍ତ ସଦସ୍ୟ ଖାଇ ସାରି ଦାଣ୍ଡ ପଟେ ଶୋଇଥିବା ସମୟରେ ଏହାର ସୁଯୋଗ ନେଇ ରାତି ପ୍ରାୟ ୧ଟା ହେବ ଘର ବାରିପଟ କବାଟ ଭାଙ୍ଗି କିଛି ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇ ଥିଲେ। ପ୍ରତାପ ରାଜ୍ୟ ବାହାରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଘରେ ତାଙ୍କର ପତ୍ନୀ, ୩ ଝିଅ, ପୁଅ ଓ ମାଆ ରହୁଥିଲେ। ଝିଅର ବିବାହ ପାଇଁ ଘରେ ସଞ୍ଚୟ କରି ରଖିଥିବା ଟଙ୍କା ଏବଂ ସୁନା ଗହଣା ସହ ଗୋଟିଏ ବାକ୍ସକୁ ଦୁର୍ବୃତ୍ତମାନେ ଘରଠାରୁ କିଛି ଦୂରକୁ ବୋହି ନେଇ ସେଠାରେ ବଳକା ଜିନିଷ ଫୋପାଡ଼ି ଥିଲେ। ତେବେ ଚୋରି ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତାପଙ୍କ ପତ୍ନୀ ଲକ୍ଷ୍ମୀ କରଙ୍କଠାରୁ



ଲିଖିତ ଅଭିଯୋଗ ପାଇ ତାରସିଙ୍ଗି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ଶେରଗଡ଼ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଶେରଗଡ଼, ୧।୬(ସମିସ): ନିର୍ବାଚନ ପୂର୍ବରୁ ପୁଲିସ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେଇଥିବା ବେଳେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଲାଗି ଶୁକ୍ରବାର ଶେରଗଡ଼ ସହର ଓ ଗ୍ରାମାଞ୍ଚଳରେ ଆସିକା ଏସ୍‌ଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ପ୍ରାୟତଃ ଚାରିରୁ ଊର୍ଦ୍ଧ୍ୱ ଗାଡ଼ିରେ ପରିକ୍ରମା କରିବା ସହ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଦୋକାନ ବଜାର ଗହଳି ରୋକିବା ସହିତ ସମସ୍ତ ଦୋକାନ ୮ଟା ପୂର୍ବରୁ ବନ୍ଦ କରିବା ଲାଗି ସୂଚନା ଦେବା ଫଳରେ ରାତ୍ରି ୮ଟା ପରେ ସମସ୍ତ ଦୋକାନ ବଜାର ବନ୍ଦ ହେବା ସହ ରାସ୍ତାଘାଟ ଶୂନଶାନ ରହୁଥିବା ଦେଖାଯାଇଛି। ଏହି କଟକଣା ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପୁଲିସ ପକ୍ଷରୁ ଘୋଷଣା ହୋଇଛି। ଅପରପକ୍ଷେ ରାତି ୮ଟା ପରେ ଦୋକାନ ବଜାର ଓ ବ୍ୟବସାୟିକ କେନ୍ଦ୍ର ବନ୍ଦ ହେବା ଫଳରେ ବ୍ୟବସାୟୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଫ୍ଲାଗ୍‌ମାର୍ଚ୍ଚ ସମୟରେ ଶେରଗଡ଼ ଥାନାଧିକାରୀ ବୀରେନ୍ଦ୍ର ସିଅଳ, ପାଟପୁର ଥାନାଧିକାରୀ, ଶେରଗଡ଼ ଥାନା ଏସ୍‌ଆଇ ସତ୍ୟଜିତ ବେଣିଆ, ଏଏସ୍‌ଆଇ ସମୀର କୁମାର ସୁନାଙ୍କ ସହିତ ଶେରଗଡ଼ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦେବଗିରି ରେଞ୍ଜରେ କୁଟୁରା ଉଦ୍ଧାର



ପାରଳାଖେମୁଣ୍ଡି, ୧।୬(ସମିସ): ଗଜପତି ଜିଲ୍ଲା ଦେବଗିରି ରେଞ୍ଜ ଅନ୍ତର୍ଗତ ନାମନଗଡ଼ରୁ ଜଙ୍ଗଲୀ କୁଟୁରାକୁ ବନବିଭାଗ ଉଦ୍ଧାର କରିଛି। ଶୁକ୍ରବାର ରାତିରେ ଜଙ୍ଗଲୀ କୁଟୁରା ହଠାତ୍ ଗ୍ରାମକୁ ଆସିଯାଇଥିଲା। କୁଟୁରା ଗର୍ଭଧାରଣ କରିଥିବାରୁ ଗ୍ରାମବାସୀ ଅତି ଯତ୍ନର ସହ ରଖି ବନ ବିଭାଗକୁ ଜଣାଇଥିଲେ। ସୂଚନା ପାଇ ଗଜପତି ଡିଏଫଓ ଏକ ସ୍ୱତନ୍ତ୍ର ଟିମକୁ ନାମନଗଡ଼ ଗ୍ରାମକୁ ପଠାଇ ଜଙ୍ଗଲୀ କୁଟୁରାକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

ଜଗଦଲପୁର ଠାକୁରାଣୀ ଯାତ୍ରା

## ମା'ଙ୍କ ଘଟ ପରିକ୍ରମା ଆରମ୍ଭ



କୁକୁଡ଼ାଖଣ୍ଡି, ୧।୬(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରଥମ ଘଟ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ ଅସ୍ଥାୟୀ ପୀଠରେ ଆଳତି ପରେ ଘଟ ପରିକ୍ରମାରେ ମା' ବାହାରିଥିଲେ। ମା'ଙ୍କ ମୁଖ୍ୟ ଘଟ ସମେତ ତିନୋଟି ପାର୍ଶ୍ୱ ଘଟକୁ ମା'ଙ୍କ ବାପା ବୋଲାଉଥିବା ବଡ଼ଶୁଣ୍ଢି ଘର ମହିଳାମାନେ ମୁଣ୍ଡରେ ଧରି ପ୍ରଥମେ ଡା. ଉମାକାନ୍ତ ସାହୁଙ୍କ ଘରେ ପ୍ରଥମ ଭୋଗ ଗ୍ରହଣ କରିବା ପରେ ଏକ ବିରାଟ ପଟୁଆରରେ ଭଣ୍ଡାରୀସାହି, କୁମ୍ଭାର ସାହି, ଶୁଣ୍ଢିସାହି ଓ ବଡବାଉରୀ ସାହି ଦେଇ ପୁଣି ଅସ୍ଥାୟୀ ମଣ୍ଡପକୁ ଫେରିଯାଇଥିଲେ। ଏହି ଅବସରରେ ବାଜାବାଜଣା, ଧୁମଧାଡକା, ସାପସାପୁଆଣି ସହିତ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲକୁ ଥିଲା ମା'ଙ୍କ ଅସ୍ଥାୟୀ ପୀଠ। ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବା ପାଇଁ ନିମଖଣ୍ଡି ଥାନା ପୁଲିସ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ପୁଣି ମା' ବଡ଼ସାହି ପରିକ୍ରମା କରିବେ ବୋଲି ଯାତ୍ରାର ଆୟୋଜକ ତଥା ସମାଜସେବୀ ପଞ୍ଚାନନ ସାହୁ କହିଛନ୍ତି।

ଷଷ୍ଠ ଦିନରେ ରାମାୟାଣାମ୍ମାଙ୍କ ଯାତ୍ରା

### ୩ ସାହିକୁ ମା'ଙ୍କ ଘଟ ପରିକ୍ରମା

ଛତ୍ରପୁର, ୧।୬(ସମିସ): ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ମା'ଙ୍କ ଘଟ ବିଭିନ୍ନ ସାହିକୁ ଭ୍ରମଣ କରି ଭୋଗ ଖାଇବାର ଅଛି। ଶନିବାର ମା'ଙ୍କ ଘଟ ଅସ୍ଥାୟୀ ଯାତ୍ରା ମଣ୍ଡପରୁ ବାହାରି ମୁଖ୍ୟ ରାସ୍ତା ଦେଇ କାରିଣୀ ସାହି, ଆତୁଲି ସାହି ଓ ଭାସ୍କର ପେଟା ଯାଇ ସାହିର ଭକ୍ତମାନଙ୍କ ଘରକୁ ଘର ଯାଇ ମା' ଭୋଗ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଦହି ଭାତ ଭୋଗ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ଆଳତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଏହି ଯାତ୍ରା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ଜନସମାଗମ




ହୋଇଥିବା ଦେଖିବାକୁ ମିଳିଥିଲା। ଯାତ୍ରା ସମୟରେ ଯେପରି କୌଣସି ଅସୁବିଧା ନ ହେବ ସେଥି ନିମନ୍ତେ ଛତ୍ରପୁର ଥାନାର ବହୁ ପୁଲିସ କର୍ମଚାରୀମାନେ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ୍.ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍.ସମରେନ୍ଦ୍ର ସେନାପତି, କୋଷାଧକ୍ଷ ପି.ରାଜୁଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି, ୧।୬(ସମିସ): ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗ୍ରାମର ଅଷ୍ଟମ ଶ୍ରେଣୀ ଛାତ୍ର ଓମ୍ ପାଣିଗ୍ରାହୀ(୧୩) ସାପ କାମୁଡ଼ାରେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। କଳିଙ୍ଗଦଳା ଗ୍ରାମର ମହେଶ୍ୱର ପାଣିଗ୍ରାହୀଙ୍କ ପୁଅ ଓମ୍ ଆନ୍ଧ୍ରପ୍ରଦେଶର ଭଗାବେଣୀ ଗ୍ରାମରେ ନିଜ ମାମୁଁ ଘରେ ରହି ପାଠ ପଢୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଓମ୍ ଯନ୍ତ୍ରଣାରେ ଛଟପଟ ହେବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣି ତାଙ୍କୁ ନିକଟସ୍ଥ ସୋମପେଟା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।



## ଯୁବକଙ୍କୁ କାଚ ବୋତଲରେ ଆକ୍ରମଣ ଅଭିଯୋଗ, ଜଣେ ଗିରଫ

**ବ୍ରହ୍ମପୁର, ୧।୬(ସମିସ):** ସ୍ଥାନୀୟ ବିଜିପୁର ଅଞ୍ଚଳରେ ଜଣେ ଯୁବକକୁ କାଚ ବୋତଲରେ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବିଜିପୁର ରଥସାହିର ୱାଇ ଶିବା ରାଓ(୪୦) ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଯେ ଗତ ୧୫ତାରିଖ ସନ୍ଧ୍ୟାରେ ବିଜିପୁର କେନାଲ ସାହିର ବସନ୍ତ ବେହେରା ନାମକ ଜଣେ ଯୁବକ ସ୍ଥାନୀୟ ବଜାରରେ କିରାଣୀ ସାମଗ୍ରୀ କିଣିବା ସମୟରେ ଶିବା ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ତାଙ୍କୁ ଗାଳିଗୁଲଜ କରିବା ସହ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବସନ୍ତଙ୍କ ମୁଣ୍ଡକୁ ଆଘାତ ଲାଗିଥିଲା। ବସନ୍ତ ଗୁରୁତର ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ୧୬୭/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶିବାକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

## ସଦ୍‌ଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ସନ୍ୟାସୀ ଦୀକ୍ଷା ଦିବସ ପାଳିତ



**ବ୍ରହ୍ମପୁର, ୧।୬(ସମିସ):** ସ୍ଥାନୀୟ ଲାଞ୍ଜିପଲ୍ଲୀ ନୂଆଁ ବନ୍ଧ ସ୍ଥିତ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଦିବ୍ୟ ଜୀବନ ସଂଘ ଲାଞ୍ଜିପଲ୍ଲୀ ଶାଖା ପକ୍ଷରୁ ସଦଗୁରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୦୦ତମ ସନ୍ୟାସୀ ଦୀକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ କଥା ବାଚକ ସ୍ୱାମୀ ହରି ଶରଣାନନ୍ଦ ସରସ୍ୱତୀ ମହାରାଜ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶ୍ୱ ବିଖ୍ୟାତ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଋଷିକେଶ ସ୍ଥିତ କୈଳାଶ ଆଶ୍ରମର ସନ୍ଥ ସ୍ୱାମୀ ବିଶ୍ୱାନନ୍ଦ ସରସ୍ୱତୀଙ୍କଠାରୁ ସନ୍ନ୍ୟାସୀ ଦୀକ୍ଷା ଗ୍ରହଣ କରିଥିଲେ। ପରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ବିଭିନ୍ନ ଦେଶକୁ ବୁଲି ବା ସହ ବହୁ ସନ୍ଥମାନଙ୍କୁ ସୃଷ୍ଟି କରିଛନ୍ତି। ସେ ୩୦୦ରୁ ଅଧିକ ଧର୍ମ ଗ୍ରନ୍ଥ ରଚନା କରିଥିବା ଏଠାରେ କୁହାଯାଇଥିଲା। ଏହା ସହ ଜୟ ଗଣେଶ କୀର୍ତ୍ତନ, ଗୁରୁସ୍ତୋତ୍ର, ଶ୍ରୀ ସୁକ୍ତୋ, ଶନିଶ୍ଳୋକ୍ ସୋତ୍ରମ୍, ଭଜନ କୀର୍ତ୍ତନ, ଶ୍ରୀରାମ ଚରିତ ମାନସ ସହ ବିଶ୍ୱର କଲ୍ୟାଣ ଜଗତର ମଙ୍ଗଳ କାମନା ନିମନ୍ତେ ମହା ମୃତ୍ୟୁଞ୍ଜୟ ମନ୍ତ୍ର, ସଫଳତା ମନ୍ତ୍ର, ଦେବୀମନ୍ତ୍ର ଏବଂ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶିବାଜି ଭୁଷଣ ବେହେରା, ପ୍ରଦୀପ ମହାରଣା, ଡି. ଚିନୀମା ରେଡ଼ି, ବି. ଚନ୍ଦ୍ରଶେଖର ରେଡିଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ ବାସ୍କେଟ୍‌ବଲ ଓ ଭାରଉତ୍ତୋଳନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର, ୧।୬(ସମିସ):** ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଦୀର୍ଘ ୨ମାସ ଧରି ଚାଲିଥିବା ଗ୍ରୀଷ୍ମ କାଳୀନ ବାସ୍କେଟ୍‌ବଲ ଓ ଭାର ଉତ୍ତୋଳନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ନାଇକ ଯୋଗଦେଇ ଶିବିରକୁ ଉଦଯାପିତ ପାରିଥିଲେ। ଶିବିରରେ ଜିଲ୍ଲାର ବିଭିନ୍ନ ଦିବ୍ୟାଳୟର ୧୬ବର୍ଷରୁ କମ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରେ ବାସ୍କେଟ୍‌ବଲ ଓ ଭାର ଉତ୍ତୋଳନରେ ମୋଟ ୫୦ଜଣ ଲେଖାଏଁ ବାଳକ ଅଂଶ ଗ୍ରହଣ କରିଥିବା ବେଳେ ୨୫ଜଣ ଲେଖାଏଁ ବାଳିକା ରହିଥିଲେ। ଶିବିରରେ କାଜଲ ସାହୁ ବାସ୍କେଟ୍‌ବଲ ପ୍ରଶିକ୍ଷଣ ଦେଇଥିବା ବେଳେ ସଞ୍ଜୀବ କୁମାର ସାହୁ ଭାର ଉତ୍ତୋଳନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୀତା କୁମାରୀ ଜେନା, ପଦ୍ମିନୀ ମହାନ୍ତି, ପଦ୍ମିନୀ ପାଢ଼ୀଙ୍କ ସମତେ ବହୁ କ୍ରୀଡାବିତ ଉପସ୍ଥିତ ଥିଲେ।



### ଅନ୍ତର୍ଜାତୀୟ ଦେହଜୀବୀ ଦିବସ ଆଜି

# ଗଞ୍ଜାମରେ ଚିହ୍ନଟ ହୋଇଛନ୍ତି ୮୨୭ ଦେହଜୀବୀ

**ବ୍ରହ୍ମପୁର, ୧।୬(ସମିସ)**

ପରିସ୍ଥିତିରେ ପଡ଼ି ମନୁଷ୍ୟ ଭିନ୍ନଭିନ୍ନ ପନ୍ଥା ଆପଣାଇବାକୁ ବାଧ ହୋଇଥାଏ। ସେଥି ମଧ୍ୟରୁ ଦେହଜୀବୀ ଭଳି ବୃତ୍ତି ଅନ୍ୟତମ। ବିଭିନ୍ନବର୍ଗର ମହିଳା ଓ ଯୁବତୀମାନେ ଏହାକୁ ରୋଜଗାରର ମାଧ୍ୟମ କରିନେଇଛନ୍ତି। ଏହା ଜରିଆରେ ଅନେକେ ନିଜ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ସମାଜରେ କିନ୍ତୁ ଏଭଳି ବୃତ୍ତିକୁ ଆଇନତଃ ମାନ୍ୟତା ମିଳିନାହିଁ। ତେବେ ଏକ୍ଷେତ୍ରରେ ଜଣେ ପୁରୁଷ ଠାରୁ ମହିଳାଙ୍କୁ କିମ୍ବା ମହିଳାଙ୍କ ଠାରୁ ପୁରୁଷଙ୍କୁ ଯେଭଳି କୌଣସି ପ୍ରକାରେ ସଂକ୍ରମଣ ନହୁଏ ସେନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଅର୍ଥାତ ଦେହଜୀବୀମାନେ କିଭଳି ସୁରକ୍ଷିତ ଦେହ ବ୍ୟବସାୟ କରିପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ। ଏହି ଦୃଷ୍ଟିରୁ ୧୯୭୬ମସିହା ଠାରୁ ପ୍ରତିବର୍ଷ ଜୁନ ୨ତାରିଖକୁ ଆନ୍ତର୍ଜାତୀୟ ଦେହଜୀବୀ ଦିବସ ବା 'ଇଣ୍ଟରନ୍ୟାସନାଲ୍ ସେକ୍ସ ୱାର୍କର ଡେ' ଭାବେ ପାଳନ କରାଯାଉଛି। ଏହି ଦିବସରେ ଏକ୍ଷେତ୍ରରେ ସମ୍ପୃକ୍ତ ମହିଳା ଓ ଯୁବତୀଙ୍କୁ ସଚେତତ କରାଯାଉଛି। ଅନ୍ୟପକ୍ଷରେ ଅସୁରକ୍ଷିତ ଯୌନ ସମ୍ପର୍କ ଅଥବା ଦେହଜୀବୀଙ୍କ ସଂସ୍ପର୍ଶରେ ଆସିଲେ ଏଚଆଇଭି ସଂକ୍ରମିତ ହେବାର ସମ୍ଭାବନା ଯଥେଷ୍ଟ ରହିଛି। ସେହିପରି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଭଞ୍ଜନଗର ଭଳି ଦୁଇଟି ପ୍ରମୁଖ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ମୋଟ ୮୨୭ଜଣ ଦେହଜୀବୀଙ୍କୁ ଚିହ୍ନଟ କରାଯାଇଛି। ସେଥି ମଧ୍ୟରେ ବ୍ରହ୍ମପୁର ସହର କିମ୍ବା ଏହାର

> **ଆର୍ଥିକ ଅନଟନ ପାଇଁ ବୃତ୍ତିକୁ ଆପଣାଉଛନ୍ତି ଅନେକ**






ଆଖପାଖ ଅଞ୍ଚଳରେ ମୋଟ ୫୨୬ଜଣ ଦେହଜୀବୀ ରହିଛନ୍ତି। ସେଥିରୁ ୧୮ରୁ ୨୦ବର୍ଷ ମଧ୍ୟରେ ୫୪ଜଣ ଦେହଜୀବୀ ଥିବା ବେଳେ ୨୧ରୁ ୨୪ବର୍ଷ ୮୪ଜଣ, ୨୫ରୁ ୪୩ବର୍ଷରେ ସର୍ବାଧିକ ୩୮୬ଜଣ ଓ ୪୫ବର୍ଷରୁ ଊର୍ଦ୍ଧ୍ୱ ମାତ୍ର ୨ଜଣ ଥିବା ଏକ ସର୍ଭେରୁ ଜଣାପଡ଼ିଛି। ସେହିପରି ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ମୋଟ ୩୦୧ଜଣ ଦେହଜୀବୀ ଥିବା ଜଣାପଡ଼ିଛି। ସେଥିରୁ ୧୮ରୁ ୨୦ବର୍ଷ ମଧ୍ୟରେ ୧୮ ଜଣ ଦେହଜୀବୀ ଥିବାବେଳେ ୨୧ରୁ ୨୪ବର୍ଷ ୬୪ଜଣ, ୨୫ରୁ ୪୩ବର୍ଷ ସର୍ବାଧିକ ୨୧୯ଜଣ ରହିଛନ୍ତି। ଜିଲ୍ଲାରେ ଚିହ୍ନଟ ଦେହଜୀବୀଙ୍କ ମଧ୍ୟରୁ ହାତ ଗଣତି ଦେହଜୀବୀ ଏଚଆଇଭି ସଂକ୍ରମିତ ଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସେହିଭଳି ଚିହ୍ନଟ ଦେହଜୀବୀଙ୍କ ମଧ୍ୟରୁ ଶତକଡ଼ା ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ବିବାହିତ ଥିବା ସୂଚନା ମିଳିଛି। ଏଭଳି ଦେହଜୀବୀଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମେତ ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତିର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଦ୍ୱାରା ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହାତକୁ ନିଆଯାଇଛି। ସେଥି ମଧ୍ୟରୁ ଓଡ଼ିଶାରେ ପ୍ରାୟ ୪୦ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଅରୁଣା ଏନଜିଓ 'ଟାର୍ଗେଟେଡ ଇଣ୍ଟରଭେନସନ' ନାମକ ଏକ ପ୍ରୋଜେକ୍ଟ ଜରିଆରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଅରୁଣା ଏନଜିଓ ନିର୍ଦ୍ଦେଶକ ଲୋକନାଥ ମିଶ୍ର କହିଛନ୍ତି। ଏଭଳି ଦେହଜୀବୀଙ୍କୁ ଚିହ୍ନଟ କରି ସେମାନଙ୍କ ବିଭିନ୍ନ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏବଂ ସୁରକ୍ଷିତ ଯୌନସମ୍ପର୍କ ଅଥବା ନିଜକୁ କିଭଳି ବିଭିନ୍ନ ସଂକ୍ରମଣ ରୋଗ ଠାରୁ ଦୂରେଇ ରଖାଯାଇପାରିବ ସେନେଇ ନିଆଯାଉଥିବା ପଦେକ୍ଷପ ସମ୍ପର୍କରେ ଏନଜିଓ ପକ୍ଷରୁ ସଚେତନ କରାଯାଇଥାଏ। ଏଥି ସହିତ ଦେହଜୀବୀମାନେ ଯେକୌଣସି ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସମୟରେ କଣ୍ଡମ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଫଳରେ ଏଚଆଇଭି ରୋଗର ସଂଖ୍ୟା ହ୍ରାସ ପାଇବା ସହ ଦେହଜୀବୀମାନେ ଯେକୌଣସି ମାରାତ୍ମକ ରୋଗର ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି ମିଶ୍ର କହିଛନ୍ତି। ସେହିପରି ସାଧାରଣତଃ ଅଧିକାଂଶ ମହିଳା ଓ ଯୁବତୀ ପାରିବାରର ଆର୍ଥିକ ଅଭାବକୁ ଦୂର କରିବା ନିମନ୍ତେ ଏଭଳି ବୃତ୍ତିକୁ ଆପଣାଉଥିବା ଜଣାପଡ଼ିଛି। ତେବେ ଏଭଳି ପରିବାର ଗୁଡିକୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଥିବା ନେଇ ସେମାନଙ୍କୁ ସଚେତନ କରାଇ ଏହାର ଲାଭ ଉଠାଇବାକୁ ମଧ୍ୟ କୁହାଯାଉଥିବା କହିଛନ୍ତି 'ଅରୁଣା'ର ନିର୍ଦ୍ଦେଶକ ଲୋକନାଥ ମିଶ୍ର।

# ଚିନ୍ମୟ ମିଶନର 'ସତ୍ୟମେବ ଜୟ' କର୍ମଶାଳା ଉଦ୍‌ଯାପିତ



**ବ୍ରହ୍ମପୁର, ୧।୬(ସମିସ)**

ସ୍ଥାନୀୟ ବସନ୍ତ ବିହାର ସ୍ଥିତ ଚିନ୍ମୟ ମିଶନ ପକ୍ଷରୁ ଦୀର୍ଘ ୫ଦିନ ହେବ ଆୟୋଜିତ 'ସତ୍ୟ ମେବ ଜୟ' କର୍ମଶାଳା ଉଦଯାପିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୫ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଯୋଗ, ବ୍ୟାୟାମ, ଗୀତ ଓ ଖେଳ ସମତେ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ସଦାଶିବାନନ୍ଦ ଜୀ ପରିଚାଳନା କରିଥିଲେ। ସେହିପରି ରାଉରକେଲା ଚିନ୍ମୟ ବିଦ୍ୟାଳୟରୁ ଆସିଥିବା ପ୍ରତିଭା ଚୈତନ୍ୟ ଆଚାର୍ଯ୍ୟ ଶିବିରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇଥିଲେ। ଶେଷଦିନରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କୁ ନେଇ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଚିନ୍ମୟ ମିଶନ ବହୁ ସଦସ୍ୟ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ ଘଟଣା

## ପୁଲିସ ସ୍କାନର୍‌ରେ ଫେରାର 'ରବି'

**ବ୍ରହ୍ମପୁର, ୧।୬(ସମିସ):** ଗତ ୨୯ତାରିଖ ରାତିରେ କିଛି ଦୁର୍ବୃତ୍ତ ସ୍ଥାନୀୟ ଏମ୍‌କେସିଜି ମେଡିକାଲ ଖେଳପଡ଼ିଆରେ ବସି ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ପକ୍ଷରୁ ଅତର୍କିତ ଚଢଉ କରାଯାଇଥିଲା। ଚଢଉ ବେଳେ ଘଟଣା ସ୍ଥଳରୁ ଲାଞ୍ଜିପଲ୍ଲୀ କାଞ୍ଜିଆମ୍ମା ମନ୍ଦିର ସାହିର ଏନ. ପ୍ରସାଦ ପାତ୍ର ଓରଫ ପେଚୁ, ଲାଞ୍ଜିପଲ୍ଲୀ ଡିପ ସାହିର ସମୀର ବିଷୋୟୀ ଓରଫ ବାବୁ, ରାମନଗର ପ୍ରଥମ ଲାଇନର ଡି. ସରୋଜ ପାତ୍ର ଓରଫ ଗୋପାଳ, ଗଜପତିନଗର ୫ମ ଲାଇନର ଭବାନୀଶଙ୍କର ମହାରଣାଙ୍କୁ ଗିରଫ କରାଯାଇଥିଲା। ତେବେ ଘଟଣା ସ୍ଥଳରୁ ଗଜପତି ନଗର ୫ମ ଲାଇନର ରବୀନ୍ଦ୍ର ମହାରଣା ପୁଲିସ ଆଖିରେ ଧୂଳି ଦେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା। ରବୀନ୍ଦ୍ରକୁ ପୁଲିସ ଟିମ ଗୋଡାଇଥିଲେ ହେଁ ତାକୁ ଧରିବାରେ ବିଫଳ ହୋଇଥିଲା। ଫେରାର ରବିକୁ ଧରିବା ପାଇଁ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବାବେଳେ ସେ ଗିରଫଦାରୀକୁ ଏଡାଇବାକୁ ଯାଇ ସହର ଛାଡି ଅନ୍ୟତ୍ର ପଳାୟନ କରିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ପୁଲିସ ରବିର ମୋବାଇଲ ଟ୍ରାକିଂ ଜାରି ରଖିବା ସହ ତା'ର ବନ୍ଧୁମାନଙ୍କୁ ପଚାରଉଚର।



କରୁଥିବା ଜଣାପଡ଼ିଛି। ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ଼, ୬ଟି ମୋବାଇଲ ଓ ୨ଟି ବାଇକ ଜବତ ହୋଇଥିଲା। ଘଟଣାକୁ ନେଇ ଏଏସଆଇ ବିଜୟ କୁମାର ସୁନା ଶଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ରବିର ଗିରଫ ପରେ ଅଧିକ କିଛି ତଥ୍ୟ ମିଳିପାରିବ ବୋଲି ପୁଲିସ ଆଶା ରଖିଛି।

# 'ପିଚୁ' ଢଳେଇରେ ଦୁର୍ନୀତିର ଗନ୍ଧ!

**ବ୍ରହ୍ମପୁର, ୧।୬(ସମିସ)**

ରେଶମ ସହର ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ। କେଉଁଠି ଅଧପନ୍ତରିଆ ଭାବେ ରାସ୍ତା ନିର୍ମାଣ ରହିଯାଇଛି ତ ଆଉ କେଉଁଠି ତରବରିଆ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶେଷ କରିଦିଆଯାଇଛି। ସାଧାରଣତଃ ଲୋକଙ୍କ ଯାତାୟତରେ ଯେଭଳି ସମସ୍ୟା ନଉପୁଜେ ସେଥିପାଇଁ ରାତି ସମୟରେ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥାଏ। ତେବେ ଏହି ରାତି ଅଧିଆ ନିର୍ମାଣ କାର୍ଯ୍ୟର ସୁଯୋଗ ନେଉଛନ୍ତି କିଛି ଅସାଧୁ ଠିକାଦାର। ଏଥିରେ ବିଭାଗୀୟ ଅଧିକାରୀଙ୍କର ମଧୁଚନ୍ଦ୍ରିକା ରହିଥିବା ଅଭିଯୋଗ ହେଉଛି। ପିଚୁ ଢଳେଇ ନେଇ ଅନେକ ବୈଷୟିକ ନିତିନିୟମ ମଧ୍ୟ ରହିଛି। ପିଚୁର ମାନ ସହିତ ଢଳେଇ ସମୟରେ ପିଚୁର ତାପମାତ୍ରା ଏପରିକି ବିଭିନ୍ନ ସ୍ତରରେ ପିଚୁ ରାସ୍ତା ନିର୍ମାଣ ପାଇଁ ମଧ୍ୟ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ଅନେକ କ୍ଷେତ୍ରରେ ଏସବୁ ମାର୍ଗଦର୍ଶିକାର ଖୋଲାଖୋଲି ଉଲଂଘନ କରାଯାଉଥିବା ଦେଖିବାକୁ ମିଳୁଛି। ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ ଯୋଗୁଁ କେଉଁଠି ପିଚୁ ଉଠିଯାଉଛି ତ ଆଉ କେଉଁଠି ପିଚୁ ଦବି ଯାଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ କୁହୁଳୁଥିବା ଦେଖିବାକୁ ମିଳୁଛି। ସବୁଠାରୁ ବଡକଥା ହେଲା ପିଚୁ ରାସ୍ତା ନିର୍ମାଣ ସମୟରେ ମୁଖ୍ୟତଃ ପିଚୁ ଢଳେଇ ପରେ ଦିନେ କିମ୍ବା ଦୁଇ ଦିନର ବ୍ୟବଧାନ ପରେ ପିଚୁ ରାସ୍ତାରେ ବାଲି ବିଛାଇବା ସହ ପୁଣି ଥରେ ରୋଲର ଚଲାଇବା ନିୟମ ରହିଛି। ଯାହାକୁ ଆଦୌ ଅନୁପାଳନ କରାଯାଉନଥିବା ଦେଖିବାକୁ ମିଳୁଛି। ସେହିଭଳି ପିଚୁ କାମ ହେଉ ଅଥବା ଅନ୍ୟ ଯେକୌଣସି ପ୍ରକଳ୍ପ କାର୍ଯ୍ୟ ହେଉ ବିଏମସି ବା ବ୍ରହ୍ମପୁର ମହାନଗର ନିଗମର ପୂର୍ତ୍ତ ବିଭାଗ ଅଧୀନରେ ଯନ୍ତ୍ରୀଙ୍କ ସମେତ ୱାର୍କ ସରକାର ବା ସୁପରଭାଇଜର ନିୟୋଜିତ ଅଛନ୍ତି। ଯେଉଁମାନଙ୍କ ଉପସ୍ଥିତିରେ ଏପରିକି ଯନ୍ତ୍ରୀଙ୍କ ନିୟମିତ ତଦାରଖରେ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହେବା କଥା। ଯାହା ପ୍ରାୟତଃ କୌଣସି ପ୍ରକଳ୍ପ କାର୍ଯ୍ୟରେ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷରେ ପିଚୁ ରାସ୍ତା ଓ ଅନ୍ୟ ପ୍ରକଳ୍ପ କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ ଅଥବା ଅନ୍ୟାନ୍ୟ ସମସ୍ୟାକୁ ନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗକଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ଅସାଧୁ ମେଣ୍ଟ ବା ମଧୁଚନ୍ଦ୍ରିକା ଥିବା ନେଇ ମଧ୍ୟ ସାଧାରଣରେ ଅଭିଯୋଗ ହେଉଛି। ବର୍ତ୍ତମାନ ଆଦର୍ଶ ନିର୍ବାଚନ ଆଚରଣ ବିଧି ଜାରି ରହିଥିବା ଯୋଗୁଁ ଯଦିଓ ବିଭିନ୍ନ ଅଞ୍ଚଳବାସୀ ଚୁପ ରହିଛନ୍ତି ତେବେ ସମସ୍ତେ ଅପେକ୍ଷା କରିଛନ୍ତି ଆଚରଣ ବିଧି ହଟିବା ପରେ ବିଏମସି ଘେରାଓ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏଣୁ ନିମ୍ନମାନର କାର୍ଯ୍ୟ ଓ ଠିକାଦାରଙ୍କ ସହିତ ଅଧିକାରୀଙ୍କ ମଧ୍ୟରେ ଥିବା ଅସାଧୁ ମେଣ୍ଟ ଜନିତ ଲୋକଙ୍କୁ ସମ୍ମୁଖୀନ ହେବାକୁ ପଡୁଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗକୁ ଏକ ବଡ ଧରଣର ଆନ୍ଦୋଳନ ଗଢି ଉଠିବାର ଆଶଙ୍କା ସୃଷ୍ଟି ହୋଇଥିବା ଜଣାପଡ଼ିଛି।



(ଫାଇଲ୍ ଫଟୋ)

- ଗଡୁନି ରୋଲର, ପଡୁନି ବାଲି
- ପିଚୁ ରାସ୍ତା କାର୍ଯ୍ୟକୁ ନେଇ ସନ୍ଦେହରେ ସହରବାସୀ
- ରାସ୍ତା ନିର୍ମାଣ ସରିବା ପୂର୍ବରୁ ଉଠିଯାଉଛି ପିଚୁ
- କୁହୁଳୁଛି ଜନଅସନ୍ତୋଷ
- ଠିକାଦାର ଓ ବିଇଏମସି ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ!

### ଗୋପାଳପୁର ଥାନା ଅଞ୍ଚଳ

# ଦିନକରେ ୨ଟି ଘରୁ ଚୋରି

**ବ୍ରହ୍ମପୁର, ୧।୬(ସମିସ)**

- ୭ଭରି ସୁନା ଅଳଙ୍କାର ସହ ଲକ୍ଷାଧିକ ଟଙ୍କା ଚୋରି
- ପୁଲିସ ହାତ ଖାଲି

ଗତ କିଛିଦିନ ମଧ୍ୟରେ ସହରର ଏକାଧିକ ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ରହିଥିବା ବେଳେ ଗତ ୨୯ତାରିଖ ବିଳମ୍ବିତ ରାତିରେ ଗୋପାଳପୁର ଥାନା ଇଲାକାରେ ୨ଟି ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଉଭୟ ଘଟଣାରେ ୭ଭରି ଓଜନର ସୁନା ଅଳଙ୍କାର ସମେତ ନଗଦ ୧ଲକ୍ଷରୁ ଅଧିକ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚୋରି ହୋଇଥିବା ଉଭୟ ସ୍ଥାନରୁ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତକୁ ତ୍ୱରାନ୍ୱିତ କରିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଆରୁଆପଲ୍ଲୀ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରକାଶ ରଣାଙ୍କ ଘରୁ ବଡ଼ଧରଣ ଚୋରି ହୋଇଥିବା ନେଇ ଝିଅ ପିନାକୀ ରଣା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଗତ ୨୯ତାରିଖରେ ପିନାକୀ ରଣା ସପରିବାର ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ୩୦ତାରିଖ ପୂର୍ବାହ୍ନରେ ଫେରିଥିଲେ। ଘରକୁ ଫେରିବା ବେଳେ ତାଙ୍କ ଘରର ସମ୍ମୁଖ ଭାଗର କବାଟ ଭାଙ୍ଗି ଘରେ ଥିବା ସୁନା ଅଳଙ୍କାର ଓ ନଗଦ ୫୧ହଜାର ୮୦୦ଟଙ୍କା ଚୋରି ହୋଇଥିବା ଜାଣିପାରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୧୭୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଗତ ୨୯ତାରିଖ ଦିନ ଦ୍ୱିପହରରେ ଏହି ଥାନା ଅନ୍ତର୍ଗତ ଗୁନାସାହିର ବି. ଦମୟନ୍ତୀଙ୍କ ଘରୁ ଦୁର୍ବୃତ୍ତମାନେ ୫ଭରୀ ଓଜନର ସୁନା ଅଳଙ୍କାର ସହ ନଗଦ ୬୦ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଦମୟନ୍ତୀ ବେଳାଭୂମିରେ ଥିବା ଫାଷ୍ଟଫୁଡ୍ ଦୋକାନରେ କାମ କରିବା ପାଇଁ ଅପରାହ୍ନ ୨ଟା ବେଳେ ଘରେ ତାଲା ପକାଇ ଯାଇଥିଲେ। ରାତି ୧୧ଟା ବେଳେ ଘରକୁ ଫେରିବା ବେଳେ ଘରର ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଯାଞ୍ଚପରେ ଘରେ ଥିବା ଆଲମିରାରୁ ୫ଭରି ଓଜନର ସୁନା ଅଳଙ୍କାର ଓ ନଗଦ ୬୦ହଜାର ଟଙ୍କା ଗାଏବ ଥିବା ସେ ଜାଣିବାକୁ ପାଇଥିଲେ। ପରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉପରୋକ୍ତ ଦୁଇଟି ଚୋରି ଗୋଟିଏ ଦିନରେ ହୋଇଥିବାରୁ ଗୋପାଳପୁର ଥାନା ଇଲାକାରେ ଚୋର ଗ୍ୟାଙ୍ଗ ସକ୍ରିୟ ଥିବା ପୁଲିସ ସନ୍ଦେହ କରୁଛି। ନିର୍ବାଚନ ଡ୍ୟୁଟିରେ ଥାନାର ବହୁ ପୁଲିସ କର୍ମଚାରୀ ଯାଇଥିବାରୁ ପେଟ୍ରୋଲିଂ କଡ଼ାକଡ଼ି କରିବା ସମ୍ଭବପର ହେଉନାହିଁ। ଯାହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ଏଭଳି ଲଗାତାର ଚୋରି କରିବାରେ ସଫଳ ହେଉଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଉଭୟ ଘଟଣାରେ ପୁଲିସର ହାତ ଖାଲି ଥିବା ଜଣାପଡ଼ିଛି। ପେଟ୍ରୋଲିଂ ଜୋରଦାର ନକଲେ ଆଗକୁ ଚୋରି ମାମଲା ବୃଦ୍ଧି ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

# ତିନୋଟି ଅଣୁ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ



## ସାବିତ୍ରୀ ଶାଢ଼ି

ପତ୍ନୀ ସୁମିତ୍ରାଙ୍କ ପାଇଁ ବାଛିବାଛି କରି ସମ୍ବଲପୁରୀ ପାଟ ଶାଢ଼ିଟିଏ କିଣିଥିଲେ ସୁଧୀର ଗତବର୍ଷ ସାବିତ୍ରୀ ଅମାବାସ୍ୟାରେ। ଦେଖୁଦେଖୁ ସୁମିତ୍ରା କହିଲେ, "ମୋତେ ଆସି ସତୁରି ବର୍ଷ ହେଲାଣି, ଏତେ ଦାମିକା ଶାଢ଼ି କାହିଁକି ଆଣୁଥିଲ? ମୁଁ ଆଉ କେତେ ବର୍ଷ ବଞ୍ଚିବି ଯେ ଏ ଶାଢ଼ି ପିନ୍ଧିବି। ଆଉ କ'ଣ ମୋର ଦାମୀ ଶାଢ଼ି ପିନ୍ଧି ସଉକ କରିବା ବୟସ ଆସୁଛି ! ଗୋଟେ ପାଦ ପରା ଯମପୁରୀରେ ଥାପିଲିଣି। ପିନ୍ଧିବା ବେଳେ ତ ପିନ୍ଧି ପାରିନି ଏ ବୁଢ଼ୀ କାଳେ କ'ଣ ଦରକାର, କାହିଁକି ଅଯଥା ପଇସା ସାରୁଥିଲ!"

ସୁଧୀରଙ୍କୁ ଭଲ ଭାବରେ ଜଣା ସୁମିତ୍ରାଙ୍କର ଏହି ଅଭିମାନ ଭରା ଦ୍ୟୋତନା ନିଚ୍ଛକ ବାସ୍ତବତା। ପତ୍ନୀଙ୍କ ତରୁଣୀ କିମ୍ବା ପ୍ରୌଢ଼ାବସ୍ଥାରେ ସେ ତାଙ୍କ ପାଇଁ ଦାମିକା ଶାଢ଼ି ଖଣ୍ଡେ କିଣି ଦେଇ ପାରି ନାହାନ୍ତି। ସହରରେ କିରାଣି ଚାକିରି। ଯେତିକି ଦରମା ତା'ଠୁ ଅଧିକ ଖର୍ଚ୍ଚର ତାଲିକା। ଆଗ ଥିଲା ମୁଣ୍ଡ ଉପରେ ବାପା, ମା', ଭାଇ, ଭଉଣୀଙ୍କ ବୋଝ। ତା' ପରେ ନିଜ ପିଲା ଛୁଆଙ୍କୁ ପାଠ ପଢ଼ାଇ ମଣିଷ କରିବାରେ ବିତିଗଲା ଚାକିରି ଜୀବନ। ସବୁବେଳେ ଟାଣଟୁଣ ନିଅଣ୍ଟ ଅବସ୍ଥା। ପେଟକୁ ଦେଖିଲେ ପିଠି ଫୁଙ୍ଗୁଳା ତ ପିଠି ଘୋଡ଼ାଇଲେ ପେଟ ଭୋକିଲା।

ଏବେ ପିଲାମାନଙ୍କର ମୁଣ୍ଡକୁ ହାତ ପାଇଲାଣି। ଯେତିକି ପେନସନ୍ ଦୁଇ ପ୍ରାଣୀଙ୍କ ପାଇଁ ଯଥେଷ୍ଟ। ସେଇ ପେନସନ୍ ଅର୍ଥରୁ କିଛି ଖର୍ଚ୍ଚ କରି ଶ୍ରଦ୍ଧାରେ ସ୍ତ୍ରୀ ପାଇଁ ଆଣିଥିଲେ ଶାଢ଼ିଟି ଯାହାକୁ ନେଇ ସୁମିତ୍ରା ନଚାହିଁ ବି ଉଖାରି ଦେଲେ ତାଙ୍କ ପୁରୁଣା କ୍ଷତକୁ। ଯାହାବି ହେଉ ସ୍ୱାମୀଙ୍କ ମନ ରକ୍ଷା କରିବାକୁ ସାବିତ୍ରୀ ଅମାବାସ୍ୟା ଦିନ ସେ ଶାଢ଼ିଟିକୁ ପିନ୍ଧିଥିଲେ ସୁମିତ୍ରା। ପୂଜା ସାରି ତାକୁ ଭାଙ୍ଗିକରି ରଖିଦେଲେ ପେଡ଼ିରେ। ତା'ର ଠିକ୍ ଛଅ ମାସ ଭିତରେ ଆଗ ସେପୁରକୁ ଚାଲିଗଲେ ସୁମିତ୍ରା ହଠାତ୍ ହୃଦ୍‌ଘାତରେ।

ପତ୍ନୀକୁ ହରାଇବାର ଛଅ ମାସ ବିତିଗଲାଣି। ଏ ବର୍ଷ ସାବିତ୍ରୀ ବେଳକୁ ସେ ବିପତ୍ନୀକ। ଶାଢ଼ି ଦୋକାନ, ଫଳ ଦୋକାନଗୁଡ଼ିକରେ ଭିଡ଼। ଆଗକୁ ସାବିତ୍ରୀ ଲାଗି କିଣାବିକା। ଅମାବାସ୍ୟା ଦିନ ସୀମନ୍ତିନୀଗଣ ରାସ୍ତାଘାଟ ମନ୍ଦିରରେ ଭିଡ଼ କରୁଥିବା ଦେଖି ସୁଧୀର ମନେ ପକାଉଥାନ୍ତି ସୁମିତ୍ରାଙ୍କୁ। ପେଡ଼ିରୁ କାଢ଼ି ସେ ପାଟ ଶାଢ଼ିଟିକୁ ଛୁଇଁ ଦେଇ ଝୁରୁ ଥାଆନ୍ତି ଦିବଂଗତ ପତ୍ନୀଙ୍କୁ। ■

## ରଜ ଶାଢ଼ି

ରଜ ଆସୁଥିବାରୁ କାମବାଲୀ ରମା କହିଲା , "ମା' ଗଲା ସନ ରଜରେ ସିନା ତୁମ ପୁରୁଣା ଶାଢ଼ି ଖଣ୍ଡେ ଦେଇଥିଲ ମୋର ଚଳିଗଲା। ବିଧବା ମାଇପି, ବୁଢ଼ୀ ହେଲିଣି କ'ଣ ସଜବାଜ ହେଉଛି ଯେ ନୂଆ ଦରକାର। ଏଥର କିନ୍ତୁ ନୂଆ ଛପା ଶାଢ଼ି ଖଣ୍ଡେ ଦେବ, ଝିଅ ପାଖକୁ ପଠାଇବି ରଜଭାର ସାଙ୍ଗରେ। ରେବ ମୋର ଅନେଇ ବସିଥିବ। ପିଠାପଣା, ଆମ୍ବ, ପଣସ ଫଳମୂଳ ସହ ଭଲ ଶାଢ଼ି ଖଣ୍ଡେ ନଦେଲେ କ'ଣ ଆମର ବନ୍ଧୁରେ ଇଜ୍ଜତ ରହିବ ନା ଝିଅକୁ ଶାଶୂଘରେ ଆଦର ମିଳିବ। ତୁମେ ତ ଜାଣ ଆମ ଗରିବ ଗୁରୁବାଙ୍କ କଥା। ଏ ହାତରେ ଆସି ସେ ହାତରୁ ଚାଲି ଯାଉଛି ମାସକ ମଜୁରି। କିଛି ବଳୁଛି ଯେ ପୁନେଇଁ ପର୍ବରେ ଖର୍ଚ୍ଚ କରିବୁ। ତଥାପି ଟାଣି ଓଟାରି ହେଇ ରୀତିନୀତି ପାଳିବାକୁ ପଡ଼ିବ।"

ସୁନନ୍ଦାଙ୍କ ଶାଢ଼ି ଆଲମାରୀରେ କେତେ ନୂଆ ଶାଢ଼ି ଥୁଆ ହୋଇଥାଏ। ସେସବୁ ବାହାଘର, ବ୍ରତଘରମାନଙ୍କରେ ବେଭାର ଆକାରରେ ମିଳିଥାଏ। ସେଥିରୁ କେତୋଟି ନିହାତି କାମଚଳା ବେଭାରିଆ ଆଉ କେତୋଟିର ରଙ୍ଗ, ଧଡ଼ି, କାନି ଏମିତି ଯେ ତାଙ୍କର ଆଦୌ ପସନ୍ଦ ନୁହେଁ। ସେ ସେଥିରୁ ଦୁଇଟି ଶାଢ଼ି ବାହାର କରି ରଖିଲେ ରମା ପାଇଁ ।

ପରଦିନ ସୁନନ୍ଦା ଦୁଇଟି ନୂଆ ଶାଢ଼ି ସହ ଆଉ ପାଞ୍ଚ ଶହ ଟଙ୍କା ଦେଇ ରମାକୁ କହିଲେ, "ନେ ତୁ ଗୋଟିଏ ଶାଢ଼ି ରଜରେ ପିନ୍ଧିବୁ ଆଉ ଗୋଟିଏ ତୋ ଝିଅ ପାଖକୁ ପଠାଇବୁ। ତା' ସହ ଏ ପଇସାରେ ମିଠା କିଣି ପଠାଇ ଦେବୁ ଆମ ତରଫରୁ।"

ରମା ଦୁଇଟି ନୂଆ ଶାଢ଼ି ସହ କିଛି ଟଙ୍କା ପାଇ ଖୁସି ହୋଇ କହିଲା, "ମା' ତୁମେ ଏତେ ସବୁ ଦେଇ ଋଣୀ କରି ଦେଉଛ। ତୁମ ଋଣ କେବେ କେମିତି ଶୁଝିବୁ।"

ସୁନନ୍ଦା କହିଲେ, "ତୁ ସେମିତି କାହିଁକି ଭାବୁଛୁ। ନିଜ ଘର ଭଳି ଆମର କାମ ପାଇଟି କରୁଛୁ, ରେବ କ'ଣ କେବଳ ତୋ' ଝିଅ ଆମର କେହି ନୁହଁ!" ସେତକ କହିବା ବେଳେ ତାଙ୍କ ଆଖି ଲୁହ ଛଳଛଳ ହୋଇଗଲା ନିଜ ଝିଅ ପଦ୍ମାକୁ ମନେ ପକାଇ, ଯିଏ ରହୁଛି ସାତ ସମୁଦ୍ର ପାର ଆମେରିକାରେ। ■

## କସ୍ତା ଶାଢ଼ି

ଆଗକୁ ରଜ, ସାବିତ୍ରୀ। କାମରୁ ଫେରୁଥିବା ବାଟରେ ସନିଆ ଦେଖିଲା ଲୁଗା ଦୋକାନରେ ଭାରି ଭିଡ଼। ମିଣିପି ମାଇପି ଦଳ ଦଳ ହୋଇ ବଜାର ହାଟ କରୁଛନ୍ତି। ଧୋବ ଧାଉଳିଆମାନଙ୍କୁ ଦେଖି ତା'ର ଝିଲିମିଲି ଆଲୁଅ ଜଳୁଥିବା ଦୋକାନରେ ପଶିବାକୁ ସାହସ ହେଲାନାହିଁ। କିଛି ଦୂର ଗଲାପରେ ଦେଖିଲା ରାସ୍ତା କଡ଼ରେ କଲିକତା ମାଲ ଗଦା ହୋଇଛି। ସେଇଠୁ ରତନିକୁ ମାନିବା ଭଳି କସ୍ତା ଶାଢ଼ି ଖଣ୍ଡେ କିଣିଲା ସନିଆ। ଭାବୁଥିଲା ନୂଆ ଶାଢ଼ି ଦେଖି ରତନି ଖୁସି ହେଇଯିବ ।

ତା' ଝୋପଡ଼ି ଘରକୁ ପଶୁପଶୁ ସନିଆ କହିଲା, "ଦେଖିଲୁ ରତନି ଏ ଶାଢ଼ି ଖଣ୍ଡକ ତୋତେ ମାନିବ କି ନାହିଁ! କାଲି ପରା ସାବିତ୍ରୀ ଅମେଇସା ପିନ୍ଧି ପକେଇବୁ।" ରତନି ଶାଢ଼ି ଦେଖିବା ବଦଳରେ କହିଲା: - "କାହିଁକି ଆଣୁଥିଲ ଶାଢ଼ି। ମୁଁ ପରା ତୁମ ଆସିବା ବାଟକୁ ଅନାଇ ବସିଛି ରୁନୁକୁ ଜର, ତାତିରେ ଖଇ ଫୁଟୁଛି । ତାକୁ ଡାକ୍ତର ଦେଖାଇ ବାକୁ ପଡ଼ିବ। ଔଷଧ ପଥି କିଣା ହବ। ସେଥିକୁ ପଇସା ଅଛିକି ନାହିଁ।"

ସନିଆ ଅଣ୍ଟି ଅଣ୍ଡାଳି ପକାଇଲା। ମଜୁରି ଯାହା ମିଳିଥିଲା, ସେଥିରୁ ଅଧାରୁ ଅଧିକ ଖର୍ଚ୍ଚ ହୋଇ ଯାଇଥାଏ ଶାଢ଼ି କିଣାରେ।

ତା'ର ବିବଶତା ଦେଖି ରତନି କହିଲା, "ତୁମେ ମୋ ପାଇଁ ଶାଢ଼ି କିଣି କାହିଁକି ପଇସା ବରବାଦ କରୁଥିଲ? ତୁମେ କ'ଣ ଜାଣିନ କ୍ଷେତ, କାରଖାନା, ମୂଲ ମଜୁରୀ କରିବା ଥାନ ଆମ ପାଇଁ ମନ୍ଦିର। ମେହେନତ କରି ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରିବା ଆମ ପୂଜା। ଦେହପା' ଜର ବାଧିକି ହେଲେ ଖର୍ଚ୍ଚ କରିବା ଆମ ପାଇଁ ଅଭିଶାପ। ଆଉ ଲୋକଙ୍କ ଭଳି ପର୍ବପର୍ବାଣିରେ ନୂଆ ଲୁଗା ପିନ୍ଧି ବ୍ରତ ପାଳିବା କ'ଣ ଆମ ଭାଗ୍ୟରେ ଥାଏ ? କୁହ କେତେ ଦେଇ ଆଣିଛ ଶାଢ଼ି, ମୁଁ କୁନ୍ତ ବୋଉକୁ ଦେଇ ପଇସା ନେଇ ଆସେ। ତା' ଗେରସ୍ତ ପଇସା ପଠାଇଛି ବିଦେଶରୁ । ଭୁଆସୁଣୀଟା କହୁଥିଲା କିଏ ଶାଢ଼ି ଖଣ୍ଡେ ଆଣି ଦିଅନ୍ତାକି କାଲି ପିନ୍ଧନ୍ତି।" ରତନି ହାତକୁ ଶାଢ଼ିଟି ବଢ଼ାଇ ଦେଇ ସନିଆ ଦୀର୍ଘ ନିଃଶ୍ୱାସ ପକାଇଲା। ରୁନୁକୁ କାନ୍ଧରେ ପକାଇ ବାହାରିଲା ଡାକ୍ତର ପାଖକୁ। କୁନ୍ତ ବୋଉକୁ ଶାଢ଼ି ଦେଇ ତା' ବଦଳରେ ତିନି ଶହ ଟଙ୍କା ଧରି ପଛେ ପଛେ ଚାଲୁ ଥାଏ ରତନି। ■

ଫ୍ଲାଟ୍ ନମ୍ବର -୧୦୧
ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର
ଭୁବନେଶ୍ୱର -୭୫୧୦୦୬
ମୋ: ୯୯୬୮୨୮୦୮୯୬

# ଏ ସପ୍ତାହର କବିତା

## ଖରା

ପୀତାମ୍ବର ତରାଇ



ଖରାର ନିଷ୍ଠୁର ହାତ ଚିରିଦିଏ
ମେଘର ଫରଦ
ତାତିର ରକ୍ତଝରି ଫୁଟାଏ ପଳାଶ
ଏତେବେଳେ ଖୋଜିହୁଏ
ବିରହର ଅକ୍ଷର ଭରି
ଆସନ୍ତା କି ଚିଠି
ଖରାବେଳ ସାରା ମୁଁ ଜଳନ୍ତି
ଆହୁରି ଅଧିକ
ମଧ୍ୟାହ୍ନର ଖରା ଯାଆନ୍ତା ହାରି
ସତରେ ! ଶ୍ୟାମଳୀର ଗୋଟେ ଚିଠି
ହଜାରେ ଶ୍ରାବଣଠୁ ବଳି।

ଖରାର ଏ ନିର୍ମମ ଦି'ପ୍ରହର ପାରେନା ହରାଇ ମୋତେ
ମୋ ଛାତିରେ ବିରହର ତାତି ଯେତେ
ରାସ୍ତା ସାରା ଖରାମାସ
ତଥାପି ଆହୁରି ଉତ୍ତପ୍ତ ମୋର
ଅଭିଳାଷ,ଆହୁରି ମୁଁ ଖରାଠୁ ବିବସ୍ତ୍ର
ଅବସୋସ ତୀବ୍ର ଅସନ୍ତୋଷ।

ଖରାର ଏ ଆଦିମ ଅଭ୍ୟାସ,ନୃଶଂସ ଯେତେ ପ୍ରକଟ ପ୍ରକାର
ତଥାପି ପାରିଲାକି ଶୁଖାଇ
ଶ୍ୟାମଳୀର ତିନିହାତ ବିଗଳିତ କେଶ।

ଆଜି ଏଇ ଖରାବେଳେ ଛିଡ଼ାହୋଇ
ପଡ଼ିଆରେ ଏକା
ଗାଏ ଯେଉଁ ମଧ୍ୟାହ୍ନର ଗୀତ
ତ କେହି ଶୁଣିବା ଆଗରୁ ସବୁତକ
ନେଇଯାଏ ତୋଳି
ଶ୍ୟାମଳୀର ମଧୁର ଅତୀତ
ଏତେବେଳେ ଲାଗୁଥାଏ ଶୀତ।

ହାରିଯାଏ ଖରା ଏଠି,ଯେବେ-
ବିଛେଇ ପଡ଼େ
ଶହଶହ କଳ୍ପନାର ପ୍ରେମର ଚିଠି
ବିନ୍ଦୁ ବିନ୍ଦୁ ଝାଳହୋଇ ଲାଜ ସବୁ
ଖରାର ସିଆର କାଟି ଯାଏ ଚାଲି
ଏଇ ଖରାବେଳେ
ନଈ ଓ ନାଗରୀ,ଶ୍ୟାମଳୀ
କୁଆଡ଼େ ଯାଆନ୍ତି
ଯାଆନ୍ତି କି ବାରବର୍ଷର ବର୍ଷାଖୋଜି।

ନିଷ୍ଠୁର ନିଦାଘ ଋତୁ,ଖରା ତା'ର ଅସ୍ତ୍ର
ତଥାପି ପରାଜିତ କରିପାରେ ନାହିଁ
ଶ୍ୟାମଳୀର ହସ
କିଏ ପଚାରେ ହୋ,ଖରାର ଏ
ଉଦ୍ଧତ ତାଣ୍ଡବ, ଯଦିଓ ମୋ ସାଥିରେ
ମୋ ତିଥିରେ ଅଛି ଶ୍ୟାମଳୀ
ଶୃଙ୍ଗାର।

ହେଲେ ବି, ମୁଁ କେଉଁ ପାଏକି ନିସ୍ତାର
ଗଳାରେ ପକାଇ ଖରାର ମଲ୍ଲୀହାର
ବାହାରିଲି ବୁଲି
ବୈଶାଖର ବିଦିଶା ନଗର
ହାତରେ ମୋ ଗ୍ରୀଷ୍ମର ଗଜରା !

ଖରା ମୋର ଅଶ୍ୱ ଏକ
ନେଇ ଚାଲୁ ମୋତେ, ଯେଉଁଠାରେ
ଅଛି ଶ୍ୟାମଳୀର ଖୋଲାଛାତି
ହାରିଯାଉଥିବ ହଜାରେ ଜହ୍ନରାତି। ■

ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର-୭୫୪୧୪୧
ମୋ: ୯୪୩୭୧୬୩୪୩୨



## ହା ହୁତାଶ

ପିନାକୀ ମିଶ୍ର



କୁହୁଳୁଛି ବଣ
କୁହୁଳୁଛି ମନ
କୋଉ ଖୁସି ନେଇ ବୁଲୁଛି ପବନ ?
ପାଦପ ବିଦଗ୍ଧ, କି ସାନ୍ତ୍ୱନା ଦେବ ?

ତପ୍ତ ବସୁଧା
ଦରମଲା ନଈ ଉଦାସ ଜୀବନ ରେଖା
ପୋଖରୀ ବି ଲାଗୁଛି ଦୁଃଖିନୀ ଅହଲ୍ୟା

ଅଣ୍ଡିଆ ଦିପହରେ ଉଦଣ୍ଡ ଖରା
ବଡ଼ ବେଦରଦୀ ବଇଶାଖ
ବାପୁଡ଼ାର ସାହସ କାଇଁ ?
ଦିନ ମଜୁରିଆକୁ ଦଇବ ଭରସା
ଉପରେ ଖରା ଭିତରେ ଭୋକ
ଧାସ ପେଲିପେଲି ଚାଲିଛି ପାଦ ହଳକ ।

ପ୍ରଚଣ୍ଡ ସୂର୍ଯ୍ୟ
କ୍ଳାନ୍ତ ପଥିକ
ଛାଇ ଡାକୁଛି ଯେ' ବସିଲେ କି ହବ ?
ପାଦ ଜଳୁଚି, ଛାତି ଦୋହଲୁଛି ,
ଲକ୍ଷ୍ୟ ସାଧନ ପାଇଁ ଏଠୁ ସେଠିକି ସେଠୁ ଏଠିକି
ଖରାଠୁ ବେଶୀ ଯନ୍ତ୍ରଣା ବାବୁଙ୍କ ଅନୁପସ୍ଥିତି ।

ଖରା ଚାଟି ଦେଇଛି କୁଆଁରୀ ପ୍ରପାତଝରକୁ
ଗରେ ପାଣି ପାଇଁ ତିରିଳାଙ୍କ ଲମ୍ବାଧାଡ଼ି
ତିନିକୋଷ ଗଲେ ଯାଇ ମିଳିପାରେ,
କେତେ ବୁଝିବ ଚୁଆପାଣି ଗୋଟା ଗାଁକୁ ।

ଝାଞ୍ଜି ବହୁଛି ଜୀବନ ଧାଇଁଛି
ଗଣ୍ଡିକଟା କାଠ ବୁହା ଚାଲିଛି
ବଣ ଶିକାରୀର ଚରାଭୂଇଁ
ସାରାରାତି ଗୁମୁରୁଛି ବିବସନା ବନାନୀ
ଇଏ ତ ମଣିଷର ଆତ୍ମପ୍ରବଞ୍ଚନା
ଛଳନାର ନିଆଁଝୁଲ , ନିଜେ ପଶିବା ଥୟ ।

ଆଉ ମାଗନା ଅଧିକାର
କୋଉ ଥାଳିରେ ନେବ
ରକ୍ତଛିଟା, ଛିଣ୍ଡାପର, ଆଇଁସିଆ ଗନ୍ଧ...
ଫୁଲ ପଛେ ଜଳୁଥାଉ ନହକାଡାଳରେ
ଭୋଳାଭାଳା ଲାଗୁଥିବା ମଣିଷଠି
ଗୋଖରଠୁ ବେଶୀ ଜହର ଅଛି ,

ଏଥର ବୁଝିଲ ତ
ଆକାଶର ରୁଦ୍ରରୋଷ। ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର -୧
ମୋ : ୯୪୩୮୧୧୮୩୯୭

# ପୁସ୍ତକ ପରିଚୟ

## ଗାନ୍ଧୀ : ମହାତ୍ମା ଏବଂ ସତ୍ୟଧର୍ମୀ କୁଛ୍ ଅନନ୍ୟ ପ୍ରସଙ୍ଗ୍

ସୁଜିତ କୁମାର ପୃଷେଠ୍

ଅନୁବାଦ: ଦିନେଶ କୁମାର ମାଳୀ




ୟଶ୍ ପବ୍ଲିକେଶନ୍ସ
ପଞ୍ଚଶୀଳ ଗାର୍ଡନ
ନବୀନ ଶାହଦରା, ଦିଲ୍ଲୀ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୯୯ ଟଙ୍କା

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସଂପର୍କରେ ସୁଜିତ କୁମାର ପୃଷେଠ୍‌ଙ୍କ ରଚିତ 'ଗାନ୍ଧୀ: ମହାତ୍ମା ଏବଂ ସତ୍ୟଧର୍ମୀ, କୁଛ୍ ଅନନ୍ୟ ପ୍ରସଙ୍ଗ୍' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି ଦିନେଶ କୁମାର ମାଳୀ। ଗାନ୍ଧୀଙ୍କ ସଂପର୍କିତ ୨୩ଟି ପ୍ରବନ୍ଧ ଏଥିରେ ସଂକଳିତ ହୋଇଛି। 'ଗାନ୍ଧିଜୀ: ସତ୍ୟଧର୍ମୀ', 'ସତ୍ୟଧର୍ମୀ ଗାନ୍ଧୀ: ଶତାବ୍ଦୀ', 'ମହାତ୍ମା ଗାନ୍ଧୀ କୀ କଲମ୍', ' ଇସ୍ରାଇଲ୍ ମେଁ ଗାନ୍ଧୀ କୀ ଦୋସ୍ତୀ କା ସ୍ମୃତି-ଚିହ୍ନ', 'ଏକ କିତାବ୍ କା ଯାଦୁଇ ସ୍ପର୍ଶ', 'ମଣ୍ଡେଲା କୀ ଧରତୀ ପର ଭୀମ ଭୋଇ ଏବଂ ଗାନ୍ଧିଜୀ', "ପାର୍ବତୀ ଗିରି: 'ବାଏରୀ' ସେ 'ଅଗ୍ନି କନ୍ୟା'", 'ଗାନ୍ଧିଜୀ କେ ଆଧ୍ୟାତ୍ମିକ ଶିଷ୍ୟ: ବିନୋବା', 'ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ: ବିଦେଶୀ ସଂଗ୍ରାମୀ', 'ଗଙ୍ଗାଧର କୀ 'ଭାରତୀ ଭାବନା': ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ କା ସାରସ୍ୱତ ଆଲେଖ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି। ଏହି ପ୍ରବନ୍ଧଗୁଡ଼ିକରେ ଗାନ୍ଧୀଙ୍କ ଜୀବନ, ଦର୍ଶନ, ଆଦର୍ଶ, ସମାଜସେବା, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂପର୍କରେ ଆଲୋଚିତ ହୋଇଛି। ପ୍ରକୃତରେ ମହାତ୍ମା ଗାନ୍ଧୀ ଏକ ନାମ ନୁହେଁ, ଗାନ୍ଧୀ ହେଉଛନ୍ତି ଏକ ଚେତନା, ଗାନ୍ଧୀ ଏକ ଅନନ୍ୟ ପ୍ରେରଣାର ନାମ। ଲେଖକ ପୃଷେଠ୍ ଗାନ୍ଧୀଙ୍କ ଜୀବନ ଓ ଦର୍ଶନକୁ ଅତି ତୀକ୍ଷ୍ଣ ଭାବେ ଅନୁଶୀଳନ କରିଛନ୍ତି। ତେଣୁ ପ୍ରତିଟି ପ୍ରବନ୍ଧରେ ଗାନ୍ଧୀଙ୍କ ଚିନ୍ତା ଚେତନା, ଆଦର୍ଶ,ବ୍ୟକ୍ତିତ୍ୱ, ଦେଶପ୍ରେମ, ଦେଶ ପ୍ରତି ତ୍ୟାଗ, ତିତିକ୍ଷା, ମହାନୁଭବକୁ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ ଫୁଟାଇବାରେ ଲେଖକ ସଫଳ ହୋଇଛନ୍ତି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଶିଶୁଙ୍କ ପାଇଁ ସତ ସତିଆ ଗପ

କାଳିକିଙ୍କର




କବି ବ୍ରଜନାଥ ରଥ ଫାଉଣ୍ଡେସନ୍
ସୁନହଟ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୦୦ ଟଙ୍କା

ଶିଶୁ ଓ କିଶୋର ପାଇଁ କାଳିକିଙ୍କରଙ୍କ ରଚିତ 'ଶିଶୁଙ୍କ ପାଇଁ ସତ ସତିଆ ଗପ' ପୁସ୍ତକ ପ୍ରକାଶ ପାଇଛି। 'ମହିଷାସୁର ବଧ', 'ରାଜ କୁମାରଙ୍କ ଭଲ ଗୁଣ', 'ବାଲୁ ଓ ଗିଟର','ଚୁଲି ମୁଣ୍ଡରେ ବିଲେଇ ଓ କୁକୁରଙ୍କ କଥା', 'ସତ ସତିଆ ଗପ', 'ଜୀବଙ୍କୁ ଦୟା କର', 'କାଚର ଫରୁଆରେ ରାଜକୁମାରୀ ସୌଭାଗ୍ୟବତୀ', ' ଲୋଭୀ ବିଲୁଆକୁ ଦଣ୍ଡ ମିଳିଲା', 'କାଠୁରିଆ ଓ ଗଛଲତା', ' ଅହଂକାରର ଶାସ୍ତି', 'ମାଆ ଜଙ୍ଗଲୀ ଠାକୁରାଣୀ', 'ମଣ୍ଟୁ ଓ ଟୁନି', 'ଭାସି ଭାସି ଯା' କାଗଜ ଡଙ୍ଗା' ଆଦି ଗପଗୁଡ଼ିକ ମନଛୁଆଁ ଓ ଶିକ୍ଷଣୀୟ ହୋଇଛି। 'ମହିଷାସୁର ବଧ' ଏକ ଶିକ୍ଷଣୀୟ ଗପ। ଏକାଙ୍କିକାରେ ଅଭିନୟ କରିବାର ନିଶା କିଭଳି ସ୍କୁଲର ଦୁଷ୍ଟ ପିଲାମାନଙ୍କ ଭିତରେ ଥିବା ଆଳସ୍ୟ ଗୁଣ ଛଡ଼ାଇ ଦେଇଛି, ତାହା ହୃଦୟସ୍ପର୍ଶୀ ଭାବେ ଏହି ଗପରେ ବର୍ଣ୍ଣନା କରାଯାଇଛି। "ଆଜି ଆମ ସମାଜର କୋଣଅନୁକୋଣରେ ଅସଂଖ୍ୟ ମହିଷାସୁର ଅଛନ୍ତି। ସେ ଗୁଡ଼ିକ ହେଲା ଆଳସ୍ୟ, ବିଳାସ, ଅପରିଚ୍ଛନ୍ନତା ଇତ୍ୟାଦି। କିନ୍ତୁ ଖଟୁଆ ସାର୍ ପିଲାଙ୍କୁ ମହିଷାସୁର ବଧ ଏକାଙ୍କିକାରେ ଅଭିନୟ କରେଇବା ସଙ୍ଗେ ସଙ୍ଗେ ସେମାନଙ୍କ ଭିତରୁ ଆଳସ୍ୟର ମହିଷାସୁରକୁ ବଧ କରିଦେଲେ।" ଏଭଳି ଉକ୍ତିରୁ ଏହା ସ୍ପଷ୍ଟ ଜଣାପଡୁଛି। ସେହିପରି ଲୋଭ କିଭଳି ମୃତ୍ୟୁର କାରଣ ପାଲଟିଥାଏ, ତାହା 'ଲୋଭୀ ବିଲୁଆକୁ ଦଣ୍ଡ ମିଳିଲା' ଗପରେ ଅତି ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି। ଏହି ପୁସ୍ତକର ଅନେକ ଗପରେ ବିଭିନ୍ନ ସାମାଜିକ ବାର୍ତ୍ତା ରହିଛି। 'ଶିଶୁଙ୍କ ପାଇଁ ସତ ସତିଆ ଗପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■



# ମୁଁ କାହିଁକି ଲେଖେ

## "କବିତା ବିନା ଅନ୍ଧାର ଓ ଅପ୍ରେମରେ ଜିଇଁବାକୁ ହୋଇଥାନ୍ତା ସାରା ଜୀବନ"

- ପ୍ରଦୀପ ବିଶ୍ୱାଳ



ପ୍ରାୟ ଚାରି ଦଶକରୁ ଅଧିକ କାଳ ହେଲା କବିତା ସହ ମୋର ସଂପର୍କ। ମୁଁ କବିତାକୁ ବାଛିଥିଲି କିମ୍ବା କବିତା ମୋତେ ବାଛିଥିଲା, ତାହା ଏବେ କହିବା ଦୁରୂହ। ଏହାର ଆଲୋଚନା ଏବେ ଅବାନ୍ତର ମନେ ହୁଏ । ଅବଶ୍ୟ ବଡ଼ ବିଷମ ଏ ପ୍ରୀତି ପାଳିବା । ବେଳେ ବେଳେ ମନେ ହୁଏ ମୁଁ କବିତାର ଏକ ମାଧ୍ୟମ ମାତ୍ର ଏବଂ କବିତା ସ୍ୱୟଂଭୂ। ଏହାର କାରଣ ଏହା ଯେ, ମାସ ମାସ ଧରି ମୁଁ ଧାଡ଼ିଟିଏ ଲେଖିପାରେ ନାହିଁ, ଅଥଚ ଗୋଟିଏ ସମୟରେ ଏକାଧିକ କବିତା ଲେଖି ହେଇଯାଏ । ଯେତେବେଳେ ଅନେକ କବି ପ୍ରତିଦିନ କବିତାମାନ ଲେଖି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରନ୍ତି, ମୋତେ ଆଶ୍ଚର୍ଯ୍ୟ ଲାଗେ । ଅବଶ୍ୟ ସେଥିରୁ ଅନେକ କବିତା ପଦବାଚ୍ୟ ନୁହେଁ। ମୁଁ ସେ ବହୁପ୍ରସୂ କବିମାନଙ୍କୁ ଈର୍ଷା କରିବାର କାରଣ ଖୋଜି ପାଏ ନାହିଁ । ଅନ୍ତତଃ ବର୍ଷକୁ ଦଶ ବାରଟି କବିତା ଲେଖି ମୁଁ ପ୍ରାୟ ସନ୍ତୁଷ୍ଟ ରହି ଆସିଛି। କେତେବେଳେ କେହି ସହୃଦ ପାଠକ ତାକୁ ପଢ଼ି ଚିଠି ଖଣ୍ଡେ ଦିଅନ୍ତି କିମ୍ବା ଫୋନ୍‌ରେ କଥା ହୁଅନ୍ତି । ବେଳେ ବେଳେ କେହି ପ୍ରବୀଣ ଆଲୋଚକ ମୋ କବିତା ସଂପର୍କରେ କିଛି ଉଲ୍ଲେଖ କରିଥାନ୍ତି । ତାହା ଯଥେଷ୍ଟ ଆତ୍ମସନ୍ତୋଷ ଦେଇ ଆସିଛି ମତେ । ଆନୁଷ୍ଠାନିକ ସ୍ୱୀକୃତି ହୁଏତ ଅନ୍ୟ କିଛି ବିଶେଷ ଗୁଣ ଆବଶ୍ୟକ କରେ, ଯାହା ମୋର ଅସାମର୍ଥ୍ୟକୁ ପ୍ରମାଣିତ କରିଥାଏ । ସେଥିପାଇଁ ମୋର କେବେ ବି ଅନୁଶୋଚନା ନଥାଏ । ମୁଁ ବଡ଼ ଖୁସି ଯେ, କବିତା ସହ ଏତେ କାଳ ମୁଁ ବଞ୍ଚି ପାରିଛି। କବିତାର ସଖ୍ୟ କେତେ ମହାର୍ଘ, ଜଣେ ସତ୍ କବି କେବଳ ତାହା ଅନୁଭବ କରି ପାରିବ।

କବିତା ଲେଖିବା ଓ କବି ହୋଇ ବଞ୍ଚିବା ଏକା କଥା ନୁହେଁ । ମୁଁ ଅନେକ କବିତା ଲେଖାଳିଙ୍କୁ ଦେଖିଛି, ଯେଉଁମାନେ କଂସେଇର ଜୀବନ ବଞ୍ଚନ୍ତି। ସେମାନଙ୍କୁ ଦେଖି ମୋ ମନରେ ଦୟା ଆସେ। କବି ଭିତରେ କରୁଣା, ପ୍ରେମ ଓ ସମ୍ବେଦନାର ଭାବ ଯଦି ନଥାଏ, ତେବେ କବିତା ସିଦ୍ଧି ଲାଭ କରିବା ଅସମ୍ଭବ ବୋଲି ମୋର ଧାରଣା । ଅନେକ ସମୟରେ କବିତା ଲେଖିଲା ବେଳେ ମୋର ହୃଦୟ ଏତେ ବିଗଳିତ ହୋଇଥାଏ ଯେ, ମୋ ଆଖିରୁ ଧାରଧାର ଲୁହ ଗଡ଼ି ପଡୁଥାଏ। ତା' ପଛର ଘଟଣା ଓ ଚରିତ୍ର ମୋତେ ଆଚ୍ଛନ୍ନ କରି ରଖିଥାଏ । ରାତିଅଧରେ ଛଟପଟ ହୋଇ ବିଛଣାରୁ ଉଠି କଲମ ଧରିବାକୁ ହୁଏ। ବେଳେ ବେଳେ ଅନିଦ୍ରାରେ ରାତି ପାହି ଯାଏ। ଏ ଅନୁଭୂତି ମୋ ସତୀର୍ଥ କବିମାନଙ୍କର ଯେ ନଥିବ, ତାହା ନୁହେଁ। ଯଦି କେବେ ପତ୍ନୀ ମୋତେ ଏ ଅବସ୍ଥାରେ ଆବିଷ୍କାର କରନ୍ତି, ତେବେ ନିଜର ଏ ପାଗଳାମି ପାଇଁ ତିରସ୍କାର ମିଳେ। ହୁଏତ କବିର ଜୀବନ ଏପରି ଦୁର୍ବିସହ। ଏସବୁ ଜୀବନରେ ତା'ର ପ୍ରାପ୍ୟ।

ପିଲାବେଳେ ଯେତେବେଳେ ମୋର ସହପାଠୀ ବନ୍ଧୁମାନେ ପଢ଼ିଆରେ ବିଭିନ୍ନ ଖେଳକୁଦରେ ମାତିଥାନ୍ତି ଏବଂ ତାହା ମୋର ସାଧ୍ୟାତୀତ ଥାଏ, ମୁଁ ଗୋଟିଏ ଗଛମୂଳେ କିମ୍ବା ବୁଦାକଡ଼ରେ ବସି ପ୍ରକୃତିକୁ ନିବିଷ୍ଟ ଚିତ୍ତରେ ଦେଖୁଥାଏ । ଗଛଡାଳରେ ନା ଅଜଣା ପକ୍ଷୀଟିର କାକଳୀ, ଆକାଶରେ ଇନ୍ଦ୍ରଧନୁର ମନୋହର ଦୃଶ୍ୟ, ଦିଗନ୍ତବ୍ୟାପୀ ଧାନକ୍ଷେତରେ ପବନର ଖେଳ - ଏସବୁ ମୋତେ ଆପ୍ଲୁତ କରି ରଖିଥାନ୍ତି । ମୋ ଭିତରେ କିଛି ଶବ୍ଦର ସ୍ଫୁରଣ ସ୍ୱତଃ ସ୍ଫୁରଣ ହେଉଥାଏ । ଘରକୁ ଫେରି ଗୋଟେ ଲାଲ ରଙ୍ଗର ବନ୍ଧେଇ ଖାତାରେ ସେସବୁକୁ ପରମ ଆବେଗରେ ମୁଁ ଲେଖି ପକାଏ । କବିତା ଲେଖିବାର ତାହାହିଁ ମୋର ଆଦ୍ୟ ଉପକ୍ରମ । ବାପା 'ଝଙ୍କାର' , 'ନବରବି' ଓ 'ଆସନ୍ତାକାଲି' ଭଳି ପତ୍ରିକା ଆଣୁଥିଲେ ଘରକୁ। ନବୁଝି ପାରିଲେ ବି ସେଥିରୁ କବିତା ସବୁ ପଢୁଥିଲି। ଭାବୁଥିଲି, ମୁଁ ବି ଏପରି କବିତା ଦିନେ ଲେଖିବି ଏବଂ ତାହା ପତ୍ରପତ୍ରିକାରେ ପ୍ରକାଶ ହେବ। ସମୟକ୍ରମେ ସ୍କୁଲ କଲେଜ ମୁଖପତ୍ରରେ ମୋର ଏକାଧିକ ଲେଖା ପ୍ରକାଶ ହୋଇ ସହପାଠୀ ଓ ଶିକ୍ଷକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରି ଥିଲା। କଲେଜରେ ପ୍ରଥମ ବର୍ଷ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମରେ ମୋର ଗଳ୍ପ, କବିତା ପ୍ରସାରିତ ହେବା ଏବଂ ପରେ ପରେ ବିଭିନ୍ନ ସ୍ଥାନୀୟ ପତ୍ରପତ୍ରିକାରେ ମୋର ଲେଖା ପ୍ରକାଶିତ ହେବା, ମୋତେ ଜଣେ ଯୁବଲେଖକର ପରିଚିତି ସୃଷ୍ଟି କରିଥିଲା । ଭବିଷ୍ୟତରେ ତାହା କ୍ରମଶଃ ରାଜ୍ୟ ଓ ରାଜ୍ୟ ବାହାରର ପତ୍ରପତ୍ରିକାରେ ପ୍ରକାଶ ପାଇବା ସହ ମୋର ପରିସୀମାକୁ ବ୍ୟାପକ କରିଥିଲା।

ଏତେ ବର୍ଷ ପରେ ମୁଁ କାହିଁକି ଲେଖେ ବୋଲି କେହି ମୋତେ ପଚାରିଲେ ମୋ ପାଖରେ ହୁଏତ ସଠିକ କିଛି ଉତ୍ତର ନାହିଁ । ଲେଖିବା ଏକ ବୃତ୍ତି ନହେଲେ ବି ଏକ ପ୍ରବୃତ୍ତି ନିଶ୍ଚୟ। ସେହି ଦାୟରେ ଏତେ ବର୍ଷ ମୁଁ ଲେଖି ଆସିଛି କୌଣସି ପ୍ରତ୍ୟାଶା ନ ରଖି । ଏବେ ଏହା ମୋର ସାମଗ୍ରିକ ବ୍ୟକ୍ତିତ୍ୱର ଏକ ଉଜ୍ଜ୍ୱଳ ଅସ୍ତିତ୍ୱ। ମୋର ପଦପଦବି, ସାମାଜିକ ପ୍ରତିଷ୍ଠା ଓ ଜୀବନର ସକଳ ସଫଳତା ଊର୍ଦ୍ଧ୍ୱରେ ଏହା ମୋର ପରିଚୟ ହୋଇ ପାରିଛି। କବିତା ଲେଖିବା ମାଧ୍ୟମରେ ମୁଁ ନିଜକୁ କେତେକାଂଶରେ ବ୍ୟକ୍ତ କରିବାକୁ ସକ୍ଷମ ହୋଇପାରିଛି। ହୁଏତ ଯାହାସବୁ କହିବାର ଥିଲା, ତାକୁ ସଂପୂର୍ଣ୍ଣ ପ୍ରକାଶ କରିବାରେ ମୁଁ ସମର୍ଥ ହୋଇ ପାରି ନାହିଁ। ତାହା ମୋର ଅପାରଗତା । ମୋର ଜାଗତିକ ବ୍ୟର୍ଥତା, ଦୁଃଖ, ହତାଶା ଓ ଆତ୍ମଗ୍ଳାନିରୁ କବିତା ମୋତେ କିଛିମାତ୍ରାରେ ମୁକ୍ତ କରିଛି । ମାଟିରୁ ଅନ୍ତରୀକ୍ଷକୁ ମୋର ଏ ମନ୍ମୟ ଯାତ୍ରା। ମୁଁ ଜୀବନରେ ପାଇଛି ଅନେକ ଚମକପ୍ରଦ ଉପଲବ୍ଧି, ଅଯାଚିତ ପ୍ରେମର ଅନୁଭବ ଏବଂ ଅର୍ଥପୂର୍ଣ୍ଣ ବଞ୍ଚିବାର ଅଦମ୍ୟ ସାହସ। କବିତା ବିନା ହୁଏତ ଅନ୍ଧାର ଓ ଅପ୍ରେମରେ ମୋତେ ଜିଇଁବାକୁ ହୋଇଥାନ୍ତା ସାରା ଜୀବନ । ଜଣକର ଜୀବନରେ ଏସବୁର ମହତ୍ତ୍ୱ କିଛି କମ୍ ନୁହେଁ । ମୁଁ ସେ ଦୃଷ୍ଟିରୁ ନିଜକୁ ଭାଗ୍ୟବାନ ମନେ କରେ । କିମଧିକମ ? ■

ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର

ଓଡ଼ିଶା



## ଜାତୀୟତାର ସନ୍ତକ ଘୁମୁସରୀ

# ଏମିତି ଗାଈ ଜଗତେ ନାହିଁ

**ଚାଷଠୁ ଚାଷୀ, ଖାଦ୍ୟରୁ ଖାଦନ, ନୃତ୍ୟରୁ ମନୋରଞ୍ଜନ, ଗୋସୁରକ୍ଷାରୁ ଗୋପାଳନ ସବୁଥିରେ ଗଞ୍ଜାମ ଜିଲ୍ଲାର ସ୍ୱତନ୍ତ୍ର ଛାପ ରହିଛି । ଗଞ୍ଜାମର ଶୋଭାରାଜିରେ ଆଦୃତ ହୋଇଥିବା ଅନେକ ବସ୍ତୁ, ସାମଗ୍ରୀ ଓ ପ୍ରାଣୀ ସେମାନଙ୍କ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ଏଥିଲାଗି ଗଞ୍ଜାମ ସମେତ ଘୁମୁସର ମାଟିର ଗରିମା ସର୍ବଜନବିଦିତ । ତନ୍ମଧ୍ୟରୁ ଗଞ୍ଜାମର ଘୁମସରୀ ଗାଈ ଅନ୍ୟତମ । ଦିନେ ଗ୍ରାମ୍ୟ ସଂସ୍କୃତି ଉଜ୍ଜୀବିତ କରୁଥିବା ଓ ଏଠାକାର ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଘୁମୁସରୀ ଗାଈ ବଂଶ ଧୀରେ ଧୀରେ କମି ଆସୁଛି । ଯାହା ସମସ୍ତଙ୍କ ଲାଗି ଚିନ୍ତାର କାରଣ ନିଶ୍ଚୟ । ଏମିତି ଏକ ବିରଳ ପ୍ରଜାତିର ଗାଈଙ୍କ ସମ୍ପର୍କରେ କ୍ଷୀରସିନ୍ଧୁ ମହାନ୍ତିଙ୍କ ସ୍ୱତନ୍ତ୍ର ଉପସ୍ଥାପନା ।**

ଗଞ୍ଜାମ ଜିଲ୍ଲାର ଘୁମୁସର ଅଞ୍ଚଳ (ବର୍ତ୍ତମାନ ଭଞ୍ଜନଗର ଉପଖଣ୍ଡ) ଓ କନ୍ଧମାଳ ଜିଲ୍ଲାରେ ଘୁମୁସରୀ ଗାଈ ଦେଖିବାକୁ ମିଳେ । ଏହି ଇଲାକାରେ ଘୁମୁସରୀ ଗାଈ-ଗୋରୁଙ୍କ ସଂଖ୍ୟା ବି ଅଧିକ । ଏହି ଗାଈ ଏଠାକାର ସଂସ୍କୃତି, ପରମ୍ପରା ଓ ସଭ୍ୟତା ସହିତ ସ୍ୱତଃପ୍ରବୃତ୍ତ ଭାବେ ଜଡ଼ିତ । କେଉଁ ଅବାହାମନ କାଳରୁ ଘୁମୁସରୀ ଦେଶୀ ଗାଈ ଓ ବଳଦ ଏଠାକାର ମାନବ ସମାଜର ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଦିଗରେ ବିଶେଷ ଭାଗୀଦାରୀ ହୋଇ ଆସୁଛି । ଏହି ଦେଶୀ ଗାଈ ଯେ କୌଣସି ଜଳବାୟୁ ଖାପ ଖୁଆଇପାରେ । ଅଧିକ ପରିଶ୍ରମୀ, ରୋଗ ପ୍ରତିରୋଧକ ଶକ୍ତି କ୍ଷମତା ଅଧିକା ସମ୍ବଳଯୁକ୍ତ ଏହି ଗାଈ ଗୃହପାଳିତ, କମ ଲାଳନପାଳନ, କମ ବ୍ୟୟ ବହୁଳ ଯୁକ୍ତ ହୋଇଥାନ୍ତି । କମ ଜାଗାରେ ଚଳିଯାଆନ୍ତି । ଭୂମିହୀନ ଗୋପାଳଙ୍କ ପାଇଁ ଏତେଟା ସମସ୍ୟା ମଧ୍ୟ ହୋଇ ନ ଥାନ୍ତି । ସେହିପରି କୃଷକ ଓ ଚାଷୀଙ୍କ ମେରୁଦଣ୍ଡ ସୁଦୃଢ଼ କରିବା ସହିତ ଶାନ୍ତ ସ୍ୱଭାବର । ଜଳବାୟୁ ପରିବର୍ତ୍ତନ ଦିଗଦର୍ଶକ ହେଉଛନ୍ତି ଘୁମୁସରୀ ଗାଈ । ଜୈବ ବିଭିଧତାର ଭରପୂର ସମ୍ପୂର୍ଣ୍ଣ ଗୋଧନ ଯାହାର କ୍ଷୀରକୁ ଜୈବିକ ଏଟୁ ମିଲ୍କ କୁହାଯାଏ । ଏହି କ୍ଷୀରରେ ଔଷଧୀୟ ଗୁଣ ଭରପୁର ରହିଥାଏ । ଏହାର ଗୋମୁତ୍ରରେ ଏମୋନିଆ ଓ ୟୁରିଆ ବିଷାକ୍ତ ଭାଗ ନ ଥିବାସ୍ଥଳେ କମ୍ପୋଷ୍ଟ କ୍ଷେତ୍ରରେ ଅଧିକ ଶକ୍ତିଯୁକ୍ତ ବୋଲି ଜଣାଯାଇଛି । ଘୁମୁସରୀ ଗାଈର କ୍ଷୀର, ମୁତ୍ର, ଗୋବର ଆୟୁର୍ବେଦ ଶିଳ୍ପରେ ବ୍ୟବହାର ଅମୂଲ୍ୟ ।

### ବିଶେଷତ୍ୱ

ଘୁମୁସରୀ ଗାଈର ସ୍ୱତନ୍ତ୍ର ବିଶେଷତ୍ୱ ରହିଛି । ଏହା ଏକ ଦେଶୀ ଗାଈ, ବଣ, ଜଙ୍ଗଲରେ ମିଳୁଥିବା ସମସ୍ତ ବନସ୍ପତି ଖାଇଥାଏ । ଏହି ଅଧିକ କ୍ଷମତାଶାଳୀ ମଧ୍ୟ । ଏକ ଗବେଷଣାରୁ ଜଣାଯାଏ ଯେ, ଏହି ଗାଈର କ୍ଷୀର ଏ-ଟୁ ପ୍ରୋଟିନ୍ ଯୁକ୍ତ ହୋଇଥାଏ । ଏହାର ଗୋବରରେ ମାତ୍ରାଧିକ କୋମ୍ପୋଷ୍ଟ ତିଆରି ହୁଏ । ଫଳରେ ପନିପରିବା ଆଦି ଚାଷରେ ସୁନାର ଫସଲ ଫଳିବାରେ ସହାୟକ ହୁଏ । ଘୁମୁସରୀ ଗାଈର କ୍ଷୀର ଚାହିଦା ବିଭିନ୍ନ ସ୍ଥାନରେ ରହିଆସିଛି ।

### ବୁଲିବୁଲି ପୁଣି ସେଇ ଅଗଣା

ଘୁମୁସୁରୀ ଗାଈ ଗଞ୍ଜାମ ଗୋପାଳନର ଆର୍ଥିକ ମେରୁଦଣ୍ଡ ଥିଲା । ଏଠାକାର ଇତିହାସ ସହିତ ଜଡ଼ିତ ରହିଛି ଘୁମୁସରୀ ଗାଈ । ଗୋପାଳନ ଜରିଆରେ ଏଠାକାର ଗୋପାଳକ ସେମାନଙ୍କ ଆର୍ଥିକସ୍ଥିତିକୁ ମଜଭୁତ କରୁଥିଲେ । ଘୁମୁସରୀ ଗାଈର ଅନେକ ସ୍ୱତନ୍ତ୍ରତା ରହିଛି । ଏହି ପ୍ରଜାତିର ଗାଈଗୋରୁ ସମସ୍ତ ପ୍ରକାର ଜଳବାୟୁ ସହିତ ଖାପ ଖୁଆଇ ପାରନ୍ତି । ଦିନଚର୍ଯ୍ୟା ବିଭିନ୍ନ ଜଙ୍ଗଲରେ ବୁଲାବୁଲି କରି ଚରିବା ସହିତ ସନ୍ଧ୍ୟା ସୁଦ୍ଧା ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଆସିଯାଆନ୍ତି । ଯେଉଁ ଗୁହାଳରୁ ଯାଇଥାଆନ୍ତି ସେଠାକୁ ପୁନଃ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହି ପ୍ରଜାତିର ଗାଈଗୋରୁ ଜଙ୍ଗଲରେ ଚରିବାକୁ ପସନ୍ଦ କରିଥାନ୍ତି । ଖରା, ବର୍ଷା, ଶୀତ ସବୁକୁ ସହ୍ୟ କରିବାର କ୍ଷମତା ରହିଛି ।

### ଘୁମୁସରୀକୁ ଜାତୀୟ ମାନ୍ୟତା

ଜାତୀୟ ଗାଈର ମାନ୍ୟତା ପାଇଛି ଘୁମୁସରୀ ଗାଈ । ଘୁମୁସରୀ ଗୋ-ସୁରକ୍ଷା ସଂରକ୍ଷଣ ସମିତିର ସଂଗଠକ ପ୍ରକାଶ ଚନ୍ଦ୍ର ସାହୁଙ୍କ କହିବା ଅନୁସାରେ ୨୦୧୦ମସିହାରେ ଏହି ଗାଈ ଜାତୀୟ ମାନ୍ୟତା ପାଇଛି । ନ୍ୟାସନାଲ ବ୍ୟୁରୋ ଅଫ ଆନିମଲ୍ ଜେନେଟିକ ରିସର୍ଚ୍ଚ ସଂସ୍ଥା ପକ୍ଷରୁ ୨୦୧୦ମସିହାରେ ଘୁମୁସରୀ ଗାଈର ସର୍ଭେ କରାଯାଇଥିଲା । ଏହି ଗାଈ ବିରଳ ପ୍ରଜାତିର ବୋଲି ଜଣାପଡ଼ିଥିଲା । ଏହିକ୍ରମରେ ଗଞ୍ଜାମର ଘୁମୁସରୀ, ଯାଜପୁରର ବିଞ୍ଝାରପୁରୀ, ମାଲକାନଗିରିର ମୋଟୁ, ନୂଆପଡ଼ାର ଖରିଅର ଆଦି ପ୍ରଜାତିର ଗାଈକୁ ଜାତୀୟ ପ୍ରଜାତିର ଗାଈ ମାନ୍ୟତା ମିଳିଥିବା ଶ୍ରୀ ସାହୁ କହିଛନ୍ତି ।



## ବଂଶବୃଦ୍ଧି ଲାଗି ବିସ୍ତୃତ ଯୋଜନା

ଗାଈଗୋଠ କମୁଛି । ଗାଁ ଦାଣ୍ଡରେ ଗୋଧୂଳି ଦେଖିବାକୁ ମିଳୁନି । ଏହି ସଂଖ୍ୟାରେ ଷଣ୍ଢଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ଏଥିଯୋଗୁଁ ଗାଈଗୋରୁ ବଂଶ ଲୋପ ପାଉଛି । ଏହାକୁ ପ୍ରତିହତ କରିବା ଲାଗି ସରକାରଙ୍କ ପକ୍ଷରୁ କୃତ୍ରିମ ପ୍ରଜନନକୁ ଗୁରୁତ୍ୱ ଦିଆଯାଇଛି । ଏହିକ୍ରମରେ ସରକାରଙ୍କ ପକ୍ଷରୁ ବିଭିନ୍ନ ମାଈ ଗାଈ ଦେହରେ ଆର୍ଟିଫିସିଆଲ ଇନ୍‌ସେମିନେସନ୍ ଇଞ୍ଜେକସନ ପ୍ରଦାନ କରାଯାଉଛି । ଏହାକୁ ସେକ୍ସ ସର୍ଟେଡ୍ ଇଞ୍ଜେକସନ ବୋଲି ମଧ୍ୟ କୁହାଯାଏ । ଏଥିରେ ୯୦ପ୍ରତିଶତ ମାଈ ଛୁଆର ହେବାର ଗ୍ୟାରେଣ୍ଟି ରହିଛି । ଏହା ବାବଦକୁ ସରକାରଙ୍କଠାରେ ଚାଷୀଙ୍କୁ ୧୮୦ଟଙ୍କା । ୧୮୦ଟଙ୍କା । ୮ ପି ୦



ପଡୁଛି । ସରକାରଙ୍କ ଏକ ଯୋଜନା ଜରିଆରେ ଏହା ଅନେକମାତ୍ରାରେ ମାଗଣା ଦିଆଯାଉଛି । କିଛି ଗାଁକୁ ନେଇ କ୍ଲଷ୍ଟର ଗଠିତ ହୋଇଛି । ଏହି ଜରିଆରେ ଇଞ୍ଜେକ୍‌ସନ ପ୍ରଦାନ କରାଯାଉଛି । ସରକାରଙ୍କ ପକ୍ଷରୁ ଏକ ବୁକିଂ ନମ୍ବର ଦିଆଯାଉଛି । ୧୫୫୩୩୩ ନମ୍ବରରେ କଲ୍ କରି ବୁକିଂ କରିବାକୁ ପଡୁଛି । ଏଆଇ ଟେକ୍‌ନିସିଆନ ମାନେ ପୂର୍ବରୁ ସଂରକ୍ଷିତ ଚାଷୀଙ୍କ ନମ୍ବରକୁ ଗୁରୁତ୍ୱ ଦେଇ ସମ୍ପୂର୍ଣ୍ଣ ତଥ୍ୟ ନେଉଛନ୍ତି । ଏହି କ୍ରମରେ ଇଞ୍ଜେକ୍‌ସନ ଦେଉଛନ୍ତି । ଉପରୋକ୍ତ ନମ୍ବରକୁ କଲ୍ କରିବା ସହିତ ଗାଈ ଗରମ ଆସିବା ସମୟର ୪୮ଘଣ୍ଟା ଭିତରେ ଇଞ୍ଜେକ୍‌ସନ ଦିଆଯାଉଛି । ଏଥିଦ୍ୱାରା ଗୋବଂଶ ବୃଦ୍ଧି ମଧ୍ୟ ପାଉଛି । ଦେଶୀ ଗାଈ ନିକଟରେ ଦେଢ଼ରୁ ଦୁଇ ଲିଟର ଦୁଗ୍ଧ ଉତ୍ପାଦନ କ୍ଷମତା ରହିଛି । ଛୁଆ ବା ଭଲ ବାଛୁରି ହେଲେ କ୍ଷୀର ଉତ୍ପାଦନ ମଧ୍ୟ ବଢ଼ିବା ଦୃଷ୍ଟିରେ କୃତ୍ରିମ ପ୍ରଜନନକୁ ପ୍ରାଧାନ୍ୟ ଦିଆଯାଉଛି ।

ଅନ୍ୟପକ୍ଷରେ ଗାଈର ଓଜନ ଅପେକ୍ଷା ଷଣ୍ଢର ଓଜନ ଅଧିକା ଥିବାରୁ ପ୍ରଜନନ ସମୟରେ ଗାଈର ବିଭିନ୍ନ ସମୟରେ ଆହତ ମଧ୍ୟ ହେଉଥିଲା । ବର୍ତ୍ତମାନ ଏହି ଇଞ୍ଜେକ୍‌ସନ ସମୟରେ ଅଧିକ ସୁସ୍ଥ ଛୁଆ ଜନ୍ମ ହେଉଛନ୍ତି । ସେହିଭଳି ଗୋ ଜଗୁଆଳି ଆଉ ନାହାନ୍ତି । ଦେଶୀ ଗାଈଗୋରୁ ସଂଖ୍ୟା କମୁଛି । କ୍ଷୀର ଦର ମଧ୍ୟ ବଜାରରେ ବଢୁଥିବାରୁ ବର୍ତ୍ତମାନ ଗାଈ ସଂଖ୍ୟା ବଢ଼ିଛି ।

ଗଞ୍ଜାମ ଜିଲ୍ଲାରେ ଘୁମୁସରୀ ଗାଈ ସ୍ୱତନ୍ତ୍ର । ଏହା ସ୍ଥାନୀୟ କିସମର । ଏଣୁ ଘୁମୁସରୀ ଶୁକ୍ରାଣୁ ସଂଗ୍ରହ କରିବାକୁ ସମ୍ପ୍ରତି ପ୍ରାଧାନ୍ୟ ଦିଆଯାଇଛି । ଏହିକ୍ରମରେ ଘୁମୁସରୀ ପ୍ରଜାତିର ୪ଟି ଷଣ୍ଢକୁ ଏକ ଫାର୍ମାକୁ ନିଆଯାଇଛି । ସେଠାରେ ତା'ର ଶୁକ୍ରାଣୁ ସଂଗ୍ରହ କରାଯିବା ସହିତ ଏହାର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଇଥିବା ସୂଚନା ମିଳିଛି ।



## କମୁଛି ମହିଳାଙ୍କ ଯୋଗଦାନ

ଘୁମୁସରୀ ଗାଈ ସଂରକ୍ଷଣ ଓ ପାଳନ କ୍ଷେତ୍ରରେ ପୂର୍ବରୁ ଏଠାକାର ମହିଳାଙ୍କ ଅବଦାନ ଯଥେଷ୍ଟ ରହିଥିଲା । କାଳକ୍ରମେ ଏହି ସଂଖ୍ୟା ମଧ୍ୟ କମି କମି ଆସୁଛି । ଏଣେ ଏହି ପ୍ରଜାତିର ଗାଈର ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଥିବା ଜଣାଯାଇଛି । ପୂର୍ବରୁ ଗାଁ ଗହଳିରେ ଗୋପାଳକଙ୍କ ପରିବାରବର୍ଗ ମଧ୍ୟ ଗୋସେବାରେ ଲାଗି ପଡୁଥିଲେ । ସମୟକ୍ରମେ ଏହି ଧାରା କିଛି ମାତ୍ରାରେ କମି ଆସିଥିବା ବେଳେ ଚାଷୀଙ୍କୁ ବଜାରବାଟର ସୁବିଧା କରାଗଲେ ପୁନଃ ଗୋପାଳନ ସଂସ୍କୃତି ଫେରିଆସିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି ।

## କେଉଁଠି ଦେଖାଯାଏ

ଗଞ୍ଜାମ ଜିଲ୍ଲାର ଘୁମୁସର ଅଞ୍ଚଳ ତଥା ଭଞ୍ଜନଗର ଉପଖଣ୍ଡର ଭଞ୍ଜନଗର, ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ଆସିକା, ଶେରଗଡ଼ ଓ ବେଲଗୁଣ୍ଠା ବ୍ଲକରେ ଘୁମୁସରୀ ଗାଈ ଦୃଶ୍ୟମାନ ହୋଇଥାନ୍ତି । ଏଠାରେ ଗୋପାଳକମାନେ ଏହି ପ୍ରଜାତିର ଗାଈ ପାଳିଥାନ୍ତି । ସେହିଭଳି କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକରେ ମଧ୍ୟ ଘୁମୁସରୀ ଗାଈର ପ୍ରଚଳନ ଅଧିକା ରହିଛି ।

## ଦେଶବିଦେଶରେ ଘୁମୁସରୀ କ୍ଷୀର

ଦେଶୀ ଗାଈ ଘୁମୁସରୀ ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଦିଗରେ ବିଶେଷ ଭାଗୀଦାର ହୋଇ ଅନାଦି କାଳରୁ ଆସୁଅଛି । ଗୋପାଳ କ୍ଷୀର ପାଇଁ ଗାଈ ପାଳି ନ ଥାନ୍ତି । ତାର କ୍ଷୀର ସହ ଗୋବର ଓ ଗୋମୁତ୍ର ଓଡ଼ିଆଙ୍କ ବିଭିନ୍ନ ପର୍ବପର୍ବାଣୀରେ ଓ ଆୟୁର୍ବେଦ ଶିଳ୍ପରେ ବ୍ୟବହାର ସହ କୃଷିର ବିକାଶରେ ବହୁଳ ଆବଶ୍ୟକ ପଡ଼ିଥାଏ । ଏହି ଗାଈ ଜଙ୍ଗଲ ଓ ଚାରଣ ଭୂମିରେ ଚରାବୁଲା କରୁଥିବାରୁ ଘୁମୁସରୀ ଗାଈ କ୍ଷୀରକୁ ପ୍ରୋଟିନ ମିଲ୍କ ବୋଲି କୁହାଯାଏ । ମାତ୍ରାଧିକ ମିନିରାଲ, ଭିଟାମିନ ଓ ଔଷଧୀୟ ଗୁଣଥିବାରୁ ଦେଶ ବିଦେଶରେ ଏହାର ବହୁଳ ଚାହିଦା ରହିଛି । ଗୋଚର, ଗୋଦଓନା, ଗୁହାଳ, କୁଣ୍ଡା, ଘାସ, ପଡ଼ିଆ, ଗୋଚରାଳୀର ଘୋର ଅଭାବ ହୋଇଛି । ପ୍ରତିଦିନ ଗୋ ଚାଲାଣ, କୁହ୍ନାର ଗୋଠ ଭାଙ୍ଗିବା ଏଠାକାର ଗୋପାଳକଙ୍କ ଘାସ, ବାସ ଓ ଚାଷ ଉପରେ ପ୍ରଭାବିତ କରିଛି । ଗୋଚର ଜମି ଜମି ଅଭାବ କାରଣରୁ ଘାସ ଓ ବାସ ଉପରେ ପ୍ରଭାବ ପାକାଇଛି । ଗୋଚର ଜାଗାରେ ଘାସ ଚାଷ ଓ କ୍ୟାଟେଲ ହଷ୍ଟେଲ ନିର୍ମାଣ ଲାଗି ଦାବି ହେଉଛି ।



### ଗୋପାଳନ ବୃଦ୍ଧି କରିବ ଗ୍ରାମ୍ୟ ଅର୍ଥନୀତି

ଜାତୀୟ ମାନ୍ୟତା ପ୍ରାପ୍ତ ସ୍ୱଦେଶୀ ଜୈବବିଭିଦର ଘୁମୁସରୀ ଗାଈଗୋରୁ ପାଳନ ବୃଦ୍ଧି ହେଲେ ଗ୍ରାମ୍ୟ ଅର୍ଥନୀତିର ଅଭିବୃଦ୍ଧି ଘଟିବ । ଏଣୁ ଏ ଦିଗକୁ ଅଧିକ ପ୍ରୋତ୍ସାହନ ମିଳିବା ଆବଶ୍ୟକ ରହିଛି ଓ ଘୁମୁସରୀ ଗାଈଗୋରୁ ବଂଶ ବୃଦ୍ଧି ଦିଗରେ ବିଶେଷ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଏନେଇ ବିଭିନ୍ନ ସମୟରେ ପ୍ରଶିକ୍ଷଣ ମାନ ହେଉଥିବା ବେଳେ ଘୁମୁସରୀ ଗାଈର ଉପାଦେୟତା ବିଷୟରେ ଆଲୋକପାତ ମଧ୍ୟ କରାଯାଉଛି । ଭଞ୍ଜନଗର ଘୁମୁସର ରାଜସ୍ୱ ଉପଖଣ୍ଡର ବେକାର ଯୁବକ ଯୁବତୀମାନଙ୍କୁ ଅଧିକା ପ୍ରୋତ୍ସାହନ ଦିଆଗଲେ ଓ ଗୋପାଳକ ଆୟକୁ ଦୁଇଗୁଣା କରିବା ସହ ଶିଳ୍ପ ଅଭିବୃଦ୍ଧି ହେବ ବୋଲି ଚାଷୀ ସଂଗଠନମାନେ କହିଛନ୍ତି ।



### କମୁଛି ଗାଈ ସଂଖ୍ୟା

ଘୁମୁସରୀ ଗୋସୁରକ୍ଷା ସଂରକ୍ଷଣ ସମିତି ସଦସ୍ୟଙ୍କ କହିବା ଅନୁସାରେ ଏହି ପ୍ରଜାତିର ଗାଈ ଦିନକୁଦିନ କମି କମି ଆସୁଛନ୍ତି । ୨୦୧୦ମସିହା ବେଳକୁ ଘୁମୁସର ଅଞ୍ଚଳରେ ୧୦ହଜାରରୁ ଅଧିକ ଗୋରୁ ରହିଥିଲେ । ସମ୍ପ୍ରତି ଏହା ପ୍ରାୟ ୫ ହଜାର ପହଞ୍ଚିଛି । ଏହାର ସୁରକ୍ଷା ଲାଗି ଅଧିକ ପ୍ରୟାସ ଜରୁରୀ ବୋଲି ଗୋପାଳକମାନେ ମତବ୍ୟକ୍ତ କରିଛନ୍ତି । ସେହିଭଳି ପ୍ରାୟ ୨ହଜାର ଗୋପାଳକ ଥିବାବେଳେ ଗୋଠ ସଂଖ୍ୟା ମଧ୍ୟ କମିଯାଇଛି । ଯାହା ଚିନ୍ତାର ବିଷୟ ନିଶ୍ଚୟ ।

# ଗୁଡ୍ ମର୍ଣ୍ଣିଂ ଓଡ଼ିଶା



# ଅସୁସ୍ଥ ପୃଥିବୀ !

ପରିବେଶ ପ୍ରଦୂଷଣ ଏବଂ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବେ ବୈଶ୍ୱିକ ସଙ୍କଟ ଭାବେ ଉଭା ହୋଇଛି। ୱାର୍ଲ୍ଡ ଇକନୋମିକ୍ ଫୋରମ୍‌ର 'ଗ୍ଲୋବାଲ୍ ରିସ୍କ ରିପୋର୍ଟ ୨୦୨୪' ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଆଗାମୀ ଦଶନ୍ଧିରେ ବିଶ୍ୱର ସବୁଠାରୁ ବଡ଼ ଆହ୍ୱାନ ବୋଲି କୁହାଯାଇଛି। ଦିଲ୍ଲୀସ୍ଥିତ ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୨୩ର ପ୍ରଥମ ନଅ ମାସରେ ଭାରତ ପ୍ରାୟ ପ୍ରତିଦିନ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ଉତ୍କଟ ପରିବେଶ ପ୍ରଦୂଷଣ ପରି ସମସ୍ୟାର ସମ୍ମୁଖୀନ ହୋଇଥିଲା। ଏଥିରେ୨, ୯୨୩ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଲକ୍ଷ ହେକ୍ଟରରେ ଫସଲ ଓ ୮୦, ୦୦୦ ଘର ନଷ୍ଟ ହେବା ସହ ୯୨, ୦୦୦ ଜୀବଜନ୍ତୁଙ୍କର ମୃତ୍ୟୁ ହୋଇଥିଲା। କେବଳ ସେତିକି ନୁହେଁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୌସୁମୀର ସ୍ୱାଭାବିକତା ଅଧିକ ପ୍ରଭାବିତ ହୋଇଛି। ବିକାଶ ନାଁରେ ଜଙ୍ଗଲ ଧ୍ୱଂସ ଯୋଗୁଁ ଏହି ପରିସ୍ଥିତି ଆହୁରି ସାଂଘାତିକ ହେଉଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପରେ ଭାରତର କୃଷି ପ୍ରାୟତଃ ନିର୍ଭରଶୀଳ ଥିବା ବେଳେ ଅସ୍ଥିର ମୌସୁମୀ କୃଷି ଅର୍ଥନୀତିକୁ ପ୍ରଭାବିତ କରୁଛି। କେତେବେଳେ ଉତ୍କଟ ମରୁଡ଼ି ଯୋଗୁଁ କୃଷି ଉତ୍ପାଦନ ପ୍ରଭାବିତ ହେଉଛି ତ କେତେବେଳେ ବନ୍ୟା ଓ ବାତ୍ୟାରେ ଫସଲ ଉଜୁଡ଼ି ଯାଉଛି। ହିମାଳୟରେ ତାପମାତ୍ରା ବୃଦ୍ଧି ହେତୁ ଗ୍ଲାସିୟରର ବରଫ ତରଳି ସମୁଦ୍ର ପତ୍ତନ ବୃଦ୍ଧି ପାଉଛି। ଏହାଦ୍ୱାରା ଦେଶର ମୁମ୍ବାଇ, କଲିକତା ଭଳି ମହାନଗରମାନ ବୁଡ଼ି ଯିବାର ଆଶଙ୍କା ନେଇ ପରିବେଶବିତ୍‌ମାନେ ଚେତାବନୀ ଦେଇଛନ୍ତି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ନିଅଣ୍ଟିଆ ବର୍ଷା ଯୋଗୁଁ ବଡ଼ ବଡ଼ ସହରମାନଙ୍କରେ ଜଳାଭାବ ଉତ୍କଟ ହେଉଛି। ନିକଟରେ ବେଙ୍ଗାଲୁରୁରେ ପାନୀୟ ଜଳ ପାଇଁ ଯେଉଁଳି ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହାର ପୁନରାବୃତ୍ତି ଦେଶର ଅନ୍ୟ ବଡ଼ ବଡ଼ ସହରଗୁଡ଼ିକରେ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏବେ ସମୟ ଆସିଛି, ଏ ଦିଗରେ ସରକାରୀ ସ୍ତରରୁ ଆରମ୍ଭ କରି ବ୍ୟକ୍ତି ଓ ଅନୁଷ୍ଠାନମାନେ ସମସ୍ତେ ମିଳିମିଶି ଏ ସଙ୍କଟର ମୁକାବିଲା କରିବାକୁ ପଡ଼ିବ।

ପ୍ରଦୂଷଣର ପଞ୍ଝାରେ କବଳିତ ହୋଇଚାଲିଛି ଆମର ଏ ସୁନ୍ଦର ପୃଥିବୀ। ମାଟି, ପାଣି, ପବନ ଆଦି ପ୍ରକୃତିର ଏମିତି କୌଣସି ଉପାଦାନ ନାହିଁ, ଯାହା ବିଷାକ୍ତ ହୋଇନାହିଁ। ଏହାର ପ୍ରଭାବରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସହିତ ପ୍ରାଣୀମାନଙ୍କ ଆଚରଣ ଓ ଜୈବବିବିଧତାର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ସ୍ୱର୍ଣ୍ଣପ୍ରସୂ ଧରଣୀ କ୍ରମଶଃ ବନ୍ଧ୍ୟା ହୋଇଯାଉଛି। ଏଥିପାଇଁ ଶିଳ୍ପାୟନ, ଦ୍ରୁତ ସହରୀକରଣ, ମଣିଷର ବିଳାସପୂର୍ଣ୍ଣ ଜୀବନଯାପନ ହିଁ ଦାୟୀ। ଏବେଠାରୁ ଏହାର ନିରାକରଣ ପାଇଁ ସମ୍ମିଳିତ ପଦକ୍ଷେପ ନ ନେଲେ ପୃଥିବୀ ପୃଷ୍ଠରୁ କ୍ରମଶଃ ଜୀବସତ୍ତା ଲୋପ ପାଇଯିବ ବୋଲି ପରିବେଶବିତ୍ ଓ ଜୀବବିଜ୍ଞାନୀମାନେ ଚେତାବନୀ ଦେଇସାରିଛନ୍ତି। ଆମ ପରିବେଶ ଓ ପ୍ରକୃତିର ସୁରକ୍ଷା ଏବେ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ଆମେ ସମସ୍ତେ ଯଦି ନିଜର ପାରିପାର୍ଶ୍ୱିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ଆନ୍ତରିକ ଉଦ୍ୟମ କରିବା, ତେବେ ଧୀରେ ଧୀରେ ତାହା ଗୋଷ୍ଠୀଗତ ଅଭିଯାନର ରୂପ ନେଇ ସହର, ରାଜ୍ୟ, ଦେଶ ଓ ବିଶ୍ୱସ୍ତରରେ ସଫଳ ରୂପାୟନ ହୋଇପାରିବ। ଆମ ସମାଜରେ ଏଭଳି କେତେକ ପରିବେଶ ଯୋଦ୍ଧା ଏ ଦିଗରେ ପ୍ରଶଂସନୀୟ ପ୍ରୟାସ ଆରମ୍ଭ କରିଛନ୍ତି। ଜୁନ୍ ୫ ତାରିଖ ପରିବେଶ ଦିବସ ଅବସରରେ ସେମାନଙ୍କର ଅନୁକରଣୀୟ କାର୍ଯ୍ୟଧାରାକୁ ଲୋକଲୋଚନକୁ ଆଣିବାର ଏକ କ୍ଷୁଦ୍ର ପ୍ରୟାସ।

ଉପସ୍ଥାପନା : ସୁମିତ୍ରା ସାହୁ





## ନଦୀ ଜଳ ସୁରକ୍ଷା ପାଇଁ ପ୍ରୟାସ

## ବାଡ଼ରେ ଲେଖୁଛନ୍ତି ସଚେତନତା ବାର୍ତ୍ତା

ଏବେ ନଦୀଗୁଡ଼ିକରେ ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ବର୍ଜ୍ୟ ଓ ବିସର୍ଜନ ସାମଗ୍ରୀ ବଢ଼ିବାରେ ଲାଗିଛି। ମଣିଷ ଓ ଜୀବଜନ୍ତୁ ନଦୀ ଜଳ ଉପରେ ନିର୍ଭରଶୀଳ ଥିବା ବେଳେ ଉପରୋକ୍ତ ମାନବୀୟ କାର୍ଯ୍ୟକଳାପ ପାଇଁ ନଦୀ ଜଳ ପ୍ରଦୂଷିତ ଓ ବିଷାକ୍ତ ହେବାରେ ଲାଗିଛି। ତେଣୁ ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜଧାନୀର ସାମାଜିକ ଅନୁଷ୍ଠାନ 'ଆସ୍ଥା ଫାଉଣ୍ଡେସନ୍'। କାଠଯୋଡ଼ି ପୋଲ ହେଉ ଅବା କୁଆଖାଇ ପୋଲ ଉପରେ ଅଧିକାଂଶ ସମୟରେ ଲୋକେ ଗାଡ଼ି ଛିଡ଼ାକରି ବସ୍ତା ବସ୍ତା ଆବର୍ଜନା ନଦୀକୁ ଫିଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳେ। ଏହାକୁ ଦୃଷ୍ଟିରେ ରଖି ଏହି ସ୍ଥାନରେ ଫାଉଣ୍ଡେସନ୍ ପକ୍ଷରୁ ଲୋକଙ୍କୁ ପ୍ଲାକାର୍ଡ, ବ୍ୟାନର୍ ମାଧ୍ୟମରେ ସଚେତନ କରାଯାଉଛି। ଏହାସହ ନଦୀର ପୋଲ ବାଡ଼ରେ 'ଆମେ ସମସ୍ତେ ମିଶି କରିବା ପଣ, ନଦୀ ଜଳକୁ ନକରିବା ପ୍ରଦୂଷଣ', 'ଅନ୍ଧବିଶ୍ୱାସରୁ ଦୂରେଇ ରୁହନ୍ତୁ, ଆବର୍ଜନାମୁକ୍ତ ନଦୀକୁ କରନ୍ତୁ', 'ଆସ ସମସ୍ତେ ଏକ ହେବା ନଦୀ ଜଳକୁ ପ୍ରଦୂଷଣରୁ ରୋକିବା', 'ଗାଁ ସହରରେ ଆମେ ବୁଲିବା, ଜଳ ପ୍ରଦୂଷଣର ଗୁରୁତ୍ୱ ବୁଝାଇବା' ଆଦି ବାର୍ତ୍ତା ଲେଖାଯାଇ ସଚେତନ କରାଯାଉଛି। ଆବର୍ଜନା ପକାଇବାକୁ ଆସୁଥିବା ଲୋକଙ୍କୁ ପ୍ରତି ରବିବାର ପୋଲ ଉପରେ ଛିଡ଼ାହୋଇ ଫାଉଣ୍ଡେସନ୍ ସଦସ୍ୟମାନେ ବୁଝାଉଛନ୍ତି। ଏହାସହ ଦୀପାବଳି, କାର୍ତ୍ତିକ ପୂର୍ଣ୍ଣମୀ ସମୟରେ ମଧ୍ୟ ସଂସ୍ଥାର ସଦସ୍ୟମାନେ ବିନ୍ଦୁସାଗର, କୁଆଖାଇ, କାଠଯୋଡ଼ି ଆଦି ନଦୀ ପଠାକୁ ସଫା କରିବାର ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶୁଭକାନ୍ତ ସାମଲ କହିଛନ୍ତି ଯେ, ଆମ ପରିବେଶ ସୁରକ୍ଷା ଆମ ହାତରେ। ଆଗାମୀ ଦିନରେ ଜଳ ପ୍ରଦୂଷଣ ଏକ ବଡ଼ ସମସ୍ୟା ନ ହେଉ, ଏଥିପାଇଁ ୭ ବର୍ଷ ଧରି ଏ ଦିଗରେ ପ୍ରୟାସ ଜାରି ରଖିଛୁ। ଟ୍ରାଫିକ୍ ପୋଷ୍ଟରେ ମଧ୍ୟ ଲୋକଙ୍କୁ ପ୍ଲାକାର୍ଡ ଦିଆଯାଇ ସଚେତନ କରାଯାଉଛି।





## ୩୫ ହଜାର ବୃକ୍ଷରୋପଣ

### ସବୁଜ ସହର ଲକ୍ଷ୍ୟରେ ଲୋକୋ ପାଇଲଟ୍









କଂକ୍ରିଟ୍ ସହର ମଧ୍ୟରେ ହଜି ହୋଇଗଲାଣି ବଡ଼ ବଡ଼ ଗଛ। ସହରୀକରଣରେ ଲକ୍ଷ ଲକ୍ଷ ଗଛ ସମାଧି ନେଲେଣି। ଆଗକୁ ଆହୁରି କେତେଯେ ଗଛ ଏଭଳି ବଳି ପଡ଼ିଯିବେ ତାହାର ହିସାବ ନାହିଁ। ଦିନକୁ ଦିନ ସବୁଜ ବଳୟ ଭିତରୁ ବାହାରି ରାଜଧାନୀ ପାଲଟିଲାଣି ଛାୟା ବିହୀନ ସହର। ତେଣୁ ରାଜଧାନୀକୁ ସବୁଜ ସହରରେ ପରିଣତ କରିବାକୁ ପ୍ରୟାସ ଜାରି ରଖିଛନ୍ତି ତେଲଙ୍ଗାପେଣ୍ଠର ଲୋକୋ ପାଇଲଟ୍ ବାସୁଦେବ ପାତ୍ର। ଜଣେ ସରକାରୀ ଚାକିରିଆ ହୋଇ ମଧ୍ୟ ପରିବେଶକୁ ପ୍ରଦୂଷଣରୁ ରକ୍ଷା କରିବା ପ୍ରଥମ ଦାୟିତ୍ୱ ଭାବେ ଗ୍ରହଣ କରିଛନ୍ତି। ରାଜଧାନୀ ଉପକଣ୍ଠରେ ଏପର୍ଯ୍ୟନ୍ତ ସେ ୩୫ ହଜାରରୁ ଅଧିକ ଗଛ ଲଗାଇଲେଣି। କାଠଯୋଡ଼ି ନଦୀ ବନ୍ଧରେ ୮ ହଜାର, କଟକସ୍ଥିତ ଜଗନ୍ନାଥନଗରୀରେ ୫୦୦, ପ୍ରତାପନଗରୀରେ ୬୦୦, ନଖରାରେ ୧ହଜାର, ୪୨ ମଉଜା ତିନିମୁହାଣିରେ ୧୦୦, ଜଟଣୀରେ ୧୦୦, ଉଷୁମା ଗ୍ରାମରେ ୬୦୦୦, ଗୋଦାବରୀ ପୀଠରେ ୫୦୦୦ ଔଷଧୀୟ ବୃକ୍ଷ, ନଛିପୁର ଶ୍ମଶାନରେ ୪୦୦୦ ଲଗାଇଛନ୍ତି। ଆସନ୍ତା ଜୁଲାଇ ୧୫ରେ କାଠଯୋଡ଼ି ନଦୀବନ୍ଧ ଶଙ୍କରପୁର ଠାରେ ଏକକାଳୀନ ୧୫ ହଜାର ବୃକ୍ଷ ରୋପଣ କରିବାର ଯୋଜନା ରଖିଛନ୍ତି। ଗଛ ଲଗାଇବା ସହ ସେ ସେଗୁଡ଼ିକର ନିୟମିତ ଯତ୍ନ ମଧ୍ୟ ନେଉଛନ୍ତି। ଏନେଇ ବାସୁଦେବ କୁହନ୍ତି ଯେ, ଗଛ ଲଗାଇବାକୁ ଆମେ ସମସ୍ତେ ଆଗଭର ହେବା ଉଚିତ୍। ସମସ୍ତଙ୍କ ସହଯୋଗରେ ରାଜଧାନୀକୁ ସବୁଜ ସହରରେ ପରିଣତ କରାଯାଇପାରିବ।



## କୁନି ପରିବେଶପ୍ରେମୀଙ୍କ ପରିବେଶ ପ୍ରଦୂଷଣ ଚିନ୍ତା








'ସ୍ୱଚ୍ଛ ଭାରତ ଅଭିଯାନ'ରେ ସାମିଲ ହୋଇ ପରିବେଶକୁ ସଫାସୁତୁରା ରଖିବାକୁ ବିଭିନ୍ନ ଟିଭି ଚ୍ୟାନେଲ ହେଉ ଅବା ସାମାଜିକ ଗଣମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି। କିନ୍ତୁ ଏହାକୁ ଅନେକେ ମାନୁ ନ ଥିବା ଦେଖାଯାଉଛି। ଅପରପକ୍ଷରେ ଏ ଦିଗରେ ଏକ ପ୍ରଶଂସନୀୟ ପ୍ରୟାସ କରୁଛନ୍ତି ୬ ବର୍ଷୀୟ ବାଳିକା। ନିଜ ଘରର ଚତୁଃପାର୍ଶ୍ୱ ଠାରୁ ଆରମ୍ଭ କରି ରାସ୍ତାଘାଟ, ବିଭିନ୍ନ ଧର୍ମାନୁଷ୍ଠାନ ପରିସର, ନଦୀପଠା, ଡାକ୍ତରଖାନା ପରିସର ଆଦି ସଫା ରଖିବା, ଆଖି ସାମ୍ନାରେ ଅଳିଆ ପଡ଼ିଥିଲେ ଉଠାଇ ଡଷ୍ଟବିନ୍‌ରେ ପକାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟଗତ ସଚେତନତାର ବାର୍ତ୍ତା ଦେଉଛନ୍ତି ଝାରପଡ଼ା ଅଞ୍ଚଳର ସାନ୍‌ଭି ପ୍ରିୟା ସାମଲ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ମିଶି ସଫେଇ କାର୍ଯ୍ୟ କରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଶୁଭକାନ୍ତ ସାମଲ ଏବଂ ସସ୍ମିତା ସାମଲଙ୍କ ଝିଅ ସାନ୍‌ଭି ଚତୁର୍ଥ ଶ୍ରେଣୀରେ ପାଠ ପଢ଼ନ୍ତି। ପରିବେଶ ଅପରିଷ୍କାର ରହିଲେ ସମାଜ ଏବଂ ସ୍ୱାସ୍ଥ୍ୟ ଉପରେ କିଭଳି କୁପ୍ରଭାବ ପଡ଼ିଥାଏ ତାହା ଜାଣିବା ପରେ ଧୀରେ ଧୀରେ ପରିବେଶ ସୁସ୍ଥ ରଖିବାକୁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ଏମିତି କେଉଁଆଡ଼େ ବୁଲିବାକୁ ଯାଉଥିଲେ ମଧ୍ୟ କେଉଁଠାରେ ଅଳିଆ ପଡ଼ିଥିବା ନଜର ଆସିଲେ ସେ ତୁରନ୍ତ ଗାଡ଼ିରୁ ଓହ୍ଲାଇ ତାହାକୁ ଉଠାଇ ଡଷ୍ଟବିନ୍‌ରେ ପକାଇଥା'ନ୍ତି। ଏଥିପାଇଁ ତାଙ୍କୁ ସମସ୍ତେ ଜୁନିଅର ପରିବେଶବିତ୍ ବୋଲି ମଧ୍ୟ କହିଥା'ନ୍ତି। ହାତରେ ଝାଡ଼ୁ ଧରି ନିଜେ ରାସ୍ତା ସଫା କରିବା ସହ ଯାତ୍ରୀମାନଙ୍କୁ ମଧ୍ୟ ନିଜ ପରିବେଶକୁ ସଫା ରଖିବା ଏବଂ ଗଛ ଲଗାଇବାକୁ ପରାମର୍ଶ ଦେଉଛନ୍ତି ସାନ୍‌ଭି। ତାଙ୍କର ଏଭଳି ଉଦ୍ୟମ ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣା ପାଲଟିଛି।

## 'ଗ୍ରୀନ୍ ଆଣ୍ଡ କ୍ଲିନ୍ ଟୁରିଜିମ୍' ଲକ୍ଷ୍ୟରେ ଯୁବଗୋଷ୍ଠୀ





ପ୍ଲାଷ୍ଟିକ୍ ଓ ପଲିଥିନର ବ୍ୟବହାର ଉପରେ କଟକଣା ଜୋରଦାର କରାଯାଉଛି। ଅପରପକ୍ଷରେ ଏହାକୁ କେହି ଗ୍ରହଣ କଲାଭଳି ଲାଗୁନି। କାରଣ ସହର, ଗାଁ ସବୁଆଡ଼େ ଗଦା ଗଦା ପଲିଥିନ୍ ଓ ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲ ଦେଖିବାକୁ ମିଳୁଛି। ବିଶେଷ କରି ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଏଭଳି ଦୃଶ୍ୟ ଅଧିକ ଦେଖିବାକୁ ମିଳିଛି। ତେଣୁ ରାଜଧାନୀ ଓ ଏହାର ଉପକଣ୍ଠ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ନଦୀ, ସମୁଦ୍ର କୂଳ, ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରୁ ପ୍ଲାଷ୍ଟିକ ଆବର୍ଜନାକୁ ସଂଗ୍ରହ ପାଇଁ 'ଗ୍ରୀନ୍ ଆଣ୍ଡ କ୍ଲିନ୍ ଟୁରିଜିମ୍' ଅଭିଯାନ ଆରମ୍ଭ କରିଛନ୍ତି ରାଜଧାନୀର 'ସାତ୍ତ୍ୱିକ ସୋଲ ଫାଉଣ୍ଡେସନ୍'ର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ। ପର୍ଯ୍ୟଟକଙ୍କୁ ବାହାରେ ଆବର୍ଜନା ପକାଇବାକୁ ବାରଣ କରିବା ସହ ଗାରବେଜ୍ ବ୍ୟାଗ୍ ପ୍ରଦାନ କରୁଛନ୍ତି। ପରେ ସେସବୁକୁ ସଂଗ୍ରହ କରୁଛନ୍ତି। ବର୍ତ୍ତମାନ କଲେଜ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସାମିଲ କରି କଲେଜ ଏବଂ ସେମାନେ ବୁଲିବାକୁ ଯାଉଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ଜଙ୍ଗଲ ସୃଷ୍ଟିରେ 'ସିଡ୍ ବ୍ୟାଙ୍କ୍'







ମାତୃ ଗର୍ଭରୁ ଶିଶୁଟିଏ ଜନ୍ମ ନେଉଥିବା ଭଳି ପ୍ରତ୍ୟେକ ମଞ୍ଜି ଏକ ନୂତନ ବୃକ୍ଷ ସୃଷ୍ଟି କରିବାର କ୍ଷମତା ରହିଛି। ତେଣୁ ସମସ୍ତେ ମଞ୍ଜିକୁ ଏଣେତେଣେ ନଫିଙ୍ଗି ତାହାକୁ ସାଇତି ରଖିବାକୁ 'ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନ୍' ଦ୍ୱାରା 'ସିଡ୍ ବ୍ୟାଙ୍କ୍' ନାମରେ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ କରି ରାଜଧାନୀ ଉପକଣ୍ଠ ଶିଖରଚଣ୍ଡିରେ ଆରମ୍ଭ ହୋଇଛି ମଞ୍ଜିର ମାତୃତ୍ୱ ବଞ୍ଚାଇବା ଅଭିଯାନ। ଆମେ ଖାଉଥିବା ଆମ୍ବ, ପଣସ, ଲିଚୁ, ସେଓ, ଅଙ୍ଗୁର କିମ୍ବା ପନିପରିବା ଅବା ଔଷଧୀୟ ଫଳ ମଞ୍ଜିକୁ ଡଷ୍ଟବିନ୍‌ରେ ପକାଇଥାଉ। ଫଳରେ ମଞ୍ଜିଗୁଡ଼ିକ ପଚି ଶଢ଼ି ନଷ୍ଟ ହେବା ସହ ମଞ୍ଜିର ମାତୃତ୍ୱ ମଧ୍ୟ ନଷ୍ଟ ହୋଇଥାଏ। ତେଣୁ ଏହିସବୁ ମଞ୍ଜିକୁ ନଫିଙ୍ଗି ଏକାଠି କରି ଏକ 'ସିଡ ବ୍ୟାଙ୍କ୍'ରେ ସାଇତି ରଖାଯିବ। ଏହାକୁ ଜଙ୍ଗଲରେ ପକାଇଲେ ଏହା ମାଟିର ଉର୍ବରତା ବୃଦ୍ଧି କରିବା ସହ ଜଙ୍ଗଲର ଘନତ୍ୱ ବୃଦ୍ଧି ପାଇବ। ପାଣିପାଗ ପରିବର୍ତ୍ତନ ଅନିୟମିତତା ଓ ବିଶ୍ୱ ତାପନକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିବ ବୋଲି ଫାଉଣ୍ଡେସର ପ୍ରତିଷ୍ଠାତା ସତ୍ୟବ୍ରତ ସାମଲ କହିଛନ୍ତି। ପ୍ରତି ବର୍ଷ ମୌସୁମୀ ଆସିବାର ଠିକ୍ ପୂର୍ବରୁ ୨ ଥର ମଞ୍ଜିଗୁଡ଼ିକ ସଂଗ୍ରହ କରାଯାଇ ସେଥିରେ ସିଡ ବଲ୍ ତିଆରି ହେବ। ଯେକୌଣସି ବ୍ୟକ୍ତି ମଞ୍ଜିକୁ ଡାକ ଯୋଗେ ସଂସ୍ଥାକୁ ପଠାଇ ପାରିବେ। ଏହି ପ୍ରୟାସ ଭୁବନେଶ୍ୱର ସମେତ ଅନ୍ୟ ୬ଟି ଜିଲ୍ଲାରେ ଆରମ୍ଭ ହୋଇଥିବା ସେ କହିଛନ୍ତି।

## ଓଡ଼ିଶା ମରୁଡ଼ି ସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି



ଚଳିତବର୍ଷ ପରିବେଶ ଦିବସର ଥିମ୍ ରହିଛି 'ଲ୍ୟାଣ୍ଡ ରିଷ୍ଟୋରେସନ୍, ଡେଜର୍ଟିଫିକେସନ୍ ଆଣ୍ଡ ଡ୍ରଟ୍ ରେଜିଲେନ୍ସ'(ଭୂମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ମୁକାବିଲା)। ବର୍ତ୍ତମାନ ଗଛ କଟାଯିବା ଦ୍ୱାରା ତାପମାତ୍ରା ବୃଦ୍ଧି ପାଉଛି। ଜଙ୍ଗଲ ସବୁବେଳେ ସବୁଜ ଫୁସଫୁସ୍ ଭଳି କାମ କରେ। ବର୍ତ୍ତମାନ ଓଡ଼ିଶା ସମଗ୍ର ଦେଶରେ ଏକ ଉତ୍ତପ୍ତ ରାଜ୍ୟ ଭାବେ ପରିଣତ। କାରଣ ଓଡ଼ିଶାର ବ୍ୟାପକ ଜଙ୍ଗଲ କଟାଯାଉଛି। ସମଗ୍ର ଭାରତବର୍ଷର ଏକ-ପଞ୍ଚମାଂଶ ବିଭିନ୍ନ ପ୍ରକାର ଖଣିଜ ଦ୍ରବ୍ୟ ଓଡ଼ିଶାରେ ରହିଛି। ବିକାଶ ପାଇଁ ବ୍ୟାପକ ଖଣି ଖନନ ଓ ବୃକ୍ଷ ଛେଦନ ହେଉଛି। ସରକାର କହୁଛନ୍ତି ଗୋଟିଏ ଗଛ କଟାଯିବା ବଦଳରେ ୬ଟି ଗଛ ଲଗାଯାଉଛି। କିନ୍ତୁ ମାନବକୃତ ଜଙ୍ଗଲ ପ୍ରାକୃତିକ ଜଙ୍ଗଲ ସହ ତୁଳନୀୟ ନୁହେଁ। ସମଗ୍ର ଭାରତରେ ଯେତେ ପରିମାଣରେ ଜଙ୍ଗଲ କଟାଯାଉଛି ସେମାନଙ୍କ ପ୍ରଥମ ୩ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଓଡ଼ିଶା ମରୁଡ଼ି ଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି।

**ସୁନ୍ଦର ନାରାୟଣ ପାତ୍ର**, ପରିବେଶବିତ୍

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୬.୫୧
- ୟୁରୋ ୯୦.୪୧ • ୟେନ୍ ୦.୫୩

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୮୪୦ (ନୂଆଦିଲ୍ଲୀ)
- ରୁପା : ୯୩,୫୫୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୯୬୧.୦୦
- ନିଫ୍ଟି ୨୨,୫୩୦.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

■ ସୁପର ସ୍ମେଲଟର୍ସ ଓ ଟାଟା ପାୱାର ରିନୁଏବଲ

## ଇସ୍ପାତ ଉତ୍ପାଦନ ପାଇଁ ୧୦୦% ସବୁଜ ଶକ୍ତି ଯୋଗାଇବ

ଭୁବନେଶ୍ୱର, ୧।୬(ସମିସ): ସୁପର ସ୍ମେଲଟର୍ସ ଲିମିଟେଡ ଏକ ସାର୍ବଜନୀନ ଲିମିଟେଡ କମ୍ପାନୀ ଯାହା ୨୦ ଜୁନ ୧୯୯୫ରେ ଅନ୍ତର୍ଭୁକ୍ତ ସଂସ୍ଥା ଆଇରନ ଓ ଷ୍ଟିଲ ଉତ୍ପାଦର ଉତ୍ପାଦନର ଏକ ପ୍ରମୁଖ ଖେଳାଳୀ ଭାବରେ ଉଭା ହୋଇଛି, ଏହାର ଫ୍ଲାଗସିପ ବ୍ରାଣ୍ଡ ସୁପର ଶକ୍ତି ପାଇଁ ପ୍ରସିଦ୍ଧ। ଏହି ସୁପର ଶକ୍ତି ବଜାରରେ ଅଗ୍ରଣୀ ଭୂମିକା ବହନ କରୁଛି ଏହାର ଅଭିନବ ଉତ୍ପାଦ ଏଫଇ ୫୫୦+ଏସ୍ଡି ଆଡଭାନସଡ ୱାଇ ରିବଡ ଟିଏମଟି ବାର ସହିତ ଏହା ବଜାରରେ ଚାହିଦା ସୃଷ୍ଟି କରିଛି। ସୁପର ସ୍ମେଲଟର ଲିମିଟେଡ ପୂର୍ବ ଭାରତରେ ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହିତ କରିବା ଲାଗି ଟାଟା ନବୀକରଣୀୟ ସହିତ ତାର ରଣନୀତିକ ଭାଗିଦାରୀ ଘୋଷଣା କରିଛି। ଏଥିପାଇଁ ୫ ଏମଡବ୍ଲ୍ୟୁ କ୍ଷମତାର କମିଶନ କରି ଏହି ଗ୍ରାଉଣ୍ଡ ଭାଙ୍ଗିବା ସହ ୧୦୦% ସବୁଜ ଶକ୍ତି ହାସଲ କରିବାକୁ ଇଚ୍ଛାକରେ। ଏହି ଉଚ୍ଚାଭିଳାଷୀ ପଦକ୍ଷେପ ୧୪୭,୦୧୪ ମେଗାୱାଟ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବ,ଯାହା ସ୍ଥିରତା ଓ ପରିବେଶ ଉପରେ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଇବ। ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକୁ ଏକତ୍ରିତ କରି ଏହି ସହଭାଗିତା ଶିଳ୍ପରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିବ। ଏହାଦ୍ୱାରା ଇସ୍ପାତ ଉତ୍ପାଦନ ପାଇଁ ଅଙ୍ଗାରକାମ୍ଳ ହ୍ରାସ ପାଇବ ବୋଲି ଅଶା କରାଯାଏ। ଏହି ପଦକ୍ଷେପ କେବଳ ଜଳବାୟୁ ପରିବର୍ତନକୁ ମୁକାବିଲା କରିବା ପାଇଁ କମ୍ପାନିର ପ୍ରତିବଦ୍ଧତାକୁ ଆଲୋକିତ କରେ ନାହିଁ ବରଂ ପୂର୍ବ ଭାରତରେ ସ୍ଥାୟୀ ବିକାଶ ଲାଗି ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ବିକାଶ ଉପରେ ସୂଚନା ଦେଇ ଚେୟାରମ୍ୟାନ ତଥା ପ୍ରତିଷ୍ଠାତା ସୀତାରାମ ଅଗ୍ରୱାଲ କହିଛନ୍ତି ଯେ ଏହି ସୌର ପ୍ଲାଣ୍ଟ ସ୍ଥାପନ କରି ଆମେ ଆନନ୍ଦିତ ଯାହା ସ୍ୱଚ୍ଛ ଶକ୍ତି ପ୍ରତି ଆମର ପ୍ରତିବଦ୍ଧତା ପ୍ରଦାନ କରେ। ଏହି ପ୍ରକଳ୍ପ ୨୦୩୦ ସୁଦ୍ଧା ନବୀକରଣ ଯୋଗ୍ୟରୁ ୫୦% ଶକ୍ତି ଆବଶ୍ୟକତା ପୂରଣ କରିବାଲାଗି ଆମକୁ ପ୍ରେରିତ କରିଥାଏ।

## ଟାଟା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ



ଭୁବନେଶ୍ୱର,୧।୬(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଯୋଡା ମୁଖ୍ୟ ଚିକିତ୍ସାଳୟ ଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା ରାଲି ର ଆୟୋଜନ କରାଯାଇଥିଲା ଓ ଏଥିରେ ଯୋଡା ଆର ବି ସି ବାଳକ ଏବଂ ବାଳିକା ବିଦ୍ୟାଳୟର ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ମାନଙ୍କ ସହ କର୍ମଚାରୀମାନେ ଯୋଗ ଦେଇ ବିଭିନ୍ନ ପ୍ଲାକାର୍ଡ ଏବଂ ସ୍ଲୋଗାନ୍ ମାଧ୍ୟମରେ ତମାଖୁ ବର୍ଜନ କରିବାର ବାର୍ତ୍ତା ଓ ଶିକ୍ଷଣୀୟ ସୂଚନା ପ୍ରଦାନ କରିଥିଲେ। ଏହି ରାଲି ଆର ବି ସି ବିଦ୍ୟାଳୟରୁ ଆରମ୍ଭ ହୋଇ ଟାଟା ମୁଖ୍ୟ ଚିକିତ୍ସାଳୟ ଯୋଡାଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡାର ମୁଖ୍ୟ ଚିକିତ୍ସାଧିକାରୀ ଡାଃ ସୁଚିସ୍ମିତା ଦାସ ପିଲାମାନଙ୍କୁ ଏବଂ ଉପସ୍ଥିତ କର୍ମଚାରୀ ମାନଙ୍କୁ ତମାଖୁ ସେବନର ଅପକାରିତା ଓ ଶରୀର ଉପରେ ଏହାର କୁ ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ ଓ ତମାଖୁ ସେବନ ଦ୍ୱାରା ଏହା କିପରି କ୍ୟାନସର ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ଥାଏ, ସେ ବିଷୟରେ ବୁଝାଇ କହିଥିଲେ। ଏହାପରେ ତମାଖୁ ବର୍ଜନ ବିଷୟ ବସ୍ତୁ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ୟତୀତ, ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ସମେତ ଖଣ୍ଡବନ୍ଧ, ଯୋଡା ଇଷ୍ଟ, ଯୋଡା ୱେଷ୍ଟ, ବାମେବାରି ଏବଂ ଯୋରିବାହାଲ ଖଣି ସମୂହ ରେ ଡାକ୍ତର ମାନଙ୍କ ତରଫରୁ କର୍ମଚାରୀମାନଙ୍କ ମଧ୍ୟରେ ତମାଖୁ ଭୟାବହତା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

**ବଦଳିଲା ଇପିଏଫ୍‌ଓ କ୍ଲେମ୍ ନିୟମ**

# ଚେକ୍ ଓ ପାସ୍‌ବୁକ୍ ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ,୧।୬(ଏଜେନ୍ସି)




କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ତା'ର କୋଟି କୋଟି ଗ୍ରାହକଙ୍କୁ ଦେଇଛି ବଡ଼ ଆଶ୍ୱସ୍ତି। ବଦଳିଯାଇଛି ଇପିଏଫ୍‌ଓର କ୍ଲେମ୍ ବା ଦାବି ନିୟମ। ଏଣିକି ଇପିଏଫ୍ କ୍ଲେମପାଇଁ ଚେକ୍‌ବୁକ୍ ଓ ପାସବୁକର ଆବଶ୍ୟକତା ପଡ଼ିବନାହିଁ। ଇପିଏଫଓ ପକ୍ଷରୁ ଏହି ନିୟମ ପରିବର୍ତ୍ତନ କରାଯିବା ଫଳରେ ଗ୍ରାହକଙ୍କର ଇପିଏଫ କ୍ଲେମର ପ୍ରକ୍ରିୟା ଏଣିକି ଶୀଘ୍ର ସମାଧାନ ହୋଇପାରିବ। ଇପିଏଫ କ୍ଲେମ ସେଟଲମେଣ୍ଟ ପାଇଁ କ୍ୟାନସେଲ ଚେକ୍ ବା ବ୍ୟାଙ୍କ ପାସବୁକର ବାଧ୍ୟତାମୂଳକକୁ ହଟାଇ ଦିଆଯାଇଛି।

ଇପିଏଫଓ ମୁତାବକ, ଯଦି କୌଣସି ସବସ୍କ୍ରାଇବର ଅନ୍ୟ ସମସ୍ତ ସର୍ତ୍ତାବଳୀକୁ ପୂରଣ କରିଥିବେ, ତେବେ ଏଭଳି ସ୍ଥିତିରେ ତାଙ୍କୁ କ୍ଲେମ ସେଟଲମେଣ୍ଟ ପାଇଁ ଚେକ୍‌ବୁକ୍ ବା ବ୍ୟାଙ୍କ ପାସବୁକ ଅପଲୋଡ୍ କରିବାକୁ ପଡ଼ିବନାହିଁ। ଏହାଫଳରେ ଅନ୍‌ଲାଇନ କ୍ଲେମ ସେଟଲମେଣ୍ଟର ମାମଲା ଶୀଘ୍ର ସମାଧାନ ହୋଇପାରିବ।

ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ଚେକ ଲିଫ ବା ଆଟେଷ୍ଟେଟ ବ୍ୟାଙ୍କ ପାସ୍‌ବୁକ୍ କପିର ଇମେଜ ଅପଲୋଡ ନ କରିବା କାରଣରୁ ଇପିଏଫଓ ବହୁତ କ୍ଲେମକୁ ଖାରଜ କରିଦେଉଥିଲା। ଗତ ମାସ ୨୮ ତାରିଖରେ ଇପିଏଫଓ ପକ୍ଷରୁ ଏହି ମାମଲାରେ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ଅନ୍‌ଲାଇନରେ ଦାଖଲ ହେବାକୁ ଥିବା କ୍ଲେମର ସେଟଲମେଣ୍ଟ ପାଇଁ ଇପିଏଫଓ ନିୟମରେ ପରିର୍ତ୍ତନ କରିଥିବା କୁହାଯାଇଛି। ଚେକ୍ ଲିଫ ବା ବ୍ୟାଙ୍କ ଆକାଉଣ୍ଟର ଡିଟେଲ୍ସ ଅପଲୋଡ ନ କରିବା ଫଳରେ କ୍ଲେମ ରିଜେକ୍ସନର ସଂଖ୍ୟାକୁ କମ୍ କରିବା ପାଇଁ ନିୟମରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାତ୍ର ଏହା କିଛି ବୈଧ ମାମଲାରେ ଏହି ଛାଡ଼ କରାଯାଇଛି। ଯେଉଁମାନଙ୍କର ଅନ୍ୟ ଭାଲିଡେସନ ପୂର୍ଣ୍ଣ ହୋଇଥିବା ସେମାନଙ୍କୁ କେବଳ ଏ କ୍ଷେତ୍ରରେ ଆଶ୍ୱସ୍ତି ମିଳିବ। ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଯେତେବେଳେ ୱେବ୍‌ସାଇଟ୍‌ରେ ଦାବି ସମାଧାନ ପ୍ରକ୍ରିୟା ଆରମ୍ଭ ହୁଏ, ଏଥିରେ ଏକ ଭିନ୍ନ ରଙ୍ଗ ଦୃଶ୍ୟମାନ ହେବ। ସେହି ରଙ୍ଗ ଦେଖି ଅଧିକାରୀ ଜଣକ ଜାଣିପାରିବେ ଏହି କ୍ଷେତ୍ରରେ ଚେକ୍ ବୁକ୍ କିମ୍ବା ବ୍ୟାଙ୍କ ପାସବୁକ୍ ଫଟୋ ଅପଲୋଡ୍ କରିବାର କୌଣସି ଆବଶ୍ୟକତା ନାହିଁ। କଲର କୋଡିଂ ନ ହେବା ପର୍ଯ୍ୟନ୍ତ ଏହି ମାମଲାରେ ଚେକ୍ କିମ୍ବା ବ୍ୟାଙ୍କ ପାସବୁକ୍ ଫଟୋ ଲଗାଇବା ବାଧ୍ୟତାମୂଳକ କି ନୁହେଁ ତାହା ବିଚାର କରାଯିବ।

## ଫ୍ଲିପ୍‌କାର୍ଟ ବିଗ୍ ଏଣ୍ଡ ଅଫ୍ ସିଜନ୍ ସେଲ୍ ଆରମ୍ଭ

ମୁମ୍ବଇ,୧।୬: ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ୍, ଫ୍ଲିପ୍‌କାର୍ଟ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ 'ବିଗ୍ ଏଣ୍ଡ ଅଫ୍ ସିଜନ ସେଲ୍ (ବିଗ୍ ଇଓଏସ୍‌ଏସ୍)'ର ଘୋଷଣା କରାଯାଇଛି, ଯାହା ଜୁନ୍ ୧ ତାରିଖ ୨୦୨୪ରୁ ଆରମ୍ଭ ହେଉଛି। ଫ୍ୟାଶନର ଅନ୍ୟତମ ସର୍ବବୃହତ୍ ସେଲିବ୍ରେଶନ ବିଗ୍ ଇଓଏସ୍‌ଏସ୍ ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ଟ୍ରେଣ୍ଡି ଷ୍ଟାଇଲ, ପ୍ରିମିୟମ ବ୍ରାଣ୍ଡ ଓ 'ସ୍ୱଏଲ୍'ରେ ସୃଷ୍ଟି ହୋଇଥିବା ଉତ୍ସାହଜନକ ଜେନ୍ ଜି ଅଫରିଙ୍ଗ୍ ପ୍ରଦାନ କରିବ ଏବଂ ଏହାକୁ ଭାରତବ୍ୟାପୀ ସେବାଯୋଗ୍ୟ ସମସ୍ତ ପିନ୍କୋଡରେ ଡେଲିଭରି କରାଯିବ। ଫ୍ଲିପ୍‌କାର୍ଟ ବିଗ୍ ଇଓଏସ୍‌ଏସ୍ ୨୦୨୪ ସ୍ପୋର୍ଟସ୍ ସୁ, ୱାଚ୍ ଓ ଜିନ୍ ଭଳି ବିଭିନ୍ନ ବର୍ଗରେ ଓପନ୍-ବକ୍ସ ଡେଲିଭରିର ବିକଳ୍ପ ସହିତ ୧୨୦୦୦ରୁ ଅଧିକ ବ୍ରାଣ୍ଡ ଓ ୨ ଲକ୍ଷରୁ ଅଧିକ ସେଲର୍ସ ଉତ୍ପାଦ ପ୍ରଦାନ କରିବ। ଫ୍ଲିପ୍‌କାର୍ଟରେ ଉପଲବ୍ଧ ବିସ୍ତୃତ ଚୟନର ବ୍ରାଣ୍ଡଗୁଡ଼ିକ ମଧ୍ୟରୁ କିଛି ଲୋକପ୍ରିୟ ବିକଳ୍ପଗୁଡ଼ିକ ମଧ୍ୟରେ ପୁମା, ନାଇକି, ଫସିଲ, ଟାଇଟାନ, କ୍ରକ୍ସ, ୟୁସିବି, ଭେରୋମୋଡା ପିଟର ଇଂଲଣ୍ଡ ଆଦିର ଷ୍ଟାଇଲ ସାମିଲ ରହିଛି।

# ଓଡିଶାରେ କୋଇଲା ବାଷ୍ପୀକରଣ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ

ନୂଆଦିଲ୍ଲୀ,୧।୬(ଏଜେନ୍ସି)



**ପ୍ରକଳ୍ପରେ ୧୧,୭୮୨ କୋଟି ବ୍ୟୟ ଯୋଜନା**

**ବିସିଜିସିଏଲ ପ୍ରତିଷ୍ଠା କରିବ ଆମୋନିୟମ୍ ନାଇଟ୍ରେଟ୍ ପ୍ଲାଣ୍ଟ**

କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଲ) ଏବଂ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ) ଭାରତ କୋଇଲା ବାଷ୍ପୀକରଣ ଏବଂ ରସାୟନ ଲିମିଟେଡ୍ (ବିସିଜିସିଏଲ) ପକ୍ଷରୁ ଓଡିଶାରେ କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍' ବାଷ୍ପୀକରଣ ପ୍ରକଳ୍ପ ଏଲଏସଟିକେ-୨ ଚୟନ ନିମନ୍ତେ ପାଇଁ ଗୁରୁବାର ଦିନ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଟେଣ୍ଡର ନଥିପତ୍ର ଟେଣ୍ଡର ସଂଖ୍ୟା ପିଏନଏମଏମ/ପିସି୨୮/ଇ/୦୦୧ରେ ଉପଲବ୍ଧ ରହିଛି ଏବଂ ଏହି ଟେଣ୍ଡରର ଶୀର୍ଷକ 'ଭାରତ କୋଇଲା ବାଷ୍ପୀକରଣ ଏବଂ କେମିକାଲ୍ସ ଲିମିଟେଡ୍, ବିସିଜିସିଏଲ' ଭାବରେ ସିପିପି ପୋର୍ଟାଲରେ ଉପଲବ୍ଧ ରହିଛି। ଏଲଏସଟିକେ-୨ ଟେଣ୍ଡର ସିନଗ୍ୟାସ୍ ବିଶୁଦ୍ଧିକରଣ କାରଖାନା କାର୍ଯ୍ୟ ଏବଂ ଆମୋନିଆ ସିନ୍ଥେସିସ୍ ଗ୍ୟାସ୍ କାରଖାନା ସହିତ ସଂଶ୍ଳିଷ୍ଟ ଯାହାକି କୋଇଲା ଗ୍ୟାସିଫାୟରରୁ ଉତ୍ପାଦିତ ଅଶୋଧିତ ସିନ୍ ଗ୍ୟାସକୁ ଶୁଦ୍ଧ କରିବ ଏବଂ ଏହାକୁ ଆମୋନିଆ ସିନ୍ଥେସିସ୍ କରିବା ନିମନ୍ତେ ଉପଯୁକ୍ତ ସ୍ତରକୁ ଆଣିବ।

ପ୍ରାକ୍-ନିଲାମୀ ଚଳିତମାସ ୨୮କୁ ଧାର୍ଯ୍ୟ କରାଯାଇଛି ଏବଂ ଆଗ୍ରହୀ ନିଲାମଧାରୀମାନେ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଏ ସମ୍ପର୍କରେ ସେମାନଙ୍କର ପ୍ରଶ୍ନମାନ ଆଦାନପ୍ରଦାନ କରିପାରିବେ। ସିଆଇଏଲ ଏବଂ ଭେଲ୍ ଭାରତରେ ପ୍ରଥମ ଥର ପାଇଁ ବ୍ୟବସାୟିକ ଆଧାରିତ କୋଇଲାରୁ ଭୂପୃଷ୍ଠ କୋଇଲା ବାଷ୍ପୀକରଣ (ଏସସିଜି) ପ୍ରଯୁକ୍ତି ଉପାୟରେ ଆମୋନିୟମ୍ ନାଇଟ୍ରେଟ୍ ପ୍ଲାଣ୍ଟ ସ୍ଥାପନ କରିବା ସକାଶେ ଆଗ୍ରହ ପ୍ରକଟ କରିବା ସହ ଏକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ରାଜିନାମାର ସର୍ତ୍ତାବଳୀ ଅନୁସାରେ, ଭେଲ୍ ଦ୍ୱାରା ଉପଲବ୍ଧ କୋଇଲା ବାଷ୍ପୀକରଣ ପ୍ରଯୁକ୍ତି ଆଧାରରେ ସ୍ଥାନୀୟ ଭାବରେ ଏହାର ବିକାଶ ଘଟାଯିବ ଯାହାକି ଲଖନପୁର ଅଞ୍ଚଳରୁ ଉଚ୍ଚମାନର କୋଇଲା ପାଉଁଶରୁ ପ୍ରତି ବର୍ଷ ୦.୬୬ ନିୟୁତ ମେଟ୍ରିକ୍ ଟନ୍ (ଏମଏମଟିପିଏ) ପ୍ରଯୁକ୍ତି ଗ୍ରେଡର୍ ଆମୋନିୟମ୍ ନାଇଟ୍ରେନ୍ ଉତ୍ପାଦନ କରାଯିବ। ପିଏଫଆରର ସୂତ୍ର ଅନୁସାରେ, ଏହି ସମଗ୍ର ପ୍ରକଳ୍ପ ନିମନ୍ତେ ୧୧,୭୮୨ କୋଟି ଟଙ୍କା ବିନିଯୋଗ ହେବ। 'ବିସ୍ତୃତ ସମ୍ଭାବ୍ୟ ରିପୋର୍ଟ ପ୍ରସ୍ତୁତି (ଡିଏଫଆର)' ନିମନ୍ତେ ମେସର୍ସ ପିଡିଆଇଏଲକୁ ପ୍ରକଳ୍ପ ନିମନ୍ତେ ପିଏମସି ଭାବରେ ଚୟନ କରାଯାଇଛି। ତଦନୁସାରେ, କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ) ଏବଂ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ୍) ଏକ ଯୁଗ୍ମ ଉପକ୍ରମ କମ୍ପାନୀ, ଭାରତ କୋଇଲା ବାଷ୍ପୀକରଣ ଏବଂ ରସାୟନ ଲିମିଟେଡ୍ (ବିସିଜିସିଏଲ) ମେ ୨୧ରେ ଗଠନ କରିଛନ୍ତି ଯାହାକି ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କୁ ବିବିଧ ବୈଷୟିକ କୋଇଲାରୁ ରାସାୟନିକ ବ୍ୟବସାୟ ପାଇଁ ସହଯୋଗ କରିବ। ଏହା କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ)ର ଏକ ସହଯୋଗୀ ସଂସ୍ଥା ଯେଉଁଥିରେ ସିଆଇଏଲର ୫୧ ପ୍ରତିଶତ ଏବଂ ଭେଲର ୪୯ ପ୍ରତିଶତ ଅଂଶଧନ ରହିଛି।

## ସଦ୍‌ଗୁରୁ ହସ୍ପିଟାଲ ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ

କଟକ,୧।୬ (ସମିସ): 'ବିଶ୍ୱ ତମାଖୁ ବର୍ଜନ ଦିବସ' ପରିପ୍ରେକ୍ଷୀରେ ସଦ୍‌ଗୁରୁ ହସ୍ପିଟାଲ ତରଫରୁ "ଉମିଦେ" ସେବା ହୋମ୍ ଭୁବନେଶ୍ୱରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ "ଉମିଦେ"ର ଅଧ୍ୟକ୍ଷ ନିତାଇ ପାଣିଗ୍ରାହୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ରୋଟାରି କ୍ଲବ ଗୋଲଡେନ ଷ୍ଟାର ତରଫରୁ ବିପିନ ପଣ୍ଡା, ବିରଜା ପ୍ରସାଦ ସ୍ୱାଇଁ, ସମିରନ ପଟ୍ଟନାୟକ, ଦିଲୀପ ପଟ୍ଟନାୟକ, ସତ୍ୟଜିତ ସାହୁ ଏବଂ ଅଭିଷେକ ସାହୁ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସଦ୍‌ଗୁରୁ ହସ୍ପିଟାଲର ଏମ୍‌ଡି ଡାଃ ପ୍ରଦୀପ କୁମାର ମହାନ୍ତି ,ମେଡିକାଲ ସୁପରିଟେଣ୍ଡେଣ୍ଟ ଡାଃ ସମିତା ମହାନ୍ତି, ବରିଷ୍ଠ କିଡନୀ ରୋଗ ବିଶେଷଜ୍ଞ ଡାଃ ଶଶୀଭୂଷଣ ରାଉତ, କର୍କଟ ରୋଗ ବିଶେଷଜ୍ଞ ଡାଃ ସୌମ୍ୟ ରଞ୍ଜନ ମିଶ୍ର ଏବଂ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାଃ ସୁଲଗ୍ନା ମହାନ୍ତି ଯୋଗଦେଇ "ଉମିଦେ" ସେବା ହୋମ ରେ ଚିକିତ୍ସିତ ହେଉଥିବା କର୍କଟ ପୀଡିତ କୁନି କୁନି ପିଲା ଏବଂ ସେମାନଙ୍କ ବାପା, ମା' ଙ୍କୁ ତମାଖୁ ସେବନର ଅପକାରିତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ସଦ୍‌ଗୁରୁ ହସ୍ପିଟାଲର ମାର୍କେଟିଂ ମ୍ୟାନେଜର ଶୁଭାଶିଷ ପ୍ରସାଦ ବେହେରା ପରିଚାଳନା କରିଥିଲେ।



**ନୂଆ ମାସରୁ ଲାଗୁ ହେଲା ନୂଆ ନିୟମ**

# ଆଧାର ଅପ୍‌ଡେଟ୍‌ଠାରୁ ଡିଏଲ୍ ଯାଏ ସବୁ ବଦଳିଲା

ନୂଆଦିଲ୍ଲୀ,୧।୬(ଏଜେନ୍ସି)




ନୂଆ ମାସ ଅର୍ଥାତ୍ ଜୁନ୍ ପହିଲାଠାରୁ ଦେଶରେ ଲାଗୁ ହୋଇଛି କିଛି ନୂଆ ନିୟମ। ଆଧାର କାର୍ଡ ଅପ୍‌ଡେଟ୍‌ଠାରୁ ଆରମ୍ଭ କରି ଟ୍ରାଫିକ ନିୟମ ଏବଂ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଟେଷ୍ଟ, ଗ୍ୟାସ ସିଲିଣ୍ଡର ମୂଲ୍ୟ ହ୍ରାସ ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ସମ୍ପର୍କିତ ଅନେକ ନିୟମ ବଦଳିଛି।

### ବାଣିଜ୍ୟିକ ସିଲିଣ୍ଡର ଦର କମିଲା

ନୂଆ ମାସରୁ ଘରୋଇ ଗ୍ୟାସ ସିଲିଣ୍ଡରର ଦାମ୍ କମ୍ ହୋଇଥିବାବେଳେ ଗାଡ଼ି ଚଳାଇବା ନେଇ ଟ୍ରାଫିକ୍ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଟ୍ରାଫିକ ନିୟମ ପୂର୍ବଠାରୁ ଅଧିକ କଠିନ ହୋଇଛି। ଏହାଛଡ଼ା ଆଧାରରେ ମାଗଣା ଅନଲାଇନ୍ ଅପଡେଶନ ଲାଗି ଜୁନ ୧୪ ଯାଏ ସମୟ ମିଳିଛି।

### ଆଧାର କାର୍ଡ ଅପ୍‌ଡେଟ୍

ୟୁଆଇଡିଏଆଇ ଆଧାର କାର୍ଡକୁ ମାଗଣାରେ ଅପଡେଟ୍ କରିବାର ସମୟସୀମାକୁ ଜୁନ ୧୪ ଯାଏ ବୃଦ୍ଧି କରିଛି। ଏହାକୁ ଅନେକ ଥର ଆଗକୁ ବଢ଼ାଯାଇ ସାରିଛି। ଏଣୁ ଏହାକୁ ଆଉ ଆଗକୁ ବଢ଼ାଇବାର ସମ୍ଭାବନା କମ୍। ଏହାକୁ ମାଗଣାରେ ଅପ୍‌ଡେଟ୍ କରାଇବା ଲାଗି କାର୍ଡଧାରୀଙ୍କ ପାଖରେ ମାତ୍ର କିଛି ଦିନ ସମୟ ରହିଛି। ଏହାପରେ ଆଧାର କେନ୍ଦ୍ର ଯାଇ ଅପଡେଟ୍ କରାଇବା ଲାଗି ପ୍ରତି ଅପଡେଟ୍ ପିଛା ୫୦ ଟଙ୍କା ଦେବାକୁ ହେବ।

### ଟ୍ରାଫିକ ନିୟମ ଓ ଡିଏଲ୍ ଟେଷ୍ଟ

ଜୁନ ପହିଲାରୁ ଡ୍ରାଇଭିଂ ସ୍କୁଲରେ ଡ୍ରାଇଭିଂ ଟେଷ୍ଟ ହୋଇପାରିବ। ଏ ଯାଏ ଏହି ଟେଷ୍ଟ କେବଳ ଆର୍‌ଟିଓ ପକ୍ଷରୁ ଜାରି ସରକାରୀ କେନ୍ଦ୍ରରେ କରାଯାଉଥିଲା। ଏବେ ଘରୋଇ ପ୍ରତିଷ୍ଠାନରେ ମଧ୍ୟ ଲାଇସେନ୍ସ ପାଇଁ ଆବେଦନ କରିଥିବା ଲୋକଙ୍କର ଡ୍ରାଇଭିଂ ଟେଷ୍ଟ ହେବ। ଏହାଛଡ଼ା ଜୁନ ପହିଲାରୁ ନୂଆ ପରିବହନ ନିୟମ ଲାଗୁ ହୋଇଛି। ଏହାର ଉଲ୍ଲଂଘନ ପାଇଁ ଜରିମାନା ଗଣିବାକୁ ହେବ। ନୂଆ ନିୟମ ଅନୁଯାୟୀ ଯଦି କେହି ଦ୍ରୁତ ଗତିରେ ଗାଡ଼ି ଚଳାନ୍ତି ତେବେ ତାଙ୍କୁ ୧୦୦୦ରୁ ୨୦୦୦ ଟଙ୍କା ଜରିମାନା ଦେବାକୁ ହେବ। ସେହିଭଳି ବିନା ଲାଇସେନ୍ସରେ ଗାଡ଼ି ଚଳାଇଲେ ୫୦୦ ଟଙ୍କା ଜରିମାନା ଲାଗିବ।

### ଏସ୍‌ବିଆଇ କ୍ରେଡିଟ୍ କାର୍ଡ

ଜୁନ୍ ପହିଲାରୁ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ନିୟମ ବଦଳିଯାଇଛି। ତଦନୁଯାୟୀ, ଜୁନ୍ ୨୦୨୪ରୁ କିଛି କ୍ରେଡିଟ୍ କାର୍ଡ ପାଇଁ ସରକାରୀ କାରବାରରେ ରିଓ୍ବାର୍ଡ ପଏଣ୍ଟ ଲାଗୁ ହେବନାହିଁ। ଏଥିରେ ଷ୍ଟେଟ୍ ବ୍ୟାଙ୍କର ଅରମ୍, ଏସବିଆଇ କାର୍ଡ ଏଲିଟ୍, ଏସ୍‌ବିଆଇ କାର୍ଡ ଏଲିଟ୍ ଆଡଭାଣ୍ଟେଜ୍, ଏସ୍‌ବିଆଇ କାର୍ଡ ପ୍ଲସ, ସିମ୍ପଲିକ୍ଲିକ ଏସ୍‌ବିଆଇ କାର୍ଡ, ଏସ୍‌ବିଆଇ ଆଡଭାଣ୍ଟେଜ୍ ଏସ୍‌ବିଆଇ କାର୍ଡ ଏବଂ ଏସ୍‌ବିଆଇ କାର୍ଡ ପ୍ରାଇମ୍ ସମେତ ଅନ୍ୟ କାର୍ଡ ସାମିଲ।

## ଏଚ୍.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ

କଟକ,୧।୬(ସମିସ)

ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲ୍ ପକ୍ଷରୁ ମୁଣ୍ଡ ଓ ବେକ କ୍ୟାନସର୍ ଉପରେ ଏକ ବଡ ନିରନ୍ତର ଡାକ୍ତରୀ ଶିକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପ୍ରମୋଦ କନ୍‌ଭେନ୍‌ସନ ଆଣ୍ଡ କ୍ଲବ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଡ଼ିକାଲ ଡାଇରେକ୍ଟର ପ୍ରଫେସର ଡାଃ କୃପାସିନ୍ଧୁ ପଣ୍ଡା ତମାଖୁ ସେବନ ଦ୍ୱାରା କିପରି କର୍କଟ ରୋଗର କାରଣ ହୋଇପାରେ ଓ ଏହାକୁ ତୁରନ୍ତ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ହସ୍‌ପିଟାଲ୍ ପକ୍ଷରୁ ବରିଷ୍ଠ ଡାଃ ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡାଃ ରଣଜିତ କର, ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡାକ୍ତର ଜ୍ୟୋତି ରଞ୍ଜନ ସ୍ୱାଇଁ, ମେଡ଼ିକାଲ ଅଙ୍କୋଲୋଜିଷ୍ଟ ଡାଃ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ମୁଣ୍ଡ ଓ ବେକ କ୍ୟାନ୍‌ସର ଉପରେ ବିଭିନ୍ନ ବୈଜ୍ଞାନିକ ଆଲୋଚନା ସହିତ ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଡାକ୍ତର ଅଂଶଗ୍ରହଣ କରିଥିଲେ। ହସ୍‌ପିଟାଲ୍ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶାନ୍ତନୁ ଦାସ, ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡାଃ ସିଦ୍ଧାର୍ଥ ପଟ୍ଟନାୟକ, ନ୍ୟୁକ୍ଲିୟର୍ ମେଡିସିନ୍‌ର ଡାଃ ତୁଷାର ମହାପାତ୍ର, ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡାକ୍ତର ପ୍ରକାଶ କୁମାର ସ୍ୱାଇଁଙ୍କ ସମେତ ହସ୍‌ପିଟାଲ୍‌ର ଅନ୍ୟାନ୍ୟ ସମସ୍ତ ବିଭାଗ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଶେଷରେ ହସ୍‌ପିଟାଲ୍‌ର ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡାଃ ଶୁଭ୍ରମ ପାଣି ଧନ୍ୟବାଦ ଦେଇଥିଲେ।



**ବନ୍ଧୁକ ମୁନରେ ଡକାୟତି ଘଟଣାର ପର୍ଦ୍ଦାଫାସ୍**

# ୧୫ ଦିନରେ ପୁଲିସର ବଡ଼ ସଫଳତା; ୧୩ ଗିରଫ

## ୨୮.୪ ଗ୍ରାମ୍ ସୁନା, ୩୦୦ ଗ୍ରାମ୍ ରୁପା, ୩ ବାଇକ୍, ଦୁଇ ଖେଳନା ବନ୍ଧୁକ, ଦୁଇଟି ଛୁରୀ, ବଡ଼ ଲୁହା ରଡ୍, ୧୨ ମୋବାଇଲ ଓ ମାସ୍କ ଜବତ

ନବରଙ୍ଗପୁର,୧।୬(ସମିସ): ବନ୍ଧୁକ ମୁନରେ ଡକାୟତି ଘଟଣାର ପର୍ଦ୍ଦାଫାସ୍ କରିଛି ନବରଙ୍ଗପୁର ପୁଲିସ। ୧୫ ଦିନରେ ନବରଙ୍ଗପୁର ପୁଲିସକୁ ମିଳିଛି ବଡ଼ ସଫଳତା। ଏହି ମାମଲାରେ ପୁଲିସ ୧୩ ଜଣଙ୍କୁ ଗିରଫ କରିଛି। ଏହା ସହ ଦୁର୍ବୃତ୍ତଙ୍କଠାରୁ ୨୮.୪ ଗ୍ରାମ୍ ସୁନା, ୩୦୦ ଗ୍ରାମ୍ ରୁପା, ୩ ବାଇକ୍, ଦୁଇ ଖେଳନା ବନ୍ଧୁକ, ଦୁଇ ଛୁରୀ, କିଛି ଲୁହା ରଡ୍, ୧୨ ମୋବାଇଲ ଓ ମାସ୍କ ଜବତ କରାଯାଇଛି। ନବରଙ୍ଗପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଡଙ୍ଗରଭେଜା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ସୁନୀଲ ସାହୁଙ୍କ ପୈତୃକ ଘରେ ଭଡ଼ାରେ ରହୁଥିବା ଶିକ୍ଷୟିତ୍ରୀଙ୍କ ଘରେ ମୁଖାପିନ୍ଧା ଦୁର୍ବୃତ୍ତ ପଶି ଡକାୟତି କରିଥିଲେ। ଏହି ଘଟଣାର ପର୍ଦ୍ଦାଫାସ୍ କରି ସମ୍ପୃକ୍ତ ଆସାମୀକୁ ଧରି ଶନିବାର କୋର୍ଟ ଚାଲାଣ କରିଛି ନବରଙ୍ଗପୁର ପୁଲିସ। ଶନିବାର ନବରଙ୍ଗପୁର ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା।




ସୂଚନା ପ୍ରକାରେ, ଗତ ୧୪ ତାରିଖ ମଧ୍ୟରାତ୍ରିରେ ନବରଙ୍ଗପୁର ପୁଲିସ୍ ଷ୍ଟେସନ ଅନ୍ତର୍ଗତ ଡଙ୍ଗରବେଜା ଗ୍ରାମରେ ସୁନୀଲ ସାହୁଙ୍କ ଘରର ତାଲା ଭାଙ୍ଗି ରୋହିତ ବେହେରା ଓ ତାଙ୍କ ପରିବାର ସଦସ୍ୟଙ୍କୁ ବନ୍ଧୁକ ଓ ଛୁରୀ ଦେଖାଇ ଦୁର୍ବୃତ୍ତ ସୁନାଚେନ୍ ୪ଟି, ସୁନାଚୁଡ଼ି ୮ଟି, ସୁନା କାନଫୁଲ, ଦୁଇଟି ମୁଦି ଏବଂ ୧୭ ହଜାର ଟଙ୍କା ନଗଦ ଲୁଟି ନେଇଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀ ରୋହିତ ବେହେରା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ନବରଙ୍ଗପୁର ପୁଲିସ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତବେଳେ ଏହି ଘଟଣାରେ ୧୨ ଜଣିଆ ଗ୍ୟାଙ୍ଗ (ନବରଙ୍ଗପୁରରୁ ଦୁଇ ଜଣ ଏବଂ ଜୟପୁରରୁ ୧୦ ଜଣ) ସମ୍ପୃକ୍ତ ଥିବା ଜଣାପଡ଼ିଥିବାବେଳେ ସେମାନଙ୍କୁ ଗିରଫ କରାଯାଇଛି। ଏହା ସହ ଜଣେ ରିସିଭରଙ୍କୁ ମଧ୍ୟ ଜୟପୁରରୁ ନବରଙ୍ଗପୁର ପୁଲିସ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତଙ୍କ କହିବା ଅନୁସାରେ, ସେମାନେ ସୁନୀଲ ସାହୁଙ୍କ ଘରେ ନିର୍ବାଚନ ପ୍ରଚାର ପାଇଁ କୋଟି କୋଟି ଟଙ୍କା ରଖାଯାଇଥିବା ସନ୍ଦେହ କରି ଡକାୟତି କରିବାକୁ ଯୋଜନା କରି ଏକ ଦଳ ଗଠନ କରିଥିଲେ। ଏହି ଦଳ ସୁନୀଲ ସାହୁଙ୍କ ଘରେ ସଶସ୍ତ୍ର ଡକାୟତି କରିବାକୁ ଉଦ୍ୟମ କରି ପରେ ତାଙ୍କ ଘରେ ଭଡ଼ା ସୂତ୍ରରେ ଥିବା ରୋହିତ ବେହେରାଙ୍କ ଘରେ ପଶିଯାଇଥିବା ଜାଣିବାକୁ ପାଇଥିଲେ। ଏହି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ଜୟପୁର ଥାନା ଅନ୍ତର୍ଗତ ଉମରି ତଳସାହିର ଶିବ ଶଙ୍କର ହରିଜନ (୨୪), କୋରାପୁଟ ଜିଲ୍ଲା ଜୟପୁର ଥାନା ଅନ୍ତର୍ଗତ ତେଲିଆ ଗ୍ରାମର ବିକାଶ ହରିଜନ(୨୨), ଜୟପୁର ଥାନା ଅନ୍ତର୍ଗତ ଉମରି ଗ୍ରାମର ବିକାଶ ହରିଜନ(୨୨), ଜୟପୁର ହାଟପଦା ସାହିର ସଞ୍ଜୟ ବେନିଆ(୨୨), ବିରେନ୍ଦ୍ର ଟାକ୍ରି(୨୨), ଜୟପୁର ଖ୍ରୀଷ୍ଟିଆନ ସାହି ୫ଲାଇନର ଆକବର ଗରଡ଼ା (୨୮), କୋରାପୁଟ ଜିଲ୍ଲା କୁନ୍ଦ୍ରା ଥାନା ଅନ୍ତର୍ଗତ ଭୂଷଙ୍ଗଗୁଡ଼ା ଗ୍ରାମର ଆନନ୍ଦ ହରିଜନ(୨୩), ନବରଙ୍ଗପୁର ସେନାପତି ସାହିର ଜହନ ଯୋତିନ ସୁନା(୩୯), ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ମହାଲି ଗ୍ରାମର ବିରଞ୍ଚି ମହାନନ୍ଦିଆ (୩୪), କୋରାପୁଟ ଜିଲ୍ଲା ଅନ୍ତର୍ଗତ ବି. ସିଂପୁର ଥାନା ଅନ୍ତର୍ଗତ ବଡିଗାଁର ସନୁ ଜାନୀ (୨୮), କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ଅନ୍ତର୍ଗତ ମୁନିଗୁଡ଼ା ଗ୍ରାମର ସୁଶାନ୍ତ ଖଣ୍ଡପାନ(୨୩), କୋରାପୁଟ ଜିଲ୍ଲା ଜୟପୁର ଥାନା ଅନ୍ତର୍ଗତ ହାଟପଦା ସାହିର ମୋହନ ସାଗର (୩୪)ଙ୍କ ସମେତ କୋରାପୁଟ ଜିଲ୍ଲା ଜୟପୁର ଥାନା ଅନ୍ତର୍ଗତ ଭୂପତି ସାହିର ସୁନା କିଣିଥିବା ଏଲ୍ ଅଶୋକ କୁମାର (୩୮)ଙ୍କୁ ଗିରଫ କରି ସେମାନଙ୍କ ପାଖରୁ ୨୮.୪ ଗ୍ରାମ୍ ତରଳା ଯାଇଥିବା ସୁନା, ୩୦୦ ଗ୍ରାମ୍ ରୁପା ସାମଗ୍ରୀ, ୩ଟି ବାଇକ୍, ଦୁଇଟି ଖେଳନା ବନ୍ଧୁକ, ଦୁଇଟି ଛୁରୀ, କିଛି ବଡ଼ ଲୁହା ରଡ୍, ୧୨ଟି ମୋବାଇଲ ଫୋନ୍ ଏବଂ ମୁହଁରେ ବ୍ୟବହାର କରିଥିବା ମାସ୍କ ଜବତ କରିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ସୂଚନା ଦେଇଛନ୍ତି। ଏହି ଘଟଣାର ତଦନ୍ତରେ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତରା, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ ବେହେରା, ଏସଆଇ ସବିର ଅହମ୍ମଦ, ଏଏସଆଇ ତୁଳସୀରାମ ପୂଜାରୀ, ନବରଙ୍ଗପୁର ସାଇବର ସେଲ ପୁଲିସ ସାଇଣ୍ଟିଫିକ୍ ଟିମ୍ ସାମିଲ ହୋଇ ସହଯୋଗ କରିଥିବା ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା କହିଛନ୍ତି।

■ ଘରୋଇ ବସ୍ ପାର୍କିଂରେ ଲାଗିଲା ନିଆଁ

# ଚାହୁଁ ଚାହୁଁ ଜଳିଗଲା ୪ଟି ବସ୍



ବିଷମ କଟକ, ୧।୬(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡରେ ପାର୍କିଂରେ ଥିବା ଚାରୋଟି ବସ୍ ଆଖି ପିଛୁଳାକେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଶନିବାର ଅପରାହ୍ନ ୨.୩୦ମିନିଟ୍ ସମୟରେ ବିଷମ କଟକ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ଭିତରେ ୬ଟି ବସ୍ ଧାଡ଼ିରେ ପାର୍କ ଥିବା ସମୟରେ ସେଥିମଧ୍ୟରୁ ହଠାତ୍ ଗୋଟିଏ ବସ୍‌ରୁ ଧୂଆଁ ବାହାରିଥିଲା। ବସଷ୍ଟାଣ୍ଡର କର୍ମଚାରୀ ଓ ସ୍ଥାନୀୟ ଲୋକେ ଏହା ଦେଖୁ ଦେଖୁ ଖୁବ ଶୀଘ୍ର ଅନ୍ୟ ବସଗୁଡ଼ିକୁ ବ୍ୟାପିଥିଲା। ନିଆଁ ଲିଭାଇବାରେ ସେମାନେ ବିଫଳ ହୋଇଥିଲା ବେଳେ ପବନର ବେଗ ମଧ୍ୟ ଅଧିକା ରହିଥଲା। ଗୋଟିଏ ପରେ ଗୋଟିଏ ଗାଡିରେ ଅଗ୍ନି ସଂଯୋଗ ହୋଇ ହୁତୁ ହୁତୁ ହୋଇ ଜଳିଯାଉଥିଲା। ଇତିମଧ୍ୟରେ ଦୁଇଟି ଗାଡ଼ିକୁ ଘଟଣାସ୍ଥଳରୁ ବାହାର କରିନିଆ ଯାଇଥିବା ବେଳେ ଅନ୍ୟ ଚାରୋଟି ବସ୍ ହୁତୁ ହୁତୁ ହୋଇ ଜଳିଯାଇଥିଲା। ବସଷ୍ଟାଣ୍ଡ କର୍ମଚାରୀମାନେ ବିଷମ କଟକ ଅଗ୍ନିଶମ ବାହିନୀକୁ ଖବର ଦେବା ମାତ୍ରେ ଦମକଳ ବାହିନୀ ଅଧିକାରୀ କୈଳାସଚନ୍ଦ୍ର ପ୍ରଧାନଙ୍କ ସହ ମୁନିଗୁଡ଼ା ଦମକଳ ବାହିନୀ ପହଞ୍ଚିଥିଲେ। ଦୁଇଟି ବ୍ଲକର ଚାରୋଟି ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବାରେ ଲାଗି ପଡ଼ିଥିଲେ। ଦୀର୍ଘ ଦେଢ଼ ଘଣ୍ଟା ପରେ ଚାରୋଟି ବସରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁଲିଭା ବେଳକୁ ଚାରୋଟି ଯାକ ବସ୍ ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିଥିବା ଗାଡି ନଂ ଓଆର୍ ୨୩ ଇ ୩୦୯୨, ଓଡି୦୨ଏସ୍୫୦୩୩, ଓଡି ୧୮ ୧୩୫୯ ଏବଂ ଓଆର୍ ୦୮ ଏଚ୍ ୦୪୨୧ ଗାଡ଼ି ଜଳିଯାଇଥିବା ବେଳେ ସମସ୍ତ ଗାଡ଼ି ବିଷମ କଟକର କିରଣ କୁମାର ସାହୁଙ୍କ ବୋଲି ଜଣାପଡ଼ିଛି। କେଉଁ ପରିସ୍ଥିତିରେ ଗାଡ଼ିରେ ନିଆଁ ଲାଗିଲା ତାହା ସ୍ୱଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଉପସ୍ଥିତ ରହି ଗାଡ଼ି ନିଆଁଲିଭା କାର୍ଯ୍ୟରେ ସହଯୋଗ କରିଥିଲେ। କେଉଁ କାରଣରୁ ଏଭଳି ବସରେ ନିଆଁ ଲାଗିଲା ତାକୁ ନେଇ ବିଷମ କଟକ ପୁଲିସ ଏହାର ତଦନ୍ତ କରୁଥିବା ବେଳେ ବିଷମ କଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡୀ ଉପସ୍ଥିତ ଥିଲେ।

**ଜଣେ ମାଲିକଙ୍କ ୪ଟି ବସ୍ ପୋଡ଼ି ପାଉଁଶ**

# ବୁଥ ଆଗରେ ସ୍ତ୍ରୀକୁ ଭୁଜାଲିରେ ହାଣିଲା ସ୍ୱାମୀ

ଭଦ୍ରକ, ୧।୬(ସମିସ): ନିଜ ମତଦାନ କରିବାକୁ ଧାଡିରେ ଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅତର୍କିତ ଭାବେ ଭୁଜାଲିରେ ହାଣି ମାରିଦେବା ଭଳି ଅତି ଜଘନ୍ୟ ତଥା ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଉପୁର ମୁକ୍ତାଡିହି ଗାଁରେ। ତେବେ ଏହା କୌଣସି ନିର୍ବାଚନୀ ହିଂସା ନୁହେଁ; ପାରିବାରିକ କଳହରୁ ମହିଳାଙ୍କ ସ୍ୱାମୀ ପ୍ରତିଶୋଧପରାୟଣ ହୋଇ ଏଭଳି ବୀଭତ୍ସ କାଣ୍ଡ ଭିଆଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ମୁକ୍ତାଡିହି ଗାଁର ପ୍ରଭାକର ରାଉତ ଓ ତାଙ୍କ ପତ୍ନୀ ରଶ୍ମିରେଖା ବେହେରାଙ୍କ ମଧ୍ୟରେ ପାରିବାରିକ କଳହ ରହିଥିଲା। ଏହି କାରଣରୁ ରଶ୍ମିରେଖା ନିଜ ଶାଶୁଘର ଛାଡି ସ୍ଥାନୀୟ ଜିରାଗମ୍ଭିରା ଗାଁରେ ଥିବା ନିଜ ବାପଘର କିଛିଦିନ ହେବ ରହୁଥିଲେ। ରଶ୍ମିରେଖାଙ୍କ ଦାଦା ଖଗେଶ୍ୱରଙ୍କ କହିବାନୁଯାୟୀ, ରଶ୍ମିରେଖା ଓ ପ୍ରଭାକରଙ୍କ ମଧ୍ୟରେ ପାରିବାରିକ କଳହ ମହିଳା କମିଶନରେ ବିଚାରାଧୀନ ଅଛି। ଆଜି ରଶ୍ମିରେଖା ଭୋଟ ଦେବାକୁ ମୁକ୍ତାଡିହି ଗାଁର ୪ନମ୍ବର ବୁଥକୁ ଦାଦା ଖଗେଶ୍ୱରଙ୍କ ସହ ଆସିଥିଲେ। ବୁଥରେ ବହଞ୍ଚିବା ପରେ ରଶ୍ମିରେଖା ଧାଡିରେ ଛିଡା ହୋଇଥିଲେ। ହଠାତ ସ୍ୱାମୀ ପ୍ରଭାକର ପହଞ୍ଚି ଧାଡିରେ ଥିବା ରଶ୍ମିରେଖାଙ୍କ ଚୁଟି ଟାଣି ତଳେ ପକାଇଦେବା ପରେ ଏକ ଧାରୁଆ ଭୁଜାଲିରେ ଏକାଧିକବାର ଆକ୍ରମଣ କରିଥିଲେ। ବହୁ ଲୋକଙ୍କ ଉପସ୍ଥିତିରେ ଏଭଳି କାଣ୍ଡ ଭିଆଇଥିଲେ ପ୍ରଭାକର। ରଶ୍ମିରେଖାଙ୍କ ଦାଦା ଖଗେଶ୍ୱର ଏହି ସମୟରେ ପ୍ରଭାକରଙ୍କ ମୁଣ୍ଡକୁ ଏକ ପଥର ଛାଟିଥିଲେ। ପରେ ପ୍ରଭାକରଙ୍କୁ କାବୁ କରିଥିଲେ ଲୋକେ। ଗୁରୁତର ଅବସ୍ଥାରେ ରଶ୍ମିରେଖାଙ୍କୁ ସ୍ଥାନୀୟ ବରପଦା ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ପ୍ରଭାକରଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି। ମୃତକଙ୍କ ଶବକୁ ବ୍ୟବଚ୍ଛେଦ ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

**ନିର୍ବାଚନୀ ହିଂସା ନୁହେଁ; ପାରିବାରିକ କଳହ**

# ଅବଶିଷ୍ଟାଂଶ...

## ଷଷ୍ଠ ଥର...

ଆସନ ବିଜେପିକୁ ଯାଇପାରେ। ତେବେ ଅନ୍ୟ ୫ଟି ଆସନ ଝରିଗାଁ, ଡାବୁଗାଁ, କୋଟପାଡ଼, ମାଲକାନଗିରି ଓ ଚିତ୍ରକୋଣ୍ଡାରେ ବିଜେଡି ବିଜୟୀ ହୋଇପାରେ। କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ଆସନ ମଧ୍ୟରୁ ଜୟପୁରରେ କଂଗ୍ରେସ ଓ ଲକ୍ଷ୍ମୀପୁରରେ ବିଜେଡି-କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲାର ସୂଚନା ମିଳିଛି। ଏହାବ୍ୟତୀତ କୋରାପୁଟ, ପଟାଙ୍ଗୀ, ରାୟଗଡ଼ା, ବିଷମ କଟକ, ଗୁଣୁପୁର ଆଦି ଆସନଗୁଡ଼ିକ ବିଜେଡି ବିଜୟୀ ହୋଇପାରେ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ଦିଗପହଣ୍ଡିରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ସୂଚନା ମିଳିଛି। ଏହାବ୍ୟତୀତ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଚିକିଟି, ମୋହନା, ପାରଳାଖେମୁଣ୍ଡି ଆସନଗୁଡ଼ିକ ବିଜେଡି ସପକ୍ଷରେ ଯାଇପାରେ। କଳାହାଣ୍ଡି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ଟି ବିଧାନସଭା କ୍ଷେତ୍ରରେ ଫଳାଫଳ ବିଜେଡି ସପକ୍ଷରେ ଯାଇପାରେ ବୋଲି ବୁଥ୍ ବାହୁଡ଼ା ମତରୁ ସ୍ୱଷ୍ଟ ହୋଇଛି।

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ୫ଟି ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ୩୫ ବିଧାନସଭା କ୍ଷେତ୍ର ମଧ୍ୟରୁ ୨୭ଟି ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ସେହିପରି ଏହି ପର୍ଯ୍ୟାୟରେ ବିଜେପି ୩ଟି ଓ କଂଗ୍ରେସ ୨ଟି ଆସନ ପାଇବ ବୋଲି ଆକଳନ କରାଯାଇଛି। ୩ଟି ଆସନରେ କଡ଼ା ମୁକାବିଲା ସମ୍ଭାବନା ରହିଛି। ଆସ୍କା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାନଖେମୁଣ୍ଡି ବିଧାନସଭା ଆସନ କଂଗ୍ରେସକୁ, କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କଣ୍ଟାମାଳ ବିଧାନସଭା ଆସନ ବିଜେପିକୁ ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଅତାବିରା ବିଧାନସଭା ଆସନ ବିଜେପିକୁ, ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ତଳସରା ଆସନ ବିଜେପିକୁ ଓ ବଣାଇ ଆସନ ସିପିଏମ୍‌କୁ ଯାଇପାରେ ବୋଲି କୁହାଯାଉଛି। ଅନୁରୂପ ଭାବରେ ବୀରମହାରାଜପୁରରେ ବିଜେଡ଼ି-ବିଜେପି, ପାଟଣାଗଡ଼ରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବାରୁ କେହି ବି ବିଜୟୀ ହୋଇପାରନ୍ତି। ଏହି ଆସନ ବ୍ୟତୀତ ଅନ୍ୟ ସମସ୍ତ ୨୬ଟି ବିଧାନସଭା ଆସନରେ ବିଜେଡି ବିଜୟୀ ହେବ ବୋଲି ବୁଥ୍ ବାହୁଡ଼ା ମତରୁ ସ୍ୱଷ୍ଟ ହୋଇଛି।

ପ୍ରଥମ ଦୁଇ ପର୍ଯ୍ୟାୟ ପରି ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ବିଜେଡି ମଧ୍ୟ ନିଜର ସଫଳତା ଧାରା ଅବ୍ୟାହତ ରଖିଛି ବୋଲି ସର୍ବେକ୍ଷଣରୁ ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ଅଞ୍ଚଳର ୪୨ଟି ବିଧାନସଭା ଆସନରୁ ବିଜେଡି ସପକ୍ଷରେ ୩୩ଟି, ବିଜେପି ସପକ୍ଷରେ ୩ଟି ଆସନ ଯାଇପାରେ। ୬ଟି ଆସନରେ ଉଭୟ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ସୂଚନା ମିଳିଛି। ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କେବଳ ବ୍ରହ୍ମଗିରିରେ ଉଭୟ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଅନ୍ୟ ୬ଟି ବିଧାନସଭା କ୍ଷେତ୍ରରେ ବିଜେଡି ବିଜୟୀ ହେବ ବୋଲି ଏକ୍‌ଜିଟ୍ ପୋଲରୁ ସୂଚନା ମିଳିଛି। ଅନୁରୂପ ଭାବରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଭୁବନେଶ୍ୱର (ମଧ୍ୟ) ବିଧାନସଭା ଆସନରେ ବିଜେଡି-ବିଜେପି ମଧ୍ୟରେ ଲଢ଼େଇ ଜୋରଦାର ହୋଇଛି। ଏହାବ୍ୟତୀତ ଅନ୍ୟ ୬ଟି ବିଧାନସଭା ଆସନ ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି। ସେହିପରି କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ଟି ଆସନରେ ବିଜେଡି ବିଜୟୀ ହେବ। କେନ୍ଦୁଝର ସଂସଦୀୟ କ୍ଷେତ୍ରର ପାଟଣା ଓ କରଞ୍ଜିଆରେ ବିଜେପିର ବିଜୟ ସମ୍ଭାବନା ରହିଛି ଓ କେନ୍ଦୁଝରରେ ବିଜେଡି-ବିଜେପି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଏହାବ୍ୟତୀତ ଅନ୍ୟ ୪ଟି ଆସନ ଚମ୍ପୁଆ, ତେଲକୋଇ, ଘସିପୁରା, ଆନନ୍ଦପୁରରେ ବିଜେଡି ବିଜୟୀ ହୋଇପାରେ। ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ପରଜଙ୍ଗ ଆସନ ବ୍ୟତୀତ ଅନ୍ୟ ସବୁ ଆସନରେ ବିଜେଡି ସପକ୍ଷରେ ଯିବା ରିପୋର୍ଟ ମିଳିଛି। ପରଜଙ୍ଗରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ରହିଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି, ରେଢ଼ାଖୋଲ, ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା ଆସନ ବିଜେଡି ଖାତାକୁ ଯାଇପାରେ। ସେହିପରି କୁଚିଣ୍ଡା ଆସନରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇ ପାରନ୍ତି। ସମ୍ବଲପୁର ଓ ଦେବଗଡ଼ ଆସନରେ ବିଜେଡି-ବିଜେପି କଡ଼ା ମୁକାବିଲା ସମ୍ମୁଖୀନ ହୋଇଛନ୍ତି ବୋଲି ବୁଥ୍ ବାହୁଡ଼ା ମତରୁ ସ୍ୱଷ୍ଟ ହୋଇଛି।

ଅନ୍ତିମ ପର୍ଯ୍ୟାୟରେ ଆଜି ଅନୁଷ୍ଠିତ ହୋଇଥିବା ୬ଟି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା ଆସନରୁ ବିଜେଡି ସର୍ବାଧିକ ସଫଳତା ପାଇବ ବୋଲି ସର୍ବେକ୍ଷଣରୁ ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୪୨ ବିଧାନସଭା ଆସନରୁ ବିଜେଡି ୩୪ ପର୍ଯ୍ୟନ୍ତ ଆସନରେ ବିଜୟୀ ହେବ ବୋଲି କୁହାଯାଉଛି। ଏହି ପର୍ଯ୍ୟାୟରେ ବିଜେପି ୩ଟି ଆସନରେ ବିଜୟୀ ହୋଇପାରେ ଓ ୫ଟି ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି। ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ସଂସଦୀୟ କ୍ଷେତ୍ରର ସମସ୍ତ ୨୧ ଆସନ ବିଜେଡି ସପକ୍ଷରେ ଯାଇଥିବା ବୁଥ୍ ବାହୁଡ଼ା ମତରୁ ସୂଚନା ମିଳିଛି। ସେହିପରି ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୋରଡ଼ା, ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେମୁଣା ଓ ଭଦ୍ରକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଧାମନଗର ଆସନ ବିଜେପି ସପକ୍ଷରେ ଯାଇପାରେ। ଏହାବ୍ୟତୀତ ଚାନ୍ଦବାଲି, ବାଲେଶ୍ୱର, ନୀଳଗିରି, ବଡ଼ସାହି ଓ ଯଶୀପୁର ବିଧାନସଭା ଆସନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ସୂଚନା ମିଳିଛି।

## ଏନ୍‌ଡିଏ ସପକ୍ଷରେ...

ଦଳର ମାନ୍ୟତା ଲାଭ କରିବ ବୋଲି କୁହାଯାଇଛି। ବିଜେପି ନେତୃତ୍ୱାଧୀନ ଏନଡିଏ ହ୍ୟାଟ୍ରିକ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିହାସ ରଚିବାକୁ ଯାଉଥିବା ବହୁ ଏଜେନ୍ସି ଆକଳନ କରିଛନ୍ତି। ତେବେ ବିଜେପି ଦେଇଥିବା ୪୦୦ ପାର ନାରା ଫେଲ ମାରିବ ବୋଲି ଏକ୍‌ଜିଟ ପୋଲ ରିପୋର୍ଟରୁ ଜଣାପଡ଼ିଛି। ସେହିପରି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ୨୦୧୯ ନିର୍ବାଚନ ତୁଳନାରେ ଏଥର ଭଲ ପ୍ରଦର୍ଶନ କରିବା ନେଇ ଆକଳନ କରାଯାଇଛି। ୨୦୧୯ରେ କଂଗ୍ରେସ ମାତ୍ର ୫୨ଟି ଆସନରେ ବିଜୟୀ ହୋଇଥିଲା ବେଳେ ୟୁପିଏ ୯୧ଟି ଆସନ ହାସଲ କରିଥିଲା। ତେବେ ଚଳିତ ନିର୍ବାଚନରେ ଇଣ୍ଡିଆ ମେଣ୍ଟ ୧୫୦ରୁ ଅଧିକ ଆସନ ଜିତିବାକୁ ଯାଉଥିବା ବିଭିନ୍ନ ଏକଜିଟ ପୋଲରେ କୁହାଯାଇଛି।

## ୪ ଦିନରେ...

ରେକର୍ଡ କରାଯାଇଛି। ସେହିପରି ଦିଲ୍ଲୀର କେତେକ ସ୍ଥାନରେ ତାପମାତ୍ରା ୪୭ ଡିଗ୍ରୀରେ ପହଞ୍ଚିଥିବା ଦେଖାଯାଇଛି। ଶନିବାର ମଧ୍ୟ ରାଜସ୍ଥାନ ସମେତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଝାଡ଼ଖଣ୍ଡ, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରରେ ତାତି ଅସହ୍ୟ ରହିଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଏହିସବୁ ରାଜ୍ୟ ସମେତ ମୋଟ ୧୪ ରାଜ୍ୟ ପାଇଁ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ସତର୍କତା ଜାରି କରାଯାଇଛି। ଲୋକମାନଙ୍କୁ ଦିନ ୧୧ଟା ପରେ ବାହାରକୁ ନଯିବାକୁ ପରାମର୍ଶ ଦିଆଯିବା ସହ ଆବଶ୍ୟକସ୍ଥଳେ ଉଚିତ ପଦକ୍ଷେପ ନେବାକୁ କୁହାଯାଇଛି।

## ନକଲି ଆଇଏଏସ୍...

ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜଣକ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଖବର ପାଇ ପୁଲିସ ସେଠାରୁ ଗିରଫ କରି ମାଲକାନଗିରିକୁ ଆଣିଛି। ପଚରାଉଚରା କଲା ପରେ ସେ ମାଲକାନଗିରି ଜିଲ୍ଲାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାକିରି କରାଇଦେବା ନାମରେ ଆଦିବାସୀ ଓ ଅଣଆଦିବାସୀଙ୍କଠାରୁ ୨ କୋଟିରୁ ଅଧିକ ଠକି ନେଇଥିବା ପୁଲିସ ଆଗରେ ପ୍ରକାଶ କରିଛି। ମାଲକାନଗିରି ପୁଲିସର ତଦନ୍ତ ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ତାଙ୍କ ନାମରେ ଲିଖିତ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପୁଲିସ ଅଧିକ ଛାନଭିନ ଜାରି ରଖିଥିବା ମାଲକାନଗିରି ଥାନାଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି, ମାଲକାନଗିରି ଜିଲ୍ଲାରେ ବେକାର ଯୁବକ ଯୁବତୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ବେଳେ ଉଚ୍ଚଶିକ୍ଷିତ ଯୁବକ ଯବତୀମାନେ ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି କରିବା ନିମନ୍ତେ ଅଧିକାଂଶ ସମୟରେ ଠକାମିର ଶିକାର ହେଉଛନ୍ତି। ଏହା ପ୍ରଥମ ଥର ନୁହେଁ; ପୂର୍ବରୁ ମଧ୍ୟ ଅନେକ ଥର ଏଭଳି ଘଟଣା ଘଟିଥିବା ନଜିର ରହିଛି।

## କମିବ ବିଜେପିର...

ବିଶ୍ଳେଷଣକାରୀ ସଂସ୍ଥାର ଠିକ୍ ବିପରୀତ। ଦେଶର ପ୍ରମୁଖ ତଥା ରାଜସ୍ଥାନର ଫଲୋଦୀ ସଟ୍ଟାବଜାର ଆକଳନ ଅନୁସାରେ ବିଜେପି ଏକାକୀ ୨୧୨ ଓ ଏନ୍‌ଡ଼ିଏ ମେଣ୍ଟ ମୋଟ ୨୫୩ ଆସନରେ ବିଜୟୀ ହୋଇପାରେ। ଅନ୍ୟପକ୍ଷରେ କଂଗ୍ରେସକୁ ୧୧୭ ଆସନ ଓ ଇଣ୍ଡି ମେଣ୍ଟକୁ ମୋଟ ୨୪୬ ଆସନ ଯାଇପାରେ ବୋଲି କୁହାଯାଇଛି। ଇନ୍ଦୋର ସଟ୍ଟାବଜାର ମଧ୍ୟ ବିଜେପିକୁ ନିରାଶ କରିଛି। ସେୟାର ଓ ଅନ୍ୟାନ୍ୟ ବିତ୍ତୀୟ ବଜାର ନେଇ ସଟ୍ଟା ଲଗାଯାଉଥିବା ଇନ୍ଦୋର ସଟ୍ଟାବଜାର ଆକଳନ ଅନୁସାରେ କଂଗ୍ରେସ ୧୦୮ଟି ଆସନରେ ବିଜୟୀ ହୋଇପାରେ ଓ ବିଜେପିକୁ ୨୬୦ ପର୍ଯ୍ୟନ୍ତ ଆସନ ମିଳିପାରେ। କିନ୍ତୁ ଇଣ୍ଡି ମେଣ୍ଟ ଚଳିତ ନିର୍ବାଚନରେ ୨୩୧ ପର୍ଯ୍ୟନ୍ତ ଆସନରେ ବିଜୟୀ ହୋଇପାରେ ବୋଲି ଆକଳନ କରିଛି।

ମୁମ୍ବାଇର ହାଜିଅଲ୍ଲୀ ସଟ୍ଟାବଜାରରେ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ସ୍ଥିତି ଓ ଆସନ, ବଜାର ଗଣିତ, କ୍ରିକେଟ, ଘୋଡ଼ା ଦୌଡ଼ ଉପରେ ସଟ୍ଟା ଲଗାଯାଇଥାଏ। ହାଜିଅଲ୍ଲୀ ସଟ୍ଟାବଜାର ଆକଳନ ଅନୁସାରେ ଚଳିତ ନିର୍ବାଚନରେ ବିଜେପିକୁ ଏକାକୀ ୨୯୫ ପର୍ଯ୍ୟନ୍ତ ଓ କଂଗ୍ରେସକୁ ୫୫ ପର୍ଯ୍ୟନ୍ତ ଆସନ ମିଳିପାରେ। କଲକତା ସଟ୍ଟାବଜାରରେ ଫୁଟବଲ, କ୍ରିକେଟ, ରାଜନୀତିରେ ବି ସଟ୍ଟା କାରବାର ହୁଏ। ଏହି ସଟ୍ଟା ବଜାରରେ ଚଳିତ ନିର୍ବାଚନକୁ ନେଇ ବିଜେପିର ସ୍ଥିତି ଏତେ ଭଲ ନାହିଁ ବୋଲି ବେପାରୀମାନେ କହିଛନ୍ତି। ବିଜେପିକୁ ଦେଶରେ ୨୧୮ ଆସନ ଓ ଏନ୍‌ଡ଼ିଏକୁ ୨୬୩ ଆସନ; ଅନ୍ୟପକ୍ଷରେ କଂଗ୍ରେସ ୧୨୮ ଓ ଇଣ୍ଡି ମେଣ୍ଟ ୨୨୮ ଆସନ ଦଖଲ କରିପାରେ ବୋଲି କଲକତା ସଟ୍ଟାବଜାର ଆକଳନ କରିଛି। ଅନ୍ୟପକ୍ଷରେ କର୍ନାଲ ସଟ୍ଟାବଜାର ଆକଳନ କିଛି ପରିମାଣରେ ଭିନ୍ନ। ଏହି ସଟ୍ଟାବଜାର ରିପୋର୍ଟ ଅନୁସାରେ କଂଗ୍ରେସ ଏକାକୀ ୧୦୮ ଓ ବିଜେପି ୨୩୫ ପର୍ଯ୍ୟନ୍ତ ଆସନ ବିଜୟୀ ହୋଇପାରେ। ସେହିପରି ଇଣ୍ଡି ମେଣ୍ଟ ୨୩୫ ଓ ଏନ୍‌ଡ଼ିଏ ୨୬୩ ଆସନରେ ବିଜୟୀ ହୋଇପାରେ।

**AFFIDAVIT**

By virtue of an affidavit before the Executive Magistrate, Angul. As per adhar card my name is Jamini Behera but wrongly my name reflected as Rebati Behera in vide policy no R-OR-EA-662782. I declared Jamini behera and Rebati Behera w/o-Dillip kumar Behera, At-Satyabadipur,Po-Paikasahi,Ps-Thakurgarh,Dist-Angul is same and one person for all purpose .

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact-Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

By virtue of an affidavit sworn before the court of the Executive Magistrate, Cuttack, Odisha,dated 21/05/2024 ,I "Krishna Das" daughter of "Baikuntha Nath Mallick" resident of MIG-8, K9-A, Kalinga Vihar, PO: Patrapada, PS: Tamando, Bhubaneswar , Dist :Khurdha do hereby declare that I have changed my name from " Sabita Mallick " to " Krishna Das". Henceforth I shall be known as **"Krishna Das"** for all purposes.
**Krishna Das.**

**AFFIDAVIT**

I, Saswati,the legally wedded spouse of Army No. 14430180M, Rank: HAV, Name: Manoj Kumar Kar, and presently residing at Vill. Hanuman Nagar, Komtalpeta, Po-JKpur, Ps: Chandili, Dist. Rayagada, Pin-765017. I have corrected my name from Saswati to Saswati Tripathy vide affidavit, Dt. 01.06.2024, before the Executive Magistrate, Gunupur, Odisha.

**AFFIDAVIT**

I, K Susanta Patra, S/o-Karpana Chandra Sekhar Patro, resident of At-Nua Sahi, Gundicha Marg, Ps-Balliguda, Dist- Kandhamal, Pin-755009, Odisha, declare by this affidavit No.963, dated- 30/05/2024 that now onwards I shall be known as **KARPANA SUSANTA KUMAR PATRA** for all future purposes.

**AFFIDAVIT**

I, Karpana Sangita Patro, W/o- Karpana Susanta Kumar Patra, resident of At-Nua Sahi, Gundicha Marg, Ps-Balliguda, Dist- Kandhamal, Pin-755009, Odisha, declare by this affidavit No.962, dated- 30/05/2024 that now onwards I shall be known as **KARPANA SANGITA PATRA** for all future purposes.

**AFFIDAVIT**

I, Shaikh Azhar Ali, S/o-Shaikh Sayed Ali,resident of At/Po -Rakabi Bazar, Ps-Jajpur Sadar, Dist-Jajpur, Odisha, Pin-755009 declare by this affidavit No.972, dated- 01/06/2024 that now onwards I shall be known as **MIRZA AJHARUL ISLAM** for all future purposes.

**AFFIDAVIT**

I, Karpana Susanta Kumar Patro, S/o-Karpana Chandra Sekhar Patro, resident of At-Nua Sahi, Gundicha Marg, Ps-Balliguda, Dist- Kandhamal, Pin-755009, Odisha, declare by this affidavit No.961, dated- 30/05/2024 that now onwards I shall be known as **KARPANA SUSANTA KUMAR PATRA** for all future purposes.

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ**

କୋରାପୁଟ ଉପଖଣ୍ଡର ସମସ୍ତ କୃଷକ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ଜିଲ୍ଲା ପ୍ରଶାସନଙ୍କ ସିଦ୍ଧାନ୍ତ କ୍ରମେ ଚଳିତ ରବି ଋତୁ ୨୦୨୩-୨୪ ବର୍ଷ ପାଇଁ କୋରାପୁଟ ଉପଖଣ୍ଡର ମଣ୍ଡିମାନଙ୍କରେ ପୂର୍ବରୁ ନିର୍ଦ୍ଧାରିତ ଦିନ ୨୫.୦୫.୨୦୨୪ ପରିବର୍ତ୍ତେ ତା.୦୩.୦୬.୨୦୨୪ରିଖ ଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିମ୍ନଲିଖିତ କ୍ରୟ କେନ୍ଦ୍ରମାନଙ୍କରେ ଧାନ କ୍ରୟ ଆରମ୍ଭ କରାଯିବ। ଏହା ସମସ୍ତ କୃଷକ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।
ଏଫ.ଏ.କ୍ୟୁ ମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ: ସାଧାରଣ ଧାନ ଟ. ୨,୧୮୩/-
ଓ ଗ୍ରେଡ ଏ ଧାନ ଟ.୨,୨୦୩/-

| କ୍ର. ନଂ. | ବ୍ଲକ୍‌ର ନାମ | ଲ୍ୟାମ୍ପର ନାମ | କ୍ରୟ କରିବା ସ୍ଥାନ | କ୍ରୟ କରିବା କେନ୍ଦ୍ର | କ୍ରୟ କରିବାର ଦିନ |
|---|---|---|---|---|---|
| ୧ | କୋରାପୁଟ | କୁମୁଡିପୁଟ | କୁମୁଡିପୁଟ | ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣ | ମଙ୍ଗଳବାର |
| ୨ | ଦଶମନ୍ତପୁର | ଦଶମନ୍ତପୁର | ଦଶମନ୍ତପୁର | ଦଶମନ୍ତପୁର ଲ୍ୟାମ୍ପ | ବୁଧବାର |
| ୩ | ଲକ୍ଷ୍ମୀପୁର | କାକିରିଗୁମା | କାକିରିଗୁମା | କାକିରିଗୁମା | ମଙ୍ଗଳବାର |
| | | | ଡମ୍ପି | ରାଜୀବଗାନ୍ଧୀ ସେବା କେନ୍ଦ୍ର | ଶୁକ୍ରବାର |
| ୪ | ନାରାୟଣପାଟଣା | ନାରାୟଣପାଟଣା | ନାରାୟଣପାଟଣା | ନାରାୟଣପାଟଣା | ସୋମବାର / ମଙ୍ଗଳବାର |
| | | | ବାଲିପେଟା | ବାଲିପେଟା ପଞ୍ଚାୟତ ଅଫିସ୍ | ବୁଧବାର |
| | | | ପୋଡପଦର | ପୋଡପଦର ପଞ୍ଚାୟତ ଅଫିସ୍ | ଶନିବାର |
| ୫ | ନନ୍ଦପୁର | ନନ୍ଦପୁର | ନନ୍ଦପୁର | ନନ୍ଦପୁର ଲ୍ୟାମ୍ପ | ମଙ୍ଗଳବାର |

ସା/- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

ସା/- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

**OFFICE OF THE TAHASILDAR, GUNUPUR**

No. 1618/XII:02/2024-Debottar Dated: 31.05.2024

**TENDER CALL NOTICE**

Tenders are invited from intending bidders for Open Tender for staging of Mina Bazaar and join ride items except Mout Ka Kua at Mina Bazaar Rath Yatra for the year 2024 filed along with Bid Security of Rs 20,000/-( Twenty Thousand) refundable in shape of Demand Draft in favour of Tahasildar, Gunupur and offset Bid price Rs.20,50,000/- (Twenty Lakhs Fifty Thousand) only.

The interested bidders or authorised representatives may attend the Open Tender which be held on **20.06.2024 at 11.00 A.M** in the Chamber of Tahasildar-Cum-Executive Officer, Endowment, Gunupur. The eligible bidder having registration certificate, Clearance of GST, Identity proof, PAN Card, Aadhar Card and obtain No Objection Certificate from Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur.

Any other details and particulars if required can be obtained from the office of the Tahasildar, Gunupur.

**Sd/- Tahasildar-Cum-Executive Officer, Endowment, Gunupur**

## ଶାଳମଞ୍ଜିର ଅଭାବୀ ବିକ୍ରି

# କ୍ଷତି ସହୁଛନ୍ତି ତୋଳାଳି, ଲାଭବାନ ହେଉଛନ୍ତି ବେପାରୀ





ଫିରିଙ୍ଗିଆ, ୧।୬(ସମିସ)

ଜଙ୍ଗଲ ସମ୍ବଳ ଭାବେ ପ୍ରକୃତି ଦତ୍ତ ଲଘୁ ବନଜାତ ଦ୍ରବ୍ୟର ଦର ଧାର୍ଯ୍ୟ ଏବଂ ବିକ୍ରି କରିବା ପାଇଁ ପଞ୍ଚାୟତ ସମିତିକୁ ଦାୟିତ୍ୱ ଟେକି ଦିଆଯାଇଛି। ହେଲେ ଲଘୁ ବନଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ କେବଳ କାଗଜ କଲମରେ ସୀମିତ ରହିଯାଉଛି। ଦର ତାଲିକା ପଞ୍ଚାୟତର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ପାଖରେ ଅପହଞ୍ଚ ହୋଇ ରହିଯାଉଛି। ଦ୍ରବ୍ୟର ମୂଲ୍ୟ ବେପାରୀ ନିର୍ଦ୍ଧାରଣ କରୁଛନ୍ତି। ବେପାରୀ ସେମାନଙ୍କୁ ସୁହାଇଲା ଭଳି ଦର ତାଲିକା ଧାର୍ଯ୍ୟ କରୁଛନ୍ତି। ଶାଳ ମଞ୍ଜି ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ଗ୍ରାମର ବନିତା ବାରିକ, ମାଳତୀ କହଁର, ସାମନ୍ତ ବେହେରା, କୁମ୍ବରମଣି କହଁର, ଡିଣ୍ଡିରା ଗାଁର ନୟାବତୀ କହଁର, ପ୍ରଭାସିନୀ କହଁର, ରମ୍ବା କହଁର, ଲକ୍ଷ୍ମୀ କହଁର, ସରୁକୋଇ ଗ୍ରାମର ମାଧୁରୀ କହଁର, ଟିଣ୍ଡେ କହଁର, ମିକାରି କହଁର, ରତ୍ନ କହଁର ଓ କୁନ୍ତି କହଁର ବେପାରୀ ଅତି କମ୍ ମୂଲ୍ୟ ଦେଉଥିବା କହିଛନ୍ତି। ପ୍ରତିଦିନ ସକାଳୁ ଉଠି ଶାଳ ମଞ୍ଜି ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଉଛନ୍ତି। ଘରକୁ ଫେରିବା ବେଳକୁ ସନ୍ଧ୍ୟା ହୋଇଯାଉଛି। ଶାଳ ମଞ୍ଜି ବିକ୍ରି କରିବା ପୂର୍ବରୁ ସର୍ଗୀ ଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ କିମ୍ବା ନିଆଁରେ ପୋଡ଼ି ମଞ୍ଜିକୁ ପୃଥକ କରିବାକୁ ପଡ଼ିଥାଏ। ଦିନକୁ ଜଣେ ୧୦ ରୁ ୧୫ କେଜି ଶାଳ ମଞ୍ଜି ସଂଗ୍ରହ କରିବାରେ ସକ୍ଷମ ହୋଇଥାଆନ୍ତି। ଶାଳମଞ୍ଜିର ନିର୍ଦ୍ଧାରିତ ସରକାରୀ ଦର କେତେ ତୋଳାଳିମାନେ ଜାଣିନାହାନ୍ତି। ହାଟକୁ ନେଇ ବେପାରୀଙ୍କୁ କେଜି ପିଛା ୧୦ ଟଙ୍କାରୁ ୧୫ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଟିଡିସିସି ତାଲିକାରେ କିନ୍ତୁ ଶାଳ ମଞ୍ଜି କେଜି ୨୦ ଟଙ୍କା ରହିଛି। ସେହି ହିସାବରେ କେଜି ପିଛା ୫ ରୁ ୧୦ ଟଙ୍କାର କ୍ଷତି ସହୁଛନ୍ତି ଅଶିକ୍ଷିତ ଆଦିବାସୀ ମହିଳା। ସରକାରୀ କର୍ମଚାରୀଙ୍କ ଅବହେଳାରୁ ନୀରିହ ଆଦିବାସୀ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ସରକାର ଲଘୁ ବନଜାତ ଦ୍ରବ୍ୟ କ୍ରୟ ଲାଗି (ଲାଭ) ଯୋଜନା ଘୋଷଣା କରିଛନ୍ତି। ହେଲେ ଯୋଜନା ଯୋଜନାରେ ହିଁ ରହିଯାଇଥିବା ଅଭିଯୋଗ ହେଉଛି। ଶାଳ ବଣ ପରିମାଣ ସମ୍ପର୍କରେ ଫିରିଙ୍ଗିଆ ବନଖଣ୍ଡ ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କୁ ପ୍ରଶ୍ନ କରାଯିବାରେ ବ୍ଲକରେ ସମୁଦାୟ ଜଙ୍ଗଲ ର ୭୦ ପ୍ରତିଶତ ମିଶ୍ରିତ ଶାଳ ବଣ। ଯାହାକି ଗ୍ରାମ୍ୟ ଜଙ୍ଗଲ ଭାବେ ଗ୍ରାମବାସୀ ଓ ବନ ବିଭାଗର ସମନ୍ୱୟରେ ଏହାର ସୁରକ୍ଷା କରିବା ସହ ଏଥିରୁ ଉତ୍ପାଦିତ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ଫିରିଙ୍ଗିଆ, ଗୋଛାପଡ଼ା, କାଶିନିପଦର, କେଳାପଡ଼ା, ସରୁକୋଇ, ଡିଣ୍ଡିରାଗାଁ, ପବିଙ୍ଗିଆ ଆଦି ଫିରିଙ୍ଗିଆ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳରେ ରହିଛି ଶାଳ ବଣ। ସେଥିରେ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଶାଳ ବଣ ରହିଛ। ୨୦ ବର୍ଷରୁ ଅଧିକ ହେବ ପଞ୍ଚାୟତ ବିଭାଗକୁ ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା ଓ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେବେଠୁ ପଞ୍ଚାୟତ ବିଭିନ୍ନ ପଞ୍ଚାୟତ କେବଳ ବେପାରୀଙ୍କୁ ଲାଇସେନ୍ସ ପ୍ରଦାନ କରି କାମ ସାରି ଦେଇଛନ୍ତି। ଶାଳ ମଞ୍ଜି ଗୋଟାଳି ଉଚିତ ମୂଲ୍ୟ ପାଉଛନ୍ତି କି ନାହିଁ କାହାରି ନଜରରେ ନାହିଁ। ମହୁଲ ସମେତ ୬୫ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ଉପରେ ବନବାସୀ ନିର୍ଭର କରୁଥିବା ବେଳେ ସରକାର ପଞ୍ଚାୟତକୁ ଦାୟିତ୍ୱ ଦେଇ ଦେଇ ଏହାର ସମୀକ୍ଷା କରୁନାହାନ୍ତି। ଏ ସମ୍ପର୍କରେ ଫିରିଙ୍ଗିଆ ଜିପିଓ ତ୍ରିଲୋଚନ ଖମାରୀଙ୍କୁ ପଚାରିବାରୁ ଜଙ୍ଗଲଜାତ ଦ୍ରବ୍ୟର ଦର ପ୍ରତିବର୍ଷ ସେପ୍ଟେମ୍ବରରେ ନିର୍ଦ୍ଧାରିତ ହେଉଥିବା ସୂଚନା ଦେଇଛନ୍ତି। ତାଲିକାରେ ଶାଳମଞ୍ଜି କିଲୋ ପିଛା ୨୦ ଟଙ୍କା ରହିଥିବା କହିଛନ୍ତି। ବନାଞ୍ଚଳ ଅଧିବାସୀଙ୍କ ଜୀବନ ଜୀବିକାର ମାନ ବୃଦ୍ଧି ପାଇଁ ସେମାନଙ୍କ ଆର୍ଥିକ ପ୍ରଗତି ପାଇଁ ଲଘୁ ବନଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବାକୁ ହେଲେ ତୃଣମୂଳ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି ବୋଲି କୁହାଯାଇଛି।

## ମଇଁଷି ଆକ୍ରମଣରେ ମହିଳା ଗୁରୁତର



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କୁମ୍ଭାରି ଗାଁ ଗ୍ରାମର ଜଣେ ମହିଳାଙ୍କୁ ଶନିବାର ସକାଳେ ଏକ ମଇଁଷି ଆକ୍ରମଣ କରିବାରୁ ଗୁରୁତର ଆହତ ହୋଇଛନ୍ତି। ମହିଳାଙ୍କ ମୁଣ୍ଡ ଫାଟିବା ସହିତ ହାତ ଓ ଦେହରେ ଆଘାତ ଲାଗିଥିବା ଜଣାପଡ଼ିଛି। ଆହତ ମହିଳା ଜଣକ ହେଲେ କାଳିନ୍ଦୀ ମାଳି (୪୦)। ପରିବାର ବର୍ଗ ଆହତ ମହିଳାଙ୍କୁ ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା କ୍ରମେ ମହିଳା ଜଣକ ଆମ୍ବ ଗୋଟାଇବାକୁ ଯାଉଥିବା ବେଳେ ମଇଁଷି ଆକ୍ରମଣ କରିଥିଲା। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ବଜ୍ରପାତରେ ମହିଳା ଗୁରୁତର

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୧।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ବୁଜୁଲି ଗ୍ରାମର ପ୍ରିୟତମା ରଣସେଣ୍ଠ (୩୪) ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



ସୂଚନା କ୍ରମେ ଶୁକ୍ରବାର ରାତି ୭ଟା ବେଳେ ମହିଳା ଜଣକ ନିଜ ଘର ଦୁଆରେ ସ୍ୱାମୀଙ୍କୁ ଖାଇବାକୁ ଦେଇ ଆମ୍ବ କାଟିବା ପାଇଁ ବସିଥିଲେ। ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ୭ ଘଣ୍ଟା ପରେ ରାତି ଗୋଟାଏ ବେଳେ ତାଙ୍କର ଚେତା ଫେରିଥିଲା। ଆଜି ସକାଳୁ ସକାଳୁ ଅଟୋ ଯୋଗେ ପରିବାର ବର୍ଗଙ୍କ ସହିତ ଗ୍ରାମବାସୀ ପ୍ରିୟତମାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ଚିକିତ୍ସା ଚାଲୁ ରହିଛି। ଆର୍ଥିକ ସହାୟତା ଯୋଗାଇବା ପାଇଁ ବ୍ଲକ ପ୍ରଶାସନକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## କାଶୀନଗର ଥାନା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କାଶୀନଗର, ୧।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଶୁକ୍ରବାର ଦିନ ଚାକିରିରୁ ଅବସର ଗ୍ରହଣ କରିବା ପରେ ଶନିବାର ପୂର୍ବାହ୍ନରେ ତାଙ୍କୁ ସ୍ଥାନୀୟ ପ୍ରେସ୍ କ୍ଲବ୍ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। ଏ ଉପଲକ୍ଷେ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମାବେଶରେ କ୍ଲବ ସଭାପତି ଆନନ୍ଦ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ଭଗବତ ସାହୁ, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ମେଡିକାଲ ଅଫିସର ଇନଚାର୍ଜ ସୌମ୍ୟ ଦାଶ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରାଉତ, ବଂଶଧାରା ପାଠାଗାର ସଭାପତି ହୃଷୀକେଶ ଗୌଡ଼ ଓ ସ୍ଥାନୀୟ ଅଗ୍ନିଶମ, ଅବକାରୀ ବିଭାଗ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ତରଫରୁ ବିଦାୟୀ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। କାଉନସିଲର କେ.ରାମା ରାଓ, ବରିଷ୍ଠ ନାଗରିକ କେ.ଜୀବରତ୍ନ, କେ.ଆପ୍ପା ରାଓ, ସୁବାଷ ଚନ୍ଦ୍ର ବିଶ୍ୱାସରାୟ, କବିରାଜ ରମାକାନ୍ତ ପାତ୍ର, ସାମ୍ବାଦିକ ସୀମାଞ୍ଚଳ ମହାରଣା, ସୁବାସ ଚନ୍ଦ୍ର ପାତ୍ର, ତ୍ରିନାଥ ନାୟକ, ଏଲ.ଚନ୍ଦ୍ରରାଓ, କୃଷ୍ଣଚନ୍ଦ୍ର ଦୋରା ଉପସ୍ଥିତ ଥିଲେ। ପ୍ରେସ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଦାୟୀ ଥାନା ଅଧିକାରୀଙ୍କୁ ପୁଷ୍ପମାଲ୍ୟ ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରା ଯାଇଥିଲା। ଶେଷରେ ପ୍ରେସ୍ କ୍ଲବ୍ ସମ୍ପାଦକ ରାଜେଶ ମିସାଲ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମରୁଡ଼ି

## ୭୫ ଡାକ୍ତର ସ୍ଥାନରେ ଅଛନ୍ତି ୨୩

**ପାରଳାଖେମୁଣ୍ଡି, ୧।୬(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟାପକ ଅବ୍ୟବସ୍ଥା ଦେଇ ଗତି କରୁଥିବା ବେଳେ ଏଠାରେ ଡାକ୍ତରଙ୍କ ମରୁଡ଼ି ଅଚଳାବସ୍ଥା ସୃଷ୍ଟି କରିଛି। ଶିଶୁ ବିଭାଗରେ କେବଳ ଜଣେ ମାତ୍ର ଡେପୁଟେସନ ଡାକ୍ତର ଅଛନ୍ତି। ଏହି ବିଭାଗରେ ୭ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଥିବା ବେଳେ କେହି ସ୍ଥାୟୀ ଡାକ୍ତର ନାହାନ୍ତି। ଡେପୁଟେସନରେ ଥିବା ଡାକ୍ତର ଜଣକ ଗାରବନ୍ଧରୁ ଗୁଣୁପୁର ବଦଳି ହୋଇଥିଲେ ମଧ ତାଙ୍କୁ ବାଧ କରାଯାଇ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏପରି ସ୍ଥଳେ ରୋଗୀଙ୍କ ଚିକିତ୍ସା କିପରି ହେଉଥିବ ତାହା ସହଜେ ଅନୁମେୟ ବୋଲି କୁହାଯାଇଛି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚିନ୍ତିତ ରହିଥିବା ମଧ ଜଣାପଡ଼ିଛି।




● ଡେପୁଟେସନ ଡାକ୍ତରଙ୍କ ଭରସାରେ ଶିଶୁ ଓ ପ୍ରସୂତି ବିଭାଗ

ସୂଚନା ପ୍ରକାରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୫ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୨୩ଜଣ ନିଯୁକ୍ତ ରହିଛନ୍ତି। ୫୨ ଣ ଡାକ୍ତର ପଦଖାଲି ପଡ଼ିଛି। ବିଭିନ୍ନ ବିଭାଗରେ ପଦ ଖାଲି ରହିଛି। ଏଥି ମଧରେ ମୁଖ୍ୟତଃ ଶିଶୁ ବିଭାଗ ସମେତ କର୍ଣ୍ଣ, ନାଶା, ଗଳା, ଚକ୍ଷୁ, ଦାନ୍ତ, ମାନସିକ ବିଶେଷଜ୍ଞ, ଆନେସ୍ଥେସିଆ, ଯକ୍ଷ୍ମା, ଚର୍ମରୋଗ ବିଭାଗରେ କେହି ଡାକ୍ତର ନାହାନ୍ତି। ଆନେସ୍ଥେସିଆ ଡାକ୍ତର ପଦ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞଙ୍କୁ ସାମୟିକ ଭାବେ ନିଯୁକ୍ତ କରାଯାଇଛି। ଏହି ପରି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ଯୋଗୁଁ ଦୈନନ୍ଦିନ ରୋଗୀଙ୍କୁ ଚିକିତ୍ସା କରିବା କଷ୍ଟକର ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହୋଇଥିବା ଯୋଗୁଁ ଜିଲ୍ଲାର କୋଣ ଅନୁକୋଣରୁ ରୋଗୀ ଆସୁଛନ୍ତି। ହେଲେ ଆବଶ୍ୟକ ଡାକ୍ତର ନ ଥିବାରୁ ବାଧ ହୋଇ ବାହାର ଜିଲ୍ଲା ତଥା ପଡୋଶୀ ରାଜ୍ୟକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ଏଥିଯୋଗୁଁ ଅଧିକା ଖର୍ଚ୍ଚାନ୍ତ ହେବା ସହ ବାହାର ରାଜ୍ୟରେ ଶୋଷଣର ଶିକାର ହେଉଥିବା ନଜିର ରହିଛି। ଏହା ସହ ରୋଗୀ ତୁରନ୍ତ ଉପଶମ ମଧ ହୋଇପାରୁ ନାହାନ୍ତି। ଡାକ୍ତର ଅଭାବ ଯୋଗୁଁ ପ୍ରତିଦିନ କୌଣସି ନା କୌଣସି ସମସ୍ୟାକୁ ନେଇ ଅଭିଯୋଗ ହେଉଛି। ଏପରିକି ହାତଗୁଞ୍ଜା କାରବାର ବହୁଳମାତ୍ରାରେ ଚାଲୁଥିବା ଅଭିଯୋଗ ହେଉଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ହେଉଛି। ହେଲେ ଜିଲ୍ଲା ପ୍ରଶାସନ କିମ୍ବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏପରି ଅବସ୍ଥା ଯୋଗୁଁ ଜିଲ୍ଲା ଚିକିତ୍ସାଳୟ ପ୍ରତି ଲୋକଙ୍କ ଆସ୍ଥା ତୁଟିଯିବାରେ ଲାଗିଥିବା କୁହାଯାଉଛି।

## ଯୁବକଙ୍କ ଆତ୍ମହତ୍ୟା

**ଜି.ଉଦୟଗିରି, ୧।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରର ଲକ୍ଷ୍ମୀ ବଜାର ସାହିର ଜଣେ ଯୁବକ ଗତ ରାତିରେ ବେକରେ ଗାମୁଛା ବାନ୍ଧି ଦୁଲା ରେ ଝୁଲି ହୋଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ପବିତ୍ର ପ୍ରସାଦ ପଣ୍ଡା(୩୦)। ସେ ଭୋଜି ରାନ୍ଧି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ବିଧବା ମା ଅଛନ୍ତି। ଜି.ଉଦୟଗିରି ପୁଲିସ ମାଆର ଏତଲା ଅନୁଯାୟୀ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଆତ୍ମହତ୍ୟାର କାରଣ ଜଣା ପଡ଼ିନାହିଁ। ମୃତଦେହ ବ୍ୟବଚ୍ଛେଦ ପରେ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି/ଗୁମ୍ମା, ୧।୬ (ସମିସ):** ଗଜପତି ଜିଲ୍ଲା ଗୁମ୍ମା ଫାଣ୍ଡି ଜାଙ୍ଗଲ ଛକରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗୁମ୍ମା ବ୍ଲକ ଅନ୍ତର୍ଗତ କେସିପୁରରେ ଥିବା ଉଚ୍ଚମାଧମିକ ବିଦ୍ୟାଳୟର ଠିକା ଶିକ୍ଷକ ଏଲ୍. ନିରଞ୍ଜନ କୁମାର (୪୦) ଶନିବାର ବାଇକ ଯୋଗେ ବିଦ୍ୟାଳୟକୁ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା ଏକ କମାଣ୍ଡର ଗାଡି ସହ କେସିପୁର ନିକଟସ୍ଥ ଜାଙ୍ଗଲ ଗ୍ରାମ ଛକ ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ତାଙ୍କୁ ତୁରନ୍ତ ସେହି କମାଣ୍ଡରରେ ହିଁ ପ୍ରଥମେ ଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। କମାଣ୍ଡରଚାଳକ ଗୁମ୍ମା ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏନେଇ ସେରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବାର ଗୁମ୍ମା ଫାଣ୍ଡି ଅଧିକାରୀ ପି. କେ. ହୋତା ସୂଚନା ଦେଇଛନ୍ତି। ମୃତ ଶିକ୍ଷକ ଜଣକ ପାରଳାଖେମୁଣ୍ଡି ସହରର କାଚରା ସାହି ନିବାସୀ ଓ ତାଙ୍କର ଛୋଟ ଛୁଆ ରହିଛନ୍ତି। ଶିକ୍ଷକଙ୍କ ଏପରି ଅକାଳ ମୃତ୍ୟୁକୁ ନେଇ ଶିକ୍ଷା ବିଭାଗ ଏବଂ ତାଙ୍କ ବାସସାହିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଡୋଲିରାଣୀ ଦେବୀ କଲେଜ ଟପ୍ପର



**ରାୟଗଡ଼, ୧।୬ (ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପର୍ଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ +୨ ବୋର୍ଡ଼ ପରୀକ୍ଷା କଳାରେ ପାସ୍ ହାର ୯୭ ପ୍ରତିଶତ ରହିଛି। ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୩୮୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୯ ପ୍ରଥମ ଶ୍ରେଣୀରେ ପାସ ହୋଇଥିବା ବେଳେ ୧୦୩ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଏବଂ ୨୨୮ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ସେଥିମଧ୍ୟରୁ ଉକ୍ତ କଲେଜର ଛାତ୍ରୀ ତଥା ସେବକପୁର ଗ୍ରାମର ଡୋଲିରାଣୀ ଦେବୀ ୬୦୦ ରୁ ୪୫୭ ମାର୍କ ତଥା ୭୬ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇଥିବା ଜଣାପଡ଼ିଛି। ଏଥିଯୋଗୁଁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ସଫଳତା ପାଇଁ ସେ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଥାଉକି, ସେ ନାରାୟଣପୁର୍ ନୀଳମଣି ଉଚ୍ଚ ବିଦ୍ୟାଳୟରେ ୨୦୨୨ ଦଶମ ପରୀକ୍ଷାରେ ବିଦ୍ୟାଳୟର ଟପ୍ପର ମଧ୍ୟ ଥିଲେ। ସେ ୬୦୦ରୁ ୪୮୩ ନମ୍ବର ରଖିଥିଲେ।

# ଗାଁ ଗାଁରେ ପ୍ରସ୍ତୁତ ହେଉଛି ଆମ୍ବସଢ଼ା ଓ ଚମ୍ପେଇତ

**ବାଲିଗୁଡ଼ା, ୧।୬(ସମିସ):** କନ୍ଧମାଳରେ ପାଣିପାଗ ଅନୁରୂପ ରହିଥିବା ହେତୁ ଚଳିତବର୍ଷ ଆମ୍ବ ଅମଳ ବେଶ ଭଲ ହୋଇଛି। ଅମଳ ଭଲ ହୋଇଥିବାରୁ ଆମ୍ବର ପ୍ରକ୍ରିୟାକରଣ ମଧ ଭଲ ହେଉଛି। ଏହିତ କାରଣରୁ ଆମ୍ବରୁ ପ୍ରସ୍ତୁତ ହେଉଥିବା ଆମ୍ବସଢ଼ା ଓ ଚମ୍ପେଇତ ବେପାର ଅଧିକ ହେବା ଆଶା କରାଯାଉଛି। ଏବେ ବାଲିଗୁଡା ସବଡିଭିଜନ ଅଞ୍ଚଳରେ ଆମ୍ବ ଅମଳ ଆଶାଅନୁରୂପ ହେଉଥିବା କୁହାଯାଇଛି। ଆମ୍ବ ରସରୁ ଆମ୍ବସଢ଼ା ଓ ପାଚିଲା ଆମ୍ବରୁ ଚୋପା ଛଡାଇ ଚମ୍ପେଇତ ପ୍ରସ୍ତୁତ ହୋଇଥାଏ। ଆମ୍ବସଢ଼ା ଓ ଚମ୍ପେଇତ ପ୍ରସ୍ତୁତ ଅଧିକ ହେଉଥିବାରୁ ଚଳିତବର୍ଷ ବଡ଼ ବେପାରୀ ଠାରୁ ଆରମ୍ଭ କରି ଛୋଟ ଦୋକାନୀ କିଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଗ୍ରାମାଞ୍ଚଳରେ ଆମ୍ବ ସଂଗ୍ରହ ଅଧିକ ହୋଇଛି। ଅସହ୍ୟ ଗରମ ହେତୁ ରାତି ୪ଟାରୁ ଆମ୍ବ ତୋଟାରେ ଗୋଟାଏ ଗୋଟାଏ ପରିବାରର ୪ ଜଣ ସଦସ୍ୟ ଆମ୍ବ ସଂଗ୍ରହରେ ଲାଗି ପଡୁଥିବା ଦେଖିବାକୁ ମିଳୁଛି। ଆମ୍ବ ସଂଗ୍ରହ ପରେ ବାଲଟି କିମ୍ବା ମାଟି ହାଣ୍ଡିରେ ଆମ୍ବକୁ କୁଟି ରସ ସଂଗ୍ରହ କରିଥାଆନ୍ତି। ଆମ୍ବରୁ ରସ ବାହାରିବା ପରେ ଗୋଟାଏ ପଟି କିମ୍ବା ଜରି ପାଲରେ ଦିନ ତମାମ ସ୍ତରସ୍ତର କରି ପକାଯାଇଥାଏ। ଆମ୍ବ



ସଂଗ୍ରହର ତିନି ଦିନି ପରେ ଆମ୍ବସଢ଼ା ପ୍ରସ୍ତୁତ ହୋଇଥାଏ। ବାଲିଗୁଡା ବଣିକ ସଂଘ ସଭାପତି ସଂଗ୍ରାମ ସୁନ୍ଦର ପାତ୍ରଙ୍କ କହିବା ଅନୁସାରେ ଉପଖଣ୍ଡରେ ୫୦ ଟ୍ରକରୁ ଅଧିକ ଆମ୍ବସଢ଼ା ସଂଗ୍ରହ ହୋଇଥାଏ। ବ୍ରହ୍ମପୁର ଏବଂ ରାୟପୁର ବଜାରରେ ଚାହିଦାକୁ ନେଇ ମୂଲ୍ୟ ଧାର୍ଯ୍ୟ ହୋଇଥାଏ। ବର୍ତ୍ତମାନ ବଜାରରେ ଆମ୍ବସଢ଼ା ଚାହିଦାକୁ ନେଇ କିଲୋ ପିଛା ଦର ୭୫ ରହିଛି। ଖରା ଏବଂ ପାଣିପାଗ ଠିକ ରହିଲେ କୋଟଗଡ଼, ବାଲିଗୁଡ଼ା, ଦାରିଙ୍ଗବାଡି, ରାଇକିଆ, ଜି.ଉଦୟଗିରିରୁ ୪୦ ଟ୍ରକ୍ ଆମ୍ବସଢ଼ା ସଂଗ୍ରହ ହେବ ସମ୍ଭାବନା ରହିଛି। ଆମ୍ବସୋରା ବା ଆମ୍ବସଢ଼ା ପାଇଁ କୌଣସି ସର୍ବନିମ୍ନ ସହାୟକ ଦର ଲାଗୁ ହୋଇ ନ ଥିବା ଏବଂ ରପ୍ତାନୀ ବ୍ୟବସ୍ଥା ନ ଥିବା ହେତୁ ସଂଗ୍ରହକାରୀ ଦିନତମାମ ପରିଶ୍ରମ ମାତ୍ର ୧୦୦ ଟଙ୍କା ପାଉଥିବା କୁହାଯାଉଛି। ଆମ୍ବଋତୁରେ ୫ କୋଟି ଟଙ୍କାର ଆମ୍ବ, ୨ କୋଟି ଟଙ୍କାର ଆମ୍ବ କୋଇଲି, ଏକ କୋଟି ଟଙ୍କାର ଆମ୍ବୁଲ ଏବଂ ଚମ୍ପେୟତ ଜନିତ କାରବାର ହେଉଥିବା କୁହାଯାଇଛି। ୧୦ ବର୍ଷ ପୂର୍ବେ ପଶ୍ଚିମବଙ୍ଗ ଓ ଦିଲ୍ଲୀ ବେପାରି ଆସି ଏଠାରୁ ଆମ୍ବସଢ଼ା ଓ ଚମ୍ପେୟତ କ୍ରୟ କରୁଥିଲେ। ବର୍ତ୍ତମାନ ବ୍ରହ୍ମପୁର ଏବଂ ରାୟପୁରକୁ ପଠାଯାଉଛି। ଆମ୍ବ ଆଦିବାସୀ ଅଞ୍ଚଳ ଲୋକଙ୍କ ପାଇଁ ରୋଜଗାର ପାଲଟିଥିବାରୁ ଆମ୍ବସଢ଼ା ଓ ଚମ୍ପେୟତ ପ୍ରସ୍ତୁତ ପ୍ରଣାଳୀରେ ଉନ୍ନତିକରଣ ଏବଂ ଆମ୍ବର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯିବା ସପକ୍ଷରେ ମତ ପ୍ରକାଶ ପାଉଛି।

## ଶ୍ରେଣୀଗୃହ ମରାମତିରେ ଅର୍ଥ ହେରଫେର ଅଭିଯୋଗ

**ଫିରିଙ୍ଗିଆ, ୧।୬(ସମିସ):** ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଉନ୍ନୟନ ମୂଳକ କାମ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ, କାର୍ଯ୍ୟରତ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ନିମ୍ନ ମାନର କାମ ହେଉଥିବା ବେଳେ ଏହାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏମିତି ଏକ କାମ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ମାଝୀପଡ଼ା ଗାଁରେ। ସୂଚନା ଅନୁସାରେ, ଏହି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଅତିରିକ୍ତ ଶ୍ରେଣୀ କୋଠରୀ ମରାମତି ପାଇଁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ଆସିଥିଲା। ମରାମତି କାମଟିର ନିର୍ମାଣ ଦାୟିତ୍ୱ ଫିରିଙ୍ଗିଆ ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରାଯାଇଥିବା ବେଳେ କାଶିନୀପଦର ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ପାତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମଞ୍ଜୁର ହୋଇଥିବା ଦୁଇଲକ୍ଷ ପଚାଶ ହଜାର ଟଙ୍କାରେ କେବଳ ଆଜବେଷ୍ଟରେ ରଙ୍ଗ ମାରି ଦେଇ କାମ ସାରି ଦିଆଯାଇଥିବା ମାଝୀପଡ଼ା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ମରାମତି କାମ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏହି କାମରେ ସମ୍ପୃକ୍ତ ଯନ୍ତ୍ରୀ ଓ କାମ କରିଥିବା ବ୍ୟକ୍ତି ବ୍ୟାପକ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହି କାମର ସଠିକ ତଦନ୍ତ କରାଯିବାକୁ ଦାବି ହେଉଛି। ସେପଟେ କାମ ସରିଥିଲେ ମଧ କାର୍ଯ୍ୟ ଆରମ୍ଭ କି କାର୍ଯ୍ୟ ଶେଷର କୌଣସି ତଥ୍ୟ ସୂଚନା ଫଳକରେ ଦିଆଯାଇନାହିଁ। ବ୍ୟବହାର ହୋଇଥିବା ଟିଣ ଛପର ଠିକ ଭାବରେ ଲଗା ଯାଇ ନ ଥିବାରୁ ଟିକିଏ ପବନ ହେଲେ ଉଡିଯିବାର ସମ୍ଭାବନା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ



ପ୍ରଶ୍ନ କରାଯିବାରେ କାମର ସମ୍ପୂର୍ଣ୍ଣ ବିଲ ହୋଇନାହିଁ। ଆହୁରି କାମ ବାକି ଅଛି ବୋଲି କହିବା ସହ କାମ ଯଦି ନିମ୍ନମାନର ହୋଇଥାଏ ତାହେଲେ ଆଉ ଥରେ ମରାମତି କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପଟେ, ସମ୍ପୃକ୍ତ ଯନ୍ତ୍ରୀ କିଛି ଲୋକଙ୍କ ଜରିଆରେ ଏହି କାମ ନିଜେ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସ୍ଥାନୀୟ ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କୁ ଏସମ୍ପର୍କରେ ପଚାରିବାରୁ ଅଭିଯୋଗର ସତ୍ୟାସତ୍ୟ ନେଇ ତଦାରଖ କରାଯିବ ଓ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଦୀର୍ଘ ବର୍ଷର ଦାବି ପୂରଣ ହେବ

# ନିର୍ମାଣ ହେଉଛି ମୋ ବସ୍‌ଷ୍ଟାଣ୍ଡ; ଟ୍ରାଫିକ୍ ସମସ୍ୟାର ହେବ ସମାଧାନ

ଜି.ଉଦୟଗିରି, ୧।୬(ସମିସ)



କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ବହୁ ପୁରାତନ ସହର ହୋଇଥିଲେ ମଧ ବସଷ୍ଟାଣ୍ଡ ନ ଥିବା କାରଣରୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଥିଲେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜନ ପ୍ରତିନିଧି ସମାଲୋଚିତ ହେଉଥିଲେ। ଦୀର୍ଘ ବର୍ଷ ହେଲା ଶ୍ରୀରାମପଦାରେ ବସଷ୍ଟାଣ୍ଡ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ କାର୍ଯ୍ୟକ୍ଷମ ହେଇପାରୁନଥିଲା। ସୁରକ୍ଷା ବ୍ୟବସ୍ଥା ସହିତ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ କାର୍ଯ୍ୟକ୍ଷମ ନ ହେବାର କାରଣ ହୋଇଥିବା ବେଳେ ରାଜ୍ୟ ସରକାର ଆମ ବସଷ୍ଟାଣ୍ଡ କରିବାକୁ ଘୋଷଣା କରିଥିଲେ। ଜି. ଉଦୟଗିରି ଏକ ପ୍ରମୁଖ ସହର ହୋଇଥିବା ବେଳେ ଶତାଧିକ ଯାତ୍ରୀବାହୀ ବସ ଚଳାଚଳ କରିଥାଏ। କିନ୍ତୁ ବସଷ୍ଟାଣ୍ଡ ନ ଥିବା କାରଣରୁ ଲୋକେ ଖରା, ବର୍ଷା, ଶୀତକାକରରେ ଏଣେ ତେଣେ ବସକୁ ଅପେକ୍ଷା କରିବାକୁ ପଡୁଥିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ଏବେ ଏହି ସମସ୍ୟାର ସମାଧାନ ହେବାକୁ ଯାଉଥିବା ବେଳେ ନୂତନ ବସଷ୍ଟାଣ୍ଡ କାମ ଆରମ୍ଭ ହୋଇଛି। ଶ୍ରୀରାମପଦାର ସେହି ସ୍ଥାନରେ ଏବେ ନୂତନ ଭାବେ ନିର୍ମାଣ କାମ ଆରମ୍ଭ ହୋଇଛି। ଓଡ଼ିଶା ଷ୍ଟେଟ ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଅଧିନରେ ହେଉଥିବା ଏହି କାମକୁ ଏସଜେ କନଷ୍ଟ୍ରକସନ କରୁଛି। ଆମ ବସଷ୍ଟାଣ୍ଡ ପାଇଁ ୯ କୋଟି ୯୩ ଲକ୍ଷ୍ୟ, ୯୮ ହଜାର ୩୪ ଟଙ୍କା ମଞ୍ଜୁର ହୋଇଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଲେ ଯାତ୍ରୀ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ନୂତନ ଆମ ବସଷ୍ଟାଣ୍ଡ ନିର୍ମାଣ ସହିତ ବାଇପାସ୍ ନିର୍ମାଣ ଓ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଓସାରିଆ କରାଗଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ବୋଲି କୁହାଯାଉଛି।

## ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଖଲ୍ଲିକୋଟ,୧।୬(ସମିସ): ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଥିବା ନୂତନ ଗୁରୁଣ୍ଟୀ ଗ୍ରାମର ଦୀପକ ପଲେଇଙ୍କ ଶନିବାର ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ନୂତନ ଗୁରୁଣ୍ଟୀ ଗ୍ରାମର ଦୀପକ ପଲେଇ ଗତ ମାସ ୪ ତାରିଖରେ ବାଇକ୍ ଯୋଗେ ଭୁବନେଶ୍ୱରରୁ ନିଜ ଗ୍ରାମ ଅଭିମୁଖେ ଆସୁଥିବା ସମୟରେ ଖୋର୍ଦ୍ଧା ଜିଲ୍ଲା କୁହୁଡ଼ି ନିକଟରେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଦୀପକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ତାଙ୍କୁ ଡାକ୍ତର ଫେରାଇ ଦେଇଥିଲେ। ତେବେ ଦୀପକ ସେବେଠାରୁ ନିଜ ଘରେ ଚିକିତ୍ସାଧୀନ ଥିଲେ। ଶନିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ମେଡିକାଲକୁ ନେଇ ଆସିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖଲ୍ଲିକୋଟ ଥାନା କେସ ନମ୍ବର ୧୩/୨୦୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଏସ୍‌ଆଇ ପିଙ୍କିନି ପଟ୍ଟନାୟକ କହିଛନ୍ତି।

## ଭଞ୍ଜନଗରରେ କନ୍ଧମାଳ ଆମ୍ବ ବଜାର



ଭଞ୍ଜନଗର,୧।୬(ସମିସ): ଭଞ୍ଜନଗର ସହରର ବିଭିନ୍ନ ରାସ୍ତା କଡ଼ରେ କନ୍ଧମାଳର ଛୋଟ ଦେଶୀ ଆମ୍ବର ପସରା ପଡ଼ିଛି। ଟ୍ରେକର ଷ୍ଟାଣ୍ଡ, କୋର୍ଟ ସାମ୍ନା, ଏଲଆଇସି କଲୋନୀ, ହାର୍ଟ ନଗର ନିକଟ ରାସ୍ତାକଡ଼ରେ ବହୁ ବ୍ୟବସାୟୀ ସକାଳୁ ଆସି ଏଠାରେ ଆମ୍ବ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରି ସନ୍ଧ୍ୟାରେ ଫେରି ଯାଉଥିବା ଦେଖାଯାଇଛି। କନ୍ଧମାଳ ଜିଲ୍ଲାର ଆଦିବାସୀମାନେ ଏହାକୁ ବଣ ଜଙ୍ଗଲ ବୁଲି ସଂଗ୍ରହ କରୁଥିବାବେଳେ ସେଠାରେ ବଜାର ସୁବିଧା ନାହିଁ। ତେଣୁ ଭଞ୍ଜନଗର ଆଣି ବିକ୍ରି କରୁଛନ୍ତି। ଛୋଟ ଆମ୍ବ କେଜି ପିଛା ୧୫ରୁ ୨୦ଟଙ୍କା, ମଧ୍ୟମ ଧରଣର ଆମ୍ବ କେଜି ପ୍ରତି ୨୫ରୁ ୩୦ଟଙ୍କା ଓ ବଡ଼ ଦେଶୀ ଆମ୍ବ ୩୫ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ଏହାର ଅଧିକ ଚାହିଦା ଥିବାରୁ ବିଭିନ୍ନ ବର୍ଗର ଲୋକେ ଏହାକୁ କିଣି ନେଉଥିବା ଦେଖାଯାଇଛି।

## ମଦ ଜବତ; ୨ ଗିରଫ



ଖଲ୍ଲିକୋଟ,୧।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ରାସ୍ତାରେ ପୁଲିସ ଚଢ଼ଉ କରି ୮୦ ଲିଟର ଦେଶୀମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ଖଲ୍ଲିକୋଟ ଥାନା ପୋଲିସ। ମିଳିଥିବା ସୂଚନା ଅନୁଯାୟୀ, ବେଆଇନ ଦେଶୀମଦ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସ୍‌ଆଇ ହରେକୃଷ୍ଣ ସାମଲଙ୍କ ନେତୃତ୍ୱରେ ଥାନା କନେଷ୍ଟବଳ ଆଲିଆସ ଶବର, ଗଗନ ମଣ୍ଡଳ ଓ ପ୍ରସନ୍ନ ରଇତ ଖୋଜାପଲ୍ଲୀ ରାସ୍ତାରେ ଚଢ଼ଉ କରି ୮୦ ଲିଟର ଚୋରା ଦେଶୀମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ ଦୁଇ ଯୁବକ ବେଗୁନିଆପଡ଼ା ଥାନା ବୁରୁଝରି ଗ୍ରାମର ଅଶୋକ ଦାସ ଓ ବାବୁ ଦାସ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସନଂ ୪୬୩/୨୦୨୪ ଅନୁଯାୟୀ ପୁଲିସ ମାମଲା ରୁଜୁ କରି ଚୋରା ଦେଶୀମଦ ଚାଲାଣ ଅଭିଯୋଗରେ ଗିରଫ ହୋଇଥିବା ଅଶୋକ ଦାସ ଓ ବାବୁ ଦାସଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ନରେଶ ସାହୁ କହିଛନ୍ତି।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର



ଗଞ୍ଜାମ,୧।୬(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର ପାଠାଗାର ଠାରେ ମା' ରାମଚଣ୍ଡୀ ଟ୍ରଷ୍ଟ, ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ ହସ୍ପିଟାଲ ଓ ମେଡିକାଲ କଲେଜର ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ନିଷେଧ ଦିବସ ଅବସରରେ ମାଗଣା ସ୍ୱାସ୍ଥ୍ୟ ସଚେତନତା ଶିବିର ତଥା ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଜଣ ବିଭିନ୍ନ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ। ଶିବିରକୁ ମନ୍ଦିର ଟ୍ରଷ୍ଟି ଟୁଲୁ ପଣ୍ଡା, ପରିଚାଳନା କମିଟି ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ପୂଜା କମିଟି ଉପଦେଷ୍ଟା ତଥା ଛତ୍ରପୁର ଏସଡିଜେଏମ କୋର୍ଟର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଓ ତ୍ରିପତି ବାଲାଜୀ ମିଶ୍ର ଓ କେ ସତ୍ୟନାରାୟଣ ରେଡ୍ଡୀ, ପୂଜା କମିଟି ସଭାପତି ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଆଇନଜୀବୀ ଲସିତ ବରଣ ବେହେରା, ସୁଧୀର ମହାରଣା, ରାଜେଶ କୁମାର ନନ୍ଦ, ମନୋଜ ମିଶ୍ର, ଦଣ୍ଡପାଣି ମହାରଣା, ତ୍ରିଲୋଚନ ରାଉଳ, ସମାଜସେବୀ ଦିନେଶ ମହାନ୍ତି, ଟୁଟୁ ନାୟକ ଓ ଦୀପକ ବେହେରା ସହଯୋଗ କରିଥିଲେ।

## ମହିଳାଙ୍କ ଗଳିତ ଶବ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ

# ଚରିତ୍ର ସନ୍ଦେହରୁ ହତ୍ୟାକାଣ୍ଡ

ଦିଗପହଣ୍ଡି,୧।୬(ସମିସ)



ବନ୍ଧାହେଲା ଅଭିଯୁକ୍ତ ପ୍ରେମିକ

ଦିଗପହଣ୍ଡି ଥାନା କୁଶପଡ଼ା-ପତାଣ୍ଡ ଗ୍ରାମ ଛକ ନିକଟରେ ଥିବା ସିମେଣ୍ଟ ଇଟା ଫେକ୍ଟ୍ରି ପଛପଟ ଏକ ପରିତ୍ୟକ୍ତ କୋଠରୀରୁ ଗତ ୨୩ ତାରିଖ ସକାଳେ ଜଣେ ଅପରିଚିତ ମହିଳାଙ୍କ ଗଳିତ ଶବ ଉଦ୍ଧାର ହୋଇଥିଲା। ପ୍ରଥମେ ପୁଲିସ ଏହାକୁ ଅପମୃତ୍ୟୁ ବୋଲି ସନ୍ଦେହ କରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ହତ୍ୟାକାଣ୍ଡ ବୋଲି ଜାଣିବା ସହ ଘଟଣାର ପର୍ଦ୍ଦାଫାଶ କରିଛି। ଏଥିସହ ହତ୍ୟାକାଣ୍ଡରେ ଜଡ଼ିତ ମହିଳାଙ୍କ ପ୍ରେମିକଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ପ୍ରେମିକ ଜଣକ ହେଲେ ଦିଗପହଣ୍ଡି ଥାନା କୁଶପଡା ଗ୍ରାମର ବି.ବାବୁଲା। ମୃତ ମହିଳା ଜଣକ ହେଲେ ଦିଗପହଣ୍ଡି ବ୍ଲକ କେ. ନୂଆଗାଁ ଥାନା ଖମ୍ବାରି ଗାଁ ପଞ୍ଚାୟତ ବୁରୁଡାଙ୍ଗ ଗ୍ରାମର ପାର୍ବତୀ ନାୟକ (୪୦)। ଅଭିଯୁକ୍ତ ବାବୁଲା ଓ ପାର୍ବତୀ ପୂର୍ବରୁ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପାର୍ବତୀ ସ୍ୱାମୀ ପରିତ୍ୟକ୍ତା ଥିଲେ। ଗତ ୩ ମାସ ପୂର୍ବେ ଉଭୟେ କୁଶପଡା ଗ୍ରାମରେ ବାବୁଲାଙ୍କ ଘରେ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ। କିନ୍ତୁ ଗତ କିଛିଦିନ ହେଲା ବାବୁଲା ପାର୍ବତୀଙ୍କ ଚରିତ୍ର ଉପରେ ସନ୍ଦେହ କରି ଆସୁଥିଲେ। ପାର୍ବତୀ ମୋବାଇଲ ଫୋନରେ ପରପୁରୁଷଙ୍କ ସହ ରାତି ସାରା କଥା ହେଉଥିବାରୁ ବାବୁଲାଙ୍କ ମନରେ ପାର୍ବତୀଙ୍କ ପ୍ରତି ସନ୍ଦେହ ବଢ଼ିଥିଲା। ତାଙ୍କ ଅନୁପସ୍ଥିତିରେ ପାର୍ବତୀ କିଛି ବ୍ୟକ୍ତିଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିବା ସେ ଜାଣିବାକୁ ପାଇଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଗତ ୧୩ ତାରିଖ ରାତିରେ ପୂର୍ବ ଯୋଜନା ପ୍ରକାରେ ଉକ୍ତ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରୁ ପାଣି ଆଣିବାକୁ କହି ତାଙ୍କୁ କୌଶଳ କ୍ରମେ ଡାକି ନେଇଥିଲେ। ଏହି ସମୟରେ ସେଠାରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଅଭିଯୁକ୍ତ ବାବୁଲା ଉତ୍ତେଜିତ ହୋଇ ପାର୍ବତୀକୁ ଏକ ଶକ୍ତ ଧକ୍କା ମାରିଥିଲେ। ଯାହାଫଳରେ ପାର୍ବତୀ କାନ୍ଥରେ ବାଡ଼େଇ ହୋଇ ତଳେ ଟଳି ପଡ଼ିଥିଲେ। ଅଭିଯୁକ୍ତ ବାବୁଲା ମୃତଦେହ ସେଠାରେ ଛାଡି ଫେରାର ହୋଇଯାଇଥିଲା। ଦୀର୍ଘ ୧୦ ଦିନ ପରେ ଉକ୍ତ କୋଠରୀ ନିକଟରୁ ଦୁର୍ଗନ୍ଧ ବାହାରିବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣାପରେ ପୁଲିସ ଓ ଅନୁସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପ୍ରଥମେ ଅପମୃତ୍ୟୁ ମାମଲା ନଂ. ୬/୨୪ ପ୍ରକାରେ ମକଦ୍ଦମା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ପୁଲିସ ହତ୍ୟାକାରୀଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ଗତ ଦୁଇଦିନ ତଳେ ସନ୍ଦେହରେ ବାବୁଲାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ସେ ସମସ୍ତ ଘଟଣାକୁ ସ୍ୱୀକାର କରିଥିଲା। ଅନ୍ୟପକ୍ଷରେ ଶୁକ୍ରବାର ପୁଲିସ ଅଭିଯୁକ୍ତଙ୍କୁ ଧରି କ୍ରାଇମ୍ ରିକ୍ରିଏସନ କରିଛି। ଥାନା ମାମଲା ନଂ. ୨୩୫/୨୪ ଦଫା - ୩୦୨/୨୦୧ ଆଇପିସି ପ୍ରକାରେ ମକଦ୍ଦମା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଦିଗପହଣ୍ଡି ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।

## କନ୍ଧମାଳରେ ତମାଖୁ ସେବନ ହେଉଛି ଚିନ୍ତାର କାରଣ

# ହେଉନି ଆବଶ୍ୟକ ସଚେତନତା

ଜି.ଉଦୟଗିରି,୧।୬(ସମିସ): ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବା ବେଳେ ଏହା ଭୟାବହତା ଜାଣି ସୁଦ୍ଧା ବ୍ୟବହାର ବଢ଼ିବା ଚିନ୍ତାର କାରଣ ହୋଇଛି। କନ୍ଧମାଳରେ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ହୋଇଥିଲେ ମଧ୍ୟ ଲୋକେ ନିଶାରେ ପଡ଼ି ଏହାକୁ ସେବନ କରୁଥିବା ବେଳେ କେତେକ ଏହାର ଭୟାବହତା ନ ଜାଣି ସେବନ କରୁଛନ୍ତି। ଫଳରେ ସମାଜରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥିବା ବେଳେ ସେଥିରୁ ୭୦ ପଦାର୍ଥ କର୍କଟ ରୋଗ ସୃଷ୍ଟି କରୁଛି। ତମାଖୁ ସେବନ ଦ୍ୱାରା ଫୁସଫୁସ, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖା ଦେଇଥାଏ। ଯୁବ ପିଢି ଏହାର କବଳରେ ଦିନକୁ ଅଭ୍ୟାସରେ ପରିଣତ ହେବା ପରେ ଏହାକୁ ଛାଡିପାରୁ ନାହିଁ। ଏଥିଯୋଗୁଁ ଦିନକୁ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ଯେପରି ପାଟି ପୂରା ନ ଖୋଲିବା , ପାଟିରେ ଘା ହେବା, ଗଳା ଫୁଲିବା ସହିତ କର୍କଟ ରୋଗ ବଢିବାରେ ଲାଗିଛି। ତମାଖୁ ବିକ୍ରୀ ଉପରେ କଟକଣା କେବଳ କାଗଜକଲମରେ ସିମିତ ଥିବାବେଳେ ଖୋଲାଖୋଲି ସବୁ ଠାରେ ଅଧିକ ଦାମରେ ବିକ୍ରୀ ହେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ଭବିଷ୍ୟତରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି କୁହାଯାଉଛି। ଏଥିରୁ ମୁକୁଳିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକ ହେଉଥିବା ବେଳେ କନ୍ଧମାଳରେ ସଚେତନତା କରାଯାଉ ନଥିବା ଅଭିଯୋଗ ହେଉଛି। ମେ ୩୧ ତାରିଖକୁ ସାରା ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳନ କରୁଥିବା ବେଳେ କନ୍ଧମାଳ ଜିଲ୍ଲାରେ ବ୍ୟାପକ ସଚେତନତା ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏହାର ଅପକାର ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ବିକ୍ରୀ ବନ୍ଦ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଡା.ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି।

## ଅବସର ଗ୍ରହଣ କଲେ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ



ଟିକାବାଲି,୧।୬(ସମିସ): ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢ଼ୀ। ଗତବର୍ଷ ୨୭ ଜୁଲାଇରେ ରାଜ୍ୟ ସରକାର ଓଏଏସ ଅଫିସରଙ୍କସ୍ତରରେ ଅଦଳ ବଦଳ କରିଥିଲେ। ସେହି ଅଦଳ ବଦଳରେ ପୂର୍ବରୁ ଥିବା ଟିକାବାଲି ବିଡିଓ ଫକୀର ଚରଣ ପରିଡା ବଦଳି ହୋଇ ଆସିକା ବ୍ଲକ ଯିବାରୁ ତାଙ୍କ ସ୍ଥାନରେ କଳାହାଣ୍ଡି କାକସରା ତହସିଲରେ ତହସିଲଦାର ଭାବରେ କାର୍ଯ୍ୟ କରିଥିବା ଓଏଏସ ଅଫିସର ଶ୍ରୀ ପାଢ଼ୀ ନୂତନ ଭାବରେ ଟିକାବାଲି ବ୍ଲକ ଗୋଷ୍ଠୀଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ପାଢ଼ୀ ଜଣେ କର୍ମଠ ବ୍ୟକ୍ତି। ସେ କଳାହାଣ୍ଡି ଜିଲ୍ଲାରେ ତହସିଲଦାର କାର୍ଯ୍ୟରେ ୧ ନଂରେ ରହିଥିଲେ। ଟିକାବାଲି ବ୍ଲକକୁ ମଧ୍ୟ ଜିଲ୍ଲାରେ ୧ନଂ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ସ୍ଥାନରେ ଚକାପାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦୟ ରଞ୍ଜନ ସାହୁ ଟିକାବାଲି ବିଡିଓ ହୋଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସମାବର୍ତ୍ତନ ଉତ୍ସବ

ବ୍ରହ୍ମପୁର,୧।୬(ସମିସ): ସ୍ଥାନୀୟ ରାମହରି ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପକ୍ଷରୁ ସମାବର୍ତ୍ତନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗ ସମିତିର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇ ଶିଶୁମାନେ ଶିକ୍ଷା ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଦକ୍ଷିଣ ପୂର୍ବ ଜିଲ୍ଲା ସଂଭାଗର ଜିଲ୍ଲା ପ୍ରମୁଖ ଉପେନ୍ଦ୍ର କୁମାର ପଣ୍ଡା, ବିଦ୍ୟାଳୟ ସମ୍ପାଦକ ସୁରେଶ କୁମାର ବିଷୋୟୀ ଓ ଯୁଗ୍ମ ସମ୍ପାଦକ ଭଜରାମ ବିଶ୍ୱାଳ ଉପସ୍ଥିତ ରହି ଶିଶୁ ମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ଦଶମ ଶ୍ରେଣୀ ପରୀକ୍ଷା ଫଳଫାଳରେ ୯୦ଶତକଡା ଠାରୁ ଅଧିକ ନମ୍ବର ରଖିଥିବା ସ୍ୱସ୍ତିକ ସାହୁ, ଦେବାଶିଷ ସାହୁ, ବିନାୟକ ଦାମୋଦର ମହାରଣା, ରୂପରେଖ ଶତପଥୀ, ଉଦିତ ନାରାୟଣ ଗୌଡଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷା ବିକାଶ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭାରେ ରାଜ୍ୟସ୍ତରୀୟ ପ୍ରଥମ ସ୍ଥାନ ହାସଲ କରିଥିବା ରୁଦ୍ର ପ୍ରସାଦ ପାତ୍ର ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତୀତ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ଛାତ୍ର ନରେଶ କୁମାର ପଣ୍ଡା, ପ୍ରତ୍ୟୁଷ ସାହୁ, ପ୍ରଜ୍ଞାରାଣୀ ବିଶ୍ୱାଳ, ପ୍ରତିଜ୍ଞା ପୁରେହିତ, ସାଇଶ୍ରୀ ପତି ଓ ଶୁଭମ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ତମାଖୁ ବର୍ଜନ ନେଇ ରାଜ୍ୟସ୍ତରୀୟ ୱେବିନାର

ଗଞ୍ଜାମ,୧।୬(ସମିସ): ଗଞ୍ଜାମ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଂଗଠନ ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ତମାଖୁ ବର୍ଜନ ଦିବସ ଅବସରରେ ରାଜ୍ୟସ୍ତରୀୟ ସଚେତନତାମୂଳକ ୱେବିନାର ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଦନ୍ତ ଚିକିତ୍ସକ ତଥା ତମାଖୁ ବିରତି କେନ୍ଦ୍ର ନୋଡାଲ ଅଧିକାରୀ ଡଃ. କୌଶିକ ପଟ୍ଟନାୟକ ଯୋଗଦେଇ ତମାଖୁ କିପରି ମୁଖଗହ୍ୱର କର୍କଟ ଓ ଅନ୍ୟାନ୍ୟ କର୍କଟର ମୁଖ୍ୟ କାରଣ ତାହା ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ପରାମର୍ଶଦାତା ସ୍ୱର୍ଣ୍ଣଲତା ଦାସ ତମାଖୁ ଛାଡ଼ିବା ନିମନ୍ତେ ବିଭିନ୍ନ ପ୍ରକାରର ପରାମର୍ଶ ଶୈଳୀ ଓ ପରିବାର ଏବଂ ବନ୍ଧୁମାନଙ୍କ ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଗଞ୍ଜାମ ଜିଲ୍ଲାର ଅଣ ସଂକ୍ରାମକ ରୋଗ ସହକାରୀ ପରିଚାଳିକା ସୁଶ୍ରୀ ବାଣୀ ବନ୍ଦନା ଜେନା ତମାଖୁ ବ୍ୟବାହର ରୋକିବା ନିମନ୍ତେ ଉପଲବ୍ଧ ସରକାରୀ ପଦକ୍ଷେପ ଓ କୋଟପା ଆଇନ ଉପରେ ମତ ପ୍ରକାଶ କରିଥିଲେ। ବିଭିନ୍ନ ଜିଲ୍ଲାରୁ ରାକେଶ ପ୍ରଧାନ, ରାୟମନ୍ ନାୟକ, ଅନନ୍ତ ଦାସ, ରିତା ଦାସ, ଜୟଲକ୍ଷ୍ମୀ ସାହୁ, ରାଘବେନ୍ଦ୍ର ପଣ୍ଡା, ସସ୍ମିତା ମିଶ୍ର, ବିଶ୍ୱଜିତ ମହାପାତ୍ର, କୈଳାଶ ସେଠୀ, ମାଗୁଣି ରେଡ୍ଡୀ, ସାମ୍ବାଦିକ ବିଜୟଲକ୍ଷ୍ମୀ ମହାକୁଡ, ଦୁର୍ଗାମାଧବ ପାଣିଗ୍ରାହୀ, ବସନ୍ତ ବେହେରା, ସୁରେଶ ପ୍ରଧାନ, ଲକ୍ଷ୍ମୀ ବାଇ, ଗତିକୃଷ୍ଣ ପଣ୍ଡା, ବି କାମେଶ୍ୱରି, ସୁଶିଲ କର୍କୋର, ବାସୁଦେବ ଗୌଡ଼, ପ୍ରଜ୍ଞା ହାତି, ପ୍ରିୟଦର୍ଶିନୀ ମହାରଣା, ନୀଳାଚଳ ସେଠୀ, ଜପେନ୍ଦ୍ର ରେଡ୍ଡୀ, ପୂଜାରାଣୀ ସେଠୀ, କାହ୍ନା ଗୌଡ଼, ପ୍ରିୟବ୍ରତ ଦାସ, ସୁଜନ ପଟେଲ ଓ ୟୁଥ୍ ଫର୍ ଭିଲେଜର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ଡି ଦେବହରି ରେଡ୍ଡୀ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଖୁ ବର୍ଜନ ସଚେତନତା



ଛତ୍ରପୁର,୧।୬(ସମିସ): ତମାଖୁ ଜନିତ ସ୍ୱାସ୍ଥ୍ୟ ସମସ୍ୟା ତଥା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିର ବାଧା ସୃଷ୍ଟିକୁ ରୋକିବା ନିମନ୍ତେ ପ୍ରତ୍ୟେକ ବର୍ଷ ମେ ୩୧କୁ ସାରା ବିଶ୍ୱରେ ବିଶ୍ୱ ତମାଖୁ ନିରୋଧ ଦିବସ ରୂପେ ପାଳନ କରାଯାଏ। ସାରା ବିଶ୍ୱରେ ତମାଖୁ ଏକ ନିରବ ଘାତକ ସାଜିଛି। ତମାଖୁର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ସେହିପରି ଏହି ବର୍ଷ ବିଶ୍ୱ ତମାଖୁ ନିରୋଧ ଦିବସରେ "ତମାଖୁ ମୁକ୍ତ ଶୈଶବ' ବିଷୟବସ୍ତୁ ରହିଥିଲା ଆଲୋଚନାର ପ୍ରସଙ୍ଗ। ସେହି ତମାଖୁ ବିରୋଧରେ ନିଜ ନିଜ ମନରେ ଜାଗ୍ରତ କରିବା ସହ ନିଜ ପରିବାର ତଥା ସମାଜରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଛୋଟ ଛୋଟ ପିଲାମାନେ ହାତରେ ତମାଖୁ ସଂପର୍କିତ ବିଭିନ୍ନ ସ୍ଲୋଗାନ ଲିଖିତ ପ୍ଲାକାର୍ଡ ଧରି କଲୋନୀ ବୁଲିବା ସହ ନିଜ କୁନି କଣ୍ଠରେ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସାମାଜିକ ଗଣମାଧ୍ୟମରେ ଅନୁରୋଧ କରିଥିଲେ। ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ତଥା ନିଶା ମୁକ୍ତି ଯୁବ ସଂକଳ୍ପ ଅନୁଷ୍ଠାନର ମୁଖ୍ୟ ଡି ଦେବହରି ରେଡ୍ଡୀଙ୍କ ସଂଯୋଜନାରେ ଛତ୍ରପୁରସ୍ଥିତ ନୂଆ ମେଡିକାଲ କଲୋନୀର ଛୋଟ ଛୋଟ ପିଲା ଡି ବ୍ରିଶାଙ୍କ ରେଡ୍ଡୀ, ଧର୍ମେଶ ରାଜୁ, ଆନୁଶ୍ରି ଦିଗାଲ, ଅଭିରାମ ଦାସ, ପ୍ରତିଭାରାଣୀ ପଣ୍ଡା ଓ ସିବାଂଶୁ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଋଷିକୁଲ୍ୟା ନଦୀରେ ବିସ୍ତାରିତ ଚଢ଼ିଆକୁଦ

# କଂସାରି ଗଣ୍ଡରେ ମିଶୁଛି ଲବଣ ଜୁଆରିଆ ଜଳ

ଗଞ୍ଜାମ,୧।୬(ସମିସ)



ଗଞ୍ଜାମ ସହର ସନ୍ନିକଟ ଋଷିକୁଲ୍ୟା ରେଳ ପୋଲ ନିକଟରୁ ବରଦା-ହଁସପୁର ସଡ଼କ ପୋଲ ମଧ୍ୟରେ ଋଷିକୁଲ୍ୟା ନଦୀ ମଧ୍ୟରେ ବିସ୍ତାରିତ ଚଢିଆକୁଦ ନଦୀ ଗର୍ଭକୁ ସଂକୁଚିତ କରି ରଖିଛି। ଫଳରେ ସମୁଦ୍ରରୁ ଆସୁଥିବା ଜୁଆରିଆ ଜଳ କଂସାରୀ ଗଣ୍ଡରେ ମିଶି ଗଣ୍ଡ ଜଳକୁ ଲବଣାକ୍ତ କରିଦେଉଛି। ଫଳରେ କଂସାରୀ ଗଣ୍ଡରୁ ବିଭିନ୍ନ ଗ୍ରାମକୁ ଯୋଗାଣ କରାଯାଉଥିବା ପାନୀୟ ଜଳ ଲବଣାକ୍ତ ହେଉଥିବା ଅଭିଯୋଗ ହେଉଛି। ଶନିବାର ପାଳିବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଇପରୁ ଲବଣ ଜଳ ବାହାରିଥିବା ଯୁବ ପରିବେଶବିତ ରବୀନ୍ଦ୍ର ନାଥ ସାହୁ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଶରତ ଚନ୍ଦ୍ର ଦାଶଙ୍କ ପ୍ରତିକ୍ରିୟା ନେବାରେ ଜୁଆରିଆ ଲବଣ ଜଳ କଂସାରୀ ଗଣ୍ଡରେ ମିଶିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ ବଦଳରେ ଖାରି ଜଳ ବିଭିନ୍ନ ଗ୍ରାମରେ ପାଇପରୁ ବାହାରୁଥିବା କହିଛନ୍ତି। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକ ପ୍ରତିନିଧି ଦଳ କଂସାରୀ ଗଣ୍ଡ ପରିଦର୍ଶନ କରି ଥିବା ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଅନ୍ୟପଟେ ସମ୍ପ୍ରତି ପାଳିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗଙ୍ଗାଦେବୀ ମନ୍ଦିର ସମ୍ମୁଖରେ ଏକ ନୂତନ ମୁହାଁଣ ଖୋଲିବା ଫଳରେ ନଦୀରେ ଜୁଆରିଆ ଜଳ ଅଧିକ ମାତ୍ରାରେ ଆସୁଥିବା ଲକ୍ଷ୍ୟ କରାଯାଇଛି। ନଦୀ ମଧ୍ୟରେ ଆଡି ପଥର ବନ୍ଧ ନିର୍ମାଣ କରାଗଲେ ବର୍ଷାଦିନେ ବନ୍ୟାଜଳ ନଦୀକୁ ଆସିଲେ ବନ୍ୟାଜଳ ପ୍ରଭାବରେ ନଦୀଗର୍ଭରେ ଚଢିଆଲତା ନଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏବେ ନଦୀ ମଧ୍ୟରେ ପ୍ରାୟ ୭ ଫୁଟ ଉଚ୍ଚତାରେ ଶକ୍ତ ମାଟି ରହିଥିବା ବେଳେ ପ୍ରାୟ ୮ରୁ ୯ ଫୁଟ ଉଚ୍ଚତାରେ ଚଢିଆଗୁଡିକ ଘଞ୍ଚ ହୋଇ ରହିଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେଳ ଷ୍ଟେସନରେ ଭୁଲ ସୂଚନା; ଯାତ୍ରୀ ହନ୍ତସନ୍ତ

ଛତ୍ରପୁର,୧।୬(ସମିସ): ଛତ୍ରପୁର ମୁଖ୍ୟ ରେଳ ଷ୍ଟେସନରେ ରେଳ ଗାଡ଼ି କେଉଁ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବ ଓ ବଗିର (କୋଚ) ସୂଚନା ଟ୍ରେନ ପହଞ୍ଚିବାର କିଛି ସମୟ ପୂର୍ବରୁ ମାଇକ୍‌ରେ ଘୋଷଣା ସହ ଡିସ ପ୍ଲେ ବୋର୍ଡରେ ସୂଚନା ଦିଆଯାଇଛି। ଏହା ଦ୍ୱାରା ଯାତ୍ରୀମାନେ ନିଜ ସାମାନ ସହ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ିକୁ ଅପେକ୍ଷା କରନ୍ତି। କିନ୍ତୁ ଶନିବାର ଦିନ ପୁରୀ-ଗାନ୍ଧୀଧାମ ଟ୍ରେନନଂ ୨୨୯୭୪ ସାପ୍ତାହିକ ଟ୍ରେନ ପୁରୀରୁ ଆସୁଥିବାବେଳେ ଏହି ଗାଡିର ଛତ୍ରପୁର ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଗାଡ଼ିର ବଗି ସ୍ଥିତି ସମ୍ପର୍କରେ ଘୋଷଣା ସହ ଡିସପ୍ଲେରେ ସୂଚନା ଦିଆଯାଇଥିଲା। କିନ୍ତୁ ପୁଣି ରେଳ ଷ୍ଟେସନରେ ଗାଡ଼ି ପହଞ୍ଚିଲା ସମୟରେ ବଗିର ସ୍ଥିତି ବଦଳାଇ ସୂଚନା ଦିଆଯାଇଥିଲା। ଏହାଦ୍ୱାରା ସଂରକ୍ଷିତ ଟିକେଟ ଧାରି ଯାତ୍ରୀମାନେ ସାମାନ ଧରି ପ୍ଲାଟଫର୍ମରେ ପ୍ରଚଣ୍ଡ ଖରାରେ ବଗି ଖୋଜିବାରେ ଲାଗିଥିଲେ। ଏପରିକି ବଗିରେ ଚଢ଼ିବାରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ କିଛି ମହିଳା ଯାତ୍ରୀ ଟ୍ରେନ ଛାଡ଼ିଲା ପରେ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଚଢ଼ିବା ଦେଖା ଯାଇଥିଲା। ଧାଁ ଧଉଡ଼ ଯୋଗୁଁ ପ୍ଲାଟ୍‌ଫର୍ମରେ ବହୁତ୍ ଜୋତା ପଡ଼ିରହିଥିଲା। ଏଭଳି ତ୍ରୁଟିପୂର୍ଣ୍ଣ ଘୋଷଣା ନେଇ ଷ୍ଟେସନ କର୍ମଚାରୀଙ୍କୁ ପଚାରିବାରୁ ସିଷ୍ଟମକୁ ଦେଖି ଘୋଷଣା କରିଥିଲେ ବୋଲି କହିଥିଲେ। ତେବେ ରେଳ ବିଭାଗର ଏଭଳି ଭୁଲ ସୂଚନା ପ୍ରଦାନ ଦ୍ୱାରା ଯାତ୍ରୀ ହନ୍ତସନ୍ତ ହେବା ସହ ମୃତ୍ୟୁମୁଖରେ ପଡ଼ିବା ସମ୍ଭାବନା ଅଧିକ। ତେଣୁ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଷ୍ଟ୍ରଙ୍ଗରୁମ୍ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ଏସ୍‌ପି



**ଭଞ୍ଜନଗର,୧।୬(ସମିସ):** ଭୋଟ ଗଣତି କିଭଳି ଶାନ୍ତି ଶୃଙ୍ଖଳାରେ ହେବ ଓ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ନେଇ ସ୍ଥିତି ଅନୁଧ୍ୟାନ କଲେ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପି। ସାଧାରଣ ନିର୍ବାଚନ ଗଣତି ଆସନ୍ତା ଜୁନ୍ ୪ ତାରିଖରେ ହେବାକୁ ଥିବା ବେଳେ ଆଉ ହାତରେ ମାତ୍ର ଦୁଇ ଦିନ। ସେନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଭୋଟ ଗଣତି ପରିସର କିପରି ରହିବ, ଇଭିଏମ ମେସିନ ଆଣିବା ଓ ନେବା, ରାଜନୈତିକ ଦଳର ଏଜେଣ୍ଟମାନେ କେଉଁଠି ରହିବେ, ଗଣନାରେ ସଂଖ୍ୟା କିପରି ଅପଡେଟ ଦିଆଯିବ, ଏଥିସହ ଶାନ୍ତି ଶୃଙ୍ଖଳାରେ କିପରି ଭୋଟ ଗଣନା ହେବ ସେ ନେଇ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଭଞ୍ଜନଗର ଗସ୍ତରେ ଆସି ନିର୍ବାଚନ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତା ୪ ତାରିଖରେ ଭଞ୍ଜନଗରସ୍ଥିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଭଞ୍ଜନଗର, ସୋରଡା ଓ ଆସିକା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗଣତି ହେବ। ଏନେଇ ଜିଲ୍ଲାପାଳ ଓ ଏସ୍‌ପି ପ୍ରସ୍ତୁତି ତଦାରଖ ପାଇଁ ଭୋଟ ଗଣତି କେନ୍ଦ୍ର ବୁଲି ଦେଖିଛନ୍ତି। ଷ୍ଟ୍ରଙ୍ଗ୍ ରୁମ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ଏକ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଷ୍ଟ୍ରଙ୍ଗ୍ ରୁମ୍ ଜଗି ରହିଥିବା ବେଳେ ଗେଟ୍ ସମ୍ମୁଖ ଓ କଲେଜ ପରିସରରେ ଓଡ଼ିଶା ପୁଲିସର ଜଣେ ଅଧିକାରୀଙ୍କ ନେତୃତ୍ୱରେ ଜଗି ରହୁଛନ୍ତି। ଏଥିସହ ଭୋଟ ଗଣତି ଯେପରି ସଠିକ ଭାବରେ ହେବ ସେହି ପ୍ରସ୍ତୁତି ବିଷୟରେ ଉପଜିଲ୍ଲାପାଳ ଅନୀଲ ସେଠୀଙ୍କ ସହ ଆଲୋଚନା କରିଥିଲେ।

# ମୁଖ୍ୟ ରାସ୍ତାରେ କାଦୁଅ ପଡ଼ିବାରୁ ଉତ୍ତେଜନା



**ଗଞ୍ଜାମ,୧।୬(ସମିସ):** ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଖରୀ ମାନଙ୍କୁ ଖନନ କରାଯାଇ ପଙ୍କୋଦ୍ଧାର କରାଯାଉଛି। ଗଞ୍ଜାମ ସହରର ବିଭିନ୍ନ ପୋଖରୀରୁ ପଙ୍କ ଖୋଳା କାର୍ଯ୍ୟ ମଧ୍ୟ ଚାଲୁ ରହିଛି। ଶନିବାର ଗଞ୍ଜାମ ଏନଏସି ଅନ୍ତର୍ଗତ କଲେଜ ରୋଡ୍‌ଠାରେ ଥିବା ଦାସ ବନ୍ଧରୁ ବାହାର କରାଯାଇଥିବା ପଙ୍କକୁ ଗଞ୍ଜାମ ଏନଏସି ପ୍ରଶାସନ ପକ୍ଷରୁ ଜୟଶ୍ରୀ ଛକସ୍ଥିତ ସେଲ୍ଫି ପଏଣ୍ଟରେ ଟ୍ରାକ୍ଟର ସାହାଯ୍ୟରେ ପକାଯାଉଥିଲା। ଏନଏସି ଟ୍ରାକ୍ଟର ସହ ଆଉ କିଛି ଟ୍ରାକ୍ଟର ମଧ୍ୟ ଉକ୍ତ କାର୍ଯ୍ୟରେ ନିୟୋଜିତ ଥିଲା। ଜେସିବି ମେସିନ ଦ୍ୱାରା କାଦକୁ ଟ୍ରାକ୍ଟରରେ ଲୋଡ୍ କରାଯାଇ ସେଲ୍ଫି ପଏଣ୍ଟରେ ପକା ଯାଉଥିଲା। ଦିନତମାମ ଉକ୍ତ କାଦ ବୁହା କାର୍ଯ୍ୟ ଜାରି ରହିଥିଲା। କିନ୍ତୁ ଟ୍ରାକ୍ଟରରେ କାଦୁଅ ଓଭର ଲୋଡ୍ ଯୋଗୁଁ ସହରର ମୁଖ୍ୟ ରାସ୍ତା ସାରା ପଡି ପଡି ପୂରା ଖରାପ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ସନ୍ଧ୍ୟାରେ ଉକ୍ତ ଘଟଣାକୁ ନେଇ କିଛି ସମୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏନଏସି ପ୍ରଶାସନ ପକ୍ଷରୁ ପୁଣି ଚେନ ଜେସିବି ଦ୍ୱାରା ରାସ୍ତାରୁ କାଦୁଅ ବାହାର କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟ ପଟେ ଆଉ କିଛି ପୋଖରୀରୁ ପଙ୍କ ଉଦ୍ଧାର ଆଳରେ ମାଟି ପ୍ରାଇଭେଟ ଜାଗାକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ରାତି ରାତି ଜେସିବି ଦ୍ୱାରା କିଛି ମାଟି ମାଫିଆ ପୋଖରୀ ହୁଡ଼ାରୁ ମାଟି ନେଇ ବିକ୍ରି କରିଥିବା ଆଲୋଚନା ହେଉଛି। ଏନେଇ ଇଓ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରେ ସେମିତି କିଛି ଲିଖିତ ଅଭିଯୋଗ ହୋଇନି। ତଦନ୍ତ କଲା ପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

■ ବୋର୍ଡ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି

# ମାଟ୍ରିକ୍ ମାର୍କସିଟ୍‌ରେ ତ୍ରୁଟି

**ଭଞ୍ଜନଗର,୧।୬(ସମିସ):** ପ୍ରଥମେ ଛାତ୍ରଛାତ୍ରୀଙ୍କ ମାଟ୍ରିକ ଏଡମିଟ କାର୍ଡରେ ତ୍ରୁଟିଥାଇ ଆସିବା ପରେ ପୁଣିଥରେ ମାର୍କ ସିଟ୍‌ରେ ତ୍ରୁଟି ଦେଖାଯାଇଛି। ଭଞ୍ଜନଗର ବ୍ଲକ ବଡ଼ କୋଦଣ୍ଡା ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ଛାତ୍ରୀଛାତ୍ରଙ୍କ ମାର୍କସିଟ୍‌ରେ ତ୍ରୁଟି ଥିବା ଜଣାପଡ଼ିଛି। ଏଥିରେ ବିଦ୍ୟାଳୟର ଠିକଣା ସମ୍ପୂର୍ଣ୍ଣ ଭୁଲ ଅଛି। ତୁରନ୍ତ ଛାତ୍ରୀଛାତ୍ରଙ୍କୁ ମାର୍କସିଟ୍ ସଂଶୋଧନ କରି ଦେବା ଜରୁରୀ ହୋଇପଡ଼ିଛି। ଯଦି ମାର୍କସିଟ୍ ମିଳିବାରେ ବିଳମ୍ବ ହେବ ତେବେ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ନାମ ଲେଖାରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଗତ ମାଟ୍ରିକ ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ କାର୍ଡରେ ବିଦ୍ୟାଳୟ ଠିକଣା ଭୁଲ ଆସିଥିଲା। ଏନେଇ ସେ ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାପରେ ବୋର୍ଡ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଆଉ ପରବର୍ତ୍ତୀ ସମୟରେ ସଂଶୋଧନ ହୋଇ ପାରି ନଥିଲା। ବର୍ତ୍ତମାନ ପରୀକ୍ଷା ଫଳ ପ୍ରକାଶିତ ହେବାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ମାଟ୍ରିକ ମାର୍କସିଟ ଡାଉନଲୋଡ କରିବା ପରେ ପୁଣିଥରେ ତ୍ରୁଟି ଥିବା ଜଣା ପଡ଼ିଥିଲା। ଯାହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ଏହାର ସମାଧାନ କରି ଛାତ୍ରଛାତ୍ରୀଙ୍କୁ ନୂତନ ମାର୍କ ସିଟ୍ ପ୍ରଦାନ ପାଇଁ ଦାବି ହେଉଛି।

## ନିର୍ବାଚନ ପରେ ଫଳାଫଳ ନେଇ ସବୁଠି ଚର୍ଚ୍ଚା

# ରାଜନେତା ଓ ସମର୍ଥକଙ୍କ ଛାତି ଧଡ଼ଧଡ଼

**ଜଗନ୍ନାଥ ପ୍ରସାଦ,୧।୬ :(ସମିସ):** ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ମତଦାନ ଗ୍ରହଣ ପରେ ଫଳାଫଳକୁ ନେଇ ରାଜନୈତିକ ଅଙ୍କକଷା ଚାଲୁରହିଛି। ବିଭିନ୍ନ ରାଜନୈତିକ ଦଳର ନେତା ଓ ତାଙ୍କ ସମର୍ଥକମାନେ ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କ ବିଜୟକୁ ନେଇ ଆଶାବାଦୀ ରହିଥିବା ବେଳେ ସମସ୍ତଙ୍କ ନଜର ଆସନ୍ତା ୪ ତାରିଖ ଦିନ ହେବାକୁ ଥିବା ନିର୍ବାଚନ କମିଶନରଙ୍କ ଚୂଡାନ୍ତ ଫଳାଫଳ ଉପରେ ରହିଛି। ଫଳାଫଳ ଘୋଷଣା ସମୟ ଯେତିକି ପାଖେଇ ଆସୁଛି, ଏହି ଅଞ୍ଚଳର ଚା' ଖଟି , ପାନ ଦୋକାନ , ବିଭିନ୍ନ ଛକ ବଜାରରେ ଆଲୋଚନା ଜମିବାରେ ଲାଗିଛି।

ଏଥର ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଧାନସଭା ଆସନ ପାଇଁ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତିନି ପ୍ରମୁଖ ଦଳର ନେତାମାନେ ବିଧାୟକ ଆସନରେ ବସିବା ପାଇଁ ଆଶା ବାନ୍ଧି ବସିଛନ୍ତି । ତେବେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପାର୍ଥୀ ଭାବେ ବିଜେଡିରୁ ବିକ୍ରମ କେଶରୀ ଆରୁଖ, ବିଜେପିରୁ ପ୍ରଦ୍ୟୁମ୍ନ କୁମାର ନାୟକ, କଂଗ୍ରେସରୁ ପ୍ରଶାନ୍ତ କୁମାର ବିଷୋୟୀ, ଆପରୁ କବିରାଜ ବେହେରା, କମ୍ୟୁନିଷ୍ଟରୁ ଟୁନା ମଲ୍ଲିକ ,ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ରାଜୁ ନାୟକ, ସ୍ୱାଧୀନ ପ୍ରାର୍ଥୀଭାବେ ପଞ୍ଚାନନ ଦାସ ଓ ସୁନିତା ବେହେରାଙ୍କୁ ମିଶାଇ ସର୍ବମୋଟ ଆଠଜଣ ପାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଏହି ଆଠଜଣ ବିଧାୟକ ପାର୍ଥୀଙ୍କ ମଧ୍ୟରେ ଜଣେ ମହିଳା ବିଧାୟକ ଆସନ ପାଇଁ ଲଢିଛନ୍ତି।

ପୂର୍ବରୁ ବୁଗୁଡ଼ା ଓ ଜଗନ୍ନାଥ ପ୍ରସାଦ ଦୁଇଟି ବ୍ଲକକୁ ନେଇ ଜଗନ୍ନାଥ ପ୍ରସାଦ ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା । ପୂର୍ବତନ ବିଧାୟକ ସ୍ୱର୍ଗତ ମାଧବାନନ୍ଦ ବେହେରା ଶେଷଥର ପାଇଁ ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ। ୨୦୦୯ ମସିହାରେ ଜଗନ୍ନାଥ ପ୍ରସାଦ ବ୍ଲକ ଯାଇ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ଯୋଡି ହୋଇଥିଲା । ଏହି ଦିନଠାରୁ ଲଗାତର ଭାବେ ବିକ୍ରମ କେଶରୀ ଆରୁଖ ଏହି ଗଡ଼କୁ ନିଜ ଅକ୍ତିଆରରେ ରଖିଛନ୍ତି। ଶ୍ରୀ ଆରୁଖଙ୍କୁ ହରାଇବା ପାଇଁ ଅନେକ ଦଳର କର୍ମୀଙ୍କ ଚେଷ୍ଟା ବିଫଳ ହୋଇଛି । ଏହି ଆସନ ପାଇଁ ୨୦୦୯ ମସିହାରେ କଂଗ୍ରେସ ପ୍ରାର୍ଥୀ ଦେବୀ ବିଶୋଇଙ୍କ ସହ ଶ୍ରୀ ଆରୁଖଙ୍କ ସହ ଲଢେଇ ହୋଇଥିଲା । ପୁଣି ୨୦୧୪ରେ ବିକ୍ରମଙ୍କ ସହ କଂଗ୍ରେସରୁ ବିନାୟକ ତ୍ରିପାଠୀ ଓ ୨୦୧୯ରେ ପ୍ରଦ୍ୟୁମ୍ନ କୁମାର ନାୟକ ସହ ଶ୍ରୀ ଆରୁଖଙ୍କ ଲଢେଇ ହୋଇଥିଲା। ୨୦୧୯ ନିର୍ବାଚନ ଭାଜପା ଓ ବିଜେଡି ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଭାଜପା ର ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଠାରୁ ୯ ହଜାର ୧ସହ ୩ଖଣ୍ଡ ଭୋଟ ଅଧିକ ପାଇ ବିଜେଡିର ବିକ୍ରମ କେଶରୀ ଆରୁଖ ବିଜୟୀ ହୋଇଥିଲେ । ଚଳିତ ନିର୍ବାଚନରେ ୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ମୁଖ୍ୟତଃ ୩ ଜଣଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ସପ୍ତମ ଥର ପାଇଁ ଏହି ଅଞ୍ଚଳରୁ ବହୁ ସଂଖ୍ୟାରେ ଭୋଟ ପାଇ ବିରଳ ରେକର୍ଡ କରିବାକୁ ଆଶା ବାନ୍ଧିଛନ୍ତି ଶ୍ରୀ ଆରୁଖ। ଭାଜପା ପ୍ରାର୍ଥୀ ମଧ୍ୟ ଜିତିବା ପାଇଁ ଆଶା ବାନ୍ଧିଛନ୍ତି। ଏବେ ରାଜନୈତିକ ଦଳ ଗୁଡ଼ିକ ଯେତେ ଅଙ୍କ କଷିଲେ ମଧ୍ୟ ଛିଡୁନାହିଁ। ସମସ୍ତଙ୍କ ନଜର ୪ ତାରିଖ ଉପରେ ରହିଛି।

# ଟ୍ରାକ୍ଟର ସହିତ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ଚାଲାଣକାରୀ ଫେରାର୍



**ମାଲକାନଗିରି,୧।୬(ସମିସ):** ମାଲକାନଗିରି ଆଦର୍ଶ ଥାନା ପୁଲିସ ମାଲକାନଗିରି-ଜୟପୁର ୩୨୬ନମ୍ବର ଜାତୀୟ ରାଜପଥ ସିନ୍ଧିରିମାଳ ଛକଠାରେ ପାଟ୍ରୋଲିଂ ଚାଲିଥିବାବେଳେ ଏକ ଟ୍ରାକ୍ଟରରୁ ୬ କ୍ୱିଣ୍ଟାର ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସେଠାରେ ଥିବା ଦୁଇ ଜଣ ବ୍ୟକ୍ତି ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ପ୍ରକାଶ ଯେ, ସିନ୍ଧିରିମାଳ ଛକଠାରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ସେଠାରେ ଥିବା ଆରଆଇ ଅଫିସ ନିକଟରେ ଓଡି ୩୦ଇ ୮୦୫୮ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିଲା। ଏହାକୁ ଦେଖି ସେଠାକୁ ପୁଲିସ ଯାଉଥିବାବେଳେ ଟ୍ରାକ୍ଟରରେ ଥିବା ଦୁଇଜଣ ବ୍ୟକ୍ତି ପୁଲିସକୁ ଦେଖି ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇଥିଲେ। ପୁଲିସ ତାଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରିପାରି ନ ଥିଲେ। ତେବେ ଟ୍ରାକ୍ଟରଟିକୁ ଯାଞ୍ଚ କରିବାରୁ ସେଥିରେ ୨୪ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇଥିବାର ଦେଖି ଟ୍ରାକ୍ଟର ସହ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲେ। ଗଞ୍ଜେଇ ବସ୍ତାଗୁଡ଼ିକୁ ଓଜନ କରିବାରୁ ୬ କ୍ୱିଣ୍ଟାଲ ହୋଇଥିଲା। ଟ୍ରାକ୍ଟର ନମ୍ବର ଯାଞ୍ଚ କରିବାରୁ ସେ ଟ୍ରାକ୍ଟରଟିର ମାଲିକ ହେଉଛନ୍ତି ମାଲକାନଗିରି ଜିଲ୍ଲା ଓର୍କେଲ ଥାନାସ୍ଥ ନାକାମାମୁଡ଼ି ପଞ୍ଚାୟତର କର୍କାଗୁଡ଼ା ଗ୍ରାମର ରଘୁ ମୁଦୁଲି ବୋଲି ଜଣାପଡ଼ିଛି। ତେଣୁ ଏହି ଗଞ୍ଜେଇଗୁଡ଼ିକ ଚିତ୍ରକୋଣ୍ଡା ଅଞ୍ଚଳରୁ ଅଣାଯାଇ ଛତିଶଗଡ଼ ରାଜ୍ୟକୁ ଚାଲାଣ କରାଯିବା ପାଇଁ ନିଆଯାଉଥିବାର ପୁଲିସ ସନ୍ଦେହ କରି ତଦନ୍ତ ଚଳାଇଛି।

■ ଦ୍ରୁତ ଗତିରେ ଚାଲିଛି ନନ୍ଦପୁର-ଲମତାପୁଟ ରାସ୍ତା ନିର୍ମାଣ କାର୍ଯ୍ୟ

# ଧୂଳି ଉଡ଼ିବାକୁ ନେଇ ଅତିଷ୍ଠ ଭିମାରୀପୁଟବାସୀ





**ନନ୍ଦପୁର,୧।୬(ସମିସ):** ନନ୍ଦପୁରଠାରୁ ଲମତାପୁଟକୁ ବନମାଳୀପୁଟ ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବାବେଳେ ଏହି ସମୟରେ ରାସ୍ତା ଉପରେ ପ୍ରବଳ ଧୂଳି ଉଡୁଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଭିମାରୀପୁଟବାସିନ୍ଦା ଏନେଇ ଅସନ୍ତୋଷ ପ୍ରକାଶ କରିବା ସହ ଠିକାଦାରଙ୍କୁ ନିର୍ମାଣାଧୀନ ରାସ୍ତା ଉପରେ ନିୟମିତ ପାଣି ପକାଇବାକୁ କହିଥିଲେ ମଧ୍ୟ ଠିକାଦାର ଶୁଣୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସେପଟେ ରାସ୍ତା କାର୍ଯ୍ୟରେ ଧୂଳି ଉଡ଼ିବା ଯୋଗୁଁ ଭିମାରୀପୁଟ ଗ୍ରାମ ପୂରା ଧୂଳିମୟ ହୋଇଥିବାବେଳେ ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟ ସାଧ ହେଉଛି ବୋଲି ଅଭିଯୋଗ କରିଛନ୍ତି।

ସୂଚୀତ ଯେ, ନନ୍ଦପୁରଠାରୁ ଭାୟା ବନମାଳୀପୁଟ ଦେଇ ଲମତାପୁଟକୁ ୨୧ କୋଟି ଟଙ୍କା ବ୍ୟୟରେ ପ୍ରଶସ୍ତ ତଥା ଓସାରିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା କାମ ଚାଲିଛି। ପ୍ରାୟ ଦୁଇରୁ ତିନି ମାସ ହେବ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତା ପାର୍ଶ୍ୱ ଗ୍ରାମବାସୀ ଏଥିଯୋଗୁଁ ଉଡୁଥିବା ଧୂଳିରେ ଅତିଷ୍ଠ ହେବା ସହ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ନିୟମିତ ରାସ୍ତା କାର୍ଯ୍ୟ ସମୟରେ ଧୂଳି ନ ଉଡ଼ିବାକୁ ପାଣି ପକାଇବା ବାଧ୍ୟତାମୂଳକ ଥିବାବେଳେ ଜନୈକ ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟରେ ପାଣି ପକାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଠିକାଦାର ଜଣକ ଆଗକୁ ନିୟମିତ ନିର୍ମାଣ ରାସ୍ତା ଉପରେ ପାଣି ନ ପକାଇଲେ ଭିମାରୀପୁଟ ଗ୍ରାମବାସୀ ରାସ୍ତା କାମ ବନ୍ଦ କରାଇବାକୁ ଚେତାବନୀ ଦେଇଛନ୍ତି।

## ଗ୍ରାମାଞ୍ଚଳରେ ନୂଆ ଜୀବିକା ପ୍ରକଳ୍ପର ଶୁଭାରମ୍ଭ କରିଛି ବେଦାନ୍ତ

# ଭୂତଳ ଜଳ ସଂରକ୍ଷଣ ଓ ଉପଲବ୍ଧତା ବୃଦ୍ଧି ପାଇଁ ଲକ୍ଷ୍ୟ

**ମୁନିଗୁଡ଼ା,୧।୬(ସମିସ):** ରାୟଗଡ଼ା ଜିଲ୍ଲା ସୀମାନ୍ତ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍ ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡର ଆଲୁମିନିୟମ୍ ନିର୍ମାତା ନିକଟରେ 'ସଙ୍ଗମ: ଜୀବନ ପ୍ରକୃତି ଔର ସଂସ୍କୃତି କା ଏକ ମିଲନ' ପ୍ରକଳ୍ପ ଶୁଭାରମ୍ଭ କରିଛି। ଏହା ଜଳବାୟୁ ସ୍ଥିର

- ପୋଖରୀ ଖନନ, କେନାଲର ପୁନଃ ଥଇଥାନ, ପଶୁପାଳନ ଉପରେ ଗୁରୁତ୍ୱାରୋପ
- ଆଖୁଚାଷ ପାଇଁ ପୁଣିଥରେ ଅଣ୍ଟା ଭିଡ଼ିଲେଣି ଚାଷୀ

ବିକାଶ ମାଧ୍ୟମରେ ଗ୍ରାମୀଣ ଚାଷୀଙ୍କୁ ସହାୟତା କରିବାକୁ ଲକ୍ଷ୍ୟ ରଖିଛି ଓ ଏହି ପ୍ରକଳ୍ପ ୪୦ରୁ ଅଧିକ ଗାଁରେ ଗଠନ ସହ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି। କଳାହାଣ୍ଡି ମୁଖ୍ୟତଃ ଏକ କୃଷି ଅଞ୍ଚଳ ଓ ଏଠାରେ ସୀମିତ ଜୀବିକା ସୁଯୋଗ ରହିଛି। ଏଠାରେ ମଧ୍ୟ କମ୍ ବୃଷ୍ଟିପାତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସଙ୍ଗମକୁ ପ୍ରାକୃତିକ ସମ୍ପଦ ପରିଚାଳନା ଓ ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ସହ ଏକୀଭୂତ କରି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶକୁ ବୃଦ୍ଧି କରିବା ପାଇଁ ବ୍ୟାପକ ରୋଡମ୍ୟାପ୍ ଗଠନ କରାଯାଇଛି। କୃଷକ ଉତ୍ପାଦକ କମ୍ପାନୀ (ଏଫପିସି)ର ଏହି ହସ୍ତକ୍ଷେପ ମଧ୍ୟରେ କ୍ଷୁଦ୍ର ଚାଷୀମାନଙ୍କର ଏକ ଫେଡେରେସନ ଜରିଆରେ ସ୍ଥାୟୀ ଓ ଲାଭଜନକ ଅଣକୃଷିଭିତ୍ତିକ କାର୍ଯ୍ୟକଳାପରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। କେବଳ ମହିଳା କୃଷକମାନେ ମହୁମାଛି ପରି ଉଦ୍ୟୋଗ କରିସାରିଛନ୍ତି। କ୍ରମାଗତ ଉତ୍ପାଦନ ଓ ଅମଳର ସର୍ବାଧିକ ସ୍ତର ହାସଲ କରିବାକୁ ବିଭିନ୍ନ କୃଷି ଅଭ୍ୟାସ ନିୟୋଜିତ କରିବାକୁ ହେବ, ଫସଲକୁ ସମର୍ଥନ କରିବା ଲାଗି ବିଭିନ୍ନ ଉପାୟ ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯିବ। କୃଷକମାନେ କିପରି ଅଧିକରୁ ଅଧିକ ଆୟ କରିପାରିବେ ତାହା ଉପରେ ଧ୍ୟାନ ଦିଆଯିବାକୁ ପ୍ରକଳ୍ପ ଲକ୍ଷ୍ୟ ରଖିଛି। ଭୂତଳ ଜଳ ସଂରକ୍ଷଣ ଓ ଜଳ ଉପଲବ୍ଧତା ବୃଦ୍ଧି ଲାଗି ପ୍ରକଳ୍ପ ସଙ୍ଗମ ଅଧୀନରେ ଅନେକ ଜଳ ସମ୍ପଦ ବିକଶିତ ହେବ। ଏଥିରେ ଅତିରିକ୍ତ ସଂରକ୍ଷଣ ବ୍ୟବସ୍ଥା ଓ ପୋଖରୀ ନିର୍ମାଣ, କେନାଲଗୁଡ଼ିକର ପୁନଃ ଥଇଥାନ, ଫସଲର ବିବିଧକରଣ ଓ ପଶୁପାଳନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଅଞ୍ଚଳର ୬୦%ରୁ ଅଧିକ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ।



ଏହି ପ୍ରକଳ୍ପ ଉପରେ ସିଇଓ, ଆଲୁମିନା ବ୍ୟବସାୟ, ବେଦାନ୍ତ ଲିଃର ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଅଣ ସଂରକ୍ଷିତ ଗୋଷ୍ଠୀ ପାଇଁ ନିରନ୍ତର ଜୀବିକା ନିର୍ବାହ କରିବା ଓ ଏହି ଅଞ୍ଚଳର ସାମାଜିକ, ଆର୍ଥିକ ଉନ୍ନତି ପାଇଁ ଏକ ଇକୋ ସିଷ୍ଟମର ବିକାଶ କରାଯାଇ ସ୍ଥାୟୀ ଜୀବିକା ନିର୍ବାହକୁ ସୁଗମ କରାଯିବ। ପ୍ରକଳ୍ପ ସଂଗମ ଆମ ଗୋଷ୍ଠୀକୁ ଆତ୍ମନିର୍ଭରଶୀଳ କରିବାରେ ସହଯୋଗ କରିବ। କଳାହାଣ୍ଡି ଜିଲ୍ଲାର ଜଣେ କୃଷକ ଶଙ୍କର ଚଣ୍ଡି ସେ ତାଙ୍କର କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହା ପୂର୍ବରୁ କଳାହାଣ୍ଡି ଏହାର ସ୍ୱାଦ ଓ ରଙ୍ଗ ହେତୁ ଜାଗା ପାଇଁ ଜଣାଶୁଣା ଥିଲା। କିନ୍ତୁ ଜଳବାୟୁର ଚରମ ପ୍ରଭାବ ଓ ଜଳାଭାବ ହେତୁ ଆଖୁ ଫସଲ କାର୍ଯ୍ୟକ୍ଷମ ନୁହେଁ। ଆଜି ଏହି ପ୍ରକଳ୍ପ ମାଧ୍ୟମରେ ଆମେ ଏହାର ଉତ୍ପାଦନକୁ ପୁଣି ଥରେ ଆରମ୍ଭ କରିବୁ। ସଠିକ୍ କୃଷି ଅଭ୍ୟାସ ଓ ଜଳ ପରିଚାଳନା ହେବା ଦ୍ୱାରା ଆମେ ଆୟ ପାଇବାକୁ ସକ୍ଷମ ହେବୁ ବୋଲି ବିଶ୍ୱାସ ରହିଛି। ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, ପରିମଳ, ପରିବେଶର ଉନ୍ନତି ଓ ତୃଣମୂଳସ୍ତରୀୟ କ୍ରୀଡ଼ା ପ୍ରତି ସମର୍ଥନ ସହ ଗୋଷ୍ଠୀର ଉନ୍ନତି ପାଇଁ ପ୍ରତିବଦ୍ଧ ଓ ୬୭ରୁ ଅଧିକ ଗ୍ରାମରେ ଏହାର କାର୍ଯ୍ୟକ୍ରମକୁ ବିସ୍ତାର କରିଛି। ୩୭୮ରୁ ଅଧିକ ଏସଏଚଜିରେ ୪୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି। ବାର୍ଷିକ ପ୍ରାୟ ୬୦ ହଜାର ଲୋକଙ୍କୁ ଗୁଣମାନର ଓ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛି। ଲାଞ୍ଜିଗଡ଼ରେ ଶିକ୍ଷାର ପ୍ରସାର ଲାଗି ଡିଏଭି ଆନ୍ତର୍ଜାତିକ ବିଦ୍ୟାଳୟ ପ୍ରତିଷ୍ଠା କରିଛି। ଉଲ୍ଲେଖନୀୟ ପଦକ୍ଷେପ ଯଥା- ନନ୍ଦଘର ଆଧୁନିକ ଅଙ୍ଗନବାଡ଼ି ଜରିଆରେ ୪୦୦୦ରୁ ଅଧିକ ପିଲା ଓ ୮୦୦ ମହିଳାଙ୍କ ପୋଷଣ କରୁଛି। ସମାଜରେ ମାଆ ଓ ଶିଶୁମାନଙ୍କ ଯତ୍ନ ପାଇଁ କାର୍ଯ୍ୟ କରୁଛି। ଆହୁରି ମଧ୍ୟ ଗ୍ରାମୀଣ ଯୁବକମାନଙ୍କ ଶିକ୍ଷାର ବିକାଶ ଲାଗି ସେମାନଙ୍କ ସାମଗ୍ରିକ ବିକାଶ ପ୍ରତି ଯତ୍ନବାନ ରହିଛି। ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟ ଓ ପ୍ରତିଯୋଗିତାମାନ ଆୟୋଜନ କରୁଛି ଓ ୨୦୦ ଯୁବକଙ୍କୁ ସଶକ୍ତ କରିପାରିଛି।

## ତାଣ୍ଡବ ରଚିଲା କାଳବୈଶାଖୀ

# ଗଛ ପଡ଼ି ବାସହରା ହେଲେ ପରିବାର

**ଫିରିଙ୍ଗିଆ,୧।୬(ସମିସ):** ଶନିବାର ଅପରାହ୍ନ ପ୍ରାୟ ୩ଘଟିକା ସମୟରେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚି ଅନେକ କ୍ଷୟକ୍ଷତି ଘଟାଇଥିବା ବେଳେ ଟଡ୍ରିଙ୍ଗିଆ ଶଶୀପଦର ଗ୍ରାମରେ ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ଓ ଜୋରରେ ପବନ ହୋଇଥିଲା। ଏଥିରେ ଗ୍ରାମର ନିରଞ୍ଜନ ବେହେରାଙ୍କ ଘର ଉପରେ ଦୁଇଟା ବିରାଟ ଶାଳଗଛ ପଡିଯିବାରୁ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ବର୍ତ୍ତମାନ ନିରଞ୍ଜନ ବେହେରାଙ୍କ ପରିବାର ବାସହରା ହୋଇ ପଡିଛନ୍ତି । ନିରଞ୍ଜନଙ୍କ ପରିବାରର ୬ ସଦସ୍ୟ ଏବେ ରାତ୍ରିଯାପନକୁ ନେଇ ଚିନ୍ତିତ ଅଛନ୍ତି । ଘର ପଡିବା ସମୟରେ ଘର ଭିତରେ ମା ଓ ସାନପୁଅ ଶୁଭଙ୍କର ବେହେରା (୧୭) ଥିଲେ। ଘରଭାଙ୍ଗି ଯିବାରୁ ପୁଅର ମୁଣ୍ଡ ଏବଂ ଗୋଡ଼ରେ ଆଘାତ ଲାଗିଛି



। ଖବରପାଇ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଘର ଭିତରେ ଫସି ରହିଥିବା ଦୁହେଁଙ୍କୁ ଉଦ୍ଧାର କରିବା ସହ ଗଛକୁ କାଟି ଯେସିବି ସାହାଯ୍ୟରେ ସଫା କରିଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ଆରଆଇ ଶୁଭ ଦର୍ଶିନୀ ମହାରଣା ପହଂଚି କ୍ଷୟକ୍ଷତି ଆକଳନ କରି ଅତିଶୀଘ୍ର ଜରିପାଳର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫିରିଙ୍ଗିଆ ବ୍ଲକ ପାଣକୁଲ ସଭାପତି କୁନା ଦିଗାଲ ଘଟଣା ସ୍ଥଳରେ ପହଂଚି ପରିବାର ଲୋକଙ୍କୁ ଆଶ୍ୱସନା ଦେବା ସହିତ ସାହାଯ୍ୟ ସହଯୋଗ କରିଥିଲେ । ଘରେ ସାଇତି ରଖିଥିବା ସମସ୍ତ ଖାଦ୍ୟ ସାମଗ୍ରୀ ଓ ଆସବାବପତ୍ର ନଷ୍ଟ ହୋଇଯାଇଥିବା ଯୋଗୁଁ ପ୍ରଶାସନ ସେମାନଙ୍କ ପାଇଁ ଖାଦ୍ୟପାନୀୟ ବ୍ୟବସ୍ଥା କରିବା ସହ ଘର ଯୋଗେଇ ଦେବାକୁ ନିରଞ୍ଜନ ପ୍ରଶାସନକୁ ଗୁହାରି କରିଛନ୍ତି ।

କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ରିପୋର୍ଟ

## ଅତ୍ୟଧିକ ଷ୍ଟୋରେଜ୍, ଦୁର୍ବଳ ଚାହିଦା

# ସ୍ମାର୍ଟ ଟିଭି ବିକ୍ରିରେ ୧୪% ହ୍ରାସ

ଦେଶରେ କମିଛି ସ୍ମାର୍ଟ ଟିଭିର ବିକ୍ରି। ଗ୍ରୀଷ୍ମପ୍ରବାହ ସମୟରେ ଅତ୍ୟଧିକ ଷ୍ଟୋରେଜ୍ ଏବଂ ଦୁର୍ବଳ ଚାହିଦା ଯୋଗୁ ଦେଶରେ ସ୍ମାର୍ଟ ଟିଭିର ବିକ୍ରି କମ୍ ହୋଇଛି। ଏମିତିକି ଘରୋଇ ବଜାରରେ ସ୍ମାର୍ଟ ଟିଭି ବିକ୍ରିରେ ୧୪ ପ୍ରତିଶତ ହ୍ରାସ ହୋଇଛି।

ପ୍ରକାଶ ପାଇଛି କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ରିପୋର୍ଟ। ଏହି ରିପୋର୍ଟରେ ଚମକାଇବା ଭଳି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, 'ୱାନପ୍ଲସ, ହାୟର ଏବଂ ରିଅଲମ' ଭଳି ବ୍ରାଣ୍ଡ ଯୋଗୁଁ ଚାଇନା ବ୍ରାଣ୍ଡର ଟିଭି ନିର୍ମାତାଙ୍କ ବ୍ରିକିରେ ବୃହତ୍ ହ୍ରାସ ଘଟିଛି। ଏହି ଚାଇନା ଟିଭି ବ୍ରାଣ୍ଡଗୁଡିକର ବିକ୍ରିରେ ୩୦ ପ୍ରତିଶତ ହ୍ରାସ ଘଟିଛି। ପ୍ରଥମ ତ୍ରୈମାସିକରେ ସାମସଙ୍ଗର ବିକ୍ରି ୪୦ ପ୍ରତିଶତ ବୃଦ୍ଧି ହୋଇଛି। ମୋଟ ସ୍ମାର୍ଟ ଟିଭି ବିକ୍ରିରେ ଏହାର ଅଂଶ ୧୬ ପ୍ରତିଶତ ରହିଥିଲା। ମାର୍ଚ୍ଚ ତ୍ରୈମାସିକରେ ଭାରତରେ ସ୍ମାର୍ଟ ଟିଭି ବିକ୍ରି ୧୪ ପ୍ରତିଶତ ହ୍ରାସ ପାଇଛି। କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ, ଅଧିକ ଷ୍ଟୋରେଜ୍ ଏବଂ ଦୁର୍ବଳ ଚାହିଦା ହେତୁ ସ୍ମାର୍ଟ ଟିଭି ବିକ୍ରି ଡିସେମ୍ବର ସୁଦ୍ଧା ୧୦ ପ୍ରତିଶତ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଆଲୋଚ୍ୟ ତ୍ରୈମାସିକରେ ଚାଇନାର ବ୍ରାଣ୍ଡରୁ ସ୍ମାର୍ଟ ଟିଭି ବିକ୍ରି ୩୦ ପ୍ରତିଶତ ହ୍ରାସ ପାଇଛି। ସାଓମିକୁ ପରାସ୍ତ କରି ସାମସଙ୍ଗ ଶୀର୍ଷ ସ୍ଥାନରେ ପହଞ୍ଚିଛି।

ରିପୋର୍ଟ ଅନୁଯାୟୀ, ଚାଇନାର ବ୍ରାଣ୍ଡର ବିକ୍ରିରେ ୩୦ ପ୍ରତିଶତ ହ୍ରାସ 'ୱାନପ୍ଲସ, ହାୟର ଏବଂ ରିଅଲମ' ଭଳି ବ୍ରାଣ୍ଡ ଯୋଗୁଁ ହୋଇଥିଲା। ପ୍ରଥମ ତ୍ରୈମାସିକରେ ସାମସଙ୍ଗର ବିକ୍ରି ୪୦ ପ୍ରତିଶତ ବୃଦ୍ଧି ପାଇଛି। ମୋଟ ସ୍ମାର୍ଟ ଟିଭି ବିକ୍ରିରେ ଏହାର ଅଂଶ ୧୬ ପ୍ରତିଶତ ରହିଥିଲା। ଦକ୍ଷିଣ କୋରିଆର ଏଲ୍‌ଜି ମଧ୍ୟ ୪୩ ପ୍ରତିଶତ ଅଭିବୃଦ୍ଧି ସହିତ ଭାରତରେ ମୋଟ ସ୍ମାର୍ଟ ଟିଭି ବିକ୍ରିରେ ୧୫ ପ୍ରତିଶତ ଅଂଶ ହାସଲ କରିଛି। ଏହାଛଡା ଚାଇନା ବ୍ରାଣ୍ଡ ଏମ୍ଆଇ ଏବଂ ଟିସିଏଲ୍ ଯଥାକ୍ରମେ ବିକ୍ରିରେ ଦୁଇ ଏବଂ ଚାରି ପ୍ରତିଶତ ହ୍ରାସ ରେକର୍ଡ କରିଛି। ସେମାନଙ୍କର ବଜାର ଅଂଶ ଯଥାକ୍ରମେ ୧୨ ପ୍ରତିଶତ ଏବଂ ୭ପ୍ରତିଶତ ରହିଥିଲା। ଏଥିସହିତ ଜାନୁଆରୀ-ମାର୍ଚ୍ଚରେ ସୋନୀର ବିକ୍ରି ୧୯ ପ୍ରତିଶତ ବୃଦ୍ଧି ପାଇଛି। ଘରୋଇ ସ୍ମାର୍ଟ ଟିଭି ବିକ୍ରିରେ ଏହାର ୭ ପ୍ରତିଶତ ଅଂଶ ରହିଛି।




ସାଓମିକୁ ଟପି ସାମସଙ୍ଗ ଏକ ନମ୍ବର ବ୍ରାଣ୍ଡ

ଆଡୋବ୍ ଅନୁସନ୍ଧାନ ରିପୋର୍ଟ

## ନିର୍ବାଚନ ପ୍ରଚାରରେ ଜେନ୍ ଏଆଇର ବ୍ୟବହାର

# ପସନ୍ଦ କଲେନି ଭାରତୀୟ

ଅଧିକାଂଶ ଭାରତୀୟ ନିର୍ବାଚନ ପ୍ରଚାର ପାଇଁ ଇଣ୍ଟେଲିଜେନ୍ସ (ଜେନ ଏଆଇ)ର ବ୍ୟବହାର ଉପରେ ପ୍ରଚାର ସମୟରେ ଏହାକୁ ନିଷେଧ କରାଯିବା ଉଚିତ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରେ କହିଛନ୍ତି, ଯେ ପ୍ରାର୍ଥୀଙ୍କୁ ନିର୍ବାଚନ କରିବାକୁ ଦିଆଯିବା ଉଚିତ ଅଖଣ୍ଡତା ବଜାୟ ମିଳିତ ଭାବରେ ଡିପ୍ ଫେକ ସୂଚନାରୁ



ଜେନେରେଟିଭ୍ ଆର୍ଟିଫିସିଆଲ୍ ବିଶ୍ୱାସ କରନ୍ତିନାହିଁ। ନିର୍ବାଚନ ବୋଲି ସେ କହିଛନ୍ତି। ଆଡୋବ୍ ୮୨ ପ୍ରତିଶତରୁ ଅଧିକ ଲୋକ ପ୍ରଚାର ପାଇଁ ଜେନ-ଏଆଇ ବ୍ୟବହାର ନୁହେଁ।

ରଖିବା ଏବଂ ଆଇଟି କମ୍ପାନୀଗୁଡିକ କାର୍ଯ୍ୟ କରିବା ଆବଶ୍ୟକ ଏବଂ ଏହାକୁ ଏବଂ କ୍ଷତିକାରକ ପ୍ରଭାବରୁ ଭ୍ରମାତ୍ମକ ରକ୍ଷା କରିବା ଉଚିତ ବୋଲି ଆଡୋବର ବରିଷ୍ଠ ନିର୍ଦ୍ଦେଶକ (ବିଷୟବସ୍ତୁ ପ୍ରାମାଣିକତା ଇନିସିଏଟିଭ୍) ଆଣ୍ଡି ପାର୍ସନ୍ସ କହିଛନ୍ତି। ନିର୍ବାଚନର ପବିତ୍ରତା ବଜାୟ ରଖିବା ପାଇଁ ସରକାର ପ୍ରଥମ ଏବଂ ସର୍ବପ୍ରଥମ ପଦକ୍ଷେପ, ନୂତନ ଗଣମାଧ୍ୟମ ବିଷୟରେ ଲୋକଙ୍କ ମଧ୍ୟରେ ସର୍ବାଧିକ ସଚେତନତା ବିସ୍ତାର କରାଯିବା ଉଚିତ। ଲୋକଙ୍କୁ ବୁଝିବାକୁ ପଡିବ ଯେ ଡିପ୍ ଫେକ୍ କେତେ ବିପଜ୍ଜନକ। ଅନିୟମିତତା ନ ହେବା ପାଇଁ ଆଜି ଉପଲବ୍ଧ ସମସ୍ତ ଏଆଇ ଉପକରଣଗୁଡିକ କିପରି ବ୍ୟବହାର କରାଯିବ ସେ ବିଷୟରେ ସେମାନେ ଏକ ଭଲ ବୁଝାମଣା ବିକାଶ କରିବା ଉଚିତ୍।

ପାର୍ସନ୍ସ କହିଛନ୍ତି, ଆମକୁ ଖୁବ୍ ଶୀଘ୍ର ଏକ ଦୁନିଆରେ ପ୍ରବେଶ କରିବାକୁ ପଡିବ ଯେଉଁଠାରେ ଭଲ କଳାକାରମାନେ ମଧ୍ୟ ସେମାନଙ୍କ କାର୍ଯ୍ୟରେ ବିଷୟବସ୍ତୁର ଗୋପନୀୟତା ସଂଲଗ୍ନ କରିବେ ଏବଂ ଅନଲାଇନ୍ ବିଷୟବସ୍ତୁ ବ୍ୟବହାର କରୁଥିବା ଲୋକଙ୍କୁ ଏହାର ଗୋପନୀୟତା ବିଷୟରେ ଅବଗତ ହେବାକୁ ପଡ଼ିବ। ଭୁଲ ତଥ୍ୟର ସମ୍ମୁଖୀନ ହେବା ଉପରେ ଅଭିଜ୍ଞତା ସଂଗ୍ରହ କରାଯାଇଥିଲା ଏବଂ ଜେନ-ଏଇର ପ୍ରଭାବ ବିଷୟରେ ଉଦୀୟମାନ ଚିନ୍ତାଧାରା ଏହି ଅନୁସନ୍ଧାନରେ ଉତ୍ପନ୍ନ ହୋଇଥିଲା ଯେ ପ୍ରାୟ ୯୨ ପ୍ରତିଶତ ଲୋକ କହିଛନ୍ତି ଯେ ଅନଲାଇନ୍ ବିଷୟବସ୍ତୁର ସତ୍ୟତା ଜାଣିବା ପାଇଁ କିଛି ଉପଯୁକ୍ତ ଉପକରଣ ରହିବା ଆବଶ୍ୟକ। ପ୍ରାୟ ୮୬ ପ୍ରତିଶତ ଭାରତୀୟ ବିଶ୍ୱାସ କରନ୍ତି ଯେ ଭୁଲ ତଥ୍ୟ ଏବଂ ହାନୀକାରକ ଡିପ୍ ଫେକ୍ ଭବିଷ୍ୟତ ନିର୍ବାଚନରେ ବହୁ ପ୍ରଭାବ ପକାଇବ। ଭାରତୀୟମାନେ ସହମତ ହୋଇଥିଲେ ଯେ ଅନଲାଇନ୍ ଥିବାବେଳେ ସେମାନେ ଦେଖୁଥିବା ବିଷୟବସ୍ତୁ ଏହା ଜେନ-ଏଇ ମାଧ୍ୟମରେ ସୃଷ୍ଟି ହୋଇନାହିଁ କି ନାହିଁ ତାହା ଜାଣିବା ଅତ୍ୟନ୍ତ ଜରୁରୀ। ଅଧିକନ୍ତୁ, ୯୪ ପ୍ରତିଶତ ଉତ୍ତରଦାତା କହିଛନ୍ତି ଯେ ପିଲାମାନଙ୍କୁ ମଧ୍ୟ ଗଣମାଧ୍ୟମକୁ ସଚେତନ କରାଯିବା ଉଚିତ ଏବଂ ଏହି ଜିନିଷଗୁଡିକ ସେମାନଙ୍କ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍।

# ୟୁଟ୍ୟୁବ୍‌ର 'ପ୍ଲେଏବେଲ୍ସ' ଫିଚର

ବଦଳୁଛି ଯୁଗ, ବଦଳୁଛି ପସନ୍ଦ। ଆଉ ତା' ସହିତ ଦିନକୁ ଦିନ ଡିଜିଟାଲ ହେଉଛି ସାରା ଦୁନିଆ। ସମୟ ସହ ତାଳ ଦେଇ ମଣିଷ ବି ଦିନକୁ ଦିନ ଅପଗ୍ରେଡ ହେବାରେ ଲାଗିଛି। ତେଣୁ ୟୁଜରଙ୍କ ଚାହିଦାକୁ ନଜରରେ ରଖି ମୋବାଇଲ ଏବଂ ସୋସିଆଲ ମିଡିଆ କମ୍ପାନୀ ମଧ୍ୟ ନିଜ ଆପ୍ ଇତ୍ୟାଦିରେ ନୂଆ ନୂଆ ଅପଡେଟ୍ ଆଣୁଛନ୍ତି। ୟୁଜରଙ୍କ ପାଇଁ ଗୋଟିଏ ପରେ ଗୋଟିଏ ଦମଦାର ଫିଚର ପାଇଁ କମ୍ପାନୀ ଭରପୁର ପ୍ରୟାସ ଜାରି ରଖିଛି। ଏହାମଧ୍ୟରେ ୟୁଟ୍ୟୁବ୍ ଆଣିଛି 'ପ୍ଲେଏବେଲ୍ସ' ଫିଚର। ଟେଷ୍ଟିଂ ପରେ ବର୍ତ୍ତମାନ ସମସ୍ତ ୟୁଜରଙ୍କ ପାଇଁ ଏହା ଉପଲବ୍ଧ। ଏଣିକି ଏହା ମୋବାଇଲ ସହିତ କମ୍ପ୍ୟୁଟରରେ ମଧ୍ୟ ବ୍ୟବହାର ହୋଇପାରିବ। ଗତବର୍ଷ ଏହାର ପ୍ରାରମ୍ଭିକ ଟେଷ୍ଟିଂ ପରେ ବର୍ତ୍ତମାନ ଏହି ନୂଆ ଫିଚର ସମସ୍ତ ୟୁଜରଙ୍କ ପାଇଁ ଉପଲବ୍ଧ ହୋଇଛି। ଏହା ସାହାଯ୍ୟରେ ୟୁଜର ସିଧାସଳଖ ୟୁଟ୍ୟୁବ ଆପରେ ହିଁ ଛୋଟ ଏବଂ ମଜାଦାର ଗେମ୍ ଖେଳିପାରିବେ। ଏହି ଗେମ୍ ଏତେ ଛୋଟ ହୋଇଥାଏ ଯେ, ଏହାକୁ ଡାଉନ୍‌ଲୋଡ କରିବା ଆବଶ୍ୟକ ନାହିଁ। ଏହାକୁ ନିଜ ମୋବାଇଲ ଆପ୍ କିମ୍ବା କମ୍ପ୍ୟୁଟରରେ ୟୁଟ୍ୟୁବ ଖୋଲି ମଧ୍ୟ ଖେଳିପାରିବେ। ଗୁଗଲ୍ ଅନୁସାରେ, ଏହି ନୂଆ ଫିଚର ୟୁଟ୍ୟୁବରେ ମନୋରଞ୍ଜନର ଏକ ନୂଆ ଉପାୟ ଏବଂ ଏହା ୟୁଜରଙ୍କୁ ଖୁବ ପସନ୍ଦ ଆସିପାରେ।

# ଗ୍ୟାଜେଟ୍ ରିଭ୍ୟୁ: ପୋକୋ ଏଫ୍୬ ୫ଜି

ସ୍ନାପଡ୍ରାଗନ ୮ଏସ୍ ଜେନ୍ ୩ ପ୍ରୋସେସର ବଜାରକୁ ନିକଟରେ ଆସିଛି ପୋକୋର ଏଫ୍୬ ୫ଜି ସ୍ମାର୍ଟଫୋନ୍। ଏହି ଫୋନ୍ ଏବେ ଫ୍ଲିପ୍‌କାର୍ଟରେ ଆରମ୍ଭ ହୋଇଛି। ବହୁପ୍ରତିକ୍ଷୀତ ସ୍ନାପଡ୍ରାଗନ ୮ଏସ୍ ଜେନ୍ ୩ ପ୍ରୋସେସର ଭାରତ ଡେବ୍ୟୁ ସହ ଶୁଭାରମ୍ଭ ହୋଇଥିବା ଏହି ସ୍ମାର୍ଟଫୋନ୍ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଗେମିଂ ଓ ମଲ୍ଟିଟାସ୍କିଂ ସମେତ ବିଭିନ୍ନ କାର୍ଯ୍ୟରେ ଚମତ୍କାର ପ୍ରତିକ୍ରିୟାଶୀଳତା ସୁନିଶ୍ଚିତ କରୁଛି। ପାରମ୍ପରିକ ଭିସି କୁଲିଂ ପଦ୍ଧତି ତୁଳନାରେ ୩ ଗୁଣ ଅଧିକ ଦକ୍ଷ ଥିବା ଏହି ଡିଭାଇସ୍ର ଅଭିନବ ଆଇସ୍ ଲୁପ୍ କୁଲିଂ ଟେକ୍ନୋଲୋଜି ଅତ୍ୟଧିକ ବ୍ୟବହାର ସମୟରେ ମଧ୍ୟ ଉନ୍ନତ ପ୍ରଦର୍ଶନର ଗ୍ୟାରେଣ୍ଟି ଦେଇଥାଏ। ପୋକୋ ଏଫ୍୬ ୫ଜି ଟାଇଟାନିୟମ ଓ ବ୍ଲାକ୍ ରଙ୍ଗରେ ୮+୨୫୬ଜିବି ପାଇଁ ୨୫,୯୯୯ ଟଙ୍କା, ୧୨+୨୫୬ ଜିବି ପାଇଁ ୨୭୯୯୯ ଟଙ୍କା ଏବଂ ୧୨+୫୧୨ଜିବି ପାଇଁ ୨୯,୯୯୯ ଟଙ୍କାର ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ। ଏହି ମୂଲ୍ୟଗୁଡିକ କେବଳ ସେଲ୍‌ର ପ୍ରଥମ ଦିନ ପାଇଁ ବୈଧ ରହିବ ଯେଉଁଥିରେ ସମସ୍ତ ଅଗ୍ରଣୀ ବ୍ୟାଙ୍କ କ୍ରେଡିଟ୍, ଡେବିଟ୍ ଓ ଇଏମ୍ଆଇ କାରବାର ଉପରେ ୨୦୦୦ ଟଙ୍କାର ରିଆତି ସହ ସ୍ମାର୍ଟଫୋନ୍ ଏକ୍ସଚେଞ୍ଜ ଉପରେ ୨୦୦୦ ଟଙ୍କାର ରିଆତି ସାମିଲ ରହିଛି। ଏହି ଡିଭାଇସକୁ ମାସକୁ କେବଳ ୨୧୬୬ ଟଙ୍କାରେ ୧୨ ମାସ ପର୍ଯ୍ୟନ୍ତ ନୋ-କଷ୍ଟ ଇଏମ୍ଆଇ ସହିତ କ୍ରୟ କରାଯାଇପାରିବ। ଏହାଛଡା ଗ୍ରାହକମାନେ ସେଲ୍‌ର ପ୍ରଥମ ଦିନରେ ଏହା ଉପରେ ୧+୧ ବର୍ଷର ଏକ୍ସକ୍ଲୁସିଭ୍ ୱାରେଣ୍ଟି ପାଇପାରିବେ। ପୋକୋ ଏଫ୍୬ ୫ଜି ୧.୫କେ ରିଜୋଲ୍ୟୁଶନ ସହିତ ୬.୬୭ ଇଞ୍ଚ୍ ଆମୋଲେଡ୍ ଡିସ୍‌ପ୍ଲେକୁ ପ୍ରଦର୍ଶିତ କରୁଛି ଏବଂ ୬୮ ବିଲିୟନ+ କଲର ପାଇଁ ସପୋର୍ଟ ପ୍ରଦାନ କରୁଛି, ଯାହା ଗେମିଂ, ଷ୍ଟ୍ରିମିଂ ଓ ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ ଥିବା ଚମତ୍କାର ଜୀବନ୍ତ ଭିଜୁଆଲ ପ୍ରଦାନ କରୁଛି। ପୋକୋ ଏଫ୍୬ ୫ଜିରେ ଏକ ୫୦ଏମ୍‌ପି ସୋନୀ ଓଆଇଏସ୍+ଇଆଇଏସ୍ କ୍ୟାମେରା, ଏକ ୮ଏମ୍ପି ଅଲ୍ଟ୍ରା ୱାଇଡ-ଆଙ୍ଗେଲ କ୍ୟାମେରା ରହିଛି ଯାହା ଏହାକୁ ବିସ୍ତୃତ ପରିଦୃଶ୍ୟ ଓ ଗ୍ରୁପ୍ ଫଟୋ କ୍ୟାପ୍ଚର କରିବା ପାଇଁ ଉପଯୁକ୍ତ ଡିଭାଇସ୍ରେ ପରିଣତ କରୁଛି। ପୋକୋ ଏଫ୍୬ ୫ଜି ଏହାର ଉନ୍ନତ ୯୦ୱାଟ୍ ଟର୍ବୋ ଚାର୍ଜିଂ କ୍ଷମତାଗୁଡିକ ସହିତ ଦ୍ରୁତ ଚାର୍ଜିଂ ପ୍ରଦାନ କରୁଛି ଏବଂ ଏହା ୧୨୦ୱାଟ୍ ଇନ୍‌ବକ୍ସ ଚାର୍ଜର ସହିତ ଆସୁଛି। ପୋର୍ଟର ବ୍ୟବହାର କରୁଛି ଏବଂ ଏହା ୫୦୦୦ ଏମ୍ଏଏଚ୍ (ଟାଇପ) ଲି-ଅନ ପଲିମର ବ୍ୟାଟେରୀ ଦ୍ୱାରା ଶକ୍ତିସମ୍ପନ୍ନ ହୋଇଛି।




କାର୍ ରିଭ୍ୟୁ

# ଏମ୍‌ଜି ହେକ୍ଟର

୧୦୦ ବର୍ଷର ପୃଷ୍ଠଭୂମି ଥିବା ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ଏମ୍‌ଜି (ମୋରିସ ଗ୍ୟାରେଜ)ର ଫ୍ଲାଗସିପ୍ ଏସ୍‌ୟୁଭି 'ହେକ୍ଟର' ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟରେ ସୁସଜ୍ଜିତ ହୋଇଆସୁଥିବାବେଳେ ଏକ ଆରାମଦାୟକ ଯାତ୍ରା ମଧ୍ୟ ଯୋଗାଇଦେଉଛି ଏବଂ ଏହା ଏସ୍‌ୟୁଭି ବର୍ଗରେ ସର୍ବୋତ୍ତମ ମୂଲ୍ୟର ଯାନ ହୋଇଛି। ଭାରତର ପ୍ରଥମ ଇଣ୍ଟରନେଟ ଏସ୍‌ୟୁଭି ଏମ୍‌ଜି ହେକ୍ଟର ୨୦୧୯ରେ ବଜାର ପ୍ରବେଶ କରିଥିଲା ଏବଂ ସେବେଠାରୁ ଏହା ଏସ୍‌ୟୁଭିଗୁଡିକ ନିମନ୍ତେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏହାର ଡୁଆଲ୍ ପାନ୍ ପାନୋରୋମିକ ସନ୍‌ରୁଫ ଏହି ଶ୍ରେଣୀରେ ସର୍ବୋତ୍ତମ ବୈଶିଷ୍ଟ୍ୟ ସହିତ ଏମ୍‌ଜି ହେକ୍ଟରର ଡିଜେଲ ଭାରିଆଣ୍ଟ। ଏହି ଶିଳ୍ପରେ ସର୍ବୋତ୍ତମ ୩୫.୫୬ ସିଏମ୍ (୧୪-ଇଞ୍ଚ) ଏଚ୍‌ଡି ଇନ୍‌ଫୋଟେନମେଣ୍ଟ ସିଷ୍ଟମ୍, ୭୫+ କନେକ୍ଟେଡ କାର୍ ବୈଶିଷ୍ଟ୍ୟ, ଉନ୍ନତ ନିରାପତ୍ତା ବ୍ୟବସ୍ଥା, ଏକ ଡୁଆଲ-ପେନ୍ ପାନୋରୋମିକ ସନ୍‌ରୁଫ ଏବଂ ଅନ୍ୟାନ୍ୟ ସମଭାବରେ ଆକର୍ଷଣୀ ସଂଯୋଗଗୁଡିକ ସହିତ ହେକ୍ଟର ଏସ୍‌ୟୁଭି ପ୍ରେମୀଙ୍କୁ ଅନନ୍ୟ ଏବଂ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବାକୁ ଡିଜାଇନ କରାଯାଇଛି। ବୈଶିଷ୍ଟ୍ୟଗୁଡିକରେ ସମୃଦ୍ଧ ଏହି ଏସ୍‌ୟୁଭି ପ୍ରଯୁକ୍ତି-ପ୍ରେମୀ କ୍ରେତାଙ୍କର ଆବଶ୍ୟକତା ପୂରଣ କରୁଛି ଯେଉଁମାନେ ଏକ ବୋଲ୍‌ଡ ଡିଜାଇନ ଏବଂ ସାବଲୀଳ ଓ ସ୍ୱାଚ୍ଛନ୍ଦ୍ୟମୂଳକ ଯାତ୍ରା ଆବଶ୍ୟକ କରୁଛନ୍ତି। ୫.୬ ଓ ୭-ସିଟରରେ ଉପଲବ୍ଧ ଏମ୍‌ଜି ହେକ୍ଟର ଆକର୍ଷଣୀୟ ୧୩.୯୯ ଲକ୍ଷ ଟଙ୍କା (ଏକ୍ସ-ସୋ ରୁମ୍)ରୁ ଆରମ୍ଭ। ଏମ୍‌ଜି ଇଣ୍ଡିଆ ନିକଟରେ ଏମ୍‌ଜି ହେକ୍ଟର୍‌ର ବ୍ଲାକଷ୍ଟର୍ମ ସଂସ୍କରଣ ବଜାରକୁ ଛାଡିଛି। ଏହି ନୂତନ ସଂସ୍କରଣରେ ଷ୍ଟାରି-ବ୍ଲାକ ବାହ୍ୟଭାଗ ଏବଂ ଷ୍ଟାଇଲିଶ ବ୍ଲାକ୍ ଥିମ୍ ଇଣ୍ଟେରିଅର୍ ରହିଛି, ଯେଉଁଥିରେ ଗନ୍ ମେଟାଲ ସୌନ୍ଦର୍ଯ୍ୟ ସନ୍ନିବେଶିତ ହୋଇଛି। ତାହା ଭାରତର ପ୍ରିମିୟର ଇଣ୍ଟରନେଟ ଏସ୍‌ୟୁଭିର ଦମ୍‌ଦାର ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଛି। ହେକ୍ଟର ବ୍ଲାକଷ୍ଟର୍ମ ଏକ ଅନନ୍ୟ ଚେହେରା ଏବଂ ପ୍ରଯୁକ୍ତି-ପ୍ରୋ ଓ କନେକ୍ଟେଡ ବୈଶିଷ୍ଟ୍ୟଗୁଡିକର ସମ୍ମିଶ୍ରଣ ଯୋଗାଇ ଦେଇ ତାହାର ଗ୍ରାହକଙ୍କ ପାଇଁ ବିଳାସପୂର୍ଣ୍ଣ ଗାଡି ଚାଳନା ଅନୁଭୂତିକୁ ଉଚ୍ଚ ସ୍ଥାନକୁ ନେଇଯାଉଛି।




● ଲକ୍‌ଜରାଇଡ୍ସର ଲକ୍‌ଜ୍ୟୁରୀ ରେଣ୍ଟାଲ ରିପୋର୍ଟ

# ଯୁବବର୍ଗଙ୍କ ପସନ୍ଦ ଭଡ଼ାରେ ବିଳାସପୂର୍ଣ୍ଣ କାର

ଦେଶର ଲକ୍‌ଜ୍ୟୁରୀ ବା ବିଳାସପୂର୍ଣ୍ଣ କାର ଭଡା ବଜାରରେ ବିଶେଷ କରି ମୁମ୍ବଇ, ବେଙ୍ଗାଲୁରୁ ଏବଂ ଦିଲ୍ଲୀ ଭଳି ବଡ ସହରରେ ଚାହିଦା ବଢୁଛି। ଏହି ସହରଗୁଡିକରେ, ବିଶେଷତଃ ଆଇଟି କମ୍ପାନୀଗୁଡିକର କାର୍ଯ୍ୟନିର୍ବାହୀ ଏବଂ ଯୁବକମାନେ କ୍ରମାଗତ ଭାବରେ ସ୍ୱତନ୍ତ୍ର ଉତ୍ସବ ଏବଂ ଘରୋଇ ଯାତ୍ରା ପାଇଁ ମହଙ୍ଗା ଯାନ ଭଡ଼ାରେ ନେଇଥାନ୍ତି। ଏହି ଯୁବକମାନଙ୍କ ମଧ୍ୟରେ ମିଲେନିୟାଲ୍ସ ଏବଂ ଜେନ ଜେ ଅନ୍ତର୍ଭୁକ୍ତ, ଯେଉଁମାନେ ୨୦୦୦ କିମ୍ବା ତା'ପରେ ଜନ୍ମ ହୋଇଛନ୍ତି। ବିଳାସପୂର୍ଣ୍ଣ କାର ଭଡା କମ୍ପାନୀ ଲକ୍ସୋରିଡସ୍ ୨୦୨୪ ମସିହାରେ (ଏପ୍ରିଲ୍ ସୁଦ୍ଧା) ଦିଲ୍ଲୀ- ଋଷିକେଶ, ଦିଲ୍ଲୀ-ଶ୍ରୀମନ୍ଦିର ଏବଂ ଦିଲ୍ଲୀ-ଜିମ୍ କର୍ବେଟ୍ ଜାତୀୟ ଉଦ୍ୟାନ ତଥା ଚଣ୍ଡିଗଡ଼-ମନାଲି ଏବଂ ଚଣ୍ଡିଗଡ଼-ଲଦାଖ ଭଳି ବୁକିଂରେ ୪୦% ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛି। ଗତ ବର୍ଷ ତୁଳନାରେ ଏଥିରେ ଏକ ପ୍ରତିଶତ ବୃଦ୍ଧି ଘଟିଛି।

ମୁମ୍ବାଇ ଏବଂ ଦିଲ୍ଲୀ ହେଉଛି ସେହି ସହର ଯେଉଁଥିରେ ଚାହିଦା ସର୍ବାଧିକ ବୃଦ୍ଧି ପାଇଛି - ଯଥାକ୍ରମେ ୩୫ ପ୍ରତିଶତ ଏବଂ ୪୦ ପ୍ରତିଶତ ବୃଦ୍ଧି। ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ଅନ୍ୟ ସହରଗୁଡ଼ିକରେ ବେଙ୍ଗାଲୁରୁ ଅନ୍ତର୍ଭୁକ୍ତ। ସେଠାରେ ଚାହିଦା ୪୦ ପ୍ରତିଶତ ବୃଦ୍ଧି ଏଠାରେ ଦେଖାଯାଇଛି। ଏହା ବ୍ୟତୀତ ପୁଣେରେ (୧୦ ପ୍ରତିଶତ) ଏବଂ ଉଦୟପୁର (୧୪ ପ୍ରତିଶତ) ବୃଦ୍ଧି ଦେଖିବାକୁ ମିଳିଛି। ଲକ୍ସ୍ରିଡସ୍ ତଥ୍ୟ ଅନୁଯାୟୀ, ଅମ୍ବାନୀ ପରିବାର ଦ୍ୱାରା ଆୟୋଜିତ ପ୍ରାକ୍ ବିବାହ କାର୍ଯ୍ୟକ୍ରମ ଯୋଗୁ ନିକଟରେ ଜାମନଗରରେ ଲକ୍‌ଜ୍ୟୁରୀ ରେଣ୍ଟାଲ କାରର ଚାହିଦା ବହୁତ ବୃଦ୍ଧି ପାଇଥିଲା। ବିଳାସପୂର୍ଣ୍ଣ ଯାନ ବୁକିଂର ଚାହିଦା ମୁଖ୍ୟତଃ ଋତୁ ଉପରେ ନିର୍ଭର କରିଥାଏ। ବିବାହ ଋତୁରେ ବୁକିଂ ଲକ୍ଷ ଲକ୍ଷ ପର୍ଯ୍ୟନ୍ତ ଯାଇପାରେ, ଅନ୍ୟ ସମୟରେ ଏହି ସଂଖ୍ୟା ୧୦,୦୦୦ରୁ କମ୍ ହୋଇପାରେ। ବ୍ୟସ୍ତ ବହୁଳ ଋତୁରେ କର୍ପୋରେଟ୍ ବୁକିଂ ମଧ୍ୟ ବୃଦ୍ଧି ପାଇଥାଏ। ଲକ୍ସୋରାଇଡ୍ ପ୍ରତି ମାସରେ ଏଭଳି କାରରୁ ପ୍ରାୟ ୧୦୦ ରୁ ୧୫୦ବୁକିଂ ପାଇଥାଏ। ଦିଲ୍ଲୀରେ ପ୍ରାୟ ୧୭୦ ରୁ ୨୦୦ ବୁକିଂ ରେକର୍ଡ କରାଯାଇଛି, ମୁମ୍ବାଇରେ ୧୫୦ରୁ ୧୭୦ବୁକିଂ ରେକର୍ଡ ହୋଇଥିବାବେଳେ ବେଙ୍ଗାଲୁରୁରେ ୧୧୦ ରୁ ୧୨୫ ବୁକିଂ ରେକର୍ଡ କରାଯାଇଛି। ଅନ୍ୟ ସହରଗୁଡିକର ମାସକୁ ହାରାହାରି ୪୦ ରୁ ୭୦ ବୁକିଂ ମିଳିଥାଏ। ୨୦୨୩ ମସିହାରେ ମୋଟ ଭାରତୀୟ କାର ଭଡା ବଜାରର ମୂଲ୍ୟ ପ୍ରାୟ ୨.୯ ବିଲିୟନ ଡ଼ଲାର ଥିଲା ଏବଂ ୨୦୨୮ ବଳେକୁ ଏହା ୩.୮ ବିଲିୟନ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ଏହା ଦେଖାଯାଇଛି ଯେ ଘରୋଇ ଭ୍ରମଣରେ ବୃଦ୍ଧି ଘଟିଛି, ଯୁବକମାନଙ୍କ ମଧ୍ୟରେ ଯେଉଁମାନେ ବିବାହ, ଜନ୍ମଦିନ ପାର୍ଟି ଏବଂ ୱିକେଣ୍ଡ ଗେଟୱେ ଭଳି ସ୍ୱତନ୍ତ୍ର ଉତ୍ସବ ପାଇଁ ବିଳାସପୂର୍ଣ୍ଣ କାର ଭଡ଼ା ନେବାକୁ ପସନ୍ଦ କରିଥାନ୍ତି। ତେବେ ନୂତନ କମ୍ପାନୀର ପ୍ରବେଶ ଏବଂ ପରବର୍ତ୍ତୀ ପ୍ରତିଯୋଗିତା ହେତୁ ଭଡା ହାର ହ୍ରାସ ପାଉଛି।



ମୁମ୍ବାଇ, ଦିଲ୍ଲୀରେ ବଢୁଛି ଚାହିଦା






# ଫ୍ୟାଟ୍ ଟୁ ଫିଟ୍ ଫେଶନ୍

**ସାଧାରଣତଃ ଋତୁ ଅନୁଯାୟୀ ଫେଶନ ଟ୍ରେଣ୍ଡରେ ପରିବର୍ତ୍ତନ ହୋଇଥାଏ । ବଦଳୁଥିବା ଫେଶନ ସହ ତାଳ ଦେଇ ଆଗକୁ ବଢ଼ିବାକୁ ହୁଏ । ସେହିପରି ୯୦ ଦଶକର ଫେଶନ ଟ୍ରେଣ୍ଡ ଯଥା- ଢିଲା ଜିନ୍ସ, ପପ୍ ସ୍ଲିଭସ୍ ଆଦି ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ରହିଛି । କିନ୍ତୁ ଟ୍ରେଣ୍ଡକୁ ଅନୁକରଣ କରିବା ପୂର୍ବରୁ ପ୍ରଥମେ ଜାଣନ୍ତୁ, ସେହି ଆଉଟଫିଟ୍ ନିଜକୁ ସୁଟ୍ କରୁଛି କି ନାହିଁ । ଜାଣିବା ସେ ବିଷୟରେ....**

### କେବଳ ଅନୁକରଣ କରନ୍ତୁ ନାହିଁ

ଫେଶନ ତଥା ଷ୍ଟାଇଲ୍‌ର ଅର୍ଥ ନୁହେଁ, କେବଳ ଟ୍ରେଣ୍ଡକୁ ଅନୁକରଣ କରିବା । ନିଜର ଶାରୀରିକ ଗଠନ ଅନୁଯାୟୀ ପୋଷାକ ପରିଧାନ କରିବା ଆବଶ୍ୟକ । କାରଣ ବେଳେବେଳେ କିଛି ପୋଷାକ ଏପରି ରହିଥାଏ, ଯାହାକୁ ପିନ୍ଧିବା ଦ୍ୱାରା ସୁବିଧାଜନକ ଲାଗିନଥାଏ ।





### ଉଚ୍ଚତା ଅଧିକ ଥିଲେ

ବିଶେଷ କରି ପୋଷାକ ଡିଜାଇନ୍ ତଥା ପ୍ରିଣ୍ଟ ନିଜର ଉଚ୍ଚତା ତଥା ଚେହେରାକୁ ଦେଖି କରିବା ଆବଶ୍ୟକ । ଅଧିକ ଉଚ୍ଚତା ଥିବା ମହିଳାମାନେ ଭର୍ଟିକାଲ୍ ପ୍ରିଣ୍ଟ ତଥା ହରିଜୋଣ୍ଟାଲ ପ୍ରିଣ୍ଟର ପୋଷାକ ପିନ୍ଧିବା ଆବଶ୍ୟକ ।

### କର୍ଭି ଶାରୀରିକ ଗଠନ ଥିଲେ

ଶାରୀରିକ ଗଠନ କର୍ଭି ଆକାରର ହୋଇଥିଲେ ଜଗିରଖି ପୋଷାକ ଚୟନ କରିବାକୁ ପଡ଼ିଥାଏ । କାରଣ ଖରାପ ଡ୍ରେସ୍ ଚୟନରୁ ସମ୍ପୂର୍ଣ୍ଣ ଲୁକ୍ ବିଗିଡ଼ି ଯାଇପାରେ । ତେଣୁ ସର୍ବଦା ଷ୍ଟ୍ରେଟ୍ ଲାଇନ୍ ପୋଷାକ ପିନ୍ଧିବା ଆବଶ୍ୟକ ।

### ପତଳା ହୋଇଥିଲେ

ଶାରୀରିକ ଓଜନ କମ୍ ଥିଲେ ଧଳା ପ୍ଲାଜୋ ପ୍ୟାଣ୍ଟ ପିନ୍ଧିପାରିବେ । ଏହା ପତଳାକୁ ନିୟନ୍ତ୍ରଣ କରିଥାଏ । କାନ୍ଧ ଚଉଡ଼ା ଥିଲେ ଅଫ୍ ସୋଲଡର୍ ପୋଷାକ ଖୁବ୍ ସୁନ୍ଦର ମାନିଥାଏ ।

# ମିଲେଟ୍ ଗର୍ଲ ସସ୍ମିତା

**ସ୍ୱାସ୍ଥ୍ୟ ହିଁ ସମ୍ପଦ । ସମୟ ବଦଳିବା ସହ ଲୋକଙ୍କ ଖାଦ୍ୟ ରୁଚିରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ପାରମ୍ପରିକ ଖାଦ୍ୟରୁ ମୁହଁ ଫେରାଇ ଲୋକେ ଆଧୁନିକ ଖାଦ୍ୟ ପିଜା, ବର୍ଗର, ମୋମୋ ଆଦିକୁ ବେଶୀ ପସନ୍ଦ କରୁଛନ୍ତି । ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତି କାରକ ହୋଇଥାଏ । ଏପରି ସ୍ଥଳେ ପିଲାଠୁ ନେଇ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କ ସ୍ୱାଦ ତଥା ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ମାଣ୍ଡିଆ କେକ୍ ପ୍ରସ୍ତୁତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଭୁବନେଶ୍ୱର ଓଲ୍ଡଟାଉନର ସସ୍ମିତା ପତି, ଯିଏ କି ମିଲେଟ ଗର୍ଲ ଭାବେ ଜଣାଶୁଣା ।**

### ନିଶାକୁ କରିଛନ୍ତି ପେସା

ପିଲାମାନେ ପାଠ ପଢ଼ି ଡାକ୍ତର, ଇଞ୍ଜିନିୟର ହେବାକୁ ଇଚ୍ଛା କରୁଥିବାବେଳେ, ସେ ଜଣେ ରୋଷେୟା ହେବାର ସ୍ୱପ୍ନ ଦେଖିଥିଲେ । ଛୁଆବେଳୁ ରୋଷେଇ ପ୍ରତି ତାଙ୍କର ଥିଲା ପ୍ରବଳ ଆଗ୍ରହ । ତେଣୁ ପାଠପଢ଼ା ସହ ସମୟ ମିଳିଲେ ସେ ରୋଷେଇରେ ବହୁ ପରୀକ୍ଷାନିରୀକ୍ଷା କରୁଥିଲେ । କରୋନା ସମୟରେ ଘରେ ବସି ବିରକ୍ତ ହେବା ଅପେକ୍ଷା ସେହି ସମୟରେ ସେ ବିଭିନ୍ନ ପ୍ରକାର କେକ୍, ଚକୋଲେଟ୍, ମଫିନ୍ ଆଦି ତିଆରି କରି ତାହାକୁ ପରିବାର ଲୋକ ତଥା ସାଙ୍ଗସାଥୀଙ୍କୁ ଖାଇବାକୁ ଦେଇଥିଲେ । ଏହାକୁ ସମସ୍ତେ ପସନ୍ଦ କରିବାରୁ ସେ କେକ୍‌କୁ ନେଇ ଏକ ବେକରୀ ସପ୍ ଖୋଲିବାକୁ ଚିନ୍ତା କରିଥିଲେ । ଫଳରେ ୨୦୨୧ ମସିହାରେ ଆରମ୍ଭ ହୁଏ 'କୋକୋଆ ୱାଣ୍ଡରଲ୍ୟାଣ୍ଡ' ନାମକ କ୍ଲାଉଡ୍ କିଚେନ୍ ।

### ବ୍ୟବସାୟରୁ ସଫଳତା

ସସ୍ମିତା ମାଣ୍ଡିଆ କେକ୍ ସମେତ ମାଣ୍ଡିଆ ମଫିନ୍, ଡୋନେଟ୍, ରାଗି ବିସ୍କୁଟ, ସୁଗାର ଫ୍ରି କେକ୍ ଆଦି ତିଆରି କରୁଛନ୍ତି । ଲୋକମାନେ ଏହାକୁ ପସନ୍ଦ କରିବା ସହ ଇନ୍‌ଷ୍ଟାଗ୍ରାମ ଓ ହ୍ୱାଟସ୍‌ଆପ୍ ଆଦିରେ ବରାଦ ଦେଇଥାନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରୁ ତାଙ୍କ ପାଖକୁ ଅର୍ଡର ଆସିଥାଏ । ଲୋକମାନେ ଅଧିକ ମାତ୍ରାରେ ପସନ୍ଦ କରିବା ସହ ବିଶେଷ କରି ମାଆମାନେ ସେମାନଙ୍କ ଛୋଟ ପିଲାମାନଙ୍କ ମାଣ୍ଡିଆ କେକ୍ ଅଧିକ ଅର୍ଡର ଦେଇଥାନ୍ତି । ମାସକୁ ୨୦ ଟି କେକ୍ ଅର୍ଡର ମିଳୁଥିବାବେଳେ ରାଗି ସୁଗାର ଫ୍ରି ବିସ୍କୁଟ ମାସକୁ ୪୦ ପ୍ୟାକେଟ୍ ବିକ୍ରି ହୋଇଥାଏ । ମାଣ୍ଡିଆର ଚାହିଦା ବଢ଼ୁଥିବାରୁ ସେ ଏବେ ତାଙ୍କ କିଚେନ୍ ମେନୁରେ ମାଣ୍ଡିଆ ଦହିବରା, ଇଡ୍‌ଲି, ଆଦି ନୂଆ ରେସିପି ସାମିଲ କରିଛନ୍ତି ।











### ମଇଦା ବଦଳରେ ମାଣ୍ଡିଆ କେକ୍

ପ୍ରଥମେ ସସ୍ମିତା ମଇଦା ଓ କ୍ରିମ୍ ବ୍ୟବହାର କରି ବିଭିନ୍ନ ଡିଜାଇନର କଷ୍ଟମାଇଜ୍‌ଡ କେକ୍ ବନାଇ ତାହାକୁ ବିକ୍ରି କରୁଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ମାଣ୍ଡିଆର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ସେଥିରେ କିଛି ନୂଆ କରିବାକୁ ଭାବିଥିଲେ । ତେଣୁ ସେ ମଇଦା ନିର୍ମିତ କେକ୍ ବଦଳରେ ମାଣ୍ଡିଆରେ କେକ୍ ତିଆରି କରିବାକୁ ଉଚିତ୍ ମନେ କରିଥିଲେ । ପାରମ୍ପରିକ ଖାଦ୍ୟକୁ ଆଧୁନିକତାର ଢ଼ାଞ୍ଚା ଦେଇ କିପରି ଲୋକମାନଙ୍କୁ ସ୍ୱାଦଯୁକ୍ତ ତଥା ସ୍ୱାସ୍ଥ୍ୟକର ଖାଦ୍ୟ ପହଞ୍ଚାଇପାରିବେ, ସେହି ଉଦ୍ଦେଶ୍ୟ ରଖି ସେ ଏହି କେକ୍ ବ୍ୟବସାୟ ଆରମ୍ଭ କରିଥିଲେ । ଧୀରେ ଧୀରେ ଲୋକମାନେ ଏହାକୁ ପସନ୍ଦ କରିବାକୁ ଲାଗିଲେ । ବର୍ତ୍ତମାନ ତାଙ୍କ କ୍ଲାଉଡ୍ କିଚେନ୍‌ରେ ୩୦୦ ଟଙ୍କାରୁ ଆରମ୍ଭ କରି ୪ ହଜାର ଟଙ୍କା ପର୍ଯ୍ୟନ୍ତ ମାଣ୍ଡିଆ କେକ୍ ରହିଛି ।

### ନୂଆ ପରିଚୟ ମିଲେଟ୍ ଗର୍ଲ

ବହୁତ ଖୁସି ଲାଗେ ଯେତେବେଳେ ଲୋକମାନେ ସସ୍ମିତା ବଦଳରେ ମିଲେଟ୍ ଗର୍ଲରେ ଜାଣନ୍ତି । କେବେ ଭାବି ନଥିଲି ମାଣ୍ଡିଆ ଦ୍ୱାରା ସମାଜରେ ଦିନେ ପରିଚିତ ହେବି ବୋଲି । ଭଗବାନଙ୍କ ଆଶୀର୍ବାଦରୁ ଏସବୁ ସମ୍ଭବ ହୋଇଥିବା ସସ୍ମିତା କହିଛନ୍ତି ।

### ଆଗାମୀ ଲକ୍ଷ୍ୟ

ଏବେ ତାଙ୍କ ବ୍ୟବସାୟ କେବଳ କ୍ଲାଉଡ୍ କିଚେନ୍‌ରେ ହିଁ ସୀମିତ ରହିଛି । କିନ୍ତୁ ଆଗାମୀ ଦିନରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ଖୋଲିବାକୁ ଆଶା ରଖିଛନ୍ତି । ଏଥି ସହିତ ମାଣ୍ଡିଆର ନେଇ କିପରି ଅଧିକରୁ ଅଧିକ ନୂଆ ନୂଆ ଜିନିଷ ତିଆରି କରାଯାଇପାରିବ, ସେ ଦିଗରେ ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସସ୍ମିତା ।

# ମେଥି ବେସନ ମଟର

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମେଥି ଶାଗ - ଏକ କପ୍, ଗ୍ରୀନ୍ ମଟର - ଅଧା କପ୍, ଅଦା ରସୁଣ ପେଷ୍ଟ - ଏକ ଚାମଚ, ଭଜା ବେସନ - ଦୁଇ ଚାମଚ, କସୁରି ମେଥି - ଅଧା କପ୍, ଜିରା - ଅଧା ଚାମଚ, ଧନିଆ ଗୁଣ୍ଡ - ଅଧା ଚାମଚ, ହଳଦୀଗୁଣ୍ଡ - ଅଧା ଚାମଚ, ଲଙ୍କା ଗୁଣ୍ଡ - ଅଧା ଚାମଚ, ହେଙ୍ଗୁ - ଅଳ୍ପ, ଦହି - ଦୁଇ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଏକ ପାତ୍ରରେ ଶାଗ ନେଇ ଭଲ ଭାବେ ଧୋଇ ସେଥିରେ ଲୁଣ ପକାଇ ରଖନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ତେଲ ଦେଇ ଜିରା ଦିଅନ୍ତୁ । ଜିରା ଫୁଟିଗଲା ପରେ ଅଦା ରସୁଣ ପେଷ୍ଟ ଓ ସାମାନ୍ୟ ହେଙ୍ଗୁ ଦେଇ ଭାଜନ୍ତୁ । ଏହାପରେ ଦୁଇ ଚାମଚ ଭଜା ବେସନ ଦିଅନ୍ତୁ । ଏହାକୁ ପିଠାଖଡ଼ିକା ସାହାଯ୍ୟରେ ଏପାଖସେପାଖ କରି ନାଲି ହେବା ଯାଏ ଭାଜନ୍ତୁ । ପରେ ଧୋଇ ରଖିଥିବା ଶାଗକୁ ଭଲ ଭାବେ ଚିପୁଡ଼ି କଡ଼େଇରେ ପକାନ୍ତୁ । ସେଥିରେ ଅଳ୍ପ କସୁରି ମେଥି ପକାଇ ଭାଜନ୍ତୁ । ଏହା ପରେ ହଳଦୀଗୁଣ୍ଡ ଓ ଧନିଆ ଗୁଣ୍ଡ ସହ ଗ୍ରୀନ୍‌ମଟର ପକାଇ ଭାଜନ୍ତୁ । ଭାଜି ହୋଇଗଲା ପରେ ଏକ କପ୍ ପାଣି ଦିଅନ୍ତୁ । ପାଣିକୁ ବେଶୀ ନ ଫୁଟାଇ ସେଥିରେ ଦୁଇ ଚାମଚ ଦହି ଦେଇ ମସଲାରେ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଏଥିରେ ଲଙ୍କାଗୁଣ୍ଡ, ଲୁଣ ପକାନ୍ତୁ । ତରକାରି ଫୁଟି ଗଲା ପରେ ସେଥିରେ ଗରମମସଲା ପକାଇ ପରଷି ଦିଅନ୍ତୁ 'ମେଥି ବେସନ ମଟର' ।



# ପାଦରେ ଟ୍ୟାନିଂ ପାଇଁ

ସାଧାରଣତଃ ଖରାଦିନେ ଟ୍ୟାନିଂ ଏକ ମୁଖ୍ୟ ସମସ୍ୟା । ଶରୀରର ଠିକ୍ ଭାବେ ଦେଖାଶୁଣା ନକଲେ ବିଭିନ୍ନ ଅଙ୍ଗ କଳା ଦେଖାଯାଏ । ଯାହାର ଫଳସ୍ୱରୂପ ତ୍ୱଚା ଦୁଇଟି ରଙ୍ଗରେ ଭାଗ ହୋଇଯାଏ । ବିଶେଷ କରି ପାଦରେ ଏହି ଟ୍ୟାନିଂ ବେଶୀ ଦେଖିବାକୁ ମିଳିଥାଏ । ଏହାକୁ ସଫା କରିବା ଖୁବ୍ କଷ୍ଟକର ହୋଇଥାଏ । ଏଥିପାଇଁ ମହିଳାମାନେ ପାର୍ଲର ଯାଇ ପେଡିକିୟୋର କରାଇଥାନ୍ତି । କିନ୍ତୁ ଏହା କିଛିଦିନ ପରେ ଯୋଉ କଥାକୁ ସେହି କଥା । ତେବେ କେତୋଟି ଘରୋଇ ଉପାୟ ଆପଣାଇ ଏହି ଟ୍ୟାନିଂ ସମସ୍ୟାରୁ ମୁକ୍ତି ପାଇପାରିବେ ।

**କେମିତି କରିବେ** – ପ୍ରଥମେ ଏକ ପାତ୍ରରେ ଗୋଟେ ଗିନା ଗରମ ପାଣି ନିଅନ୍ତୁ । ସେଥିରେ ଏକ ଚାମଚ ଇନୋ ପାଉଡର, ଏକ ଚାମଚ ଲେମ୍ବୁ ରସ, ଦୁଇ ଚାରି ବୁନ୍ଦା ନଡ଼ିଆ ତେଲ, ସାମ୍ପୁ, କଫି ପାଉଡର ଓ ଦୁଇଚାମଚ ଅଟା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଟ୍ୟାନିଂ ହୋଇଥିବା ସ୍ଥାନରେ ଲଗାଇ ପାଞ୍ଚ ମିନିଟ୍ ଯାଏ ଘଷନ୍ତୁ । ପ୍ରତି ସପ୍ତାହରେ ଏପରି ଦୁଇଥର କରିବା ଦ୍ୱାରା ଟ୍ୟାନିଂ ସମସ୍ୟା ଦୂର ହୋଇଥାଏ ।



# ତ୍ୱଚା ଅନୁଯାୟୀ ଫାଉଣ୍ଡେସନ୍

**ସାଧାରଣତଃ ମହିଳାଙ୍କ ମେକ୍‌ଅପ୍ କିଟ୍‌ରେ ଫାଉଣ୍ଡେସନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଫାଉଣ୍ଡେସନ୍ ବିନା ମେକ୍‌ଅପ୍ ଅଧୁରା । ସେଥିପାଇଁ ନିଜ ତ୍ୱଚା ଅନୁଯାୟୀ ଫାଉଣ୍ଡେସନ୍ ଚୟନ କରିବା ଆବଶ୍ୟକ । ବର୍ତ୍ତମାନ ବଜାର ତଥା ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରକାର ଫାଉଣ୍ଡେସନ୍ ମିଳୁଛି । କିନ୍ତୁ ତ୍ୱଚା ଅନୁଯାୟୀ ଫାଉଣ୍ଡେସନ କିପରି ବାଛିବେ, ଜାଣିବା ସେ ସମ୍ପର୍କରେ ।**



### ତେଲିଆ ତ୍ୱଚା ପାଇଁ

ବିଶେଷ କରି ତେଲିଆ ତ୍ୱଚା ହୋଇଥିଲେ ତେଲମୁକ୍ତ କିମ୍ବା ମ୍ୟାଟ୍ ଫାଉଣ୍ଡେସନ ବ୍ୟବହାର କରିପାରିବେ । ଶୁଷ୍କ ତ୍ୱଚା ଥିବା ମହିଳାମାନେ ହାଇଡ୍ରେଟିଂ ଫାଉଣ୍ଡେସନ୍ ଲଗାଇ କରିପାରିବେ । କମ୍ବିନେସନ ତ୍ୱଚା ଥିବା ମହିଳାମାନେ ମଧ୍ୟ ଏପ୍ରକାର ଫାଉଣ୍ଡେସନ୍ ଲଗାଇପାରିବେ ।

### ଡସ୍କି ସ୍କିନ ଟୋନ୍ ପାଇଁ

ଡସ୍କି ସ୍କିନ୍ ଟୋନ୍ ହୋଇଥିଲେ ହାଲୁକା ରଙ୍ଗର ଫାଉଣ୍ଡେସନ୍ ଚୟନ କରନ୍ତୁ ନାହିଁ । ନିଜ ତ୍ୱଚା ସହ ମ୍ୟାଚ ହେଲା ପରି ଫାଉଣ୍ଡେସନ୍ ଲଗାନ୍ତୁ । ଏ ପ୍ରକାର ସ୍କିନ୍‌ଟୋନକୁ ବିଶେଷ କରି ବାଦାମୀ ରଙ୍ଗର ଫାଉଣ୍ଡେସନ୍ ଭଲ ମାନିଥାଏ ।

### ସମ୍ବେଦନଶୀଳ ତ୍ୱଚା ଥିଲେ

ସମ୍ବେଦନଶୀଳ ତ୍ୱଚା ପାଇଁ ଅରଗାନିକ୍ ଫାଉଣ୍ଡେସନ ଏକ ଭଲ ବିକଳ୍ପ । ଏହି ଫାଉଣ୍ଡେସନରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ଫାଉଣ୍ଡେସନ୍‌ରେ ଥିବା ଉପାଦାନ ଗୁଡ଼ିକର ଠିକ୍ ଭାବେ ପରୀକ୍ଷା କରନ୍ତୁ । ମୁହଁରେ ଲଗାଇବା ପୂର୍ବରୁ ପ୍ରଥମେ ହାତରେ ଲଗାଇ ପ୍ୟାଚ୍ ଟେଷ୍ଟ କରନ୍ତୁ ।

# ବ୍ଲାଉଜ୍ ଷ୍ଟିଚିଂ କରୁଥିଲେ



**ପାର୍ଟି ଫଙ୍କ୍‌ସନ୍‌ରେ ମହିଳାମାନେ ଶାଢ଼ୀ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ସେହିପରି ଶାଢ଼ିର ସୁନ୍ଦରତାକୁ ବୃଦ୍ଧି କରିଥାଏ ବ୍ଲାଉଜ୍ । କିନ୍ତୁ ଅନେକ ସମୟରେ ମହିଳାମାନେ ବ୍ଲାଉଜ୍ ସିଲେଇ କଲାବେଳେ କିଛିଟା ଦିଗ ପ୍ରତି ଧ୍ୟାନ ନ ଦେଇ ଭୁଲ ସିଲେଇ କରିଥାନ୍ତି । ଯାହା ଦ୍ୱାରା ସମ୍ପୂର୍ଣ୍ଣ ଲୁକ୍ ବିଗିଡ଼ିଯାଏ । ତେଣୁ ବ୍ଲାଉଜ ସିଲେଇ କଲାବେଳେ କେତୋଟି ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।**

### ବ୍ଲାଉଜସ୍ଲିଭ୍ ଡିଜାଇନ୍

ବ୍ଲାଉଜର ହାତ କହୁଣୀ ଯାଏ ରଖି ସିଲେଇ କରିବାକୁ ଚାହଁୁଥିଲେ, ବ୍ଲାଉଜକୁ କହୁଣୀ ଠାରୁ ଦୁଇ ଇଞ୍ଚ ଉପରକୁ କିମ୍ବା ଦୁଇ ଇଞ୍ଚ ତଳକୁ ରଖି ସିଲେଇ କରନ୍ତୁ । ସ୍ଲିଭଲେସ ବ୍ଲାଉଜ ସିଲେଇ କରିବାକୁ ଚାହଁୁଥିଲେ ବ୍ଲାଉଜର କାଖ ଗୋଲେଇ ସମ୍ପୂର୍ଣ ଭାବେ ଫିଟିଙ୍ଗ କରି ତିଆରି କରାନ୍ତୁ । ଏ ପ୍ରକାର ଡିଜାଇନରୁ ଏକ ସୁନ୍ଦର ଲୁକ ମିଳିଥାଏ ।

### ବେକ ଡିଜାଇନ୍

ଡିଜାଇନ ବ୍ଲାଉଜ ପିନ୍ଧିବାକୁ ପସନ୍ଦ କରୁଥିଲେ, ସିଲେଇ କଲାବେଳେ ସର୍ବଦା ବ୍ଲାଉଜର ସାମ୍ନା ବେକ ଡିଜାଇନ ଉପରେ ଧ୍ୟାନ ଦିଅନ୍ତୁ। ପଛପଟ ଡିପ ନେକ ଡିଜାଇନ କରୁଥିଲେ, ଆଗପଟ ବେକ ଗୋଲେଇ ଛୋଟ ରଖନ୍ତୁ ।

### କଲର କମ୍ବିନେସନ୍

ଶାଢ଼ି ଏବଂ ବ୍ଲାଉଜର ମଧ୍ୟରେ କଲର କମ୍ବିନେସନ ଭଲ ରଖିବା ଦରକାର। ତେଣୁ ଶାଢ଼ି ସିମ୍ପଲ ଥିଲେ ଅଧିକ କାମଥିବା ବ୍ଲାଉଜ କରନ୍ତୁ । ଶାଢ଼ିରେ ଭାରି କାମ ହୋଇଥିଲେ, ହାଲୁକା ବ୍ଲାଉଜ ପିନ୍ଧନ୍ତୁ ।





# ଟ୍ରେଣ୍ଡରେ ମୁନ୍‌ଷ୍ଟୋନ ଅଳଙ୍କାର

**ସାଧାରଣତଃ ମହିଳାମାନେ ପାର୍ଟି ଓ ଉତ୍ସବରେ ଏକ ଆକର୍ଷଣୀୟ ଲୁକ୍ ପାଇବାପାଇଁ ବିଭିନ୍ନ ପ୍ରକାର ଅଳଙ୍କାର ପରିଧାନ କରିଥାନ୍ତି । ସେଥି ମଧ୍ୟରୁ ବର୍ତ୍ତମାନ ସମୟରେ ମୁନଷ୍ଟୋନ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଧଳା ଓ ଉଜ୍ଜ୍ୱଳ ରଙ୍ଗ ଯୁକ୍ତ ଏହି ଷ୍ଟୋନକୁ ନେଇ ଏକ ବିଶେଷ ପ୍ରକାର ଭିନ୍‌ଟେଜ୍ ଜୁଏଲାରୀ ପ୍ରସ୍ତୁତ କରାଯାଉଛି । ଯାହା ସବୁ ପ୍ରକାର ପୋଷାକକୁ ଭଲ ମାନିଥାଏ ।**

- ସାଧାରଣତଃ କୌଣସି ଗାଢ କିମ୍ବା ହାଲୁକା ରଙ୍ଗ ପୋଷାକରେ ଏ ପ୍ରକାର ଅଳଙ୍କାର ଖୁବ୍ ସୁନ୍ଦର ମାନିଥାଏ । ସେହିପରି ଗାଢ଼ ନୀଳରଙ୍ଗ, ହଳଦିଆ ତଥା ନାଲିରଙ୍ଗର ଶାଢ଼ି ସହ ଏହି ଜୁଏଲାରୀ ଖୁବ ସୁନ୍ଦର ମାନିଥାଏ ।
- ଏ ପ୍ରକାର ଜୁଏଲାରୀ ବିଶେଷ କରି ବିଭିନ୍ନ ପ୍ରକାର ଆଉଟଫିଟ୍ ସହ ମ୍ୟାଚ ହୋଇଥାଏ । ପାରମ୍ପରିକ ଡ୍ରେସ ଠାରୁ ଆରମ୍ଭକରି ଆଧୁନିକ ଡ୍ରେସ ପର୍ଯ୍ୟନ୍ତ ଏହା ସବୁ ଲୁକକୁ ଖୁବ ସୁନ୍ଦର ମାନିଥାଏ ।
- ମୁନଷ୍ଟୋନ୍ ଜୁଏଲାରୀ ବଜାର ତଥା ଅନ୍‌ଲାଇନ୍‌ରେ ସହଜରେ ମିଳିଥାଏ । ସେହିପରି ଏ ପ୍ରକାର ଜୁଏଲାରୀର ଡିଜାଇନ ଅନୁଯାୟୀ ମୂଲ୍ୟ ରହିଥାଏ । ଏହାକୁ ଲେହେଙ୍ଗା, ଗାଉନରେ ପରିଧାନ କରିବା ଦ୍ୱାରା ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।



# ସମସ୍ତ ସଂସ୍କରଣ ଖେଳିଛନ୍ତି ରୋହିତ୍, ସାକିବ

ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ହୋଇଯାଇଛି । ଏଥର ଦୁଇଟି ଦେଶ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜନ ଅଧିକାର ହାସଲ କରିଛନ୍ତି । ଏହି ବିଶ୍ୱକପ୍ ଦୁଇଜଣ ଖେଳାଳି ଭାରତର ରୋହିତ୍ ଶର୍ମା ଓ ବାଂଲାଦେଶର ସାକିବ ଅଲ୍ ହାସନଙ୍କ ଲାଗି ବିଶେଷ ମହତ୍ତ୍ୱ ରଖୁଛି । ଉଭୟଙ୍କ ଏହା ୯ମ ବିଶ୍ୱକପ୍ ହେବ । ଅର୍ଥାତ୍ ଟି-୨୦ ବିଶ୍ୱକପ୍ ଆରମ୍ଭ ହେବା ଦିନଠାରୁ ୨୦୦୭ରୁ ପ୍ରତ୍ୟେକ ସଂସ୍କରଣରେ ରୋହିତ୍ ଓ ସାକିବ ଅଂଶଗ୍ରହଣ କରିଛନ୍ତି । ପରବର୍ତ୍ତୀ ପିଢ଼ିର କ୍ରିକେଟର୍‌ଙ୍କ ଲାଗି ଉଭୟ ନିଶ୍ଚିତଭାବେ ପ୍ରେରଣାଦାୟୀ ରହିବେ । ଏହି ଅବସରରେ ୨୦୦୭ରୁ ଟି-୨୦ର ପ୍ରତ୍ୟେକ ସଂସ୍କରଣରେ ରୋହିତ୍ ଓ ସାକିବଙ୍କ ପ୍ରଦର୍ଶନ ଉପରେ ନଜର ପକାଇବା ।




### ୨୦୦୭

ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିଲା । ଡର୍ବାନରେ ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଖେଳିଥିବା ମ୍ୟାଚ ରୋହିତ୍‌ଙ୍କ ବିଶ୍ୱକପ୍‌ରେ ପ୍ରଥମ ପାଳି ଥିଲା । ଏଥିରେ ସେ ବ୍ୟାଟିଂକ୍ରମର ୫ମ ସ୍ଥାନରେ ଆସି ୪୦ ବଲରୁ ଅପରାଜିତ ୫୦ ରନର ପାଳି ଖେଳିଥିଲେ । ମ୍ୟାଚକୁ ଭାରତ ୩୭ ରନରେ ଜିତିଥିବାବେଳେ ରୋହିତ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଏହି ମ୍ୟାଚ୍ ଜିତି ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା । ପାକିସ୍ତାନ ବିପକ୍ଷ ଫାଇନାଲରେ ମଧ୍ୟ ରୋହିତ୍ ୧୬ ବଲରେ ୩୦ ରନର ଦ୍ରୁତ ପାଳି ଖେଳି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ସାକିବ ମଧ୍ୟ ଏହି ବିଶ୍ୱକପ୍‌ରେ ପ୍ରଦର୍ଶନର ଛାପ ଛାଡ଼ିଥିଲେ । ଜୋହାନ୍ସବର୍ଗରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ବାଂଲାଦେଶ ଦମଦାର ବିଜୟ ହାସଲ କରିଥିବାବେଳେ ଏଥିରେ ୨୦ ବର୍ଷୀୟ ସାକିବ ୪ ୱିକେଟ୍ ସଫଳତା ପାଇଥିଲେ । ମୋଟ୍ ଉପରେ ଏହି ବିଶ୍ୱକପ୍‌ରେ ସାକିବ ୬ ୱିକେଟ୍ ନେଇଥିଲେ ।

### ୨୦୦୯

ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣରେ ରୋହିତ ଭଲ ଆରମ୍ଭ କରିଥିଲେ । ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚରେ ସେ ଓପନିଂ ଆସି ୨୩ ବଲରୁ ୩୬ ରନ କରିଥିଲେ । ଏହି ମ୍ୟାଚରେ ସାକିବଙ୍କ ବଲରେ ସେ ବୋଲ୍ଡ ହୋଇଥିଲେ । ରୋହିତ୍‌ଙ୍କୁ ଆଉଟ୍ କରିଥିବା ସାକିବ ବ୍ୟାଟିଂରେ କିନ୍ତୁ ୮ ରନ କରି ଫେଲ୍ ମାରିଥିଲେ ଏବଂ ବାଂଲାଦେଶ ୨୫ ରନରେ ପରାସ୍ତ ହୋଇଥିଲା । ଏହାପରେ ରୋହିତ୍ ଆୟର୍ଲାଣ୍ଡ ବିପକ୍ଷରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ତେବେ ଭାରତ ପ୍ରତିଯୋଗିତାର ୨ୟ ରାଉଣ୍ଡରୁ ବିଦାୟ ନେଇଥିଲା ।

### ୨୦୧୦

୨୦୧୦ ବିଶ୍ୱକପ୍‌ରେ ରୋହିତ୍ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ସେ ୪୯ ବଲରେ ୬ ଛକା ଓ ୪ ଚୌକା ସହାୟତାରେ ୭୯ ରନ କରିଥିଲେ । କିନ୍ତୁ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୧୮୫ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ୧୩୫ ରନ କରି ପରାସ୍ତ ହୋଇଥିଲା । ରୋହିତ୍‌ଙ୍କ ବ୍ୟତୀତ ହରଭଜନ ସିଂହ (୧୩ ରନ) କେବଳ ଦୁଇ ଅଙ୍କବିଶିଷ୍ଟ ସ୍କୋର କରିବାକୁ ସମର୍ଥ ହୋଇଥିଲେ । ଏଥିରେ ଭାରତ ସୁପର୍-୮ରୁ ବିଦାୟ ନେଇଥିଲା । ଅପରପକ୍ଷରେ ସାକିବଙ୍କ ନେତୃତ୍ୱରେ ଖେଳିଥିବା ବାଂଲାଦେଶ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ସାକିବ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ୨୮ ରନ ଓ ୨ ୱିକେଟ୍ ଏବଂ ପାକିସ୍ତାନ ବିପକ୍ଷରେ ୪୭ ରନ ଓ ୨ ୱିକେଟ ନେଇଥିଲେ ।

### ୨୦୧୨

ଟି-୨୦ ବିଶ୍ୱକପର ୪ର୍ଥ ସଂସ୍କରଣରେ ମଧ୍ୟ ଭାରତ ସୁପର୍-୮ରୁ ଉପରକୁ ଉଠିପାରି ନ ଥିଲା । ଇଂଲଣ୍ଡ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରୋହିତ୍ ୩୩ ବଲରୁ ଅପରାଜିତ ୫୫ ରନ କରିଥିଲେ । ଭାରତ ଏହି ମ୍ୟାଚକୁ ୯୦ ରନରେ ଜିତିଥିଲା । ଏହି ସଂସ୍କରଣରେ ସାକିବ ବିଶ୍ୱକପ୍‌ରେ ତାଙ୍କ ଶ୍ରେଷ୍ଠ ପାଳି ଖେଳିଥିଲେ । ପାକିସ୍ତାନ ବିପକ୍ଷରେ ସେ ୫୪ ବଲରୁ ୮୪ ରନ କରିଥିଲେ ମଧ୍ୟ ତାଙ୍କ ଦଳ ୮ ରନରେ ପରାସ୍ତ ହୋଇଥିଲା ।

### ୨୦୧୪

ଏହି ଟି-୨୦ ବିଶ୍ୱକପ୍ ଉଭୟ ରୋହିତ ଓ ସାକିବଙ୍କ ପାଇଁ ସ୍ମରଣୀୟ ହୋଇରହିବ । ରୋହିତ ପ୍ରତିଯୋଗିତାର ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ । ସେ ୬ ପାଳିରେ ୨୦୦ ରନ କରିଥିଲେ । ତାଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉପବିଜେତାରେ ସନ୍ତୁଷ୍ଟ ରହିଥିଲା । ସାକିବ ଉଭୟ ବ୍ୟାଟିଂ ଓ ବୋଲିଂରେ କମାଲ କରିଥିଲେ । ସାକିବଙ୍କ ବ୍ୟାଟରୁ ୧୮୬ ରନ ବାହାରିଥିବାବେଳେ ୮ ୱିକେଟ ବୋଲିଂରେ ନେଇଥିଲେ ।




### ୨୦୧୬

୨୦୧୬ ବିଶ୍ୱକପ୍‌ରେ ଭାରତ ସେମିଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲା । ୱେଷ୍ଟଇଣ୍ଡିଜ ବିପକ୍ଷ ସେମିରେ ରୋହିତ ୩୧ ବଲରେ ୪୩ ରନ ଉପଯୋଗୀ ପାଳି ଖେଳିଥିଲେ । କିନ୍ତୁ ଏହି ମ୍ୟାଚରେ ଭାରତ ୭ ୱିକେଟ୍‌ରେ ପରାସ୍ତ ହୋଇଥିଲା । ସେହିଭଳି ଶାକିବଙ୍କ ପାଇଁ ଏହି ସଂସ୍କରଣ କିନ୍ତୁ ସ୍ମରଣୀୟ ରହିଥିଲା । ସେ ୭ ମ୍ୟାଚରେ ୧୦ ୱିକେଟ୍ ନେଇଥିଲେ । ଯେଉଁଥିରେ ଓମାନ ବିପକ୍ଷରେ ୧୫ ରନରେ ୪ ୱିକେଟ୍ ସଫଳତା ସାମିଲ ଥିଲା ।

### ୨୦୨୧

ଟି-୨୦ ବିଶ୍ୱକପ୍‌ର ୭ମ ସଂସ୍କରଣରେ ଭାରତ ଗ୍ରୁପ୍ ପର୍ଯ୍ୟାୟ ଉଠିପାରି ନ ଥିଲା । ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେବା ଭାରତ ପାଇଁ ମହଙ୍ଗା ପଡ଼ିଥିଲା । ରୋହିତ ୫ ପାଳିରେ ୨ଟି ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଆଫଗାନିସ୍ତାନ ବିପକ୍ଷରେ ୪୭ ବଲରୁ ୭୪ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ନାମିବ୍ୟା ବିପକ୍ଷରେ ୫୬ ରନ କରିଥିଲେ । ଏହି ବିଶ୍ୱକପ୍‌ରେ ବାଂଲାଦେଶ ୫ ମ୍ୟାଚରୁ ୫ ପରାଜୟ ସହ ଗ୍ରୁପ୍ ପର୍ଯ୍ୟାୟରେ ଖାତା ଖୋଲିବାରେ ବିଫଳ ହୋଇଥିଲା । କିନ୍ତୁ ସାକିବ ବ୍ୟାଟିଂରେ ୧୦୮ ରନ କରିଥିବାବେଳେ ୧୧ ୱିକେଟ୍ ନେଇ ଅଲ୍‌ରାଉଣ୍ଡ ସଫଳତା ପାଇଥିଲେ ।

### ୨୦୨୨

ଭାରତ ପ୍ରଥମଥର ଲାଗି ରୋହିତ୍‌ଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ୍ ଖେଳିଥିଲା । ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଏହି ସଂସ୍କରଣରେ ସେ କିନ୍ତୁ ବ୍ୟାଟିଂରେ ୬ ମ୍ୟାଚରୁ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରି ବିଫଳ ହୋଇଥିଲେ । ଭାରତ ସେମିଫାଇନାଲ ପର୍ଯ୍ୟନ୍ତ ଏହି ବିଶ୍ୱକପ୍‌ରେ ଯାଇଥିଲେ ମଧ୍ୟ ଇଂଲଣ୍ଡ ନିକଟରୁ ୧୦ ୱିକେଟ୍‌ରେ ହାରି ବିଦାୟ ନେଇଥିଲା । ଅପରପକ୍ଷରେ ସାକିବ ଏହି ଟୁର୍ଣ୍ଣାମେଣ୍ଟରେ ୬ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଥିଲେ ।

## ଟି-୨୦ ବିଶ୍ୱକପ୍



ଅଜନ୍ତା ମେଣ୍ଡିସ

## ବିଶ୍ୱକପ୍ ରେକର୍ଡ ପୃଷ୍ଠାରୁ

ଆରମ୍ଭ ହୋଇଯାଇଛି ଫଟାଫଟ୍ କ୍ରିକେଟ୍‌ର ମହାପର୍ବ ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ । ପ୍ରଥମଥର ଲାଗି ଏହି ମେଗା ଇଭେଣ୍ଟକୁ ଦୁଇଟି ଦେଶ ଆମେରିକା ଓ ୱେଷ୍ଟଇଣ୍ଡିଜ ମିଳିତ ଭାବେ ଆୟୋଜିତ କରୁଛନ୍ତି । ସେହିଭଳି ଟି-୨୦ ବିଶ୍ୱକପ୍ ଇତିହାସରେ ଏଥର ସର୍ବାଧିକ ୨୦ଟି ଦେଶ ଟ୍ରଫି ପାଇଁ ଲଢ଼େଇକୁ ଅବତୀର୍ଣ୍ଣ ହୋଇଛନ୍ତି । ଇତିହାସ ଉପରେ ନଜର ପକାଇଲେ ୨୦୦୭ରେ ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଖେଳାଯାଇଥିଲା । ଏଥିରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ପ୍ରଥମ ଓ ଶେଷଥର ଲାଗି ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା । ଏହାପରେ ଆଉ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇପାରି ନ ଥିଲା । ଇତିମଧ୍ୟରେ ୮ ଗୋଟି ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଏହି ୮ ଗୋଟି ସଂସ୍କରଣରେ ଟି-୨୦ ବିଶ୍ୱକପ୍‌ର ପ୍ରମୁଖ ରେକର୍ଡ, ପରିସଂଖ୍ୟାନ ଉପରେ ନଜର ପକାଇବା ।



- **ସର୍ବାଧିକ ମ୍ୟାଚ୍:** ଭାରତୀୟ ଅଧିନାୟକ ରୋହିତ୍ ଶର୍ମା ସର୍ବାଧିକ ୩୯ ମ୍ୟାଚ୍ ଖେଳିଛନ୍ତି ।
- **ସର୍ବାଧିକ ବିଜୟୀ ଅଧିନାୟକ:** ଧୋନିଙ୍କ ନେତୃତ୍ୱରେ ଭାରତ ୩୩ ମ୍ୟାଚ୍ ଖେଳିଥିବାବେଳେ ୨୧ ଜିତିଛି ।
- **ସଫଳ ଅଧିନାୟକ:** ୨୦୧୨ ଓ ୨୦୧୬ରେ ୱେଷ୍ଟଇଣ୍ଡିଜକୁ ଚାମ୍ପିଅନ କରାଇ ଡାରେନ ସାମି ସବୁଠୁ ସଫଳ ଅଧିନାୟକ ବିବେଚିତ ହୋଇଛନ୍ତି ।
- **ସର୍ବାଧିକ ବିଜେତା:** ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ସର୍ବାଧିକ ୨ଥର ଲେଖାଏ ବିଶ୍ୱକପ୍ ଜିତିଛନ୍ତି ।
- **ସର୍ବାଧିକ ୱିକେଟ୍:** ବାଂଲାଦେଶର ସାକିବ ଅଲ୍ ହାସାନ ବିଶ୍ୱକପ୍‌ରେ ୩୬ ମ୍ୟାଚ୍ ଖେଳି ୪୭ ୱିକେଟ୍ ନେଇଛନ୍ତି । ରୋହିତ୍ ଶର୍ମାଙ୍କ ପରେ ସାକିବ ୨ୟ ଖେଳାଳି ଭାବେ ସମସ୍ତ ୮ଟି ବିଶ୍ୱକପ୍ ଖେଳିଛନ୍ତି ।
- **ସର୍ବାଧିକ ରନ:** ବିରାଟ କୋହଲିଙ୍କ ନାମରେ ବିଶ୍ୱକପ୍ ଇତିହାସରେ ସର୍ବାଧିକ ରନ ଲିପିବଦ୍ଧ ରହିଛି । ସେ ୨୭ ମ୍ୟାଚ୍ ଖେଳି ୧୧୪୧ ରନ ସଂଗ୍ରହ କରିଛନ୍ତି ।
- **ଗୋଟିଏ ସଂସ୍କରଣରେ ସର୍ବାଧିକ ରନ:** ଗୋଟିଏ ସଂସ୍କରଣରେ ସର୍ବାଧିକ ରନ କୋହଲି ସଂଗ୍ରହ କରିଛନ୍ତି । ସେ ୨୦୧୪ ସଂସ୍କରଣରେ ୬ ମ୍ୟାଚ୍ ଖେଳି ୩୧୯ ରନ କରିଥିଲେ ।
- **ସର୍ବାଧିକ ଛକା:** ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ବିଶ୍ୱକପ୍‌ରେ ସର୍ବାଧିକ ଛକା ମାରିଛନ୍ତି । ଗେଲ୍ ୩୧ ମ୍ୟାଚ୍ ଖେଳିଥିବାବେଳେ ତାଙ୍କ ବ୍ୟାଟରୁ ୬୩ଟି ଛକା ଦେଖିବାକୁ ମିଳିଛି ।
- **ପାଳିରେ ସର୍ବାଧିକ ଛକା:** ବିଶ୍ୱକପ୍‌ର ଗୋଟିଏ ପାଳିରେ ସର୍ବାଧିକ ଛକା ମଧ୍ୟ ଗେଲ୍ ମାରିଛନ୍ତି । ୨୦୧୬ରେ ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଗେଲ୍ ୧୧ଟି ଛକା ମାରି ରେକର୍ଡ କରିଥିଲେ ।
- **ଶ୍ରେଷ୍ଠ ବୋଲିଂ ଫିଗର:** ବିଶ୍ୱକପ୍‌ର ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ବୋଲିଂ ଶ୍ରୀଲଙ୍କାର ରହସ୍ୟମୟୀ ସ୍ପିନର ଅଜନ୍ତା ମେଣ୍ଡିସଙ୍କ ନାମରେ ରହିଛି । ୨୦୧୨ରେ ଜିମ୍ବାୱେ ବିପକ୍ଷ ମୁକାବିଲାରେ ମେଣ୍ଡିସ ୪ ଓଭର ବୋଲିଂ କରି ୮ ରନ ବ୍ୟୟରେ ୬ଟି ୱିକେଟ୍ ନେଇଥିଲେ । ଯାହାକି ବିଶ୍ୱକପ୍ ଇତିହାସରେ ଆଜି ପର୍ଯ୍ୟନ୍ତ ଶ୍ରେଷ୍ଠ ବୋଲିଂ ଫିଗର ହୋଇରହିଛି ।
- **ସର୍ବାଧିକଥର ଶୂନରେ ଆଉଟ୍:** ପାକିସ୍ତାନର ଶାହିଦ ଆଫ୍ରିଦୀ ଓ ଶ୍ରୀଲଙ୍କାର ତିଲକରତ୍ନେ ଦିଲସାନ ୫ଥର ଲେଖାଏ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି ।

**ସର୍ବାଧିକ ଅର୍ଦ୍ଧଶତକ:** ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ଅର୍ଦ୍ଧଶତକ କୋହଲି ହାସଲ କରିଛନ୍ତି । ସେ ୨୭ ମ୍ୟାଚରେ ୧୪ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି ।

- **ସର୍ବାଧିକ ଶତକ:** ଶତକ ଉପରେ ନଜର ପକାଇଲେ କ୍ରିସ୍ ଗେଲ୍ ଆଗରେ ରହିଛନ୍ତି । ଗେଲ୍ ବିଶ୍ୱକପ୍‌ରେ ୩୩ ମ୍ୟାଚ ଖେଳି ୨ଟି ଶତକ ମାରିଛନ୍ତି ।
- **ସର୍ବାଧିକ କ୍ୟାଚ୍:** ଇଂଲଣ୍ଡର ଜୋଶ୍ ବଟଲର୍ ବିଶ୍ୱକପ୍‌ରେ ୩୦ ମ୍ୟାଚରୁ ୨୩ଟି କ୍ୟାଚ୍ ଧରି ଆଗରେ ରହିଛନ୍ତି ।



ବିରାଟ କୋହଲି

- **ୱିକେଟ୍‌କିପର ଭାବେ ସର୍ବାଧିକ ଡିସ୍‌ମିସାଲ:** ମହେନ୍ଦ୍ର ସିଂ ଧୋନି ମୋଟ୍ ଉପରେ ୱିକେଟ୍ ପଛରେ ୩୨ ଡିସ୍‌ମିସାଲ କରିଛନ୍ତି । ଯେଉଁଥିରେ ସେ ୨୧ କ୍ୟାଚ୍ ଧରିଥିବାବେଳେ ୧୧ ଷ୍ଟମ୍ପିଂ କରିଛନ୍ତି ।
- **ସର୍ବାଧିକ ମ୍ୟାଚ୍ ଜିତିଥିବା ଦଳ:** ଭାରତ ଓ ପାକିସ୍ତାନ ବିଶ୍ୱକପ୍‌ରେ ୨୮ଟି ଲେଖାଏ ମ୍ୟାଚ୍ ବିଜୟୀ ହୋଇଛନ୍ତି । ଭାରତ ୪୪ ଓ ପାକିସ୍ତାନ ୪୭ଟି ମ୍ୟାଚ୍ ବିଶ୍ୱକପ୍‌ରେ ଖେଳିଛନ୍ତି ।
- **ସର୍ବାଧିକ ପରାଜିତ ଦଳ:** ବାଂଲାଦେଶ ନାମରେ ସର୍ବାଧିକ ମ୍ୟାଚ୍ ହାରିଥିବାର ଅଲୋଡ଼ା ରେକର୍ଡଟି ରହିଛି । ବାଂଲାଦେଶ ଦଳ ବିଶ୍ୱକପ୍‌ରେ ୩୮ ମ୍ୟାଚ୍ ଖେଳି ୨୮ଟି ହାରିଯାଇଛି ।
- **ସର୍ବାଧିକ ବିଜୟ ପ୍ରତିଶତ:** ଅଷ୍ଟ୍ରେଲିଆ ୪୦ ମ୍ୟାଚ୍ ଖେଳି ୨୫ଟି ବିଜୟୀ ହୋଇଛି । ବିଜୟ ପ୍ରତିଶତ ଉପରେ ନଜର ପକାଇଲେ ଅଷ୍ଟ୍ରେଲିଆର ୬୨.୫୦ ରହିଛି ।
- **ସର୍ବାଧିକ ଦଳଗତ ସ୍କୋର:** ଗୋଟିଏ ପାଳିରେ ସର୍ବାଧିକ ଦଳଗତ ସ୍କୋର ଶ୍ରୀଲଙ୍କା ନାମରେ ରହିଛି । ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୬ ୱିକେଟ୍‌ରେ ୨୬୦ ରନ ସଂଗ୍ରହ କରିଥିଲା ।
- **ସର୍ବନିମ୍ନ ଦଳଗତ ସ୍କୋର:** ୨୦୧୪ ବିଶ୍ୱକପ୍‌ରେ ଶ୍ରୀଲଙ୍କା ବିପକ୍ଷରେ ନେଦରଲାଣ୍ଡସ ମାତ୍ର ୩୯ ରନରେ ଅଲ୍‌ଆଉଟ୍ ହୋଇଥିଲା । ବିଶ୍ୱକପ୍‌ରେ ଏହା ସର୍ବାନିମ୍ନ ସ୍କୋରର ଅଲୋଡ଼ା ରେକର୍ଡ ରହିଛି ।
- **ବଡ଼ ବିଜୟ (ରନ ବ୍ୟବଧାନ):** ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୧୭୨ ରନରେ ବିଜୟୀ ହୋଇଥିଲା । ବିଶ୍ୱକପ୍‌ରେ ରନ ବ୍ୟବଧାନରେ ଏହା ସବୁଠୁ ବଡ଼ ବିଜୟ ।
- **ବଡ଼ ବିଜୟ (ୱିକେଟ୍ ବ୍ୟବଧାନ):** ସେହିଭଳି ସେହି ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ଶ୍ରୀଲଙ୍କାକୁ ମାତ୍ ଦେଇଥିଲା । ୱିକେଟ୍ ବ୍ୟବଧାନରେ ଏହା ବଡ଼ ବିଜୟର ରେକର୍ଡ ରହିଛି ।
- **ସର୍ବାଧିକ ବ୍ୟକ୍ତିଗତ ସ୍କୋର:** ୨୦୧୨ ସଂସ୍କରଣରେ ନ୍ୟୁଜିଲାଣ୍ଡର ବ୍ରେଣ୍ଡନ ମ୍ୟାକ୍‌କୁଲମ ବାଂଲାଦେଶ ବିପକ୍ଷରେ ୫୮ ବଲରୁ ୧୨୩ ରନର ପାଳି ଖେଳିଥିଲେ । ଏହା ଆଜି ପର୍ଯ୍ୟନ୍ତ ବିଶ୍ୱକପ୍‌ର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ରେକର୍ଡ ହୋଇଛି ।



### ବ୍ରେଟ୍ ଲିଙ୍କ ନାମରେ ପ୍ରଥମ ହ୍ୟାଟ୍ରିକ

ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଦ୍ରୁତ ବୋଲର ବ୍ରେଟ୍ ଲି ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ । ୨୦୦୭ରେ ଦକ୍ଷିଣ ଆଫ୍ରିକାର କେପ୍ ଟାଉନରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ସେ ଯଥାକ୍ରମେ ସାକିବ ଅଲ୍ ହାସାନ, ମାଶ୍ରାଫି ମୋର୍ତାଜା ଓ ଆଲୋକ କପାଳିଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ । ଏହାପରେ ବିଶ୍ୱକପ୍‌ର ପରବର୍ତ୍ତୀ ୫ ଗୋଟି ସଂସ୍କରଣ (୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ)ରେ ଆଉ କୌଣସି ବୋଲର୍ ହ୍ୟାଟ୍ରିକ ୱିକେଟ୍ ନେବାର ସୌଭାଗ୍ୟ ଲାଭ କରି ନ ଥିଲେ । ଏହାପରେ ଶେଷ ଦୁଇ ସଂସ୍କରଣ ୨୦୨୧ ଓ ୨୦୨୨ରେ ୫ଟି ହ୍ୟାଟ୍ରିକ ଦେଖିବାକୁ ମିଳିଥିଲା । ୨୦୨୧ରେ ଆୟର୍ଲାଣ୍ଡର କର୍ଟିସ କାମ୍ଫର, ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ଓ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଏବଂ ୨୦୨୨ରେ ଆମେରିକାର କାର୍ତ୍ତିକ ମେୟାପ୍ପାନ ଓ ଆୟର୍ଲାଣ୍ଡର ଜୋଶୁଆ ଲିଟିଲ ହ୍ୟାଟ୍ରିକ ୱିକେଟ୍ ନେଇଥିଲେ ।



### ସାମୁଏଲ୍ସଙ୍କ ପାଇଁ ସ୍ମରଣୀୟ

ୱେଷ୍ଟଇଣ୍ଡିଜର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସ ଟି-୨୦ ବିଶ୍ୱକପ୍‌ରେ ଏକ ବିରଳ ସଫଳତା ପାଇଛନ୍ତି । ବିଶ୍ୱର ଏକମାତ୍ର ଖେଳାଳି ଭାବେ ସେ ଦୁଇ ଦୁଇଥର ଫାଇନାଲରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ୨୦୧୨ ଓ ୨୦୧୬ ବିଶ୍ୱକପ୍ ଫାଇନାଲରେ ପ୍ରଭାବୀ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ୨୦୧୨ ଫାଇନାଲରେ ଶ୍ରୀଲଙ୍କା ବିପକ୍ଷରେ ୫୬ ବଲରୁ ୭୮ ରନ କରିଥିବାବେଳେ ବୋଲିଂରେ ୪ ଓଭରରେ ମାତ୍ର ୧୫ ରନ ବ୍ୟୟ କରି ଗୋଟିଏ ୱିକେଟ୍ ନେଇଥିଲେ । ସେହିଭଳି କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ୨୦୧୬ ଫାଇନାଲରେ ଇଂଲଣ୍ଡ ବିପକ୍ଷରେ ସେ ୬୬ ବଲରୁ ଅପରାଜିତ ୮୫ ରନ କରିଥିଲେ । ଉଲ୍ଲେଖନୀୟ କଥା ହେଉଛି ଉଭୟ ଫାଇନାଲରେ ୱେଷ୍ଟଇଣ୍ଡିଜ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା ।

## ଟି-୨୦ ବିଶ୍ୱକପ୍: ବାଂଲାଦେଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପନ୍ତ, ପାଣ୍ଡ୍ୟା, ସୂର୍ଯ୍ୟଙ୍କ କମାଲ

**ନ୍ୟୁୟର୍କ, ୧।୬ (ଏଜେନ୍ସି)**



ବ୍ୟାଟିଂ ଅବସରରେ ଋଷଭ ପନ୍ତ

ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆରମ୍ଭ ପୂର୍ବରୁ ସର୍ବପ୍ରଥମ ବିଜେତା ଭାରତ ଏହାର ଏକମାତ୍ର ଅଭ୍ୟାସ ମୁକାବିଲାରେ ପ୍ରଭାବୀ ପ୍ରଦର୍ଶନ କରିଛି। ଶନିବାର ରାତିରେ ସ୍ଥାନୀୟ ନାସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଭାରତ ଓ ପଡ଼ୋଶୀ ବାଂଲାଦେଶ ଏହି ଅଭ୍ୟାସ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ବ୍ୟାଟରଙ୍କ ମିଳିତ ସଫଳତା ବଳରେ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ ସଂଗ୍ରହ କରିଛି। ଜବାବରେ ଏହି ଚ୍ୟାଲେଞ୍ଜପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ବାଂଲାଦେଶ ଶେଷ ଖବର ସୁଦ୍ଧା ୧୦ ଓଭରରେ ୫ ୱିକେଟ୍ ହରାଇ ୪୬ ରନ ସଂଗ୍ରହ କରିଛି। ଓପନର୍ ସୌମ୍ୟ ସରକାର ଓ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ସେହିଭଳି ୱିକେଟ୍‌ରକ୍ଷକ ଲିଟନ ଦାସ ମଧ୍ୟ ମାତ୍ର ୧୫, ତୋହିଦ ହ୍ରିଦୟ ୧୩ ରନ କରି ପ୍ୟାଭିଲିୟନ ଫେରିଛନ୍ତି। ଭାରତ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହ ୨ ଓଭରରେ ମାତ୍ର ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଛନ୍ତି। ମହମ୍ମଦ ସିରାଜଙ୍କୁ ଅନ୍ୟ ୱିକେଟ୍‌ଟି ମିଳିଛି।

### ପ୍ରତ୍ୟାବର୍ତ୍ତନରେ ପନ୍ତଙ୍କ ଅର୍ଦ୍ଧଶତକ

ଏହି ମ୍ୟାଚରେ ଅଧିନାୟକ ରୋହିତ୍ ଶର୍ମା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ରୋହିତ୍‌ଙ୍କ ସହ ମିଶି ପାଳି ଆରମ୍ଭ କରିଥିବା ସଞ୍ଜୁ ସାମସନ ମାତ୍ର ୧ ରନ କରି ୨ୟ ଓଭରରେ ଆଉଟ୍ ହେବା ଫଳରେ ଦଳକୁ ପ୍ରାରମ୍ଭିକ ଝଟକା ଲାଗିଥିଲା। ୬ଟି ବଲ୍ ସାମ୍ନା କରିଥିବା ସଞ୍ଜୁ ଶୋରିଫୁଲ ଇସଲାମଙ୍କ ବଲରେ ଏ ଲ୍ ବି ଡ ବ୍ଲ୍ୟୁ ହୋଇଯାଇଥିଲେ। ଏହାପରେ ଋଷଭ ପନ୍ତ କ୍ରିଜରେ ଯୋଗଦେଇ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୨୦୨୨ ଡିସେମ୍ବରରେ କାର ଦୁର୍ଘଟଣାରେ ଗୁରୁତର ଆଘାତ ପାଇଥିବା ୨୬ ବର୍ଷୀୟ ପନ୍ତଙ୍କ ପାଇଁ ଭାରତୀୟ ଦଳକୁ ଏହା ପ୍ରତ୍ୟାବର୍ତ୍ତନ ମ୍ୟାଚ୍ ଥିଲା। ସେ ଅଧିନାୟକ ରୋହିତ୍‌ଙ୍କ ସହ ମିଶି ୨ୟ ୱିକେଟ୍ ଭାଗୀଦାରିରେ ୪୮ ରନ ସଂଗ୍ରହ କରିଥିଲେ। ଦଳୀୟ ସ୍କୋର ୫୯ ରନ ହୋଇଥିବାବେଳେ ରୋହିତ୍‌ଙ୍କୁ ଆଉଟ୍ କରି ମହମ୍ମଦୁଲ୍ଲା ବାଂଲାଦେଶକୁ ୨ୟ ସଫଳତା ଦେଇଥିଲେ। ଏହି ଧୀମା ପିଚରେ ରୋହିତ୍ ୧୯ ବଲ୍ ସାମ୍ନା କରି ୨ ଚୌକା ଓ ଗୋଟିଏ ଛକା ବଳରେ ୨୩ ରନ କରିଥିଲେ। ଏହାପରେ ପନ୍ତଙ୍କ ସହ ସୂର୍ଯ୍ୟକୁମାର ଯାଦବ, ଓ ଶେଷ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ଗତିରେ ରନ ସଂଗ୍ରହ କରିବାରୁ ଭାରତ ୫ ୱିକେଟ୍ ହରାଇ ୧୮୨ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ୪ଟି ଲେଖାଏ ଚୌକା ଓ ଛକା ସହ ୩୨ ବଲରୁ ୫୩ ରନ କରିଥିବାବେଳେ ପନ୍ତ ଅନ୍ୟ ବ୍ୟାଟରଙ୍କୁ ଅଭ୍ୟାସ ସୁଯୋଗ ଦେବାକୁ ଯାଇ ରିଟାୟାର୍ଡ ଆଉଟ୍ ହୋଇଥିଲେ। ସେହିଭଳି ଦ୍ରୁତ ଗତିରେ ରନ ସଂଗ୍ରହ କରି ଆସୁଥିବା ସୂର୍ଯ୍ୟକୁମାର ୧୮ ବଲରୁ ୩୧ ଓ ଶିଭମ ଦୁବେ ୧୬ ବଲରୁ ୧୪ ରନ କରି ଆଉଟ୍ ହୋଇଥିଲେ। କିନ୍ତୁ ବ୍ୟାଟିଂକ୍ରମର ୬ଷ୍ଠ ସ୍ଥାନରେ ଆସିଥିବା ପାଣ୍ଡ୍ୟା ୪ଟି ଛକା ଓ ୨ ଚୌକା ସହାୟତାରେ ୨୩ ବଲରେ ଅପରାଜିତ ୪୦ ରନର ପାଳି ଖେଳିବାରୁ ଦଳୀୟ ସ୍କୋର ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଜାଡେଜା ୬ ବଲରୁ ୪ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ମେହେଦୀ ହାସାନ, ମହମ୍ମଦୁଲ୍ଲା, ଶୋରିଫୁଲ୍ ଓ ତନବୀର ଇସଲାମ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

**ଖେଳିଲେନି ବିରାଟ:** ଭାରତୀୟ ଦଳର ତାରକା ବ୍ୟାଟର୍ ବିରାଟ କୋହଲି ବାଂଲାଦେଶ ବିପକ୍ଷ ଏକମାତ୍ର ଅଭ୍ୟାସ ମ୍ୟାଚ୍ ଖେଳିନାହାନ୍ତି। 'ବିରାଟ ଗତକାଲି ଆମେରିକାରେ ପହଞ୍ଚି ଦଳ ସହ ଯୋଗଦେଇଛନ୍ତି। ତେଣୁ ତାଙ୍କୁ ବିଶ୍ରାମ ଦିଆଯାଇଛି' ବୋଲି ଅଧିନାୟକ ରୋହିତ୍ ଟସ୍ ପରେ କହିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତୀୟ ପାଳି:** ୧୮୨/୫, ୨୦ ଓଭର (ପନ୍ତ- ୫୩ ରିଟାୟାର୍ଡ, ପାଣ୍ଡ୍ୟା- ଅପରାଜିତ- ୪୦, ସୂର୍ଯ୍ୟକୁମାର- ୩୧, ରୋହିତ୍- ୨୩, ସାମସନ- ୧, ଦୁବେ- ୧୪, ଜାଡେଜା- ଅପରାଜିତ- ୪, ମହମ୍ମଦୁଲ୍ଲା- ୧/୧୬, ମେହେଦୀ ହାସାନ- ୧/୨୨)।

**ବାଂଲାଦେଶ ପାଳି:** ୪୬/୫, ୧୦ ଓଭର ସୁଦ୍ଧା (ମହମ୍ମଦୁଲ୍ଲା- ୫*, ସାକିବ- ୬*, ତାନଜିଦ୍ ହାସାନ- ୧୭*, ତୋହିଦ ହ୍ରିଦୟ- ୧୩, ଲିଟନ- ୬, ଅର୍ଶଦୀପ୍- ୨/୩, ହାର୍ଦ୍ଦିକ- ୧/୧୦)।

### ଟି-୨୦ ବିଶ୍ୱକପ୍ ପ୍ରଥମ ସପ୍ତାହ କାର୍ଯ୍ୟସୂଚୀ

| ତାରିଖ | କାହା ମଧ୍ୟରେ | ଗ୍ରୁପ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| ଜୁନ୍ ୦୨ | ଆମେରିକା-କାନାଡା | ଏ | ଡଲାସ | ସକାଳ ୬ଟା |
| ଜୁନ୍ ୦୨ | ୱେଷ୍ଟଇଣ୍ଡିଜ୍- ପିଏନ୍‌ଜି | ସି | ଗୁଏନା | ରାତି ୮ଟା |
| ଜୁନ୍ ୦୩ | ନାମିବ୍ୟା-ଓମାନ | ବି | ବାର୍ବାଡୋସ୍ | ସକାଳ ୬ଟା |
| ଜୁନ୍ ୦୩ | ଶ୍ରୀଲଙ୍କା-ଦ.ଆଫ୍ରିକା | ଡି | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୪ | ଆଫଗାନିସ୍ତାନ-ଉଗାଣ୍ଡା | ସି | ଗୁଏନା | ସକାଳ ୬ଟା |
| ଜୁନ୍ ୦୪ | ଇଂଲଣ୍ଡ-ସ୍କଟଲାଣ୍ଡ | ବି | ବାର୍ବାଡୋସ୍ | ରାତି ୮ଟା |
| ଜୁନ୍ ୦୪ | ନେଦରଲାଣ୍ଡସ୍-ନେପାଳ | ଡି | ଡଲାସ | ରାତି ୯ଟା |
| ଜୁନ୍ ୦୫ | ଭାରତ-ଆୟର୍ଲାଣ୍ଡ | ଏ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୬ | ପିଏନ୍‌ଜି-ଉଗାଣ୍ଡା | ସି | ଗୁଏନା | ସକାଳ ୫ଟା |
| ଜୁନ୍ ୦୬ | ଅଷ୍ଟ୍ରେଲିଆ-ଓମାନ | ବି | ବାର୍ବାଡୋସ | ସକାଳ ୬ଟା |
| ଜୁନ୍ ୦୬ | ଆମେରିକା-ପାକିସ୍ତାନ | ଏ | ଡଲାସ | ରାତି ୯ଟା |
| ଜୁନ୍ ୦୬ | ନାମିବ୍ୟା-ସ୍କଟଲାଣ୍ଡ | ବି | ବାର୍ବାଡୋସ | ରାତି ୧୨ଟା ୩୦ |
| ଜୁନ୍ ୦୭ | କାନାଡା-ଆୟର୍ଲାଣ୍ଡ | ଏ | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୮ | ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ସି | ଗୁଏନା | ସକାଳ ୫ଟା |
| ଜୁନ୍ ୦୮ | ଶ୍ରୀଲଙ୍କା-ବାଂଲାଦେଶ | ଡି | ଡଲାସ | ସକାଳ ୬ଟା |
| ଜୁନ୍ ୦୮ | ଦ.ଆଫ୍ରିକା-ନେଦରଲାଣ୍ଡ୍ସ | ଡି | ନ୍ୟୁୟର୍କ | ରାତି ୮ଟା |
| ଜୁନ୍ ୦୮ | ଅଷ୍ଟ୍ରେଲିଆ-ଇଂଲଣ୍ଡ | ବି | ବାର୍ବାଡୋସ | ରାତି ୧୦ଟା ୩୦ |

ବି.ଦ୍ର.: ପିଏନ୍‌ଜି-ପାପୁଆ ନିଉ ଗିନି | ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ଆରମ୍ଭ

**ଭୁବନେଶ୍ୱର, ୧।୬ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାରଠାରୁ ଓଡ଼ିଶା ରାଜ୍ୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍‌ର ୭୦ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଓଡ଼ିଶା ଆଥ୍‌ଲେଟିକ ଆସୋସିଏସନ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ବାଳକ ବାଳିକାବିଭାଗରେ ଏକାଧିକ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷରୁ କମ୍ ଟ୍ରାଏଥଲନ-ଏ'ରେ ଯାଜପୁରର ଆୟୂଷ ମଲ୍ଲିକ, ବି'ରେ ଭୁବନେଶ୍ୱରର ଦେବ ସରକାର ଓ ସି'ରେ ସୁନ୍ଦରଗଡ଼ର ଆକାଶ ବଗର୍ତ୍ତୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ୧୬ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସମ୍ବଲପୁରର ସତ୍ୟସାଗର ପ୍ରଧାନ, ଶଟ୍ ପୁଟ୍‌ରେ ଦଶମତ୍ ମୁର୍ମୁ ଓ ଜାଭେଲିନ ଥ୍ରୋ'ରେ ଯାଜପୁରର ଦେବସ୍ମିତି ମହାନ୍ତି ପୋଡିୟମର ପ୍ରଥମ ସ୍ଥାନ ହାସଲ କରି ବାଜିମାତ୍ କରିନେଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ହାଇଜମ୍ପରେ ସୁନ୍ଦରଗଡ଼ର ସାଗର ଏକ୍କା, ଶଟ୍‌ପୁଟରେ କଟକର ଓମକାର ପ୍ରସାଦ ନନ୍ଦ ଓ ଜାଭେଲିନ ଥ୍ରୋ'ରେ କଟକର ସୋମନାଥ ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

ଅପରପକ୍ଷରେ ୧୬ ବର୍ଷରୁ କମ୍ ବାଳିକା ବିଭାଗର ଲଙ୍ଗ ଜମ୍ପରେ ଭୁବନେଶ୍ୱରର ପାର୍ବତୀ ହାଁସଦା, ଜାଭେଲିନରେ ଜଗତସିଂହପୁରର ଆଲୋକିକା ସ୍ୱାଇଁ, ବାଳିକା ୧୮ ବର୍ଷରୁ କମ୍ ଶଟ୍ ପୁଟ୍‌ରେ କଟକର ଅଙ୍କିତା ମହାପାତ୍ର, ଲଙ୍ଗ ଜମ୍ପରେ କୋରାପୁଟର ସଞ୍ଜୁ ହେନ୍ତାଳ ଓ ଜାଭେଲିନରେ ସୁନ୍ଦରଗଡ଼ର ସୁମିତ୍ରା ପାଙ୍ଗୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି।




## ଏସିଆନ ୧୪ ବର୍ଷରୁ କମ୍ ଟେନିସ: ଆହାନ ଉପବିଜେତା



**ଭୁବନେଶ୍ୱର, ୧।୬ (ସମିସ):** ହାଇଦରାବାଦ୍‌ରେ ଗତ ୨୫ରୁ ଚାଲିଥିବା ଏସିଆନ ୧୪ ବର୍ଷରୁ କମ୍ ଗ୍ରେଡ୍-ଏ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ଆହାନ ମିଶ୍ର ବାଳକ ଯୁଗଳରେ ଉପବିଜେତା ହୋଇଛନ୍ତି। ଭାରତର ସଙ୍କଳ୍ପ ଶାହାଣୀଙ୍କୁ ସାଥୀ କରି ଖେଳିଥିବା ଆହାନ ଫାଇନାଲରେ ୧-୬, ୩-୬ ସିଧାସଳଖ ସେଟ୍‌ରେ ଭାରତୀୟ-ଥାଇଲାଣ୍ଡ ଯୋଡ଼ି ତାଭିସ ପହୱା-ଧର୍ମା ପାଣ୍ଟରଟର୍ନଙ୍କ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲେ। ଏହି ପ୍ରତିଯୋଗିତାରେ ଭାରତ ସମେତ ଆମେରିକା, ଥାଇଲାଣ୍ଡ, ହଂକଂ, ଚାଇନିଜ ତାଇପେଇ, ଇଣ୍ଡୋନେସିଆ, ତୁର୍କମେନିସ୍ତାନ ଓ କାନାଡାର ଖେଳାଳି ଅଂଶଗ୍ରହଣ କରିଥିଲେ।

● ସିଙ୍ଗାପୁର ଓପନ୍‌ରୁ ଭାରତୀୟ ଅଭିଯାନ ଶେଷ

## ସେମିରେ ହାରିଲେ ତ୍ରିସା-ଗାୟତ୍ରୀ

**ସିଙ୍ଗାପୁର,୧।୬(ଏଜେନ୍ସି):** ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଣସିଡ୍ ଭାରତୀୟ ମହିଳା ଯୁଗଳ ଯୋଡି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ସେମି ଫାଇନାଲରେ ପରାସ୍ତ ହୋଇଛନ୍ତି। ଏଥିସହ ଏହି ଟୁର୍ଣ୍ଣାମେଣ୍ଟରୁ ଭାରତୀୟ ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ତ୍ରିସା ଓ ଗାୟତ୍ରୀ ୨୧-୨୩, ୧୧-୨୩ରେ ଚତୁର୍ଥ ସିଡ୍ ଜାପାନ ଯୋଡି ନମି ମାସୁୟାମା ଓ ଛିହାରୁ ସିଦାଙ୍କଠାରୁ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଫେଭରାଇଟ୍ ବିବେଚିତ ହେଉଥିବା ଭାରତୀୟ ଖେଳାଳି ପିଭି ସିନ୍ଧୁ, ଏଚ୍‌ଏସ୍ ପ୍ରଣୟ ଓ ପୁରୁଷ ତାରକା ଯୁଗଳ ଯୋଡି ସାତ୍ୱିକ୍‌ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିସାରିଛନ୍ତି।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଜର୍ମାନୀକୁ ହରାଇଲା ଭାରତ



**ଲଣ୍ଡନ,୧।୬(ଏଜେନ୍ସି):** ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଭାରତ ୩-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି। ମ୍ୟାଚ୍‌ର ୧୬ତମ ମିନିଟ୍‌ରେ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ପେନାଲ୍ଟି କର୍ଣ୍ଣର ଜରିଆରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୪୧ତମ ମିନିଟ୍‌ରେ ସୁଖଜିତ୍ ସିଂ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ଅଗ୍ରଣୀକୁ ବଢାଇଥିଲେ। ଏହାର ଠିକ୍ ୩ ମିନିଟ୍‌ରେ ଗୁରଜାନ୍ତ ସିଂ ଆଉଏକ ଫିଲ୍ଡ ଗୋଲ ଦେଇ ଦଳ ପାଇଁ ତୃତୀୟ ଗୋଲ ସ୍କୋର କରିଥିଲେ। ଲିଗ୍‌ରେ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ଭାରତ ୫ ବିଜୟ, ୬ ଡ୍ର, ୩ ସୁଟ୍‌ଆଉଟ ବୋନସ ଓ ୨ ପରାଜୟ ସହ ୨୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ସେହିପରି ଆର୍ଜେଣ୍ଟିନା ୧୪ ମ୍ୟାଚ୍ ଖେଳି ୨୬ ପଏଣ୍ଟ ହାସଲ କରି ଦ୍ୱିତୀୟ ଓ ନେଦରଲାଣ୍ଡସ ୧୨ଟି ମ୍ୟାଚ୍ ଖେଳି ୨୬ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଛି। ଭାରତ ଏବେ ଜୁନ୍ ୮ରେ ପୁଣିଥରେ ଜର୍ମାନୀକୁ ଭେଟିବ। କିନ୍ତୁ ଭାରତ ଜୁନ୍ ୨ ଓ ୯ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏକପାଖିଆ ଏହି ମୁକାବିଲାରେ ଅଭିଜ୍ଞ ଗୋଲରକ୍ଷକ ପିଆର ଶ୍ରୀଜେସ୍‌ଙ୍କ ନେତୃତ୍ୱରେ ଭାରତୀୟ ରକ୍ଷଣଭାଗ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଗୋଟିଏ ହେଲେବି ଗୋଲ ବରଣ କରିନଥିଲା। ୪ ମାସର ବ୍ରେକ୍ ପରେ ଜର୍ମାନୀ ପ୍ରତିଯୋଗିତାମୂଳକ ହକିକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଫଳରେ ଦଳରେ ସନ୍ତୁଳନ ନ ଥିବା ସ୍ପଷ୍ଟ ଭାବେ ଜଣାପଡୁଥିଲା। ଦଳ ୧୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ବି ଗୋଲ ଦେଇପାରି ନଥିଲା।

## ଜନ୍ମଦିନରେ କାର୍ତ୍ତିକଙ୍କ ଅବସର ଘୋଷଣା

**ନୂଆଦିଲ୍ଲୀ,୧।୬(ଏଜେନ୍ସି)**

ଭାରତୀୟ ୱିକେଟରକ୍ଷକ ବ୍ୟାଟର ଦୀନେଶ କାର୍ତ୍ତିକ ଶନିବାର କ୍ରିକେଟରୁ ଅବସର ନେଇଛନ୍ତି। ଜୁନ୍ ୧ ଅର୍ଥାତ ତାଙ୍କ ୩୯ତମ ଜନ୍ମଦିବସରେ ସେ ଅବସର ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏ ନେଇ ସୂଚନା ଦେଇଛନ୍ତି। ସେ ଅବସର ରିଟାୟାରମେଣ୍ଟ ନୋଟ୍ ସହ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେ ନିଜ କ୍ୟାରିୟରର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ଫଟୋ ସେୟାର କରିଛନ୍ତି। ଗତ କିଛିଦିନ ମଧ୍ୟରେ ମୋତେ ଯେଉଁ ସ୍ନେହ, ଶ୍ରଦ୍ଧା, ସମର୍ଥନ ଓ ଭଲପାଇବା ମିଳିଛି, ତାହା ମୋତେ ଅଭିଭୂତ କରିଛି। ମୋତେ ଭଲପାଉଥିବା ସମସ୍ତ ବ୍ୟକ୍ତି ଓ ପ୍ରଶଂସକଙ୍କୁ କୃତଜ୍ଞତା ଜଣାଉଛି। ବହୁତ ଚିନ୍ତା କରିବା ପରେ ଏହି ନିଷ୍ପତ୍ତି ନେଇଛି ବୋଲି ସେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଆଇପିଏଲ ଶେଷ ହେବାପରେ ହିଁ ସେ ଏହି ହାଇପ୍ରୋଫାଇଲ ଲିଗ୍‌ରୁ ଅବସର ନେବାକୁ ଘୋଷଣା କରିଥିଲେ।

### ୨ଟି ଆଇସିସି ଟ୍ରଫି ଜିତିଛନ୍ତି

କାର୍ତ୍ତିକ ଦୀର୍ଘ ୧୮ ବର୍ଷର କ୍ୟାରିୟରରେ ୨ଟି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟ୍ରଫି ଜିତିଛନ୍ତି। ଏଥିରେ ୨୦୦୭ ଟି-୨୦ ବିଶ୍ୱକପ୍ ଓ ୨୦୧୩ ଚାମ୍ପିଅନ୍ସ ଟ୍ରଫି ସାମିଲ ରହିଛି। କାର୍ତ୍ତିକ ଭାରତ ପାଇଁ ୨୬ ଟେଷ୍ଟ, ୯୪ ଦିନିକିଆ ଓ ୬୦ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୨୦୧୦ ଓ ୨୦୧୮ ଏସିଆ ଟ୍ରଫି ହାସଲ କରିଛନ୍ତି। କାର୍ତ୍ତିକ ମଧ୍ୟ ଗୋଟିଏଥର ୨୦୧୩ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ପ୍ରତିନିଧିତ୍ୱ କରି ଆଇପିଏଲ ଟ୍ରଫି ହାସଲ କରିଥିଲେ। ୨୦୨୨ରେ ସେ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।



# ସାବାଲେଙ୍କା, ରିବାକିନା ଚତୁର୍ଥ ରାଉଣ୍ଡରେ

**ପ୍ୟାରିସ୍,୧।୬(ଏଜେନ୍ସି)**

ଫ୍ରେଞ୍ଚ୍ ଓପନ୍ ଟେନିସ୍



ଏଲିନା ରିବାକିନା

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଶନିବାର ସପ୍ତମ ଦିବସରେ ପହଞ୍ଚିଛି। ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ମହିଳା ଏକକରେ ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା, ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା, ଫ୍ରାନ୍ସର ଭାରଭାରା ଗ୍ରାଚେଭା ତୃତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସାବାଲେଙ୍କା ୭-୫, ୬-୧ ସିଧାସଳଖ ସେଟ୍‌ରେ ସ୍ପେନର ପାଉଲା ବଡୋସାଙ୍କୁ, ରିବାକିନା ୬-୪, ୬-୨ ସିଧାସଳଖ ସେଟ୍‌ରେ ୨୫ତମ ସିଡ୍ ବେଲଜିୟମର ଏଲିସ ମେର୍ଟେନ୍ସଙ୍କୁ, ଗ୍ରାଚେଭା ୭-୫, ୬-୩ ସେଟ୍‌ରେ ରୋମାନିଆର ଇରିନା- କାମେଲିଆ ବେଗୁଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।

### ମେଦଭେଦେଭ, ଆଲକାରାଜଙ୍କ ବିଜୟଧାରା ଜାରି

ପୁରୁଷ ଏକକରେ ସ୍ପେନ ଯୁବ ତାରକା ତଥା ତୃତୀୟ ସିଡ୍ ଖେଳାଳି କାର୍ଲୋସ ଆଲକାରାଜ ୬-୪, ୭-୬, ୬-୩ ସେଟ୍‌ରେ ୨୭ତମ ସିଡ୍ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ୫ମ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ୭-୬, ୭-୫, ୧-୬, ୬-୪ ସେଟ୍‌ରେ ଚେକ ଗଣରାଜ୍ୟର ଟୋମାସ ମାଚାକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ଯୁଗଳ ପ୍ରି-କ୍ୱାର୍ଟରରେ ବାଲାଜୀ

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ତୃତୀୟ ରାଉଣ୍ଡ ଅର୍ଥାତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବାଲାଜୀ ଓ ତାଙ୍କ ମେକ୍ସିକୋ ସାଥି ମିଗୁଏଲ ଆନଗେଲ ରେୟେସ- ଭାରେଲା ୬-୪, ୩-୬, ୬-୨ ସେଟ୍‌ରେ ଫ୍ରାନ୍ସ ଯୋଡି ଡାନ ଆଡେଡ୍ ଓ ଥେଓ ଅରିବେଗ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA